ଗଳ୍ପ ସଂକଳନ

# ନିଷାଦର ନୈଶାଭିସାର

ହୃଷିକେଶ ମହାରଣା

**ନିଷାଦର ନୈଶାଭିସାର**

(ଗଳ୍ପ ସଂକଳନ)

**ହୃଷିକେଶ ମହାରଣା**

ତରୋତ ଶାସନ, ଅସୁରେଶ୍ୱର

ସାଲେପୁର, କଟକ

ପିନ୍: ୭୫୪୨୦୯

ମୋ-୮୮୪୭୮୮୧୩୯୭

Mail Id : hrusikeshjilu@gmail.com

**Nisada ra Naishyabhisara**

Odia Short Story Collection Of : **Hrusikesh Moharana**

Printed & Published by : BARSHA PUBLICATION

Plot No : 722 (P), Gopabandhu Nagar

Unit-8, Bhubaneswar-751012

Mob: 9778035767

Cover Design: Badal Mohanty

First Edition :December-2022

**RS. 150.00**

(One hundred Fifty Only)

## ଉତ୍ସର୍ଗ

ମୋ ଭାଇକୁ, ଯିଏ ମତେ ଗପର ଚରିତ୍ର ବୋଲି ଭାବେ।

## କୃତଜ୍ଞତା ଜଣେଇବି କାହାକୁ !

ଅନେକ ବ୍ୟକ୍ତିବିଶେଷଙ୍କ ଆଶୀର୍ବାଦ ଓ ସଦିଚ୍ଛାରେ ଗଢ଼ା ହେଇଛି ଏ ଜୀବନ। କାହାକୁ ଧନ୍ୟବାଦ ଜଣେଇ ଖସିଯିବା ଅତି ସହଜ କଥା କିନ୍ତୁ ତାଙ୍କର ଅବଦାନର ଯଥାର୍ଥ ମୂଲ୍ୟ ଶୁଝିବା କ'ଣ ସମ୍ଭବ ! ନିଅଣ୍ଟିଆ ଜୀବନରେ ସେ ସୁଯୋଗ ବି କାହିଁ !

ତଥାପି ପ୍ରତ୍ୟକ୍ଷ ଓ ପରୋକ୍ଷଭାବେ ଯେଉଁମାନଙ୍କ ନିକଟରେ ମୁଁ ଚିରକାଳ କୃତଜ୍ଞ...

ବିନା ଚପଲରେ ଘରଠାରୁ ଦେଢ଼ କିଲୋମିଟର ଦୂର ପ୍ରାଇମେରୀ ସ୍କୁଲରେ ପଢୁଥିବାବେଳେ ପିଲାଦିନେ ମୋତେ ସ୍କୁଲଯାଏଁ ବସେଇ ନେଉଥିବା ଅଜଣା ଅଚିହ୍ନା ସାଇକେଲ୍ ଆରୋହୀମାନଙ୍କ ନିକଟରେ....

ଗାଆଁରୁ ଉଡ଼ିଆସି କଟକରେ ବସା ଖୋଜୁଥିବା ଚଢ଼େଇକୁ ଆଶ୍ରୟ ଓ ଆହାର ଦେଇ ବାରବର୍ଷ ଧରି ପାଳନ କରିଥିବା ଯଶୋବନ୍ତ ପ୍ରଧାନଙ୍କ ସମେତ ତାଙ୍କ ପରିବାର ନିକଟରେ...

କେବଳ ଗବେଷଣା କ୍ଷେତ୍ରରେ ନୁହେଁ ଜୀବନ ଯାତ୍ରାରେ ମଧ୍ୟ ପଥପ୍ରଦର୍ଶକ ହୋଇ ମୋ ଜୀବନଧାରା, ଦୃଷ୍ଟିଭଙ୍ଗୀ ତଥା ସୃଜନଶୀଳତାକୁ ଶାଣିତ କରିଥିବା ଅଧ୍ୟାପକ ଜ୍ଞାନୀ ଦେବାଶିଷ ମିଶ୍ରଙ୍କ ନିକଟରେ...

ରେଭେନ୍ସାରେ ଅଧ୍ୟୟନ କାଳରେ ଅଧ୍ୟାପକ, ଅଧ୍ୟାପିକା, ସହପାଠୀ, ଜ୍ୟୋଷ୍ଠ ଓ କନିଷ୍ଠ ଅଧ୍ୟାୟୀମାନଙ୍କର ସ୍ନେହ, ସଦିଚ୍ଛା ଓ ଭଲପାଇବା ନିକଟରେ...

ମୋତେ ବିଧିବଦ୍ଧ ଭାବରେ ସାହିତ୍ୟମନସ୍କ ହେବାପାଇଁ ବାଧ୍ୟ କରିଥିବା



ସମ୍ପାଦନା କ୍ଷେତ୍ରରେ ପ୍ରଥମ ଅର୍ଘ୍ୟ 'ହରସ' ପତ୍ରିକା ନିକଟରେ...

ସୁରକ୍ଷାକର୍ମୀ ଭାବେ ନିଯୁକ୍ତି ଦେଇ ମୋର କଲେଜ ବେଳର ଆର୍ଥିକ ଦୁଃସ୍ଥିତିକୁ ସମୃଦ୍ଧ କରିଥିବା 'ସିକ୍ୟୁରିଟି ଓ ଇଣ୍ଟେଲିଜେନ୍ସ ସର୍ଭିସ୍' ସଂସ୍ଥାର କର୍ମଚାରୀମାନଙ୍କ ନିକଟରେ...

ଖବରକାଗଜ ବିକ୍ରି କରୁଥିବାବେଳେ ମୋ ପ୍ରତି ସଦୟ ମନୋଭାବ ପୋଷଣ କରି ମୋତେ ଶିକ୍ଷା ଓ ସାହିତ୍ୟ ପ୍ରତି ପ୍ରେରଣା ଯୋଗାଇଥିବା ନିୟମିତ ଗ୍ରାହକମାନଙ୍କ ନିକଟରେ...

ମୋ ଅଜାଣତରେ ମୋ ଲେଖାସବୁ ନେଇ ପତ୍ରପତ୍ରିକାମାନଙ୍କୁ ପଠେଇ ତାକୁ ମୁଦ୍ରଣରୂପ ଦେଇଥିବା ସହପାଠୀ ସ୍ମିତିରଞ୍ଜନ ସେଠୀ ପାଖରେ...

ଏହି ବହିରେ ସଂକଳିତ ଗଳ୍ପ ସବୁକୁ ପ୍ରକାଶ କରି ପାଠକମାନଙ୍କ ପାଖରେ ପହଞ୍ଚାଇଥିବା ପତ୍ରପତ୍ରିକା (ଯଥା- ସମୟର ବୈତରଣୀ, କଥା, ଝରାଶ୍ରାବଣ, ଜ୍ୟୋତିର୍ମୟ ପ୍ରଭୃତି)ଙ୍କ ନିକଟରେ...

ପୁସ୍ତକର ପାଣ୍ଡୁଲିପିକୁ ପ୍ରକାଶନ ରୂପଦେଇ ପ୍ରଥମ ପୁସ୍ତକ ପ୍ରକାଶନର ପୁଲକ ସଞ୍ଚାର କରେଇଥିବା ବର୍ଷା ପବ୍ଲିକେସନ୍‌ର ନିର୍ଦ୍ଦେଶକ ବାଦଲ ମହାନ୍ତିଙ୍କ ନିକଟରେ...

(ବାପା,ମା' ଓ ଈଶ୍ୱର କୃତଜ୍ଞତାର ପରିଧି ଠାରୁ ଢେର୍ ଉର୍ଦ୍ଧ୍ୱରେ)

– ହୃଷି

## ନିଷାଦର ନେପଥ୍ୟରେ...

ଗ୍ରାମାଞ୍ଚଳରେ ଜନ୍ମ ମୋର। ଗାଆଁର ପାଣି, ପବନ ସହ ଓତଃପ୍ରୋତ ସଂପୃକ୍ତି। ଜନ୍ମରୁ ପନ୍ଦର ବର୍ଷ ପର୍ଯ୍ୟନ୍ତ ଗାଆଁର ସରଳପଣ ଓ ନିରୀହତା ଭିତରେ ସମୟ ବିତେଇଛି। ଗ୍ରାମବାସୀଙ୍କ ସହ ମିଶିଛି, ସେମାନଙ୍କ ଭିତରେ ଥିବା ନିଛକ, ଛନ୍ଦକପଟହୀନ ନିରୋଳା ମଣିଷଟିକୁ ପରଖିଛି। ସେଇଠି ବି ଦେଖିଛି ଛଳନା, କୁତ୍ସାରଟନା ଓ ପଡ଼ୋଶୀ ବିରୁଦ୍ଧରେ ଷଡ଼ଯନ୍ତ୍ର। ଗାଆଁର ସେଇ ଅଭୁଲା ସ୍ମୃତି ଗପ ଭିତରକୁ ପଶିଆସିବା ଅସଚେତନ ସ୍ୱାଭାବିକତା। ଲେଖିସାରି ପଢ଼ିବାବେଳେ ମୁଁ ଗପ ଭିତରୁ ମୋ ବାପା, ବୋଉ, ପଡ଼ୋଶୀ ଓ ଗ୍ରାମବାସୀଙ୍କୁ ଭେଟେ। ପାଠକେ ମଧ୍ୟ ସେମାନଙ୍କ ପରିଚିତଙ୍କୁ ଏଇ ସଂକଳନରେ ଖୋଜି ପାଇବେ ବୋଲି ଆଶା କରୁଛି। ଖୋଜିପାଇବାର ସମ୍ଭାବନା ଅଛି।

ମୋର ବୃତ୍ତିଗତ ଜୀବନ ଆରମ୍ଭ ହୁଏ ଜଣେ ସୁରକ୍ଷାକର୍ମୀ ଭାବରେ। ପକେଟରେ କୋଡ଼ିଏ ଟଙ୍କିଆ ନୋଟ୍ ନଥିବାର ଅସହାୟତା ଭିତରେ କୋଡିଏ କୋଟି ଟଙ୍କା ଗଚ୍ଛିତ ଥିବା ଏଟିଏମ୍‌ର ସୁରକ୍ଷା ଦେବାକୁ ନିଯୁକ୍ତି ପାଇଥାଏ। ଦୈନିକ ଆଠ ଘଣ୍ଟାର କାର୍ଯ୍ୟ ସମୟ। ଅଧିକାଂଶ ଡ୍ୟୁଟି ପଡ଼େ ରାତିବେଳେ। ଆଠ ଘଣ୍ଟାର ଏଇ କାର୍ଯ୍ୟ ଅବଧିରେ ଆଠ ଦଶଟି ସାଧାରଣ ଲୋକଙ୍କୁ ବାଦ୍ ଦେଲେ ବାକି ଯେଉଁମାନଙ୍କୁ ଭେଟେ, ସେମାନଙ୍କ ଭିତରେ ଥାଆନ୍ତି ବୁଲା କୁକୁର, ମଦ୍ୟପ, ଦେହଜୀବୀ, ପୋଲିସ୍ ଓ ଜରୁରୀକାଳୀନ ସେବାରେ ନିଯୁକ୍ତ କର୍ମଚାରୀ। ଅନେକ ବିଚିତ୍ର ଲୋକଙ୍କୁ ଭେଟେ ଦିନବେଳେ, ଯେଉଁମାନେ କେବେ ଗାଳି ଦିଅନ୍ତି ତ ଆଉକେବେ ଉଚ୍ଛ୍ୱସିତ ପ୍ରଶଂସାରେ ପୋତି ପକାନ୍ତି। ଲାଜକୁ ପଛ ପକେଟରେ ପୂରେଇ ବହି ଖଣ୍ଡେ ଧରି ବସିଥିବାବେଳେ ଉପରିସ୍ଥ କର୍ମଚାରୀଙ୍କ ଦ୍ୱାରା କେବେ ପରିହାସର ଶିକାର ହୋଇଛି ତ ଆଉ କେତେବେଳେ ପୁରସ୍କୃତ ବି ହୋଇଛି। ସବୁ ଅନୁଭୂତି ମତେ ଆଗକୁ ଯିବାକୁ ବାଟ ଦେଖେଇଛି। ସେମାନଙ୍କର ଦ୍ୱୈତ ବ୍ୟକ୍ତିତ୍ୱ ଓ ବ୍ୟକ୍ତିତ୍ୱର ଅସ୍ୱାଭାବିକ ପରିବର୍ତ୍ତନୀୟତା ମତେ ବିସ୍ମିତ କରିଛି ଓ ସେମାନଙ୍କୁ ଚରିତ୍ର ଭାବେ ସ୍ଥାନ ଦେବାକୁ ପ୍ରୋତ୍ସାହିତ କରିଛି। ସଂକଳିତ ଗଳ୍ପଗୁଡ଼ିକରେ ସେମାନଙ୍କୁ ଖୋଜିପାଇବେ।

ରେଭେନ୍ସା ବିଶ୍ୱବିଦ୍ୟାଳୟରେ ନିରବଚ୍ଛିନ୍ନ ଭାବେ ଦୀର୍ଘ ଦଶବର୍ଷର ଛାତ୍ରଜୀବନ, ଅଧ୍ୟାପକ/ ଅଧ୍ୟାପିକାମାନଙ୍କର ପ୍ରେରଣା ଓ ପ୍ରୋତ୍ସାହନ, ସହପାଠୀମାନଙ୍କ ସହ ମହାନଦୀ ଓ କାଠଯୋଡ଼ି ସମେତ କଟକ ସହର ପରିଭ୍ରମଣ, ଅଧ୍ୟୟନ ଓ ବୃତ୍ତି ମଧ୍ୟରେ ସମୟର ଆବଣ୍ଟନ, ଭାଷା ସାହିତ୍ୟ ଅଧ୍ୟୟନ ଓ ଶ୍ରବଣ ଜନିତ ଅନୁଭୂତି ମନକୁ ଆନ୍ଦୋଳିତ କରୁଥାଏ। ଦୈନନ୍ଦିନ ଜୀବନର ବହୁବିଧ ଅନୁଭୂତି ଓ ଅଦୃଶ୍ୟ ଆନ୍ଦୋଳନ ରାତିର ନିର୍ଜନତାରେ ବାଧ୍ୟବାଧକତାରେ ଅନିଦ୍ରା ଭୋଗୁଥିବା ଆଖିକୁ ସ୍ୱପ୍ନ ଦେଖିବାକୁ ପ୍ରୋତ୍ସାହିତ କରନ୍ତି। ସେଇ ସ୍ୱପ୍ନ ଓ କଳ୍ପନାକୁ ନେଇ ଏଇ ଗଳ୍ପଗୁଡ଼ିକର ସଂରଚନା। ରାତିର ଏକାକୀତ୍ୱବୋଧ କେବଳ ଅର୍ଥ ଉପାର୍ଜନ ପାଇଁ ଉଦ୍ଦିଷ୍ଟ ନଥିଲା ବରଂ ସୃଜନଶୀଳତାର ଗର୍ଭାଶୟ ପାଲଟିଥିଲା। ବ୍ୟକ୍ତିଗତ ଜୀବନର ଦୁଃଖ, ଦାରିଦ୍ର୍ୟ, ଅସହାୟତା ଓ ଭବିଷ୍ୟତକୁ ନେଇ ଅନିଶ୍ଚିତତା ଭିତରେ ଯେଉଁ ସ୍ୱପ୍ନ ଓ କଳ୍ପନା ବଞ୍ଚିବାକୁ ଭରସା ଦିଅନ୍ତି, ସେଇ କଳ୍ପନାର ଏକ କ୍ରମବିକଶିତ ଓ ପରିବର୍ତ୍ତିତ ରୂପ ଏଇ ଗଳ୍ପଗୁଡ଼ିକରେ ପ୍ରକାଶିତ ହୋଇଛି।

ଅନେକ ଗପ ଅକ୍ଷର ରୂପ ନେଇନପାରି ମନରେ ମରିଯାଆନ୍ତି। ଯେତିକି ଗପ ଅକ୍ଷରରେ ରୂପପାଆନ୍ତି ସେଥିରୁ ଅନେକ ସାର୍ଥକ ଗପ ଭାବରେ ନିଜକୁ ପ୍ରତିଷ୍ଠା ଦେଇନପାରି ଅଧାଗଢ଼ା ମୂର୍ତ୍ତି ଭଳି ପଡ଼ିରହନ୍ତି। ସଂପୂର୍ଣ୍ଣ ଗଢ଼ା ହେବା ପରେ ବି ମୋ ଭଳି ହତଭାଗ୍ୟ ମଣିଷଙ୍କ ଅବହେଳା ଯୋଗୁଁ ପଢ଼ାଘରର ଟେବୁଲ୍ ତଳେ, ଡାଏରୀ ଚାପାରେ କି ରଫ୍ ଖାତାର ପୃଷ୍ଠା ଭିତରେ ଆତ୍ମଗୋପନ କରିବାକୁ ବାଧ୍ୟ ହୁଅନ୍ତି। ସେଇମାନଙ୍କ ଭିତରୁ କେତୋଟି ଗପକୁ ସଂରକ୍ଷିତ କରିବାପାଇଁ ତାକୁ ମୁଦ୍ରିତ ଆକାରରେ ପୁସ୍ତକରୂପ ଦେବାର ପ୍ରଥମ ପ୍ରୟାସ ଇଏ। ଏ କାହାଣୀଗୁଡ଼ିକର ମୁଦ୍ରଣ ପଛରେ ନିହିତ ଥିବା ପ୍ରଚ୍ଛନ୍ନ ଉଦ୍ଦେଶ୍ୟଟି ହେଲା ଗଳ୍ପ ପୁସ୍ତକରେ ସ୍ଥାନିତ ଗଳ୍ପସହ ମୋର ପ୍ରତ୍ୟକ୍ଷ ଓ ପରୋକ୍ଷ ସଂପୃକ୍ତିକୁ ଦୀର୍ଘଜୀବୀ କରିବା ଓ ସମୟ-ଅସମୟରେ ପଢ଼ି ସ୍ମୃତି ରୋମନ୍ଥନ କରିବା। ଅଧିକାଂଶ ଗଳ୍ପ ଆପଣଙ୍କୁ କାହାଣୀସର୍ବସ୍ୱ ମନେ ହୋଇପାରେ। କିନ୍ତୁ ସେଇ ମାଧ୍ୟମରେ ପାଠକ ମନରେ ଗଳ୍ପବର୍ଣ୍ଣିତ ବିଷୟବସ୍ତୁକୁ ଚିତ୍ରାୟିତ କରିବା ହିଁ ଏଇ ଗଳ୍ପଗୁଡ଼ିକର ଆଭିମୁଖ୍ୟ।

**- ହୃଷି**

# ସୂଚୀପତ୍ର


| | |
|---|---|
| ସୂଚ୍ୟଗ୍ରେ ମେଦିନୀ | ୧୧ |
| ସହରୀ ଝିଅ | ୧୬ |
| ଆତ୍ମହତ୍ୟା | ୨୫ |
| ଅପ୍ରତ୍ୟାଶିତ | ୩୦ |
| ବଂଶରକ୍ଷା | ୩୭ |
| ପ୍ରେମର ଜୀବନ; ଜୀବନର ପ୍ରେମ | ୪୮ |
| ଅବୈଧ ସନ୍ତାନ | ୫୪ |
| ମୂର୍ଖ ମଦନା | ୫୯ |
| ଗଞ୍ଜେଇ | ୬୨ |
| ସେବକ | ୬୮ |
| ଦୂର ବନ୍ଧୁ | ୭୧ |
| ଚପଲ | ୭୩ |




# ସୂଚୀପତ୍ର


| | |
|---|---|
| ମଟର | ୭୫ |
| ବହି | ୭୭ |
| ମହାକାଶଚାରୀ | ୭୯ |
| ଶିକ୍ଷା | ୮୦ |
| ବୁଢ଼ା | ୮୧ |
| ନୂଆ ବାଇକ୍ | ୮୨ |
| ୧୯- ଗଛ ମାହାତ୍ମ୍ୟ | ୮୩ |
| ୨୦- ତାଜ୍ ହୋଟେଲରେ ବିପିଏଲ ଚାଉଳ | ୯୦ |
| ୨୧- ତ୍ରିଭୂଜର ତିନାଟି ବିନ୍ଦୁ | ୯୬ |

# ସୂଚ୍ୟଗ୍ରେ ମେଦିନୀ

ରାତି ଆସି ଏଗାରଟା ହେଲାଣି, ଅନିରୁଦ୍ଧ ଏଯାଏଁ କାମରୁ ଫେରିନି। ଘରେ ଏକୁଟିଆ ରତନୀ କ'ଣ କରୁଥିବ କେଜାଣି ! ଅନିରୁଦ୍ଧ ନ ଫେରିବା ଯାଏ ସେ ତୁଣ୍ଡରେ ଦାନା ଦିଏ ନାହିଁ। ହାତୁଡ଼ି ପିଟିପିଟି ହାତରୁ ପରସ୍ତେ ଚମଡ଼ା ଉଠିଗଲାଣି। ସାଇକେଲ ହେଣ୍ଡେଲ୍ ଧରିବାକୁ ବଳ ପାଉନାହିଁ। ତରବର ହୋଇ ପେଡ଼ାଲ୍ ମାରିଲା ଅନିରୁଦ୍ଧ।

ଘର ଦୁଆରେ ପହଞ୍ଚି ହାତମୁହଁ ଧୋଇବାବେଳକୁ ମନେପଡ଼ିଲା, ଘରୁ ବାହାରିବାବେଳେ ରତନୀ କହିଥିଲା ଚାଉଳ କୁଞ୍ଚାଏ ଘରେ ନାହିଁ, ବେଳାବେଳି କାମରୁ ଫେରି ଚାଉଳ କିଛି ସାଙ୍ଗରେ ଆଣିଥିବ। ଏତେବେଳେ ଆଉ କୋଉ ଦୋକାନୀ କବାଟ ମେଲେଇ ରହିଁଥିବ ଚାଉଳ ବିକିବାକୁ ଯେ ! ଛାଡ଼, ଦେଖିବା କ'ଣ ହେଉଛି। ଅନିରୁଦ୍ଧ ଧୈର୍ଯ୍ୟ ଧରି ଘର ଭିତରେ ପଶିଲା। ରତନୀ ପଡ଼ିଶାଘରୁ ଚାଉଳ କିଛି ଉଧାର ଆଣି ରନ୍ଧାବଢ଼ା ସାରିଦେଇଥିଲା। ରତନୀ ଜାଣେ ଅନିରୁଦ୍ଧ ସବୁଦିନେ ଏମିତି। କାମ କରୁଥିଲାବେଳେ ସ୍ତ୍ରୀ ପିଲାଙ୍କୁ ଭୁଲିଯାଏ ସେ।

ରତନୀ ଉଚ୍ଚଶିକ୍ଷିତ ନହେଲେ ବି ମାଟ୍ରିକ ଯାଏଁ ପଢ଼ିଛି। ଅକ୍ଷର ଚିହ୍ନି ଜାଣେ। ଗାଁର ଅନ୍ୟ ସ୍ତ୍ରୀଲୋକଙ୍କ ପରି ଆଙ୍ଗୁଠି ଚିହ୍ନ ନଦେଇ କଲମ ଧରି ନିଜେ ଦସ୍ତଖତ କରିପାରେ। ସେଇଥିପାଇଁ ଗାଁ ପିଲାଗୁଡ଼ାକ

ସକାଳ ହେଲେ ତା' ଦାଣ୍ଡରେ ଆସି ମସିଣା ପାରି ବସନ୍ତି। ରତନୀ ଖଡ଼ିଧରି ଅ ଆ ଲେଖି ଧରେଇଦିଏ। ପିଲାମାନେ ବସି ମଡ଼ଉଥାନ୍ତି। ରତନୀ ଇଆଡ଼େ ଚୁଲି ଫୁଙ୍କୁଥାଏ, ଭାତ ଗାଲୁଥାଏ, ସିଆଡ଼େ ଯାଇ ଆଉ ଦି'ଟା ଅକ୍ଷର ଲେଖି ଦେଇ ଆସୁଥାଏ। ରତନୀର କିଛି ନିର୍ଦ୍ଦିଷ୍ଟ ଦରମା ନଥାଏ। ପିଲାମାନେ ନିଜ ଅଭିଭାବକଙ୍କ ସାମର୍ଥ୍ୟ ଅନୁସାରେ ମନ୍ଦିର ହୁଣ୍ଡିରେ ପଇସା ପକେଇଲା ଭଳି ନିଜ ଖୁସିରେ ଯାହା ଦି'ପଇସା ଦେଇଯାନ୍ତି। ଇଏ ରତନୀର ଉପୁରି ରୋଜଗାର। ଯା ବାଦେ ରତନୀ ଖବରକାଗଜରେ ଠୁଙ୍ଗା ତିଆରି କରିପାରେ, ଉଲ୍ ଆଣି ସିଉଟର୍ ବୁଣିପାରେ, ବାଡ଼ିରେ ଲଙ୍କା, କାକୁଡ଼ି ଲଗେଇ ଦି'ପଇସା ହାତପଇଠ କରେ। ହାଟ ସଉଦା ଚଳାଏ। ଅନିରୁଦ୍ଧ ଦିନରାତି କାମକରେ ସିନା ଘରବାଲାକୁ ସବୁଦିନେ ପଇସା ମାଗିବାକୁ ତାକୁ ସଂକୋଚ ଲାଗେ। ପାଞ୍ଚ-ସାତ ଦିନରେ ଯାହା କିଛି ପଇସା ଆଣେ, ରତନୀ ତାକୁ ଖର୍ଚ୍ଚ ନକରି କାଠ ବାକ୍ସରେ ସଞ୍ଚୟ କରେ। ରତନୀର ଭାରି ଇଚ୍ଛା ନିଜର ଘରଖଣ୍ଡେ କରନ୍ତା ! କେତେଦିନ ଆଉ ପରଘରେ ମୁଣ୍ଡଗୁଞ୍ଜି ପଡ଼ି ରହିଥିବ ! ଚାଳଘର ବକଟେ ହଉପଛେ, ନିଜର ଥିଲେ ତା' ପିଲାମାନେ ସେଇଠି ଭବିଷ୍ୟତ ଗଢ଼ିବେ, ମଣିଷ ହେବେ। ଏଇ ତା'ର ଇଚ୍ଛା।

କେତେ ସ୍ୱପ୍ନ ନେଇ ରତନୀ ଶାଶୂଘରକୁ ଆସିଥିଲା। ଶାଶୂ-ଶ୍ୱଶୁର-ନଣନ୍ଦଙ୍କ ମେଳରେ ଦିନ ପାଣିପରି ବହି ଯାଉଥିଲା। ସେଦିନ ରଜ ସଂକ୍ରାନ୍ତି ହୋଇଥାଏ। ପଡ଼ିଶାଘରୁ କେହିଜଣେ ସ୍ତ୍ରୀ ଲୋକ ଆସି ଶାଶୂଙ୍କ ସହ କଥା ହେଉଥାଏ। ରତନୀ ସେତେବେଳେ ନୂଆ ବୋହୂଟିଏ। କବାଟ ଫାଙ୍କରୁ କଙ୍କଡ଼ା ପରି ମୁଣ୍ଡଟି କାଢ଼ି ପଦାକୁ ଚାହିଁଥାଏ। ସ୍ତ୍ରୀ ଲୋକଟି ଶାଶୂ ଆଗରେ କହୁଥାଏ- 'ଜାଣିଛ ଅପା ! ଅନିରୁଦ୍ଧକୁ ତମେ ସିନା ପୁଅକରି ଆଣିଲ। ତେଣେ ତମ ବିରୁଦ୍ଧରେ ଷଡ଼ଯନ୍ତ୍ର ଚାଲିଛି। ତା' ବାପା ଜମିସବୁ ସାନପୁଅ ନାଆଁରେ କରିସାରିଲାଣି। ତମେ ମରିଗଲା ପରେ ଅନିରୁଦ୍ଧ ତମ ଜମିବାଡ଼ି ସବୁ ନେଇ ତା' ନିଜ ଘରକୁ ଚାଲିଯିବ। ତମ ଝିଅମାନେ ଅଭିଆଡ଼ୀ ରହିବେ। ତମ ମୁହଁରେ ନିଆଁ ଦବାକୁ କେହି ନଥିବେ। ତମେ ବୁଢ଼ାବୁଢ଼ୀ ଦି'ଟା ଶେଷକୁ ଡହଳବିକଳ ହୋଇ ମରିବ।'

ଶାଶୂ ଦିନଯାକ ନିରବ ରହି ସେଇ କଥାସବୁ ଭାବିଲେ; ମୁଣ୍ଡ ଭିତରେ ଘାଣ୍ଟି ଚକଟି ହୋଇ କଥାଟା ତା' ପରଦିନ ଉଗ୍ର ରୂପ ନେଲା। ଆରମ୍ଭ ହେଲା କଳି ଝଗଡ଼ା। ଶାଶୂଙ୍କ ଯୁକ୍ତି ଥିଲା, ଅନିରୁଦ୍ଧ ଯଦି ତା' ପୈତୃକ ସମ୍ପତ୍ତିରୁ ଭାଗ ନପାଏ ତେବେ ପୋଷ୍ୟପୁତ୍ର ଭାବରେ ସମ୍ପତ୍ତିରୁ ବଞ୍ଚିତ ହେବ। ଅନିରୁଦ୍ଧ କିନ୍ତୁ ଜନ୍ମଦାତା ପିତାଙ୍କ ସହ କଳି କରି ସାନଭାଇ ସହ ଭାଗ ବସାଇବାକୁ ଚାହୁଁନଥିଲା। ଏଇ ସାମାନ୍ୟ କଳି କ୍ରମେ ତୀବ୍ର ରୂପ ନେଲା। ଶେଷରେ ଅନିରୁଦ୍ଧ ଆଉ ରତନୀଙ୍କୁ ସୂଚ୍ୟଗ୍ରେ ମେଦିନୀ ମଧ୍ୟ ଦିଆଯିବ ନାହିଁ ବୋଲି ଶାଶୂ ଦୃଢ଼ୋକ୍ତି ଘୋଷଣା କଲେ। ଅନିରୁଦ୍ଧ ଏବେ ବେସାହାରା ପାଲଟିଗଲା। ଜନ୍ମକଲା ବାପା ମାଆ ପରଘରକୁ ପୁଅକରି ପଠାଇଛନ୍ତି ତାଙ୍କ ପାଖରେ ଜମି ପାଇଁ କଳି କରିବା ଅସମ୍ଭବ। ଯିଏ ପୋଷ୍ୟ ସନ୍ତାନଭାବେ ଗ୍ରହଣ କରିଥିଲେ ସେମାନେ ଯେତେବେଳେ ତଡ଼ି ଦେଉଛନ୍ତି; ଜୋର୍ ଜବରଦସ୍ତ ରହିବା ବି ସମ୍ଭବ ନୁହେଁ। ଜିଦଖୋର ଅନିରୁଦ୍ଧ ଦୁଇ ପିତାଙ୍କ ସମ୍ପତ୍ତିକୁ ଉପେକ୍ଷା କରି ନିଜ ବଳରେ ନିଜେ ଚଳିବାର ମନୋବୃତ୍ତି ନେଇ ଘର ଛାଡ଼ିଲା। ରତନୀକୁ ସାଙ୍ଗରେ ଧରି ପାଖ ଗାଆଁରେ ଘର ଭଡ଼ାନେଇ ରହିବାକୁ ଉଚିତ ମଣିଲା।

ଭଡ଼ାନେଇ ବାହାରେ ରହୁଥିଲେ ବି ଅନିରୁଦ୍ଧ ତା' କର୍ତ୍ତବ୍ୟରେ କେବେ ହେଳା କରିନାହିଁ। ଜନ୍ମ କରିନଥିଲେ ବି ପୁଅପରି ପାଳିଛନ୍ତି, ବାହାଘର କରାଇଛନ୍ତି ଯେତେବେଳେ, ପୁଅ ହିସାବରେ ସେମାନଙ୍କର ଦାୟିତ୍ୱ ବହନ କରିବା ଅନିରୁଦ୍ଧର କର୍ତ୍ତବ୍ୟ। ସାମାନ୍ୟ ବଚସାରୁ ତୁମୁଳକାଣ୍ଡ ଘଟିଗଲା ସିନା; ତା' ବୋଲି ଭଉଣୀମାନଙ୍କ ବାହାଘର ନକଲେ ଲୋକେ କ'ଣ କହିବେ ! ଅନିରୁଦ୍ଧ ତା'ର ବାହୁବଳ ଲଗାଇ ଯାହା ରୋଜଗାର କରୁଥିଲା ଭଉଣୀମାନଙ୍କ ବାହାଘରରେ ସବୁ ଖର୍ଚ୍ଚ ହୋଇଗଲା। ରତନୀ ଘରଛାଡ଼ି ଆସିବା ଦିନୁ ସୁଖ କ'ଣ ଜାଣେ ନାହିଁ। ଥିଲେ ଖାଏ ନଥିଲେ ଉପାସ ରହେ। ଅନିରୁଦ୍ଧ ସକାଳ ନଅଟାରୁ କାମକୁ ବାହାରିଯାଏ ଫେରିବାର ସମୟ ନିର୍ଦ୍ଦିଷ୍ଟ ନଥାଏ। ରୋଷେଇ ସାରି ରତନୀ ଚାହିଁଥାଏ ଅନିରୁଦ୍ଧର ଫେରିବାବାଟକୁ। ଚାହିଁ ଚାହିଁ ନିଦ ହୋଇଯାଏ। ଅନିରୁଦ୍ଧ ଫେରେ ରାତି ଏଗାରଟା-ବାରଟାରେ। ହାତରେ ବାଢ଼ିଆଣି ଖାଏ। ମସିଣା ପାରି ଶୋଇଯାଏ। ରତନୀର ନିଦ ଭାଙ୍ଗିଲେ ଖାଏ ନହେଲେ ନାହିଁ।

ବାହାଘରକୁ ସାତ ବର୍ଷ ପୂରିଲାଣି। ବଡ଼ପୁଅ ମାଇନର୍ ପଢ଼ିଲାଣି, ସାନଟି ଏବେ ଖଡ଼ି ମଡଉଚି। ବଡ଼ ଭାଇର ସିଲଟ ନେଇ ବଗ, ଡ଼ିଙ୍କି, ମାଛ କେତେ କଣ ଗାରେଇ ପକଉଚି। ରତନୀ ସେଇ ଛୁଆ ଦି'ଟାଙ୍କ ମୁହଁକୁ ଚାହିଁ ବଞ୍ଚିଛି ସିନା।

ଅନିରୁଦ୍ଧ ଖାଲି ଖଟି ଜାଣେ, ସମାଜ ସହ ତାଳଦେଇ ଚାଲିବା ଶିଖିନି। ଖୁବ୍ ଜିଦ୍‌ଖୋର, ବଦ୍‌ରାଗୀ। ପିଲାଟିଦିନରୁ ଖଟୁଛି, ପଇସାଟାଏ ସଞ୍ଚୟ ନାହିଁ। ଖାଲି ଖଟି ଜାଣିଲା ସିନା ଖାଇ ଜାଣିଲାନି। ଶରୀର ଦିନକୁ ଦିନ କ୍ଷୀଣ କଲା। ଏବେ ଟିକିଏ ବେଶୀ ଖଟଣି ପଡ଼ିଲେ ଅଣ୍ଟା ବିନ୍ଧା ହେଉଥାଏ। ରାତିଯାକ ମଶିଣା ଉପରେ ପଡ଼ି ବୋପାଲୋ ମାଆଲୋ କହି ଗଡୁଥାଏ। ରତନୀର ପ୍ରାଣ ଛଟପଟ ହୁଏ। ସୋରିଷ ତେଲ ଟିକିଏ ଫୁଟେଇ ଘଷି ଦେଉଥାଏ। ମନରେ ରାଗ। ଗରଗର ହୋଇ କହୁଥାଏ – 'ଯୋଉ ବୋପା ମାଆଙ୍କୁ ସର୍ବସ୍ୱ ଦାନ କରିଦେଇ ଆସିଲ, ତାଙ୍କରି ପାଖକୁ ଯାଅ ଚିକ୍ରାର କରିବ। ଆମ ମାଆ ଛୁଆଙ୍କୁ ତ ଦିନେ ହେଲେ ପଚାରିଲ ନାହିଁ। ଆମକୁ ପରକରି

ଭଉଣୀମାନଙ୍କୁ ମୁଣ୍ଡେଇଥିଲ। ଏବେ ଯାଅ ସେଇମାନଙ୍କ ପାଖକୁ। ସେଇ ତମକୁ ପୋଷିବେ।' ରତନୀ ରାଗରେ ଏସବୁ କହୁଥାଏ ସିନା, ଅନିରୁଦ୍ଧର ଦେହ ମନର ଯନ୍ତ୍ରଣାକୁ ସେ ଅନୁଭବ କରୁଥାଏ, ଭୋଗୁଥାଏ।

ସେଦିନ ସକାଳୁ ଅନିରୁଦ୍ଧ କାମକୁ ବାହାରିଲା ବେଳକୁ ରତନୀକୁ କହିଗଲା– 'ଦୂରବାଟ କାମକୁ ଯାଉଛି, ତିନି ଚାରିଦିନରେ ଫେରିଆସିବି। ମୋ ପାଇଁ ଅପେକ୍ଷା କରିବୁନି। ଭିତରୁ କବାଟ କିଳି ଶୋଇପଡ଼ିବୁ।' ରତନୀ ପାଇଁ ଏସବୁ ନୂଆ ନଥିଲା। ଆଗରୁ ଏମିତି ଅନେକ ଥର ଅନିରୁଦ୍ଧ କାମକୁ ଯାଏ। ରତନୀ ଏକା ରହେ। ରାତିସାରା ଡର ଲାଗୁଥିଲେ ବି ଛାତିକୁ ପଥର କରି ଶୋଇଯାଏ। ସାନ ପୁଅ ଜନ୍ମ ହେବାକୁ ଥାଏ; ସେତେବେଳେ ଏଇମିତି କାମକୁ ଚାଲିଗଲା ଅନିରୁଦ୍ଧ। ସଂଧ୍ୟାବେଳକୁ ଗର୍ଭକଷ୍ଟ ଆରମ୍ଭ ହେଲା। ଛାଟିପିଟି ହୋଇ ଗଡ଼ିଲା ରତନୀ। ପାଖରେ କେହି ନାହିଁ। ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ଫଟୋଟିକୁ ଚାହିଁ ରତନୀ ଶହେଥର ଭୁଇଁରେ ମୁଣ୍ଡ ପିଟୁଥାଏ। କଇଁକଇଁ ହୋଇ କାନ୍ଦୁଥାଏ। ଏତିକିବେଳେ ସ୍ତ୍ରୀ ଲୋକ କେହିଜଣେ ଆସି ତା' ପାଖରେ ବସିଲା। ସେବା ଶୁଶ୍ରୂଷା କଲା। ପୁଅ ଜନ୍ମ ହେଲାପରେ ରତନୀ କୋଳକୁ ବଢ଼େଇଦେଇ ଚାଲିଗଲା। ରତନୀ ଅଚେତ ହୋଇ ପଡ଼ିଥାଏ। ଚେତା ଫେରିଲାବେଳକୁ ରତନୀ ଦେଖିଲା ଭିତରପଟୁ କବାଟ ଦିଆହୋଇଛି। ରତନୀ ବୁଝିପାରିଲାନି ସ୍ତ୍ରୀଲୋକଟି କିଏ ଆଉ ବନ୍ଦ କବାଟ ଭିତରେ ପଶିଲା କେମିତି; ଆଉ କବାଟ ନଖୋଲି ବାହାରିଗଲା କେମିତି ? ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ଫଟୋ ପାଖରେ ମୁଣ୍ଡିଆମାରି ଛୁଆଟାକୁ ତାଙ୍କରି ଆଶୀର୍ବାଦ ବୋଲି ଭାବି କୋଳକୁ ନେଲା।

ଅନିରୁଦ୍ଧ କହିଯାଇଥିଲା ତିନି ଚାରିଦିନରେ ଫେରିଆସିବ ବୋଲି। ଦଶଦିନ ହେଲାଣି ଫେରିନାହିଁ। ମନକୁ ପାପ ଛୁଉଁଚି। ଏକୁଟିଆ ମାଇକିନିଆ ଲୋକଟା କାହାକୁ ଟିକେ ପଚାରି ବୁଝନ୍ତା। କେହି ତ ପାଖରେ ନାହିଁ। ତଥାପି ଧୈର୍ଯ୍ୟଧରି ଅପେକ୍ଷା କଲା। ଘରେ ଫୁଟା କଉଡ଼ିଟିଏ ନାହିଁ। ଧାର କରଜ କରି ଆଠଦିନ ଚାଲିଗଲା। ଛୁଆ ଦି'ଟା ଭୋକରେ ଡହଳବିକଳ ହେଲେଣି। ରତନୀ ଘରୁ ଦାଣ୍ଡଯାଏଁ ଖାଲି ପଇଁତରା ମାରୁଥାଏ। ହେଲେ ଅନିରୁଦ୍ଧର ଦେଖାନଥାଏ।

ଦିନ ତିନିଟାବେଳକୁ ରତନୀର ଘର ଆଗରେ ଗାଡ଼ି ଲାଗିଲା। ସାଇ ଲୋକ ଜମାହୋଇଗଲେ। ଗାଡ଼ି ଭିତରୁ ଦୁଇଜଣ ଲୋକ ଗୋଟିଏ ଷ୍ଟ୍ରେଚରରେ ଶବଟିଏ ଆଣି ରତନୀ ଘର ଆଗରେ ରଖିଦେଇଗଲେ। ରତନୀ କିଛି ବୁଝି ପାରୁନଥାଏ। ପାଖକୁ ଯାଇ ଦେଖିଲା ରକ୍ତ ଜୁଡୁବୁଡୁ ମୁହଁଟା ଅନିରୁଦ୍ଧର। ରତନୀର କୋହ ଫାଟିଗଲା। ଭେଁ ଭେଁ ହେଇ କାନ୍ଦିକାନ୍ଦି ଗଡ଼ିଗଲା। ଛୁଆ ଦି'ଟା କିଛି ବୁଝି ନପାରି ବୋଉ



କାନ୍ଦିବାର ଦେଖି ରତନୀଠାରୁ ଆହୁରି ଜୋରରେ କାନ୍ଦିବାକୁ ଲାଗିଲେ।

ଏତିକିବେଳେ ସେଇ ଗାଡ଼ି ଭିତରୁ ବାହାରିଲା ଅନିରୁଦ୍ଧ। ପିଲାମାନେ ବାପାଙ୍କୁ ଦେଖି କାନ୍ଦ ବନ୍ଦକରି ବାପା ପାଖକୁ ଚାଲିଗଲେ। ଅନିରୁଦ୍ଧର ମୁହଁ କାନ୍ଦକାନ୍ଦ ଦିଶୁଥାଏ, ଆଖି ଲୁହରେ ଛଳଛଳ। ରତନୀ ପାଖକୁ ଯାଇ ଠିଆହେଲା ଅନିରୁଦ୍ଧ। ରତନୀ କାବା ହେଇ ଅନେଇଲା। ଆଖିରୁ ଲୁହ ପୋଛିଲା। ପରେ ଜାଣିଲା ମୃତ ଲୋକଟି ଅନିରୁଦ୍ଧ ନୁହେଁ, ତା'ର ସାନଭାଇ। ଗଛ କାଟିବାକୁ ଯାଇଥିବାବେଳେ ତା' ଉପରେ ଗଛ ପଡ଼ିଯିବାରୁ ମରିଯାଇଛି। ଅନିରୁଦ୍ଧ ଖବର ପାଇ ତାକୁ ନେଇ ଡାକ୍ତରଖାନା ଯାଇଥିଲା। ହେଲେ ଡାକ୍ତର ତାକୁ ବଞ୍ଚେଇ ପାରିଲେନି।

ରତନୀ ଦେଖିଲା, ଧାରଧାର ଲୁହ ଗଡ଼ିଯାଉଛି ଅନିରୁଦ୍ଧ ଆଖିରୁ। ଯେଉଁ ଭାଇର ସୁଖ ଦେଖିବାପାଇଁ ଅନିରୁଦ୍ଧ ନିଜ ପୈତୃକ ସଂପତ୍ତିରୁ ଭାଗ ନେବାକୁ ଚାହିଁ ନଥିଲା, ତାର ନିଶ୍ଚଳ ଦେହ ପଡିରହିଥିଲା ତଳେ ! ଯେମିତି ସାନଭାଇ ନୁହେଁ, ପୂରାଟା ମେଦିନୀ ମରିପଡ଼ିଛି ଅନିରୁଦ୍ଧ ସାମ୍ନାରେ !

# ସହରୀ ଝିଅ

ଜୁନ୍ ମାସ। ରଜ ସମୟ। ଗାଆଁରେ ଗହଳଚହଳ ଲାଗିଛି। ଚାଷ କାର୍ଯ୍ୟ ନିଷେଧ। ଚାକିରିଆ ମାନେ ଗାଆଁ ଅଭିମୁଖେ ଧାଇଁଛନ୍ତି। ବସ୍‌ଷ୍ଟାଣ୍ଡରେ ଗହଳି ବଢୁଛି। ଆମ୍ବ, ସପୁରୀ, ପଣସ, ଲିଚୁକୋଳି ଆଦି ବିଭିନ୍ନ ରକମର ଫଳରେ ଦୋକାନ ସବୁ ଭର୍ତ୍ତି ହୋଇ ରହିଛି। ଅଧିକାଂଶ ସମୟରେ ଜନଶୂନ୍ୟ ଦିଶୁଥିବା ଡ୍ରେସ୍ ଦୋକାନରେ ଭିଡ଼ ଜମିଲାଣି। ବିଚିତ୍ର ଦିଶୁଛି ଆକାଶ। ଖରା ନାହିଁ କି ବର୍ଷା ବି ନାହିଁ। ଅଥଚ ସାମାନ୍ୟ ମେଘୁଆ, ଧୂଆଁଳିଆ ଦିଶୁଛି।

ହାଡୁ ସାଇକେଲ ଆଗରେ ଗୋଟେ ବ୍ୟାଗ୍ ଝୁଲେଇ ଯାଉଥିଲା ବଜାର ଆଡ଼େ। ତା'ବୋଉ ପଠେଇଚି ଖାସି ମାଂସ କିଣିବାକୁ। ସେ ମନାକରୁଥିଲା ଆସିବନି ବୋଲି। ହେଲେ ସେକଥା ଶୁଣୁଚି କିଏ? ବାପା ତ ଘରେ ନାହିଁ। ବାଧ ହୋଇ ଆସିଛି। ହାଡୁକୁ ଭାରି ଡର। ରକ୍ତ ଦେଖିଲେ ତା' ଦେହରୁ ରକ୍ତ ଶୁଖିଯାଏ। ହାଡୁ ସାଇକେଲ ଥୋଇଦେଇ ମାଂସ ଦୋକାନକୁ ଘେରି ରହିଥିବା ଲୋକମାନଙ୍କ ସହ ମିଶିଗଲା। ଦୁଇଜଣ ପୃଥୁଳକାୟ ଲୋକଙ୍କ ମଝିରେ ମୁଣ୍ଡଟି ଗଳେଇଦେଇ ଭିତରେ କ'ଣ ଚାଲିଛି ଦେଖିବାକୁ ଚେଷ୍ଟାକଲା। ମକରା ମଳିକ ଛେଳି କାଟୁଛି। ମୁଣ୍ଡଟି କଟାହୋଇ କଦଳୀ ପତ୍ର ଉପରେ ଥୁଆହୋଇଛି। ମକରାର



ସହଯୋଗୀ ଦୁଃଖିଆ ଭୁଜାଲି ଧରି ମାଂସଗୁଡ଼ିକୁ ପନିର୍ କାଟିଲା ଭଳି କାଟି ଟିକିଟିକି ଖଣ୍ଡରେ ବିଭକ୍ତ କରି ରଖୁଛି। ଖାନୁ ମିଆଁ ଗୋଡ଼ ବନ୍ଧାହୋଇ ଝୁଲୁଥିବା ଗୋଟେ ଛେଳି ଦେହରୁ ଚମଡ଼ା ଓଟାରିବାରେ ଲାଗିପଡ଼ିଛି। ତା' ଦେହସାରା ରକ୍ତ ଜୁଡୁବୁଡୁ। ସେତେବେଳକୁ ହାଡୁର ମୁଣ୍ଡ ବୁଲାଇଦେଲାଣି। ଏ ଦୁଃଖିଆ ଭାଇ, ମୋ ପାଇଁ କିଲେ ମାଂସ ଓଜନ କରିଦିଅ କହି ସେ ପଦାକୁ ବାହାରି ଆସିଲା। ଓଃ ହୋ! ଟିକେ ଖୋଲା ପବନ ବାଜିଲା ତା' ଦେହରେ। ରାସ୍ତା ଉପରେ ଟିକିଏ ଏପଟସେପଟ ଚାହିଁ ସେ ରାସ୍ତାଟି ପାରିହେବାକୁ ଚାହୁଁଥିଲା, ହେଲେ ବାମ ପଟରୁ ନୂଆ ମଟରସାଇକେଲ ଧରି ଆସୁଥିବା ତା'ର ପିଲାଦିନର ସାଙ୍ଗ ଜିଲୁ ଉପରେ ତା'ର ନଜର ପଡ଼ିଗଲା। ଜିଲୁ ବି ସାମ୍ନାରେ ହାଡୁକୁ ଦେଖି ମୁହଁରେ ସ୍ମିତହସ ଫୁଟାଇ ଗାଡ଼ିର ବ୍ରେକ୍ ମାରିଲା। ଦୀର୍ଘ ସାତବର୍ଷ ପରେ ସାକ୍ଷାତ। ଦଶମ ଶ୍ରେଣୀରେ ଫେଲ୍ ହେଇଗଲା ହାଡୁ। ଯଦିଓ ପାଶ୍ କରିବାର ଆଶା ବି ନଥିଲା ତା'ର। ସେଇ ଦିନରୁ ସେ ଘର କାମରେ ବ୍ୟସ୍ତ। ରାଜମିସ୍ତ୍ରୀ ସାଙ୍ଗରେ ହେଲପର୍ ହୋଇ ବେଳେବେଳେ ସିମେଣ୍ଟ ବାଲି ଗୋଳାଇବାକୁ ଯାଏ, ନହେଲେ ବାପା ସାଙ୍ଗରେ ବିଲରେ କାମକରେ। ପାଠରେ ସିନା ତା'ର ଆଗ୍ରହ ନାହିଁ, ହେଲେ ସେ ଖୁବ୍ ପରିଶ୍ରମୀ।

ହାଡୁର ପ୍ରିୟତମ ବନ୍ଧୁ ଜିଲୁ। ଦୁହେଁ ଗୋଟିଏ ସ୍କୁଲରେ, ଗୋଟିଏ ଶ୍ରେଣୀରେ ପଢୁଥିଲେ।

ହାଡୁ ଭାରି ଖୁସି ହୋଇଯାଇ ପଚାରିଲା- 'ଆରେ, ଜିଲୁ ତୁ ଚାକିରିବାକିରି କଲୁଣି ନା ଆଜିଯାଏଁ ପଢ଼ା ଚାଲିଛି ତୋର?'

ଜିଲୁ ହସିହସି କହିଲା – 'ନା ରେ ହାଡୁ! ପଢ଼ା ସରିନି। ଏମ୍.ଏ ଶେଷବର୍ଷ ପଢୁଛି। ଆଉ ତୋ ଖବର କ'ଣ?

ହାଡୁ ଟିକେ ମନ ଦୁଃଖ କରି କହିଲା – 'କ'ଣ ଆଉ ଖବର! ଖାଇପିଇ ବୁଲିବା କଥା। ଭାବୁଚି ଆରବର୍ଷ ଆଡ଼କୁ ବାହା ହେଇଯିବି। ଶଳା ଆର ସାହିର ଚମ୍ପାକୁ ଭଲ ପାଉଥିଲି ଯେ, ତା'ବାପ କହୁଚି ଚାକିରିଆ ଜୋଇଁ ହେଲେ ଯାଇ ତା' ଝିଅକୁ ବାହା କରିବ। ମୁଁ ସାତଥର ମରିକି ଜନ୍ମ ହେଲେ ବି ମୋ ଦ୍ୱାରା ଚାକିରିବାକିରି ହବନି। ତାକୁ ଏଇବର୍ଷ ଉଠେଇଆଣି ବାହା ହେଇ ପଡ଼ିବି ବୋଲି ଯୋଜନା କରିଛି। ଆରେ ଜିଲୁ, ଏ ଗାଡ଼ିଟା ନୂଆ କିଣିଲୁ କିରେ?'

ଜିଲୁ ସଲ୍ଲଜ ଭାବ ଦେଖାଇ କହିଲା- 'ହଁ, ବାପା କିଣି ଦେଇଛନ୍ତି। ଯିବା ଆସିବାକୁ ଟିକେ ଅସୁବିଧା ହେଉଛି ତ, ସେଇଥିପାଇଁ ଏ ଗାଡ଼ିଟା କିଣିଦେଲେ। ଏଇ ରାମନବମୀ ବେଳକୁ କିଣା ହୋଇଥିଲା। ଆଉ ତୁ କୁଆଡ଼େ ଆସିଥିଲୁ?

‘କୁଆଡ଼େ ଆଉ ଆସିବି! ବୋଉ ମାଂସ ପାଇଁ ପଠେଇଥିଲା। କଟା ଚାଲିଛି। ତତେ ଦେଖିବାରୁ ମୋର ଗୋଟେ ଭଲକଥା ମନେପଡ଼ିଲା। ତୋର ମନେଅଛି ସୁଧାକର ବାବୁଙ୍କ ଭାଣିଜୀ, ଯିଏ ଅଷ୍ଟମରୁ ଦଶମ ଯାଏଁ ଆମ ସ୍କୁଲରେ ପଢୁଥିଲା। ସିଏ ଏଇ ତିନି–ଚାରିଦିନ ତଳେ ଦେଖାହୋଇଥିଲା। ମତେ ତୋ ଫୋନ୍ ନମ୍ବର୍ ମାଗିଲା। ମୁଁ ମନାକରିଦେଲି ମୋ ପାଖରେ ତୋ ନମ୍ବର ନାହିଁ ବୋଲି। ସିଏ ତା’ ନମ୍ବର ଦେଇଯାଇଛି। ‘ଏଇ ନେ’– କହି ପକେଟ୍ ଭିତରେ ହାତ ପୂରେଇ କାଗଜ ଖଣ୍ଡିକ ବଢ଼େଇଦେଲା। କାଗଜରେ ସୁନ୍ଦରସୁନ୍ଦର ଅକ୍ଷରରେ ଲେଖା ହୋଇଥାଏ – ‘ମାମା’। ତଳକୁ ଦଶଟି ସଂଖ୍ୟା। କାଗଜଟିକୁ ଅତି ଆଦରରେ ଭାଙ୍ଗି ପକେଟ୍ ଭିତରେ ରଖିଦେଲା ଜିଲୁ। ହାଡୁ ସହ ଆଉ ଦୁଇ ଚାରିପଦ କଥା ହୋଇ ଗାଡ଼ି ଷ୍ଟାର୍ଟ କରି ଚାଲିଆସିଲା।

ବାଟସାରା ଭାବିବାକୁ ଲାଗିଲା – ମାମା ମୋ ଫୋନ୍ ନମ୍ବର୍ ଖୋଜୁଛି କ’ଣ ପାଇଁ? ସେ ଏବେ ତା’ହେଲେ ମାମୁଁ ଘରକୁ ଆସିଛି। ମୁଁ ଟିକେ ବୁଲି ଆସିବି କି ତା’ଘରଆଡ଼େ? ସେ କ’ଣ ମତେ ଦେଖିଲେ ଚିହ୍ନି ପାରିବ? ଏମିତି ଭାବିଭାବି ସେ ନଇକୂଳ ଆଡ଼କୁ ଯାଉଥିଲା। ହଠାତ୍ କ’ଣ ଭାବିଲା କେଜାଣି ଗାଡ଼ି ବୁଲେଇ ଚାଲିଲା ସୁଧାକର ବାବୁଙ୍କ ଘରଆଡ଼କୁ। ରାସ୍ତାର ବାମକଡ଼ରେ ତାଙ୍କ ଘରଟି ପଡ଼େ। ଉଚ୍ଚା ପାଚେରୀ। ରାସ୍ତାରେ ଯାଉଯାଉ ଗେଟ୍ ପାଖରେ ଟିକେ ପାଚେରୀ ଭିତରକୁ ଅନେଇଦେଇ ଆଗକୁ ଚାଲିଗଲା। କିଛିଦୂର ଯାଇ ପୁଣି ଗାଡ଼ି ବୁଲେଇଲା। ସେଇ ଘର ପାଖରେ ପୁଣି ଭିତରକୁ ଅନେଇଲା। ନା, କାଇଁ ଦିଶୁନି ତ ମାମା। ଛାଡ଼, ସେ ଯଦିବି ଏଇଠି ଥିବ, ସେ କ’ଣ ଏମିତି ବାହାରେ ବୁଲୁଥିବ! ଘର ଭିତରେ କିଛି କାମରେ ବ୍ୟସ୍ତ ଥାଇପାରେ! ଏମିତି ହଠାତ୍ ଦେଖାନକରି ମୁଁ ଏଇ ନମ୍ବରରେ ଫୋନ୍ କରିଦେବାଟା ଠିକ୍ ହେବ। ଏଇଆ ଭାବି ସେ ଘରକୁ ଫେରିଗଲା। ଏବେ ଫୋନ୍ କରିଦେବି କି? ନା, ଯଦି ସେ ହଠାତ୍ ଦେଖା କରିବାକୁ ଡାକେ, ମୁଁ ତ ଗାଧୋଇନି ଏଯାଏଁ। ଗାଧୋଇ ଖାଇସାରି ଫୋନ୍ କରିବି ତାକୁ। ଏଇଆ ଚିନ୍ତା କରି ସାଙ୍ଗେସାଙ୍ଗେ ଗାଧୋଇବାକୁ ଚାଲିଗଲା। ଗାଧୋଇ ସାରି ଖିଆପିଆ କଲା।

ଫୋନଟି ହାତରେ ଧରି ଛାତ ଉପରକୁ ଗଲା। ମନରେ ଖୁସିର ଲହରୀ। ଫୋନ୍‌ଟି ଡାହାଣ ହାତରେ ଧରି ବାମ ହାତଟି ସାର୍ଟ ପକେଟରେ ପୂରେଇଲା। ଆରେ ସେ କାଗଜଟି କୁଆଡ଼େ ଗଲା! ପ୍ୟାଣ୍ଟ ପକେଟ୍ ଚେକ୍ କଲା। – ‘ନାହିଁ’! ମନେପଡ଼ିଲା ସେ ସକାଳୁ ପିନ୍ଧିଥିବା ସାର୍ଟଟି ଗାଧୋଇବାକୁ ଗଲାବେଳେ ଖୋଲିଦେଇ ଯାଇଥିଲା। ସେ ତଳକୁ ଧାଇଁଲା। ଆରେ, ଏଇଠି ତ ସାର୍ଟଟି ରଖିଥିଲା ସେ, ଗଲା କୁଆଡ଼େ! ‘ବୋଉ, ଏ ବୋଉ’ କହି ଡାକପକେଇଲା। ବୋଉ ନଳକୂଅ ପାଖରୁ ଓଦା ହୋଇଥିବା



ସଫାଲୁଗା କେତେଖଣ୍ଡ ଗୋଟିଏ କୁଣ୍ଡ ଭିତରେ ଭର୍ତ୍ତିକରି ଆସୁଥିଲେ। ଜିଲୁ ଦଉଡ଼ିଯାଇ ତା’ଭିତରୁ ନିଜ ସାର୍ଟଟିକୁ ବାଛି ତା’ ପକେଟ ଭିତରୁ କାଗଜଟିକୁ ଉଦ୍ଧାର କଲା। ବୋଉ ପଚାରିଲା– ‘କ’ଣ ଖୋଜୁଛୁ? ପଇସାପତ୍ର ରଖିଥିଲୁ କି ତା’ଭିତରେ?’

‘ନା, ବୋଉ ଜଣେ ସାରଙ୍କ ଫୋନ୍ ନମ୍ବର।’ – ଏତିକି କହି ସେ ପୁଣି ଛାତ ଉପରକୁ ଚାଲିଗଲା। ମିଛ କହିବାର ଟିକିଏ ବି ମନସ୍ତାପ କି ସଙ୍କୋଚ ନଥିଲା ତା’ଭିତରେ। ଓଦା କାଗଜଟିକୁ ଧୀରେଧୀରେ ଖୋଲିଲା। ଭାଙ୍ଗ ପଡ଼ିଥିବା କାଗଜଟି ହାତ ମାରୁମାରୁ ଚିରି ଯାଉଛି। ଯେତେ ସତର୍କ ହୋଇ, ସାବଧାନତାର ସହ ଖୋଲିବାକୁ ଚେଷ୍ଟା କରି ବି ଶେଷ ଦୁଇଟି ନମ୍ବରକୁ ଉଦ୍ଧାର କରିପାରିଲାନି ଜିଲୁ। ଆଠଟି ନମ୍ବର ମିଳିଗଲା ହେଲେ ଆଉ ଦୁଇଟି ନମ୍ବର କାଗଜ ସହ ବତୁରିଯାଇ ମିଳେଇଗଲେ। ଭାରି ବିରକ୍ତ ଲାଗିଲା ଜିଲୁକୁ। ଗୋଟେ ଉଦାସ ହତାଶାବୋଧ ପଶିଗଲା ତା’ ଭିତରକୁ।

ସେ ଗାଡ଼ିଧରି ବାହାରିଗଲା ଗ୍ରାମଦେବତୀ ମନ୍ଦିର ଆଡ଼କୁ। ତା’ର ମନେପଡ଼ିଲା ସ୍କୁଲ୍ ବେଳର ପୁରୁଣା କଥା ସବୁ। ଇଏ ସେଇ ମାମା ଯିଏ ସ୍କୁଲର ଆଗ ବେଞ୍ଚରେ ବସି ଗାଲରେ ହାତ ଭରାଦେଇ ଗୋଟେଗୋଟେ ପିରିୟଡ୍ କଟାଇଦିଏ ଜିଲୁକୁ ଚାହିଁଚାହିଁ। ଜିଲୁ ସହ ଅଷ୍ଟମ ଶ୍ରେଣୀରେ ତା’ର ପରିଚୟ। ତାଙ୍କ ଘର କଟକ ସହରରେ। ତା’ ବାପା ଜଣେ କଲେଜ ଅଧ୍ୟାପକ, ମାଆ ମଧ୍ୟ ସରକାରୀ ଚାକିରି କରନ୍ତି। ମାମା ଗୋଟେ ଇଂଲିଶ୍ ମିଡିୟମ୍ ସ୍କୁଲରେ ସପ୍ତମ ଶ୍ରେଣୀ ଯାଏଁ ପଢୁଥିଲା। ହେଲେ ଟିକିଏ ବଡ଼ ହେବାରୁ ହଷ୍ଟେଲରେ ରହିବାକୁ ସେ ରାଜି ହେଲାନାହିଁ। ସେଥିପାଇଁ ସର୍ବଦା ଚାକିରି କାମରେ ବ୍ୟସ୍ତ ରହୁଥିବା ତା’ର ବାପାମାଆ ମାମାର ସମସ୍ତ ଦାୟିତ୍ୱ ଅର୍ପଣ କରିଥିଲେ ତା’ର ମାମୁ ସୁଧାକର ବାବୁଙ୍କ ହାତରେ। ସୁଧାକର ବାବୁ ଏ ଅଞ୍ଚଳରେ ଜଣେ ପରିଚିତ ଲୋକ। ପୂର୍ବତନ ସରପଞ୍ଚ। ମାମା ଏଇଠି ରହି ଅଷ୍ଟମ ଶ୍ରେଣୀରେ ନାମ ଲେଖାଇଲା।

ପ୍ରଥମ ଦିନ ଯେତେବେଳେ ସ୍କୁଲ ଖୋଲାହେଲା ସବୁ ପିଲା ନୂଆନୂଆ ୟୁନିଫର୍ମ ପୋଷାକ ପିନ୍ଧି ସ୍କୁଲରେ ପହଞ୍ଚିଗଲେ। ପୁଅମାନେ ସିମେଣ୍ଟ ଅଖାରେ ତିଆରି ଗୋଟିଏ ଲେଖାଏଁ ବ୍ୟାଗ୍‌ରେ ନିଜନିଜ ବହିବସ୍ତାନି ଧରି ଆସିଥିଲେ। ଝିଅମାନେ ଲୁଗା ଦୋକାନରେ ମିଳୁଥିବା ଜରି ଭିତରେ ବହିଖାତା ପୂରେଇ ଯମୁନା କୂଳରୁ ଗୋପୀମାନେ କଳସୀ କାଖେଇ ଆସିବାପରି ସ୍କୁଲ୍ ଆସୁଥିଲେ। ସେମାନଙ୍କ ଭିତରେ ଆମେରିକାନ୍ ଟୁରିଷ୍ଟର୍ କମ୍ପାନୀର ଚକଚକିଆ ବ୍ୟାଗ୍‌କୁ କାନ୍ଧରେ ଝୁଲାଇ ଆସୁଥିବା ମାମାକୁ ଦେଖି ପିଲାଏ ବାଘ ଦେଖିବା ପରି ଚାହିଁ ରହିଥାନ୍ତି। ସେଇ ବୟସରେ ମାମା ଦିଶୁଥାଏ କୌଣସି ଚଳଚ୍ଚିତ୍ରର ହିରୋଇନ୍ ପରି। ଗୋରା ଓ ହୃଷ୍ଟପୁଷ୍ଟ ଚେହେରା। ତା’ର ଗାଢ଼ କଳାରଙ୍ଗର ଲମ୍ବା ସାପପରି ବେଣୀଟିକୁ ଝୁଲାଇ ସେ ସ୍କୁଲ ହତା ଭିତରକୁ ପଶିଲା। ସମସ୍ତେ ତା’

ଆଡ଼କୁ ଚାହିଁ ରହିଥିବାବେଳେ ମାମା କିନ୍ତୁ କାହା ଉପରେ ନିଜର କୃପାଦୃଷ୍ଟି ନ ପକାଇ ସିଧାସଳଖ କ୍ଲାସ୍‌ରୁମ୍ ଭିତରକୁ ପଶିଗଲା। ନିଜ ବାପାମାଆଙ୍କୁ ଛାଡ଼ି ଆସିଥିବାରୁ ସେ ହୁଏତ ସେମାନଙ୍କ କଥା ମନେପକାଇ ଦୁଃଖରେ ଥିଲା କିନ୍ତୁ ଆମେମାନେ ତାକୁ ଅତ୍ୟନ୍ତ ଗର୍ବୀ ଓ ଉଦ୍ଧତ ଝିଅ ବୋଲି ମନେକରି ତାକୁ ହଇରାଣ କରିବାର ଉନ୍ନତ ଉପାୟ ଚିନ୍ତା କରିବାରେ ଲାଗିପଡ଼ିଥିଲୁ।

ହାଡୁ ସେତେବେଳେ ଏ ସବୁ ବୁଦ୍ଧିରେ ବେଶ୍ ପାରଙ୍ଗମ ଥିଲା। ସେ ହଠାତ୍ ଧଇଁସଇଁ ହୋଇ ଆସି ମୋ କାନରେ କହିଲା– ଜିଲୁ, ଗୋଟେ ବଢ଼ିଆ ଉପାୟ ଚିନ୍ତା କରିଛି। ଆଜି ସେ ଟୋକୀକୁ ପାନେ ଚଖେଇବା। ମୁଁ ବିସ୍ମୟ ଦୃଷ୍ଟିରେ ତା'କୁ ଚାହିଁ ରହିଲି। ସେ ମୋ ହାତଧରି ମତେ ଟାଣିଟାଣି ନେଇ ସ୍କୁଲ ପଛପଟକୁ ଗଲା ଓ ସେଠାରେ ଆଗରୁ ଲୁଚେଇ ରଖିଥିବା ଗୋଟେ ପଲିଥିନ ଜରି ଦେଖାଇଦେଲା। ମୁଁ ସେ ଜରିଟାକୁ ଟିକେ ଟେକିଦେଇ ଦେଖିଲି ତା ଭିତରେ ଦୁଇ-ତିନୋଟି ବେଙ୍ଗ ପ୍ରାଣପଣେ ଚେଷ୍ଟା କରୁଛନ୍ତି ବାହାରକୁ ବାହାରି ଆସିବାପାଇଁ। ମୁଁ ସେ ପର୍ଯ୍ୟନ୍ତ କିଛି ବୁଝିପାରୁନଥାଏ। ସେ ଜରିଟାକୁ ହାତରେ ଧରି ହାଡୁ ତା' ବେହେଡ଼ା ଦାନ୍ତ ଦେଖାଇ ଟିକିଏ ହସିଦେଇ କହିଲା – 'ଆସ୍ ମୋ ସାଙ୍ଗରେ।'

ମୁଁ ତା ପଛେପଛେ ଚାଲିଥାଏ। ସେତେବେଳକୁ ସ୍କୁଲରେ ପ୍ରାର୍ଥନା ଆରମ୍ଭ ହୋଇଯାଇଥାଏ। ଆମେ ସିଧାସଳଖ ଶ୍ରେଣୀ କକ୍ଷରେ ପ୍ରବେଶ କଲୁ। ଏକାବେଳେକେ ଫାଙ୍କା। ଖାଲି ବ୍ୟାଗ୍ ଗୁଡ଼ିକ ବେଞ୍ଚ ଉପରେ ଥୁଆ ହୋଇଥାଏ। ତା' ଭିତରୁ ଯେ କେହି ଚାହିଁଲେ ମାମା'ର ବ୍ୟାଗ୍‌ଟିକୁ ଚିହ୍ନି ପାରିବ। ଖୋଜିବାକୁ ହେଲାନାହିଁ। ତା'ର ଆକାଶୀ ନୀଳ ରଙ୍ଗର ଉଜ୍ଜ୍ୱଳ ଦିଶୁଥିବା ବ୍ୟାଗଟି ଭିତରେ ହାଡୁ ସେ ବେଙ୍ଗଗୁଡ଼ିକୁ ଛାଡ଼ିଦେଇ ଜରିଟିକୁ ଝରକାବାଟେ ବାହାରକୁ ଫିଙ୍ଗିଦେଲା। ଆମେ ଦୁହେଁ ଲୁଚିଲୁଚି ଯାଇ ପ୍ରାର୍ଥନା ସଭା ଧାଡ଼ିରେ ସବା ପଛରେ ଛିଡ଼ା ହୋଇଗଲୁ। ପ୍ରାର୍ଥନା ସରିଗଲା। ଶ୍ରେଣୀ ଗୃହରେ ବସିଲୁ। ଶିକ୍ଷକ ଆସି ସମସ୍ତଙ୍କୁ ଖାତା ବହି ବାହାରକରି ପାଠ ଲେଖିବାକୁ ନିର୍ଦ୍ଦେଶ ଦେଲେ। ଆମେ ଦୁହେଁ ମାମା ଆଡ଼କୁ ଚାହିଁଥାଉ। ହଠାତ୍ ଚିତ୍କାର କରି ମାମା ଦଉଡ଼ିଲା କ୍ଲାସ୍ ବାହାରକୁ। ତା' ପାଖରେ ବସିଥିବା ଅନ୍ୟ ପିଲାମାନେ ବି ଭୟରେ ତା' ପଛେପଛେ ଶ୍ରେଣୀ ଗୃହରୁ ବାହାରି ଆସିଲେ। ସବୁପିଲା ଆଶ୍ଚର୍ଯ୍ୟଚକିତ ହୋଇ ତା' ଆଡ଼କୁ ଚାହିଁ ରହିଥାନ୍ତି। ଶିକ୍ଷକ ବେତଧରି ଜଣଜଣକରି ସମସ୍ତଙ୍କୁ ପଚାରି ବୁଲିଲେ କିନ୍ତୁ ଆମେ ସିଧାସଳଖ ମନା କରିଦେଲୁ ଏ ବିଷୟରେ ଆମେ କିଛି ଜାଣିନୁ।

ପରଦିନ ମାମା ସ୍କୁଲ ଆସିନଥିଲା। ସେ ତା' ମାମୁଙ୍କୁ ଅଭିଯୋଗ କରିଥିଲା ଯେ ଏ ସ୍କୁଲର ପିଲାମାନେ ଭଲ ନୁହଁନ୍ତି। ସେ ଏଠି ପଢ଼ିବନି। ତା' ମାମୁ ନିଜେ ତାକୁ ସାଙ୍ଗରେ ଧରି ସ୍କୁଲ ଆସିଥିଲେ। ପ୍ରଧାନ ଶିକ୍ଷକଙ୍କ ସହ କଥା ହୋଇ ମାମାକୁ ଛାଡ଼ିଦେଇ ଗଲେ। ପ୍ରଧାନ ଶିକ୍ଷକ ଶ୍ରେଣୀରେ ଆସି ସମସ୍ତଙ୍କୁ ତାଗିଦ୍ କରି କହିଲେ – 'ତୁମ ଭିତରୁ ଯିଏ ବି ଏଭଳି କାମ କରିଛ, ସଚେତନ ହୋଇଯାଅ। ଆମ ସ୍କୁଲର ନାଆଁ ତଳେ ପକଉଚ। ଭବିଷ୍ୟତରେ ଯଦି ଏମିତି କାଣ୍ଡ ହୁଏ ତା'ହେଲେ ପରିସ୍ଥିତି ଭୟାବହ ହେବ।'

ହାଡୁ ଆଉ ମୁଁ ପଛ ବେଞ୍ଚରେ ବସିଥାଉ। ମୋ ଦେହରୁ ଗମ୍‌ଗମ୍ ଝାଳ ବହି ଯାଉଥାଏ। ହାଡୁ କିନ୍ତୁ ନିର୍ବିକାର ଚିତ୍ତରେ ଏସବୁ ଦୃଶ୍ୟକୁ ଉପଭୋଗ କରୁଥାଏ। ଯା ହଉ ସେଦିନ ଆମେ ମୃତ୍ୟୁ ମୁଖରୁ ବର୍ଞ୍ଚିଗଲୁ। ସେହି ଦିନଠାରୁ ମାମା ପ୍ରତି ମୋ ମନରେ ଭୟ ସଞ୍ଚାର ହୋଇଯାଇଥାଏ।

ସେ ଘଟଣା କିଛିଦିନ ପରେ ଅନ୍ତର୍ହିତ ହୋଇଗଲା। ଆମେ ଏଥର ପରସ୍ପର ସହ ମିଶିଲୁ। ସହରୀ ଝିଅମାନଙ୍କୁ ନେଇ ଆମ ମନରେ ଯେଉଁ ଧାରଣା ସୃଷ୍ଟି ହୋଇଥିଲା ମାମା ଖୁବ୍‌ଶୀଘ୍ର ସେ ଧାରଣାକୁ ବଦଳାଇଦେବାକୁ ସକ୍ଷମ ହୋଇଥିଲା। ଗାଉଁଲି ଝିଅଙ୍କ ପରି ତା' ପାଖରେ ଲାଜକୁଳା ସ୍ୱଭାବ ନଥିଲା। ପୁଅମାନଙ୍କ ପରି ସେ ଆମସହ ନିଃସଙ୍କୋଚରେ, ନିର୍ଦ୍ୱନ୍ଦ୍ୱରେ ମିଶିଯାଉଥିଲା।

ମୋର ଚିରକାଳ ଅଭ୍ୟାସ ଯେ ମୁଁ ସ୍କୁଲ ଗଲାବେଳକୁ କଲମଟିକୁ ଘରେ ଛାଡ଼ିଦେଇ ଆସିଥାଏ। ପ୍ରାୟ ଅଧିକାଂଶ ଦିନ ମାଗିବା ଯେ ଗୋଟେ ଖରାପ କାମ ଏ ଧାରଣାକୁ ଭୁଲିଯାଇ ନିର୍ଲଜଙ୍କ ଭଳି– 'ଡବଲ୍ ପେନ୍ କିଏ ଆଣିଚ' ବୋଲି ଉଚ୍ଚ ସ୍ୱରରେ କହିପକାଉଥିଲି ଆଉ ସେଇ ମାମା ହିଁ ପ୍ରଥମେ ମୋ ହାତକୁ ପେନ୍‌ଟିଏ ବଢ଼େଇ ଦିଏ। ଆବଶ୍ୟକତାରୁ ଏହା କ୍ରମେ ଅଭ୍ୟାସରେ ପରିଣତ ହୋଇଗଲା। ମାମା କିନ୍ତୁ କେବେ ପେନ୍ ଦେବାକୁ ମନାକରିଥିବା ମନେ ପଡୁନାହିଁ।

ଦିନେ ସ୍କୁଲ ଛୁଟି ହେଲାବେଳକୁ ମୁଁ ତାକୁ କହିଲି– 'ମାମା ତୋତେ ଗୋଟେ ଜରୁରୀ କଥା କହିବାର ଥିଲା।'

ସେ କହିଲା – 'ହଁ କହୁନୁ।'

ମୁଁ ତା' କାନ ପାଖକୁ ମୁହଁ ନେଇ କହିଲି – 'ଏତେ ପିଲାଙ୍କ ଆଗରେ କହିବାକୁ ସାହସ ହେଉନି। ତୁ ଆଜି ଖରାବେଳେ ନଈକୂଳ ଆମ୍ବତୋଟାକୁ ଆସିବୁ, ମୁଁ କହିବି।'

ସେ ମୋ ଆଖିକୁ ଗଭୀର ଭାବରେ ନୀରିକ୍ଷଣ କରୁଥିଲା। ମୋତେ ଲାଗିଲା ସେ ଯେମିତି କିଛି ଦୁର୍ମୂଲ୍ୟ ଦ୍ରବ୍ୟ ତା'ଭିତରୁ ଖୋଜିବାକୁ ଚେଷ୍ଟା କରୁଛି। ସେ ହସିହସି ଚାଲିଗଲାବେଳକୁ ମୁଁ ଖାଲି ତା'ର ଝୁଲୁଥିବା ଲମ୍ବା ବେଣୀଟିକୁ ଚାହିଁ ରହିଥିଲି।

ଖରାବେଳେ ନିର୍ଦ୍ଦିଷ୍ଟ ସମୟରେ ଆମେ ଦୁହେଁ ଆମ୍ବତୋଟାରେ ପହଞ୍ଚି ପରସ୍ପରକୁ ଭେଟିଲୁ। ସେ ହଠାତ୍ ମୋ ହାତକୁ ଚାପିଧରି ମୋ ମୁହଁକୁ ଅନାଇ ରହିଲା। ତା' ଭିତରୁ

ହସ ଉଛୁଳି ପଡୁଥାଏ। କହିଲା – 'ମୁଁ ଜାଣିଛି ତୁ ମତେ ଏଠିକି କାହିଁକି ଡାକିଛୁ ?'

ମୁଁ ପଚାରିଲି – 'କହ ତ କାହିଁକି ?'

ସେ କହିଲା– 'ନା, ସେତକ ତୋ ମୁହଁରୁ ଶୁଣିବି ବୋଲି ତ ମୁଁ ଏମିତି ଖରାବେଳଟାରେ ଏ ନିଛାଟିଆ ଜାଗାକୁ ଆସିଛି।'

ମୁଁ ତାକୁ କହିଲି– 'ତୁ ପ୍ରଥମେ ମୋ ମୁଣ୍ଡ ଛୁଇଁ କହ ମୁଁ ଯାହା କହିବି ତୁ ଆଉ କାହାକୁ କହିବୁନି। ମୋ ବୋଉ ଜାଣିଲେ ମୋତେ ପିଟିପିଟି ମାରିଦେବ।'

ସେ ମୋ ସର୍ତ୍ତରେ ରାଜି ହେଲା। କିନ୍ତୁ ମୁଣ୍ଡ ଛୁଇଁବାକୁ ମନାକଲା। ମୁଁ ସାହସ କରି କହିଲି – 'ଅନେକ ଦିନ ହେଲାଣି ତୋତେ ଏଇ କଥାଟି କହିବାକୁ ଚାହୁଁଥିଲି ହେଲେ ସାହସ ହେଉନଥିଲା। ଯାହାହେଉ ଆଜି କହିଦେଉଛି। ଆମ ଶ୍ରେଣୀର ଅଭିଷେକ, ଯିଏ ସବୁବେଳେ ତୋ ଆଡ଼କୁ ଚାହିଁ ବସିଥାଏ। ସେ ତୋତେ ଭଲପାଏ। ମୁଁ ତୋ ସାଙ୍ଗରେ ମିଶୁଛି ବୋଲି ସେ ଏଇକଥାଟି ତୋତେ ଜଣେଇ ଦେବାପାଇଁ କେତେଦିନ ହେଲାଣି ବାଧ୍ୟ କରୁଥିଲା, ହେଲେ ମୋର ସାହସ ହେଉନଥିଲା।'

ତା ମୁହଁରୁ ହସ ଲିଭିଗଲା। ସେ ହଠାତ୍ ରାଗିଯାଇ କହିଲା– 'ମୂର୍ଖ, ଏବେ ଯଦି ମୋ ପାଖରେ ବ୍ୟାଗ୍ ଥାଆନ୍ତା। ମୋ ଜ୍ୟାମିତି ବାକ୍ସରୁ ଦୁଇମୁନିଆ କମ୍ପାସ୍ କାଢ଼ି ତୋ ଆଖି ଫୁଟାଇ ଦେଇଥାନ୍ତି।' – ଏତକ କହି ସେ ଗୋଡ଼ହାତ ଛାଟି ସେଠୁ ଚାଲିଗଲା। ମୁଁ ନିର୍ବୋଧ, ତା' ରାଗର କାରଣ ବୁଝିନପାରି ଅଭିଷେକ ଉପରେ ଅଭିମାନ କରି ଚୁପଚାପ୍ ଘରକୁ ଚାଲିଆସିଲି।

ସେହିଦିନ ଠାରୁ ମାମା ଆଉ ମୋ ସହ କେବେ କଥା ହୋଇନଥିଲା। କେବଳ ମ୍ୟାଟ୍ରିକ ପରୀକ୍ଷା ସରିବା ଦିନ ମୁଁ ତା'ଠାରୁ ଆଣିଥିବା ସବୁତକ କଲମକୁ ଏକାଠି କରି ଗୋଟେ ଖବରକାଗଜରେ ଗୁଡ଼ାଇ ତା'ହାତକୁ ବଢ଼େଇଦେଲି। ସେ ପ୍ରାୟ ଛଡ଼ାଇନେବା ଭଳି ମୋ ହାତରୁ ଝାମ୍ପି ନେଲା ଓ ଭୋଭୋ କରି କାନ୍ଦି ଉଠିଲା। ଭାଗ୍ୟ ଭଲ ସେତେବେଳକୁ ତା' ପାଖରେ ଆଉ କେହି ନଥିଲେ। ସେ ତା'ର ଦୁଇ ହାତ ପାପୁଲିରେ ଲୁହ ପୋଛିପୋଛି ସେଠୁ ଚାଲିଗଲା। ମୁଁ ବି କିଛି ବୁଝି ନପାରି ସେଠୁ ଚାଲି ଆସିଲି।

ଆଜି ଏତେ ବର୍ଷ ପରେ ତା' ଫୋନ୍ ନମ୍ବରଟି ପାଇ ମୁଁ ଯେତେ ଖୁସି ହୋଇ ଯାଇଥିଲି ଶେଷ ଦୁଇଟି ନମ୍ବର ମିଳେଇଯାଇଥିବାରୁ ତା'ଠୁ ବେଶୀ ଦୁଃଖ ଅନୁଭବ କରୁଥିଲି। ଅନୁମାନ କରି ଶୂନ ଠାରୁ ନଅ ପର୍ଯ୍ୟନ୍ତ ପ୍ରତ୍ୟେକ ସଂଖ୍ୟାକୁ ବଦଳାଇ ଫୋନ୍ ଲଗେଇଲି। ସାତ ଆଠ ଥର ରଙ୍ଗ୍ ନମ୍ବର ଲାଗିଲା ପରେ ହଠାତ୍ ସେପଟରୁ ଜଣେ ଯୁବତୀର କଣ୍ଠସ୍ୱର ଶୁଣି ଅତ୍ୟନ୍ତ ନମ୍ର ଭାବରେ ପଚାରିଲି – 'ହ୍ୟାଲୋ, ତମେ ମାମା କହୁଚ ?'



ସେ କିଛି ସମୟ ନୀରବ ରହି ଉତ୍ତର ଦେଲା– 'ହଁ , ମୁଁ ମାମା। କେମିତି ଅଛ ଜିଲୁ ?'

ଜିଲୁ– 'ଭଲ ଅଛି, ତମେ କ'ଣ ଏବେବି ମୋ ଉପରେ ରାଗିଛ ?'

ମାମା– 'ନାଁ, ରାଗିଥିଲେ ତମ ସହ କଥା ହୁଅନ୍ତି କେମିତି। କିନ୍ତୁ ମୋର ଦୁଃଖଏତିକି ଯେ ତମେ ମୋ ମନକଥା ବୁଝିପାରିଲନି।'

ଜିଲୁ– 'ଏବେ କ'ଣ କରୁଛ ମାମା ?'

ମାମା– 'ଗ୍ରାଜୁଏସନ୍ ଶେଷକରି ଘରେ ଅଛି। ସିଭିଲ ସର୍ଭିସ ପାଇଁ ପ୍ରସ୍ତୁତି ଚାଲିଛି। ଆଉ ତୁମେ ?'

ଜିଲୁ– 'ଏମ୍. ଏ. ପଢୁଛି, ରେଭେନ୍ସାରେ।'

ମାମା– 'ରେଭେନ୍ସାରେ ! ମୋ ବାପା ତ ରେଭନ୍ସାରେ ଅଧ୍ୟାପନା କରୁଛନ୍ତି। ଆମ ଘର ସେଇ କଲେଜ ଛକ ପାଖରେ। ଆଚ୍ଛା, ତୁମେ କ'ଣ ହଷ୍ଟେଲରେ ରହୁଚ ?'

ଜିଲୁ– 'ହଁ।'

ମାମା– 'ମୁଁ ଛୁଟିରେ ମାମୁ ଘରକୁ ଆସିଥିଲି, ଆଜି ସଂଧ୍ୟାରେ କଟକ ଚାଲିଯିବି ତୁମେ କଟକ ଗଲେ ମୋତେ ଫୋନ୍ କରିବ, ସେଇଠି ଦେଖାହେବ।

ଜୁଲାଇ ମାସ ବେଳକୁ କଲେଜ ଖୋଲିଲା। ଜିଲୁ କଲେଜ କ୍ୟାମ୍ପସକୁ ଫେରିଆସିଥିଲା। ମାମା ମଧ୍ୟ କଟକ ଆସିଯାଇଥିଲା। ଛାତ ଉପରେ ଠିଆହୋଇ ମାମା ଫୋନ୍ କଲା ଜିଲୁକୁ। ଦୀର୍ଘ ସମୟ ଧରି ଦୁହେଁ କଥାହେଲେ। ଥରେ ନୁହେଁ ଏମିତି ଅନେକ ଦିନଯାଏଁ କଥାହେଲେ। ଦିନେ ସଂଧ୍ୟାବେଳେ ରେଭେନ୍ସା ବିଶ୍ୱବିଦ୍ୟାଳୟ ସାମ୍ନାରେ ଥିବା ଲନ୍‌ରେ ଦୁହେଁ ବସି କଥା ହେଉଥିଲେ।

ମାମା କହୁଥିଲା – 'ଜାଣିଛ ଜିଲୁ, ଆଜି ଲାଇବ୍ରେରୀରେ ମୋର ଜଣେ ସାଙ୍ଗର ଭାଇ ମୋତେ ପ୍ରପୋଜ୍ କରିଥିଲେ। ମୁଁ କିନ୍ତୁ ସିଧାସଳଖ କହିଦେଲି ମୋର ଜଣେ ବୟଫ୍ରେଣ୍ଡ୍ ଅଛି ବୋଲି।'

– 'ତମର ବୟଫ୍ରେଣ୍ଡ୍ ଅଛି ! କାଇଁ ମତେ ତ ଏ ବିଷୟରେ କିଛି କହିନ ?'

ଆଜି କିନ୍ତୁ ମାମା ରାଗିଲାନି, ତା' ଗାଲରେ ହାତମାରି କହିଲା– 'ଜିଲୁ ! ତମେ ସତରେ ମୋ ଭଲପାଇବାକୁ ବୁଝି ପାରୁନ, ନା ବୁଝି ନବୁଝିବାର ବାହାନା କରୁଛ ?'

ଅତୀତର ଲିଭି ଆସୁଥିବା ସ୍ମୃତି ଭିତରୁ ଜିଲୁ ଦଶମ ଶ୍ରେଣୀର ସେଇ ଘଟଣାକୁ ମନେପକାଇ ନିଜ ନିର୍ବୋଧତା ସଂପର୍କରେ ସଚେତନ ହେଲା। ଏବେ ସେ ବୁଝି ପାରିଲା ସେଦିନ ମାମା କାହିଁକି କମ୍ପାସ୍‌ରେ ତା' ଆଖି ଫୁଟାଇଦେବାକୁ କହିଥିଲା। ସେ ଏମ୍. ଏ. ପଢ଼ିଲାଣି। ଏବେ ବି କ'ଣ ସେ ଏତେ ନିର୍ବୋଧ ! ତାକୁ ଭାରି ଲାଜ

ଲାଗିଲା। ସେ ଗୋଟେ ମନଖୋଲା ହସ ହସି ମାମାକୁ ଛାତିରେ ଜାବୁଡ଼ି ଧରିଲା ଓ କହିଲା ମୁଁ ବି ତୁମକୁ ବହୁତ ଭଲପାଏ; ହେଲେ ସେତକ କହିବାର ସାହସ ମୋର ନଥିଲା।

ଜିଲୁ ହାତକୁ ନୂଆ ବାଇକଟିଏ ଆସିଯାଇଥିଲା। ଏବେ ସେମାନେ ମୁକ୍ତ ଆକାଶର ବିହଙ୍ଗ ପରି ସହରର ସବୁ ମନ୍ଦିର, ପାର୍କ ଆଦି ବୁଲିବାରେ ଲାଗିପଡ଼ିଲେ। ପରସ୍ପରକୁ ଏତେ ଭଲ ପାଉଥିଲେ ଯେ ଗୋଟିଏ ମୂହୁର୍ତ୍ତ ଦୂରେଇ ରହିବା ସମ୍ଭବ ନଥିଲା।

ଜିଲୁର ପରୀକ୍ଷା ସରିଯାଇଥିଲା। ଫଳ ବାହାରିବାବେଳକୁ ଜିଲୁ ଫେଲ୍ ହୋଇଯାଇଥିଲା। ଆଶ୍ଚର୍ଯ୍ୟ, ସେ ତ ସବୁ ପ୍ରଶ୍ନର ଉତ୍ତର ଦେଇଥିଲା। ହେଲେ ସେ ଫେଲ୍ ହେଲା କେମିତି! ଜିଲୁ ତା'ର ଖାତା ଦେଖିବାରେ ତ୍ରୁଟି ହୋଇଛି ବୋଲି ଅଭିଯୋଗ କରିବାକୁ ଯାଇଥିଲା ବିଭାଗ ମୁଖ୍ୟଙ୍କ ପାଖକୁ। ଚେୟାର୍‌ରେ ବସିଥିଲେ ବିଭାଗ ମୁଖ୍ୟ। ଜିଲୁ ତା' ଅଭିଯୋଗ ଉପସ୍ଥାପନ କଲା। ହେଲେ ବିଭାଗ ମୁଖ୍ୟ ଏ ଅଭିଯୋଗକୁ ଭିତ୍ତିହୀନ ବୋଲି କହି, ଚାମ୍ବର୍ ତାଲା ପକାଇ ବାହାରକୁ ବାହାରି ଆସିଲେ। ନିଜ କାର୍ ବାହାର କରି ସେ ଚାଲି ଯାଉଥିବାବେଳେ ଜିଲୁ ଦେଖିଲା – 'ଗାଡ଼ିର ପଛ ସିଟ୍‌ରେ ବସିଥିଲେ ଜଣେ ସ୍ତ୍ରୀ ଲୋକ ଓ ତାଙ୍କ ପାଖକୁ ଲାଗି ବସିଥିଲା ମାମା।' କାର୍ ଚାଳକ ଥିଲେ ନିଜେ ଅଜୟ ମହାପାତ୍ର, ବିଭାଗ ମୁଖ୍ୟ। ଧୂଆଁ ଛାଡ଼ି ଗାଡ଼ିଟି ଖୁବ୍ ଜୋର୍‌ରେ ଗେଟ୍ ବାହାରକୁ ଚାଲିଗଲା।



# ଆତ୍ମହତ୍ୟା

ସେଦିନ ହଠାତ୍ ଦେଖାହେଇଗଲା ସୁନନ୍ଦା ସହ, କଲେଜ୍ କରିଡରରେ। ଏଇ କଲେଜରେ ଆମେ ପଢୁଥିଲୁ ପାଞ୍ଚବର୍ଷ ପୂର୍ବେ। ଏବେ ଦୁହେଁ ଆସିଛୁ ଆସିଷ୍ଟାଣ୍ଟ ପ୍ରଫେସର୍ ପଦବୀରେ ଗୋଟିଏ ମାତ୍ର ପୋଷ୍ଟରେ ନିଯୁକ୍ତି ପାଇଁ ଇଣ୍ଟରଭ୍ୟୁ ଦେବାକୁ। ଆଜିକାଲିର ନିଯୁକ୍ତି ସମସ୍ୟା ସମ୍ପର୍କରେ ତ ଆପଣ ଜାଣନ୍ତି। ଆମସହ ଆହୁରି ଅନେକ ପ୍ରାର୍ଥୀ ଛିଡ଼ା ହୋଇଥାନ୍ତି। ସୁନନ୍ଦାକୁ ମୁଁ ଅନେକ ଦିନ ହେଲା ଦେଖିନଥିଲି। ହଠାତ୍ ଦେଖାହେଇଯିବାରୁ ସେ ତା'ର ଚିରାଚରିତ ଢଙ୍ଗରେ ବେଶ୍ ମନଖୋଲା ହସ ହସି ମତେ ଆଲିଙ୍ଗନ କଲା। ଏତେ ପିଲାଙ୍କ ଉପସ୍ଥିତ ଯୋଗୁଁ ମୁଁ ନିଜକୁ ଭାରି ସଙ୍କୁଚିତ ଅନୁଭବ କରୁଥିଲେ ମଧ୍ୟ ଓଠରେ ସ୍ମିତହସ ଫୁଟାଇ ଅଭିବାଦନ ଜଣାଇଲି। ପରସ୍ପରର ଜୀବନ ସମ୍ପର୍କିତ କଥୋପକଥନ ପରେ ଆମେ ବସିଲୁ ସେଇଠି, ଯୋଉଠି ଆମେ ପ୍ରତିଦିନ ବସୁ କ୍ଲାସ୍ ସରିଯିବା ପରେ। ଏତିକି ଦିନର ବିରତିରେ ସେ ଟିକେ ମୋଟା ହେଇଯାଇଥିଲା। ତାକୁ ଦେଖିବାମାତ୍ରେ ମୋର ପୁରୁଣା ସ୍ମୃତି ସବୁ ଧୀରେଧୀରେ ମନେ ପଡ଼ିଯାଉଥିଲା। କିନ୍ତୁ ତା'ର ସ୍ୱଭାବ ଥିଲା ଅପରିବର୍ତ୍ତିତ। ଆମେ ଏଇ ଲନ୍‌ରେ ବସି କେତେ ମଜା କରୁଥିଲୁ, କେତେ ପିଲାଙ୍କର ଜନ୍ମଦିନ ପାଳନ କରୁଥିଲୁ, କେତେ

ହୋଲି, କେତେ ସ୍ୱାଗତ ଓ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ପାଳନ କରିଛୁ ଏଇଠି। ଅଥଚ ଏବେ କଲେଜ ଆମର ନୁହଁ କି ଆମେ ବି କଲେଜର କେହି ନୁହଁ।

ସୁନନ୍ଦା କହିଲା– 'ତମର ମନେଅଛି, କଲେଜ ଇଲେକସନ୍ ବେଳେ ଆମେ କେମିତି କଲେଜସାରା ଘୁରି ବୁଲୁଥିଲେ।' ଯଦିଓ ମୋର ଆଂଶିକ ମନେପଡୁଥିଲା ତଥାପି ଅନେକ କଥା ମୁଁ ଭୁଲି ଯାଇଥିଲି। ଚେଷ୍ଟା କରୁଥିଲି ସବୁକଥା ମନେ ପକେଇବାକୁ। ସୂର୍ଯ୍ୟଙ୍କ ଆଗମନରେ ଘନକୁହୁଡ଼ି ଦୂର ହୋଇ ଧୀରେଧୀରେ ଚତୁର୍ଦ୍ଦିଗ ଦୃଶ୍ୟମାନ ହେଲାଭଳି ମୋ ଆଗରେ ଭାସିବୁଲୁଥିବା ଅସ୍ପଷ୍ଟ ଛବିସବୁ ଆସ୍ତେଆସ୍ତେ ସ୍ପଷ୍ଟ ଦେଖାଗଲେ। ମୁଁ ତା'ଭିତରୁ ଜଣଙ୍କୁ ଚିହ୍ନିପାରି ହଠାତ୍ ସୁନନ୍ଦାକୁ ପଚାରିଲି– 'ଆରେ! ଫେବିକଲ୍‌ରେ ଯୋଡ଼ି ହେଲାଭଳି ତୋ ସହ ସବୁବେଳେ ଯେଉଁ ଝିଅଟା ବୁଲେ, କ'ଣ ଟି ତା'ନାଆଁ?  ହଁ, ଋତୁପର୍ଣ୍ଣା। ତା'ବିଷୟରେ କିଛି ଖବର ରଖିଛୁ?'

ସେ ହସିଲା ଆଉ କହିଲା – 'ହଁ, କିନ୍ତୁ କାହିଁକି?'

ନା, ହଠାତ୍ ତା' କଥା ମନେପଡ଼ିଗଲା। ଗୋଟେ ଜରୁରୀ କାମପାଇଁ ମୁଁ ତାକୁ ବହୁତ ଖୋଜିଛି, ହେଲେ ପାଇଲିନି। ସେ କ'ଣ ଏବେ ବି ତୋର ଭେଟ ହୁଏ?

ଟିକିଏ ବିଷର୍ଣ୍ଣ ହୋଇ ସେ କହିଲା– 'ତୋର ତ ମନେଥିବ କଲେଜ ସରିବା ଦିନ କ'ଣ ସବୁ ଘଟିଗଲା ଋତୁପର୍ଣ୍ଣା ସହ। ସୌମେନ୍ଦ୍ର ଏମିତି ବ୍ୟବହାର କରିବ ବୋଲି ଆମେ କେହି ବି ଆଶା କରିନଥିଲୁ। ଆଚ୍ଛା ସୌମେନ୍ଦ୍ର ଏବେ କ'ଣ କରୁଛି?'

ତା'କଥା ପଚାରନା ସୁନନ୍ଦା। ମୁଁ ଭାବପ୍ରବଣ ହୋଇପଡୁଛି। ତୁ ତ ଜାଣୁ ସୌମେନ୍ଦ୍ର ସହ ମୋର ସମ୍ପର୍କ କେତେ ନିବିଡ଼। କଲେଜରେ ମୋର ସବୁ ସାଙ୍ଗମାନଙ୍କ ଭିତରୁ ମୁଁ ତାକୁ କେତେ ଭଲପାଏ? କେତେ ନିଜର ଲାଗେ ସିଏ ମତେ? ଅଥଚ ସେଦିନର ସେଇ ଘଟଣା ଏମିତି ଭୟଙ୍କର ପରିଣତିରେ ଶେଷହେବ ଏକଥା ମୁଁ କେବେ କଳ୍ପନା ହିଁ କରିନଥିଲି। ଯୋଉକଥା ଆଜିଯାଏଁ କାହା ଆଗରେ କହିପାରିନି; ସେକଥା ଆଜି ତୋ ଆଗରେ କହୁଚି। କଥାଟା ପ୍ରକାଶିତ ହୋଇନପାରି ଛାତି ଭିତରେ ଭାରି ଯନ୍ତ୍ରଣା ସୃଷ୍ଟି କରୁଛି। ଆଉ କାହାକୁ ତ କହିହେବନି। ତୋ ଆଗରେ କହିଦେଲେ ଅନ୍ତତଃ ମୁଁ ଟିକେ ଶାନ୍ତିରେ ବଞ୍ଚିପାରିବି। ମୋର ଠିକ୍ ମନେଅଛି ସେଦିନ କଲେଜ ପରେ ଆମେ ଦୁହେଁ ସାଙ୍ଗହୋଇ ଘରକୁ ଗଲୁ। ମୁଁ ନିଜେ ତାକୁ ତାଙ୍କ ଘର ପାଖରେ ଛାଡ଼ିକି ଆସିଲି। ସେଦିନର ସେଇ ଘଟଣା ପରେ ସେ ପୁରା ସ୍ତବ୍ଧ ହୋଇଯାଇଥିଲା। ସେ ଅପମାନକୁ ସହିଯିବାର ସାମର୍ଥ୍ୟ ତା'ଭିତରେ ନଥିଲା। ଏତେ ପିଲାଙ୍କ ଆଗରେ ଗୋଟେ ଝିଅ ଦ୍ୱାରା ଅପମାନିତ ହେବା ତାକୁ ବହୁତ କଷ୍ଟ ଦେଇଥିଲା। ସେ ଏକଦମ୍ ଭାଙ୍ଗି ପଡ଼ିଥିଲା।

ସୌମେନ୍ଦ୍ର ଋତୁପର୍ଣ୍ଣା ସହ ଥଟ୍ଟାମଜା କରେ, ତାକୁ ଚିଡ଼ାଏ –ଏକଥା ତ ଆମେ ସମସ୍ତେ ଜାଣିଥିଲୁ। ହେଲେ ଋତୁପର୍ଣ୍ଣା ପ୍ରତି ତା'ମନରେ କେବେ ବି ଖରାପ ଭାବନା ନଥିଲା। ଏକଥା କେହି ଜାଣନ୍ତୁ କି ନ ଜାଣନ୍ତୁ; ମୁଁ କିନ୍ତୁ ଜାଣିଥିଲି। କିନ୍ତୁ ତା'ପରଦିନ ସକାଳୁ ମୋର ଜଣେ ପଡ଼ୋଶୀ ଆସି ଖବର ଦେଲେ ସୌମେନ୍ଦ୍ର ଆତ୍ମହତ୍ୟା କରିଦେଇଛି। ତା' ପଢ଼ାଘରୁ ତାକୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ସୌମେନ୍ଦ୍ର ଭଳି ପିଲା କ'ଣ କେବେ ଆତ୍ମହତ୍ୟା କରିପାରେ?

ସୁନନ୍ଦା ମୁହଁରେ ବିସ୍ମୟର ସଙ୍କେତ, 'ତା' ମାନେ ସୌମେନ୍ଦ୍ର...' ଏତିକି କହି ସେ କଣ୍ଠରୁଦ୍ଧ ହୋଇପଡ଼ିଲା।

ହଁ, ସେଇଦିନ ରାତିରେ ହିଁ ସେ ଫ୍ୟାନ୍‌ରେ ଝୁଲି ପଡ଼ିଥିଲା। କଲେଜ୍‌ର ସବୁପିଲା ଏମିତିକି ତୁ ବି ଭାବୁଥିବୁ ଯେ ସେ ତା' କର୍ମର ଉଚିତ ଫଳ ଭୋଗ କରିଛି। ଋତୁପର୍ଣ୍ଣା ପ୍ରତି ସେ ଯେଉଁ ଅନ୍ୟାୟ କରିବାର ଉଦ୍ୟମ କରିଥିଲା ଇଏ ତା'ର ଉଚିତ ଦଣ୍ଡ। ହେଲେ ସେଦିନର ସେ ଘଟଣା ମନେପଡ଼ିଗଲେ ମତେ ଲାଗେ ଯେମିତି ମୁଁ ହିଁ ଏସବୁ ଅଘଟଣର ମୂଳ। ମୁଁ ହିଁ ସବୁଠାରୁ ଅଧିକ ଦୋଷୀ।

କେହି ନଜାଣିଥିବା ଗୋଟେ ଘଟଣା ମୁଁ ଆଜି ତୋ ଆଗରେ ସ୍ୱୀକାର କରୁଛି। ସେଦିନ ସମସ୍ତେ ଜାଣିଲେ ଯେ ସୌମେନ୍ଦ୍ର ବାଥ୍‌ରୁମ୍ ଭିତରେ ଋତୁପର୍ଣ୍ଣାକୁ ବଳାତ୍କାର କରିବାର ଉଦ୍ୟମ କରୁଥିଲା। ଋତୁପର୍ଣ୍ଣା ତାକୁ ଚପଲରେ ପିଟିପିଟି ସମସ୍ତଙ୍କ ସାମ୍ନାକୁ ଆଣି ତା'ର ଅସଲ ଚେହେରା ପଦାରେ ପକାଇଦେଲା; କିନ୍ତୁ ସତ କଥାଟା କ'ଣ ତୁ ଜାଣୁ?

ମୋର ଏବେ ବି ଗୋଟିଗୋଟି କରି ମନେଅଛି। ସେଦିନ କ୍ଲାସ୍ ସାରି ଆମେ ଦୁଇଜଣ ତଳକୁ ଆସିଲୁ। ବାଥ୍‌ରୁମ୍ ଆଡ଼କୁ ଗଲୁ। ଜେଣ୍ଟସ୍ ବାଥ୍‌ରୁମ୍ ତ ସବୁବେଳେ ଭିଡ଼। କ୍ଲାସ୍ ଚାଲିଥିବା ବେଳେ ମଧ୍ୟ ପିଲା ବାଥ୍‌ରୁମ୍ ପାଖରେ ଛିଡ଼ା ହୋଇ ଅପେକ୍ଷା କରିଥାନ୍ତି। ସୌମେନ୍ଦ୍ରକୁ ବହୁତ ଜୋରରେ ପରିସ୍ରା ଲାଗୁଥାଏ। ସେ ଯାଇ ବାଥ୍‌ରୁମ୍‌ର କବାଟ ବାଡ଼େଇଲା। ଭିତରୁ ଶୁଭିଲା – 'ଟିକେ ଅପେକ୍ଷା କର, ମୋର ସାମାନ୍ୟ ଡେରି ହେବ।' ଏତିକିବେଳେ ମୁଁ ହିଁ ସୌମେନ୍ଦ୍ରକୁ କହିଥିଲି– 'ଲେଡିଜ୍ ବାଥ୍‌ରୁମ୍ ଖାଲି ଅଛି, ଚାଲ୍ ଜଲ୍‌ଦି ପରିସ୍ରା କରି ଚାଲି ଆସିବୁ। ଶୀଘ୍ର ଯିବାକୁ ପଡ଼ିବ, ମୋର କିଛି ବହି କିଣିବାର ଅଛି।' ସେ ମୋ କଥାକୁ ଅମାନ୍ୟ ନକରି ଲେଡିଜ୍ ବାଥ୍‌ରୁମ୍ ଆଡ଼କୁ ଚାଲିଲା, ମୁଁ ବି ତା' ପଛେପଛେ ଚାଲିଥାଏ।

ସେତେବେଳକୁ ଆମେ କେହି ବି ଜାଣିନଥାଉ ଯେ ସେଇ ବାଥ୍‌ରୁମ୍ ଭିତରେ ଋତୁପର୍ଣ୍ଣା ଥିବ ବୋଲି। ଦୁର୍ଭାଗ୍ୟକୁ ସେ ଡୋର୍ ଲକ୍ କରିବାକୁ ଭୁଲି ଯାଇଥାଏ। ସୌମେନ୍ଦ୍ର ହଠାତ୍ ଡୋର୍‌ଟିକୁ ଠେଲିଦେଲା। ତା'ଭିତରୁ ତ୍ରସ୍ତ ଅବସ୍ଥାରେ ନିଜ ପୋଷାକକୁ

ଯାକି ଧରି ଚିତ୍କାର କଲା ଋତୁପର୍ଣ୍ଣା। ସାଙ୍ଗେସାଙ୍ଗେ ଦଉଡ଼ି ଆସିଲେ ପିଲାମାନେ। ମୁଁ କିଛି କହିବା ପୂର୍ବରୁ ଋତୁପର୍ଣ୍ଣା ଚତ୍କାର କରିବା ଆରମ୍ଭ କରିଦେଇଥିଲା। ଏତେ ସଂଖ୍ୟାରେ ଲୋକ ରୁଣ୍ଡ ହେଲେ ଯେ କେହି କିଛି ଶୁଣିବା ପୂର୍ବରୁ ସେହି ଭିଡ଼ ମଝିରେ ଛିଡ଼ା ହୋଇଥିବା ସୌମେନ୍ଦ୍ରର ଗାଲକୁ ଋତୁପର୍ଣ୍ଣା ନିଜ ଚପଲରେ ପିଟିବା ଆରମ୍ଭ କରିଦେଇଥିଲା। ମୁଁ ଋତୁପର୍ଣ୍ଣା ଠାରୁ ଚପଲ ଛଡ଼େଇ ଫିଙ୍ଗିଦେଲି। ରାଗ ଓ ଘୃଣାରେ ସୌମେନ୍ଦ୍ରକୁ ଧରି ସେଠାରୁ ଚାଲିଆସିଲି। ମୁଁ ଭାବିଥିଲି ସେ ସ୍ଥାନ ତ୍ୟାଗକରି ଘରକୁ ଚାଲିଗଲେ ଅନ୍ତତଃ ସେ ଏସବୁ ଘଟଣାକୁ ଭୁଲିଯିବ। ହେଲେ ତା'ର ମୃତ୍ୟୁ ଖବର ଜାଣିବା ପରେ ମୁଁ ଯେତେ ଚେଷ୍ଟା କରି ବି ନିଜକୁ କ୍ଷମା କରିପାରୁନି। ସେଦିନରୁ ଋତୁପର୍ଣ୍ଣା ଉପରେ ମୋର ଏତେ ଘୃଣା ଯେ ତା'କଥା ଭାବିଲେ ମୋ ରକ୍ତ ଟକମକ ହୋଇ ଫୁଟେ, ତା' ଗଳାଚିପି ମାରିଦେବାକୁ ଇଚ୍ଛା ହୁଏ।

'ଏବେ ସେମିତି କଷ୍ଟ ଆଉ କରିବାକୁ ପଡ଼ିବନି'– କହୁଥିଲା ସୁନନ୍ଦା। ସୌମେନ୍ଦ୍ର ତ ଆଉ ନାହିଁ, ଅନ୍ତତଃ ଥରକରେ ମୁକ୍ତି ପାଇଗଲା। ଋତୁପର୍ଣ୍ଣା କିନ୍ତୁ ମରିପାରୁନି କି ବଞ୍ଚି ବି ପାରୁନି। ସେଦିନର ଘଟଣା କଥା ଆମେ ସମସ୍ତେ ଭୁଲିଯାଇଥିଲୁ। କିନ୍ତୁ ତା'ର ଆଠଦିନ ପରେ ମୁଁ ଋତୁପର୍ଣ୍ଣା ଘରକୁ ଯାଇଥିଲି କିଛି ବହି ଆଣିବାକୁ। ହେଲେ ତାଙ୍କ ଘରେ ତାଲା ପଡ଼ିଥିଲା। ପଡ଼ୋଶୀ ଘରେ ପଚାରି ଜାଣିଲି ତାଙ୍କ ପରିବାର ଲୋକେ ପାଞ୍ଚଦିନ ହେବ ବଡ଼ ମେଡ଼ିକାଲରେ ଅଛନ୍ତି। ଋତୁପର୍ଣ୍ଣା ବିଷ ଖାଇଦେଇଛି। ମୁଁ ଆଶ୍ଚର୍ଯ୍ୟ ହେଲି। ସତ କି ମିଛ ଜାଣିବା ପାଇଁ ବଡ଼ ମେଡ଼ିକାଲ ଗଲି। କିନ୍ତୁ ସେତେବେଳକୁ ଡାକ୍ତର ଆଶା ଛାଡ଼ିଦେଇଥିଲେ। ମରି ଯାଇଥାନ୍ତା ହେଲେ ବିଚାରୀ। ହେଲେ ନା, କୋମାରେ ଅଛି ଆଜିଯାଏଁ। ହେଲେ ସେ ବିଷ ପିଇଲା କାହିଁକି ଏ କଥା ନେଇ ମୁଁ ଆଜିଯାଏଁ ସଂଶୟରେ ଥିଲି। ଆଜି ତୁମଠାରୁ ସବୁ ଘଟଣା ଶୁଣିବା ପରେ ମୁଁ ଏବେ ଗୋଟେ ସିଦ୍ଧାନ୍ତରେ ପହଞ୍ଚି ପାରୁଛି। ହୁଏତ ସେଦିନ ସୌମେନ୍ଦ୍ରକୁ ଅପମାନିତ କରିବା ପରେ ମଧ୍ୟ ଋତୁପର୍ଣ୍ଣା ମନରୁ ସେ ରାଗର ନିଆଁ ଲିଭିନଥିବ। ଏତିକିବେଳେ ଯଦି ସେ ସୌମେନ୍ଦ୍ରର ଆତ୍ମହତ୍ୟା ଖବର ଶୁଣିଥିବ ତେବେ ଏକଥା ଜାଣିବା ପରେ ସେ ନିଶ୍ଚୟ ମନେ ପକେଇ ପାରିଥିବ ଯେ, ବାଥ୍‌ରୁମ୍‌କୁ ଗଲାବେଳେ ସେ କବାଟ ଲକ୍ କରିବାକୁ ଭୁଲି ଯାଇଥିଲା, ଏଣୁ ଏଥିରେ ସୌମେନ୍ଦ୍ରର କିଛି ଦୋଷ ନଥିଲା। ବିନା ଦୋଷରେ କେବଳ ତା'ରି ପାଇଁ ସୌମେନ୍ଦ୍ର ନିଜ ଜୀବନ ହରାଇଲା। ଏକଥା ଚିନ୍ତା କରିବା ପରେ, ସେ ଭାଙ୍ଗି ପଡ଼ିଥିବ। ସେଇଠୁ ହିଁ ଆତ୍ମହତ୍ୟା କରିବା କଥା ତା' ମନରେ ସୃଷ୍ଟି ହୋଇଥିବ। ସେ ତ ମରିବାକୁ ଚାହିଁଥିବ ହେଲେ ସେ କ'ଣ ଅନୁମାନ କରିଥିବ ତା'ଜୀବନଟା ଏମିତି ନର୍କ ହୋଇଯିବ ବୋଲି ?



ଆମେ ଦୁହେଁ ଏଇ କଥାବାର୍ତ୍ତା ଭିତରେ ଲୁହ ଜଡ଼ସଡ଼ ହୋଇ ସୌମେନ୍ଦ୍ର ଓ ଋତୁପର୍ଣ୍ଣାଙ୍କ ଜୀବନର କରୁଣ ବିପର୍ଯ୍ୟୟ ଏବଂ ସେମାନଙ୍କ ପରିବାରର ଅବସ୍ଥା ସମ୍ପର୍କରେ ଭାବି ଯନ୍ତ୍ରଣାସିକ୍ତ ହୋଇପଡ଼ିଥିଲୁ। ଏତେବେଳକୁ ଆମର ଇଣ୍ଟରଭ୍ୟୁ ପାଇଁ ସମୟ ହୋଇଯାଇଥିଲା। ଆମେ ଦୁହେଁ ଜଣକ ପରେ ଜଣେ ଭିତରକୁ ଗଲୁ। ପ୍ରଶ୍ନକର୍ତ୍ତା ପ୍ରଶ୍ନ ପଚାରିବା ଆରମ୍ଭ କରିସାରିଥିଲେ। କିନ୍ତୁ ମୋ କଣ୍ଠ ବାଷ୍ପରୁଦ୍ଧ ହୋଇ ଆସୁଥିଲା। ଆଖିରେ ଲୁହର ଢେଉ ଖେଳୁଥିଲା। ମୁଁ ଆଉ ବେଶୀ ସମୟ ସେଠି ଛିଡ଼ାହେବା ଅବସ୍ଥାରେ ନଥିଲି। ଲୁହ ପୋଛିପୋଛି ବାହାରକୁ ଚାଲି ଆସିଲି।

# ଅପ୍ରତ୍ୟାଶିତ

ସନ୍ଧ୍ୟା ହେବାକୁ ଆଉ ଅଳ୍ପ ସମୟ ବାକି। ଛାଇ ଲମ୍ବିଯାଉଛି ପଚାଶ ହାତ ଦୂର ଯାଏଁ। ପୂର୍ବ ଦିଗକୁ ମୁହଁ କରି ସାଇକେଲ୍ ଚଳାଉଥାଏ ଜିଲୁ। ସେ ଏକା ନୁହେଁ, ଆଉ ଚାରି ପାଞ୍ଚଜଣ ପୁଅଝିଅ ତା' ସହ ସଂପୁର୍ଣ୍ଣ ରାସ୍ତାକୁ ଅଧିକାର କରି ସାଇକେଲ୍ ଚଳାଉଥାନ୍ତି। 'କଲେଜରେ ପଢୁଥିବା ସବୁଠୁ ସୁନ୍ଦରୀ ଝିଅ ଲିଲିକୁ ପ୍ରପୋଜ୍ କରି ଅଂଶୁମାନ ସମସ୍ତଙ୍କ ସାମ୍ନାରେ ଆଜି ପ୍ରିନସିପାଲଙ୍କ ଠାରୁ ଗାଳି ଶୁଣିଛି।' – ଏଇଟା ଥିଲା ସେମାନଙ୍କ ଆଲୋଚନାର ବିଷୟବସ୍ତୁ। ଅଂଶୁମାନକୁ କେମିତି ଡରାଇ ଦିଆଯାଉଥିଲା ପୋଲିସରେ ଅଭିଯୋଗ କରିବାର ଭୟ ଦେଖାଇ ଏବଂ ସେ କେମିତି ଭୟାର୍ତ୍ତ ହୋଇ ଆକୁଳ ନିବେଦନ କରୁଥିଲା କ୍ଷମା ପାଇବା ଆଶାରେ – ସେଇ କଥା ସବୁ ମନେପକାଇ ଜିଲୁ ବେଶ୍ ଆମୋଦିତ ହେଉଥିଲା। ଯେଉଁମାନେ ଦୁର୍ଭାଗ୍ୟବଶତଃ ସେ ଦୃଶ୍ୟ ଦେଖିବାରୁ ବଞ୍ଚିତ ରହିଛନ୍ତି ସେମାନଙ୍କ ଆଗରେ ଅବିକଳ ଭାବେ ବର୍ଣ୍ଣନା କରି ସେମାନଙ୍କୁ ନିଜ ବର୍ଣ୍ଣନା ଚାତୁରୀରେ ଆକୃଷ୍ଟ କରିବାକୁ ଚେଷ୍ଟା କରୁଥିଲା ଜିଲୁ।

ତା' କଥା କହିବାର ଶୈଳୀ ସ୍ୱତନ୍ତ୍ର। ନିକଟ ଅତୀତରେ ଦେଖିଥିବା କୌଣସି ଚଳଚ୍ଚିତ୍ରକୁ ନିଜ ବନ୍ଧୁମାନଙ୍କ ଆଗରେ ସେ ଏପରି ବର୍ଣ୍ଣନା କରେ ଯେ ଶୁଣୁଥିବା ପିଲାମାନେ ସେ ଚଳଚ୍ଚିତ୍ରଟିକୁ ଦେଖିବା ଆବଶ୍ୟକ ହୁଏନି। ବାଟ ସରିଆସିଲା। ଗୋଟିଏ ଚାରିଛକରେ ପରସ୍ପରଠାରୁ ଅଲଗା ହୋଇ ନିଜ ନିଜ ଗୃହାଭିମୁଖେ ବିଭାଜିତ ହୋଇଗଲେ ସମସ୍ତେ। ଯେଉଁ ଗାଆଁ ରାସ୍ତା ଦେଇ ସାଇକେଲ୍ ଗଡ଼ାଇଲା ଜିଲୁ; ସେ ରାସ୍ତାଟି ଟିକେ ଅଣଓସାରିଆ। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଢଳେଇ ହୋଇ ଏବେ ଟିକେ ସୁବିଧାରେ ଯାଇ ହେଉଛି। ଆଗରୁ ଖାଲି ମୋରମ ପଥର ଓ ନାଲିଗୋଡ଼ିରେ ପରିପୂର୍ଣ୍ଣ ହୋଇଥିବା ରାସ୍ତାଟି ରକ୍ତବର୍ଣ୍ଣର ଭ୍ରମ ସୃଷ୍ଟି କରୁଥିଲା। ଗାଆଁର ଶେଷ ମୁଣ୍ଡରେ ଯେଉଁ ଦୁଇ ବଖୁରିଆ ଚାଳଘର ଅଛି, ସେଇଟା ହେଲା ଜିଲୁର ଘର। ନା, ଭୁଲ୍ କହିଲି। ଜିଲୁର ନୁହେଁ ତା' ବାପା ଦୀନା ଗୁଡ଼ିଆର ଘର। ଦୀନା ଗୁଡ଼ିଆକୁ ଆପଣ ଚିହ୍ନିଛନ୍ତି ତ ?

ଚିହ୍ନି ନାହାନ୍ତି ! ହଁ ଚିହ୍ନିଥିବେ; ହେଲେ ତା ନାଆଁଟା ଜାଣିନଥିବେ। ହଁ ବା ଜାଣିବେ କେମିତି ? ଆପଣ ତ ସାଇକେଲ୍‌ରୁ ଓହ୍ଲେଇ 'ଭାଇନା ବରା ଦୁଇଟା ଦିଅ' କହି ଗପରେ ମାତିଯିବେ, ସିଏ ବରା ତରକାରୀ ଦେଲେ ଆପଣ ଖାଇଦେଇ ଦଶଟଙ୍କା ଧରେଇ, 'ଭାଇନା, ବରା ଭଲ ହେଇଚି' କହି ଚାଲିଯିବେ। ବାସ୍ତବରେ ଦୀନା ଦୋକାନରେ ବରା ଭଲଲାଗେ। ଏଇଟା କେବଳ ମୁଁ କହୁନାହିଁ। ଏକଥା ସମସ୍ତେ ଜାଣନ୍ତି। କିନ୍ତୁ ସମସ୍ତେ ଜାଣିନଥିବା ଗୋଟେ କଥା ମୁଁ ଜାଣେ। ଆପଣ ଯୋଉ ବରା ଖାଆନ୍ତି ସେଇଟା ଦୀନା ଛାଣିଥାଏ କିନ୍ତୁ ସେଥିରେ କେତେ ବିରି ପଡ଼େ କେତେ ସୁଜି ମିଶା ହୁଏ ଆଉ କେତେ ସୋଡ଼ା ପକେଇଲେ ବରାର ସ୍ୱାଦ ଭଲହେବ ସେ ବିଷୟରେ ଦୀନାକୁ କିଛି ଜଣାନାହିଁ। କାରଣ ସେସବୁ କାମ ସେ କେବେ କରିନାହିଁ। ଏସବୁ କାମ ତା' ସ୍ତ୍ରୀ କରିଦିଏ। ସିଏ ତ ଖାଲି କଡ଼େଇରେ ପକେଇ ଛାଣେ ଓ ବିକ୍ରି କରେ। ଖାଲି ବରା ନୁହେଁ ଆପଣ ତା ଦୋକାନରେ ଯେଉଁ ମିଠେଇ, ଖଜା, ରସଗୋଲା ଦେଖନ୍ତି ଆପଣ ଭାବୁଛନ୍ତି କି ସେସବୁ ଦୋକାନରେ ତିଆରି ହୁଏ ବୋଲି ! ତାହେଲେ ଆପଣ ଭୁଲ୍ ଭାବୁଛନ୍ତି। ସେସବୁ ଦୀନା ସ୍ତ୍ରୀ ତିଆରି କରି ଦୋକାନକୁ ପଠେଇ ଦିଏ। ଏସବୁ ତିଆରି କରିବା ପରେ ବି ତା' ସ୍ତ୍ରୀ ସାରିଆକୁ ଆହୁରି ସମୟ ବଳେ। ସେତେବେଳେ ସିଏ ଘରପାଇଁ ରୋଷେଇ କରେ, ବାଡ଼ିରେ ପରିବା ଫଳାଏ, ଗୋରୁଗାଈଙ୍କୁ ଖାଇବାକୁ ଦିଏ। ଆଉ ପୁଅଝିଅଙ୍କ କଥା ବୁଝିବା ତ ତା'ର ପରମ କର୍ତ୍ତବ୍ୟ। ଏତେସବୁ କାମ ଭିତରେ ବି ସେ କେବେ ଦୀନା ଆଗରେ ନିଜର ଆଳସ୍ୟ ଦେଖାଏନି। ଦେହ ପା ଖରାପ ହେଲେ ତା' ବାପଘରକୁ ଖବର ପଠାଏ। ତା' ସାନ ଭଉଣୀ ମାଳତୀ ଆସି ତାକୁ କାମରେ ସାହାଯ୍ୟ କରେ। ରୋଷେଇ କରିଦିଏ, ଲୁଗା ସଫାକରେ ଏମିତିକି ଦୋକାନ ପାଇଁ ଯେଉଁ ସବୁ ଜିନିଷ ତିଆରି ହୁଏ, ସେସବୁ ମଧ୍ୟ ସେ ତିଆରି କରିପାରେ।

ଦେହ ଅସୁସ୍ଥ ଥିଲେ ବି ସାରିଆ ତାକୁ ଅଭିଜ୍ଞ ମିସ୍ତ୍ରୀଟିଏ ପରି ବଢେଇ ଦିଏ। ସହଯୋଗ ବି କରେ। ସାରିଆ ବେଶ୍ ପରିଶ୍ରମୀ ବୋଲି ଆଉ କହିବା ଦରକାର ନାହିଁ କିନ୍ତୁ ତା' ସ୍ୱାମୀ ଯେ କେତେ ଅଳସୁଆ, ନିର୍ବୁଦ୍ଧିଆ ସେକଥା ନକହିଲେ ଆପଣ ଅନୁମାନ କରି ଜାଣି ପାରିବେନି।

ଦୀନା ଯଦି କିଛି ନକରନ୍ତା ତାହେଲେ ବି ଘର ଚଳନ୍ତା। ସାରିଆ ଯଦି ଘରେ ରହି ସବୁ କାମ କରିପାରୁଛି, ଦୋକାନ ଯାଇ ବେପାର କରିବା ବି ତା'ପାଇଁ ବଡ଼ କଥା ନୁହେଁ। ଯଦି ସିଏ ନିଜେ ନଯାଇ ପାରିଲା ତେବେ ବି ଦୋକାନ ଚାଲନ୍ତା। ଜିଲୁକୁ ଏବେ କୋଡ଼ିଏ ବର୍ଷ ହେଲାଣି, ମଝିଆକୁ ସତର ଓ ସାନଝିଅଟାକୁ ଚଉଦ ଖଣ୍ଡେ ହବ। ଏମାନେ ଖାଲି ଟିକେ ସହଯୋଗ କଲେ ସାରିଆ ନିଜେ ସବୁକାମ ଚଳେଇ ନିଅନ୍ତା। ହେଲେ ଦୀନା କ'ଣ ଦୋକାନ ଛାଡ଼ି ଯିବ ନା ଏମାନଙ୍କୁ ଦୋକାନ କଥା ବୁଝିବାକୁ ଦେବ। ଏମାନେ ସମସ୍ତେ ରହିବେ ପରଦା ପଛରେ ଆଉ ଦୀନା ଖାଲି ମଞ୍ଚ ଉପରେ ଅଭିନୟ କରି ପ୍ରଶଂସା ଗୋଟେଇବ। ଆପଣ ତ ଟିଭିରେ ଦେଖିଥିବେ ହିରୋମାନେ ସମସ୍ତଙ୍କ ମନ ଭିତରେ ଗୋଟେ ବିରାଟ ଆସନ ମାଡ଼ିବସନ୍ତି, ହେଲେ ପ୍ରଯୋଜକ, ନିର୍ଦ୍ଦେଶକ, କ୍ୟାମେରା ମ୍ୟାନ୍, କାହାଣୀ ଲେଖକଙ୍କୁ କେହି ଚିହ୍ନନ୍ତି ନାହିଁ। ସେମିତି ଦୀନା ବିନା କାରଣରେ ହିରୋ ହେଇଯାଇଛି। ସିଏ ହିରୋ ହେଇଛି ମାନେ ତା' ସ୍ତ୍ରୀ ସାରିଆ ନିଶ୍ଚୟ ହିରୋଇନ୍ ହବା କଥା କିନ୍ତୁ ବିଡ଼ମ୍ବନାର ବିଷୟ ସିଏ ହିରୋଇନ୍ ବଦଳରେ ଚାକରାଣୀ ହେଇଯାଇଛି।

କିଏ ତିଆରି କଲା ସେକଥା କେହି ଜାଣନ୍ତି ନାହିଁ। ଯିଏ ବିକିଲା ସିଏ ନିଜର ପରିଚୟ ସୃଷ୍ଟି କଲା। ଗରାଖମାନେ ତା' ହାତକୁ ପଇସା ଦେଲେ। ବେପାର ସରିଲା ବେଳକୁ ରାତି ଦଶଟା। ଟଙ୍କା ସବୁ ଗୋଟିଗୋଟି କରି ଗଣି ଅଣ୍ଟାରେ ଖୋସେ ଦୀନା। ଏତେଗୁଡିଏ ଟଙ୍କା ହାତରେ ଧରି ଘରକୁ ଯିବାକୁ ଦୀନାକୁ ଭାରି କଷ୍ଟହୁଏ ବୋଧହୁଏ। ସେଇଥିପାଇଁ ସେଥିରୁ କିଛି ପଇସା ଦେଇ ହାଡ଼ିଆ ମଳିକ ଭାଟିରେ ବସି ମଦ ପିଏ। ମଦ କାହିଁକି ପିଏ, ସେଇ ପଇସାରେ ତ ସିଏ ତା' ସ୍ତ୍ରୀ ପାଇଁ ଚୁଡ଼ି ଦି'ପଟ, ଶାଢ଼ି ଖଣ୍ଡେ କି ପିଲାମାନଙ୍କ ପାଇଁ ବହି, ଖାତା, କଲମ କିଣି ପାରନ୍ତା। ହେଲେ ନା, ସିଏ ମଦ ପିଏ। ମଦ ପିଇବାର ଅନ୍ୟ କାରଣଟି ଏଇଆ ହେଇପାରେ, ମଦ ପିଇଲା ପରେ ସେ ନିଜର କ୍ଲାନ୍ତି ଭୁଲିଯାଏ, ତାକୁ ଭାରି ହାଲୁକା ଲାଗେ। ତା'ପରେ ବଳକା ଟଙ୍କାକୁ ଅଣ୍ଟାରେ ଗୁଞ୍ଜି ଝୁଲିଝୁଲି ଘରକୁ ଫେରେ।

ଦୁଆର ମୁହଁରେ ବସିଥାଏ ସାରିଆ। ଘର ଭିତରେ ଲଣ୍ଠନ ଜଳୁଥାଏ। ଛୁଆମାନେ ପଢୁପଢୁ ଢୋଳେଇଢୋଳେଇ ସେଇ ବହି ଉପରେ ମୁଣ୍ଡ ଥୋଇ ଶୋଇପଡ଼ନ୍ତି। ଦୀନା



ପହଞ୍ଚିବାବେଳକୁ ଭାତ ବଢ଼ା ହୋଇ ସାରିଥାଏ। ଅଧିକାଂଶ ଦିନ ସେଇ ଭାତକୁ ସାରିଆ ଖାଏ। ଦୀନା ମଦ ସାଙ୍ଗରେ ଯଦି ଅଧିକ ଚାଖଣା ଖାଇଦିଏ ତେବେ ତା'ର ଆଉ ଘରେ ଖାଇବାକୁ ଇଚ୍ଛା ହୁଏନି। ସାରିଆ ବି ବାଧ କରେନି। ସେ ଜାଣେ ଦୀନାକୁ ବାଧ କଲେ ସେ ଯୋଉ ଅଶ୍ରାବ୍ୟ ଭାଷାରେ ଶୋଧିବ, ସେ ସବୁ ଶୁଣିଲେ ସାରିଆ କ'ଣ ଭୂତ, ପ୍ରେତ ମାନେ ବି ସେ ସ୍ଥାନ ଛାଡ଼ି ଚାଲିଯିବେ। ଏମିତି ପରିସ୍ଥିତି ଆଜିକାଲିର ନୁହେଁ, କାହିଁ କେତେ ବର୍ଷ ତଳୁ ଏମିତି ହିଁ ସେମାନେ ବଞ୍ଚି ଆସୁଛନ୍ତି। ଟଙ୍କାଟିଏ ସଞ୍ଚୟ ନାହିଁ, ଟଙ୍କାଟିଏ ଋଣ ନାହିଁ କି ଟଙ୍କାଟିଏ କାହାଠୁ ପାଇବାର ବି ନାହିଁ। ଯେତିକି ରୋଜଗାର ସେତିକି ଖର୍ଚ୍ଚ। ବର୍ଷଯାକ ଚାଉଳ କିଣା। ନିଜର ତ ଜମି ଖଣ୍ଡେ ବି ନାହିଁ। କିଣିବାର ଆଶା ବି ନାହିଁ। ପୈତୃକ ସମ୍ପତ୍ତି ଥିଲେ ବି ସେଥିରୁ ଦାବି କରିବାର ମନୋବୃତ୍ତି ନାହିଁ। ଦୀନା ଚାହିଁଥିଲେ ଥାନାରେ ଅଭିଯୋଗ କରି କିମ୍ବା ଗାଆଁରେ ନିଶାପ ବସେଇ ନିଜ ଭାଗରେ ପଡୁଥିବା ଜମିତକ ଫାଡ଼ି ଆଣି ପାରିଥାନ୍ତା ହେଲେ ଦୀନାକୁ ଉପାୟ ଜଣାନାହିଁ। ଆଇନ ବାଟରେ ନଯାଇ ଭାଇମାନଙ୍କୁ ଅଶ୍ଳୀଳ ଭାଷାରେ ଶୋଧିଲେ କ'ଣ ନିଜର ପ୍ରାପ୍ୟ ପାଇହୁଏ? ଶେଷରେ ଅଭିମାନ କରି ଗୋଚର ଜମିରେ ଚାଳିଆ କରି ରହିବାରେ କି ବୀରତ୍ୱ? ଛାଡ଼ ଏକଥା ଭାବି ଲାଭ କ'ଣ? ସାରିଆ ନିଜ ମନକୁ ବୁଝାଇ ଦେଇଥିଲା। ବାପଟା ସିନା ମୂର୍ଖ, ବେତଣ୍ଡା; ହେଲେ ମୋ ଛୁଆମାନେ ତ ବେଶ୍ ବୁଝିବାର ହେଲେଣି। ଆଉ କେଇଟା ବର୍ଷ ଚଳିଗଲେ ଛୁଆମାନେ ସମାଜରେ ମଣିଷ ହୋଇ ଛିଡ଼ା ହେବେ; ତା'ପରେ ତା'ର ଛୁଟି। ତେଣିକି ସେ ପୁରୁଷୋତ୍ତମ ଯାଇ ଭିକମାଗି ଚଳିବ। ନହେଲା ଏବେ ଘରେ ପଡ଼ିପଡ଼ି ଭୋକରେ ମରିଗଲେ ବି କ୍ଷତି କ'ଣ?

ସାରିଆ ଦିନରାତି କେବଳ ସେଇ ପିଲାମାନଙ୍କ କଥା ଭାବୁଥାଏ। ପିଲାମାନେ ବି ତାକୁ ସେତିକି ଭଲପାଆନ୍ତି, ଯେତିକି ସେ ପାଏ। ଜିଲୁ କଲେଜରୁ ନଫେରିବା ଯାଏ ସାରିଆ ପାଟିକୁ ଭାତ ଯାଏନି। ଜିଲୁ ଘରେ ପହଞ୍ଚିବା ଆଗରୁ ସାଇକେଲ୍ ବେଲ୍‌କୁ କ୍ରିଂ କ୍ରିଂ କରି ବଜେଇ ଆଗୁଆ ସୂଚନା ଦେଇଦିଏ। ସାରିଆ ସାଙ୍ଗେସାଙ୍ଗେ ଭାତ ବାଢ଼ି, ଚଟଣି କରି, ଆଳୁ ଚକଟି ଥୋଇଦିଏ। ସେଦିନ ବି ଜିଲୁ ଏଇ କଥା ଭାବି ଭାବି ଘରକୁ ଫେରୁଥାଏ। ଘରେ ପହଞ୍ଚିବାବେଳକୁ ଘର ଆଗରେ ପ୍ରବଳ ଭିଡ଼। ସାପ ଖେଳ ହଉଚି କି! ଠିକ୍ ସମୟରେ ପହଞ୍ଚିଛି ମୁଁ। ପ୍ରଥମେ ଜିଲୁ ଏଇଆ ଭାବିଲା। ହେଲେ ଲୋକଙ୍କ ମୁହଁରେ ତ ସେତେ ଉତ୍ସାହ ଦିଶୁନି, ହସୁ ନାହାଁନ୍ତି କେହି। ଏମିତି କାନ୍ଦୁରା ମୁହଁ କରି ସାପଖେଳ ଦେଖିବାକୁ କିଏ ଆସେ ଯେ! ସାଇକେଲ୍ ଥୋଇ ଭିଡ଼ ଭିତରକୁ ପଶିଲା ଜିଲୁ। ଆରେ ସାଇକେଲ ଚାବି ପକେଇବାକୁ ମନେନାହିଁ ଯେ। ଚାବି ପକେଇ

ପକେଟରେ ରଖିଲା। ପୁଣି ପଶିଲା ଭିଡ଼ ଠେଲି। ମଝିରେ ଜଣେ କେହି ଶୋଇଥିବା ପରି ଦିଶୁଛି। ଧଳା ଚଦର ଘୋଡ଼େଇ ଦିଆଯାଇଛି। ଆରେ ଯାଦୁ ଖେଳ ଚାଲିଛି କି ? କାହିଁ କେହି ଯାଦୁଗର ବି ତ ଦିଶୁନାହାନ୍ତି ! ଇଏ କ'ଣ ମୋ ବାପା ସେଠି ବସି କ'ଣ କରୁଛନ୍ତି। ତାଙ୍କ ଆଖିରେ ଲୁହ। ଏଇତ ସେ ଜୀବନରେ ପ୍ରଥମ ଥର ପାଇଁ ବାପାଙ୍କୁ କାନ୍ଦିବାର ଦେଖୁଛି। ଜିଲୁ ସିଧା ଯାଇଁ ବାପାଙ୍କ ପାଖରେ ବସିପଡ଼ିଲା। କ'ଣ ହେଇଚି ବାପା, କାନ୍ଦୁଛ କାହିଁକି ?

ବାପା କିଛି କହିବା ଅବସ୍ଥାରେ ନଥିଲେ। ଜିଲୁ ନିଜେ ଯାଇ କାଢ଼ି ଦେଲା ଚଦର, ଦେଖିଲା ବୋଉର ଆତ୍ମାହୀନ ଶରୀର, ନୀରବ, ନିସ୍ତେଜ, ନିଶ୍ଚଳ। ଆଃ, ଏଡ଼େ ସୁନ୍ଦର ଦିଶିପାରେ ବୋଉ ? ଇଏ କି ରୂପ ତା'ର, ମୁହଁ ସାରା ବୋଳି ହୋଇଯାଇଥାଏ ସିନ୍ଦୂର। ବନ୍ଦ ହୋଇଯାଇଥାଏ ଆଖି। ଦେହରେ ଲୁଗା ବିପର୍ଯ୍ୟସ୍ତ। ହାତ ଗୋଡ଼ ଶିଥିଳ। ଜିଲୁର ଭାରି ଉଚ୍ଚ ସ୍ୱରରେ କାନ୍ଦିବାକୁ ଇଚ୍ଛା ହେଲା। ଯେମିତି ସମସ୍ତେ କାନ୍ଦନ୍ତି ଚଳଚ୍ଚିତ୍ରରେ। ନା, ଏଇଟା ବେଶୀ ନାଟକୀୟ ହେଇଯିବ। ତା' ଆଖିରୁ ଲୁହ ଝରିଲା ଅଥଚ ସେ ଶବ୍ଦ ସୃଷ୍ଟି କରି କାନ୍ଦି ପାରିଲାନି। ସେ ଏବେ ନିଜ ଭିତରେ ଦୃଢ଼ ହେଉଥିଲା। ତା' ସାନ ଭାଇ ଭଉଣୀଙ୍କ ଦାୟିତ୍ୱ ଏବେ ସେ ବୁଝିବ। ସେ ଏବେ ବୋଉର ଭୂମିକାରେ ଅବତୀର୍ଣ୍ଣ ହେବ। ହେଲେ ସେ ବୁଝିପାରୁ ନଥିଲା ବୋଉ ଏମିତି ହଠାତ୍ ମରିଗଲା କାହିଁକି ? କାହାକୁ ପଚାରିବ ସେ, ବାପାଙ୍କୁ। ସେ ଯେ ଏତେ ଅଧୀର ହୋଇ କାନ୍ଦିକାନ୍ଦି ଗଡ଼ିଯାଉଛନ୍ତି। କାହାକୁ ପଚାରିବ, ପଡ଼ୋଶୀଙ୍କୁ ? ସେ କ'ଣ କହିପାରିବେ ତା' ବୋଉ କାହିଁକି ଏମିତି ଅକାଳରେ ମରିଗଲା ? ସେ ତ କହିବେ ନିଶ୍ଚୟ, ହେଲେ ସେ ଯାହା କହିବେ ସେଇଟା ସତ ବୋଲି କେମିତି ବିଶ୍ୱାସ କରିବ ଜିଲୁ ? ତା' ବୋଉ ତ ରାସ୍ତା ଉପରେ ପଡ଼ିକି ମରିନଥିବ, ସେ ମରିଥିବ ଘର ଭିତରେ। ଆଉ ତାଙ୍କ ଘରଭିତରେ ତା'ବୋଉ କେମିତି ମଲା, ସେକଥା ପଡ଼ୋଶୀ ଜାଣିବେ କେମିତି ?

କାହାକୁ ପଚାରିବ ବୋଲି ଭାବିଭାବି କାହାକୁ ବି ପଚାରି ପାରିଲାନି ସେ। ଲୋକେ ତ ଅନେକ କଥା କହୁଥିଲେ। କିଏ କହୁଥିଲା ବିଷ ଖାଇଦେଇଛି ତ କିଏ କହୁଥିଲା ଦଉଡ଼ି ଲଗେଇଥିଲା, ଆଉ କିଏ କହିଲାଣି ହାର୍ଟ ରୋଗଥିଲା, ନିଃଶ୍ୱାସ ବନ୍ଦ ହେଇଗଲା। ଏସବୁ ଭିତରୁ ସତ କଥାଟା ଖୋଜିବା ଭାରି କଷ୍ଟ। ଜିଲୁକୁ ଯଦି ହଜାରେ ବର୍ଷ ତଳର ପ୍ରାଚୀନ ଦୁର୍ଗ ଭିତରୁ ମିଳିଥିବା ଶିଳାଲେଖର ଅକ୍ଷର ପଢ଼ିବାକୁ କୁହାଯାଇଥାନ୍ତା, ସେ ହୁଏତ ଚେଷ୍ଟାକରି ଗୋଟିଏ ଦୁଇଟି ଅକ୍ଷର ପଢ଼ିପାରିଥାନ୍ତା। ହେଲେ ବୋଉ କାହିଁକି ମଲା ଯା'ର ଲକ୍ଷେ କାରଣ ଭିତରୁ ଗୋଟିଏ ନିର୍ଦ୍ଦିଷ୍ଟ କାରଣ ଖୋଜି ପାଉନଥିଲା ସେ। ବୋଉ ଜଳିଗଲା ତା' ମରିବାର ସମସ୍ତ କାରଣର ପ୍ରମାଣକୁ ନଷ୍ଟ କରି। ବାପାଙ୍କୁ ପଚାରି



ପଚାରି ଥକିଗଲା ଜିଲୁ। ଗୋଟିଏ ଉତ୍ତର– 'ମୁଁ ସେ ବିଷୟରେ କିଛି ଜାଣିନି।'

ବୋଉର ଶୁଦ୍ଧକ୍ରିୟା ହେବ। ପାଖରେ ଟଙ୍କାଟିଏ ନାହିଁ। ବାପା ସେଥିପ୍ରତି ନିରୁଦ୍‌ବେଗ। ମଦ ପିଇବାକୁ ଯାଉନି ଆଉ। ଦୋକାନ ବନ୍ଦ ହେଇ ପଡ଼ିଛି। ଯାହା ଖୋଲା ଯାଇଥାନ୍ତା, ତିଆରି କରୁଥିବା ଲୋକଟି ଯେ ସ୍ୱର୍ଗ କି ନର୍କରେ ଘରକରି ଚୁଲି ପାରୁଥିବ ଏବେ।

ବାପା ଏବେ ମଦ ପିଉନି ସିନା ବୋଉ କଥା ତା'ର ଏତେ ମନେ ପଡୁଚି ଯେ ସେ ଦୁଃଖ ଭୁଲିବା ପାଇଁ ବେଳେବେଳେ ବାଡ଼ିପଟେ ବସି ଗଞ୍ଜେଇ ଟିକେ ଟାଣିଦେଇ ସେଇଠି ଗଡ଼ିପଡୁଛି। ନିଦ ଭାଙ୍ଗିଲେ ଆସି ଖାଇବାକୁ ମାଗୁଛି। ଜିଲୁ ଭାତରାନ୍ଧି ଖାଇବାକୁ ଦେଉଛି। ବୋଉର ଶୁଦ୍ଧକ୍ରିୟା ପାଇଁ ଜିନିଷପତ୍ର ଯୋଗାଡ଼ରେ ଲାଗିପଡ଼ିଛି। ବୋଉ ପୋଡ଼ାହେବା ଆଗରୁ ତା'ହାତରୁ ଜିଲୁ ଖୋଲି ରଖିଥିଲା ସୁନା ଚୂଡ଼ି ଦୁଇପଟ। କାନ ଫୁଲ ଦୁଇଟା। ସେତକ ବିକ୍ରି କରି ବୋଉକୁ ପିଣ୍ଡ ଦେବ ସେ। ଗାଆଁ ଭୋଜି ଦେବା ତ ସମ୍ଭବ ନୁହେଁ। ତଥାପି ସେ ଚେଷ୍ଟା କରିବ ନିଜ ସାଙ୍ଗମାନଙ୍କଠାରୁ କିଛିକିଛି ସାହାଯ୍ୟ ଆଣି ସେତକ କରିବାକୁ।

ଟ୍ରଙ୍କ ଖୋଲି ଚୁଡ଼ି ଓ କାନଫୁଲକୁ ଗୋଟିଏ ଖବରକାଗଜରେ ଗୁଡ଼େଇଲା ଜିଲୁ। କାନ୍ଥରେ ଟଙ୍ଗା ହୋଇଥିବା ସାଇକେଲ୍ ଚାବିକୁ ପକେଟରେ ପୁରେଇଲା। ଘର ଭିତରୁ ବାହାରିଯିବାବେଳକୁ ପଛରୁ ଡାକିଲା ତା' ବାପା ଦୀନା – 'କୁଆଡ଼େ ଯାଉଛୁ କିରେ ?

ଜିଲୁ – 'ନା, ବାପା ଯାଉଥିଲି ବୋଉର ଶେଷ ସନ୍ତକ ଏଇ ଅଳଙ୍କାର ସବୁ ବିକ୍ରି କରି ତା' ଶୁଦ୍ଧିକ୍ରିୟା ପାଇଁ ବ୍ୟବସ୍ଥା କରିବି।'

ଦୀନା – ଦେଖେଇଲୁ ସେଗୁଡ଼ା ଟିକେ ମୋ ହାତକୁ, 'ଆରେ ଏଗୁଡ଼ାକ ବିକିଦବୁ ?'

ଜିଲୁ – ଯା' ବ୍ୟତୀତ ଆଉ କିଛି ଉପାୟ ନାହିଁ ବାପା।

ଦୀନା – ମୁଁ କ'ଣ କହୁଥିଲି କି, ତୁ ସିନା ଟିକିଏ ବଡ଼ ହେଲୁଣି ହେଲେ ତୋ ସାନ ଭାଇଭଉଣୀଗୁଡ଼ାକ ଏତେ ସାନସାନ, ସେମାନେ ମାଆ ଛେଉଣ୍ଡ ହୋଇ ବଞ୍ଚିବେ କେମିତି ! କେବଳ ତାଙ୍କରି ପାଇଁ ନିଜର ଅନିଚ୍ଛା ସତ୍ତ୍ୱେ ମୁଁ ଦ୍ୱିତୀୟ ବିବାହ ପାଇଁ ରାଜି ହୋଇଛି। ତୋ ମାଉସୀ ସାଙ୍ଗରେ ଆଉ ମାସକୁ ବାହାଘର। ଏମିତି ଭୋଜିଭାତ କରି ପଇସା ଖର୍ଚ୍ଚ କରିଦେବା ଅପେକ୍ଷା ଏଇତକ ଥାଉ। ତୋ ମାଉସୀ ଆସିଲେ କେତେବେଳେ କେମିତି ପିନ୍ଧିବ।

ଜିଲୁ ଏବେ ଆଉ ଛୋଟପିଲା ହେଇକି ନାହିଁ। ସେ ସବୁ ବୁଝି ପାରୁଥିଲା ହେଲେ ବାପା ମୁହଁରେ କି ଜବାବ ଦେବ। ସେ ପରା ତା' ବାପା। ତାକୁ ଜନ୍ମ ଦେଇଛନ୍ତି। ଜିଲୁ ଅଳଙ୍କାର ସବୁ ବାପା ହାତରେ ଧରେଇଦେଇ ବାହାରି ଆସିଲା ପଦାକୁ। ସୂର୍ଯ୍ୟ ବୁଡ଼ିଗଲେଣି କେତେବେଳୁ। ଫାଳିକିଆ ଜହ୍ନଟେ ଝୁଲୁଚି ଆକାଶରେ। ଜିଲୁ ଚାହିଁଲା

ଜହ୍ନଆଡ଼େ। ତାକୁ ଲାଗିଲା ତା'ବୋଉ ହସୁଛି। ହାତ ବଢ଼େଇ କହୁଛି - ଆ' ମୋ ଧନ, ମୋ ଜିଲୁ, ମୋ କୋଳକୁ ଆ। ତତେ ଏଇଠି ବାଢ଼ିଦେବି ପଖାଳ, ସାଙ୍ଗହୋଇ ଖାଇବା। ଏଇଠି ମୋ କୋଳରେ ଶୁଆଇ ଶୁଣାଇବି ତତେ ଅସରନ୍ତି ଯୁଗର କାହାଣୀ।'

ଜିଲୁ ଉପରକୁ ହାତ ଟେକୁଥିଲା। ଏତିକିବେଳେ ତା' ସାନଭାଇ ଆସି ପଛରୁ ଡାକି କହିଲା - 'ଭାଇ, ଭୋକ ହେଲାଣି ଖାଇବାକୁ ଦେ।'

# ବଂଶରକ୍ଷା

- ଆଲୋ ଏ ବାଇଆ ବୋଉ... ମୋ ବେଗ୍‌ଟା ଦେଲୁ, ମୁଁ ହାଟରୁ ଆସେ। ଶୁଣୁଚ ନା ନାଇଁବା। ଅଧଘଣ୍ଟା ହେଲାଣି ଏ ତଅପୋଇଟା କୁଆଡ଼େ ଯାଇଛି ଯେ ଯାଇଛି। ସୋର୍ ଶବ୍ଦ ଟିକେ ନାଇଁ।

ବେଣୁଧରର ଧୈର୍ଯ୍ୟ ଭାଙ୍ଗିଲାଣି। ସଞ୍ଜ ନଇଁଲାଣି। ଲୋକ ହାଟସାରି ଘରକୁ ଫେରିଲେଣି ଅଥଚ ଏ ଲୋକଟା କୁଆଡ଼େ ଯାଇଛି ଯେ ଏ ଯାଏ ଦେଖାନାହିଁ।

- ହଉ ଛାଡ଼। ମୁଁ ଯାଏ ଦେଖେ ବେଗ୍‌ଟା କୋଉଠି ରହିଲା। କାଇଁ ନାଇଁ ତ। ଏ ବେଗ୍‌ଟା ଗଲା କୁଆଡ଼େ? ଏଇ ଋଳରେ ତ ଖୋସା ହେଇଥିଲା। କିଏ ନେଇଗଲା ନା କ'ଣ? ହଁ ହେଇଥିବ! ଏତେ ଲୋକ କାରବାର। କିଏ ଗୋଟେ ଧରି ପଳେଇଥିବ! ହଉ ବେଗ୍ ନହେଲା ନାହିଁ ମୁଁ ଯାଉଛି ଗାମୁଛାରେ ବାନ୍ଧି ପରିବାପତ୍ର ଧରି ଆସେ। ନହେଲେ ପୁଣି ଉପାସ ରହିବାକୁ ପଡ଼ିବ।

ବେଣୁଧର ଗାମୁଛାଟା କାନ୍ଧରେ ପକେଇ ପ୍ରଧାନ ଘର ଗୋହିରି ବାଟ ଦେଇ ବନ୍ଧ ଉପରକୁ ଉଠିଲାବେଳକୁ ମଶାଣିଆ ବରଗଛ ଆଡୁ ଋଲିଋଲି ଆସୁଛନ୍ତି ତଅପୋଇ। ତାଙ୍କର ଧର୍ମପତ୍ନୀ। ହାତରେ ବ୍ୟାଗ୍।

ଯେ କେହି ଦେଖିଲେ ଜାଣିପାରିବ ଯେ ସେଥିରେ ନିଶ୍ଚୟ କିଛି ଓଜନିଆ ଜିନିଷଟେ ରଖାହୋଇଛି। ବେଣୁଧରର ସନ୍ଦେହ ହେଲା। ବ୍ୟାଗ୍‌ଟାକୁ ଖୋଲି ଦେଖିଲା ଏଡ଼େ ବଡ଼ ଗୋଟେ ମାଟିଆଳୁ। ହେ ଭଗବାନ! ଏ କ'ଣ! ଆଲୋ ଏ ତଅପୋଇ, ଏଇଟା କୋଉଠୁ ଆଣିଲୁ? କ'ଣ କରିବୁ ଯାକୁ?

– ହାଟରେ ବିକିବି। ତଅପୋଇ ଉତ୍ତର ଦେଲା।

ବଣିଆ ଘର ବାରିରେ ଆମର ଯୋଉ ତିନିଗୁଣ୍ଠିଆ ଜମିଟା ବଣୁଆ ହେଇ ପଡ଼ିଛି। ସେଇଠି ହେଇଥିଲା ଏଇଟା। ତାଳ ଗଛରେ ଲଟା ମାଡ଼ିଥିଲା। ପାଞ୍ଚ ଛଅବର୍ଷ ହେଲାଣି ଖୋଳା ହେଇନଥିଲା। ସକାଳେ ବିଲ ଆଡ଼େ ଯାଇଥିଲି। ଏଡ଼େ ଲମ୍ବା ଲଟାଟାକୁ ଦେଖି ଜାଣିଲି ମାଟିଆଳୁଟା ନିଶ୍ଚୟ ବଡ଼ ହେଇଥିବ। ଏଇ ଏବେ ତ ନେଇକି ଆସୁଚି।

– ହଉ। ବେଳ ଆସି ସାତଟା ହେଲାଣି ଆଉ ଏତେବେଳେ ହାଟକୁ ଯାଇ ଲାଭନାହିଁ। ଚାଲ ଘରକୁ ଚାଲ। ସେଇ ମାଟିଆଳୁ ଖାଇ ଆଜି ଦିନଟା ଚଳେଇନବା।

– ହଉ ଚାଲ।

– ଏ ବାଇଆ ବୋଉ ଶୀଘ୍ର ଶୀଘ୍ର ରୋଷେଇ ସାର। କାଲି ସକାଳୁ ଧାନକଟା ଆରମ୍ଭ ହେବ। ମୁଁ ଯାଏ କମାର ଘରେ ଦାଆଗୁଡ଼ାକ ପଜେଇ ଦେଇ ଆସେ। ଖଟ ଘରେ ପୁଅ ଶୋଇଛି। କାଳେ ଉଠିପଡ଼ିବ। ନଜର ରଖିଥିବ ସେଆଡ଼େ। ତଅପୋଇ ଚୁଲି ଲଗେଇଲେ। ଭାତ ଗାଳିଲାବେଳକୁ ପୁଅ କାନ୍ଦିଲା। ରୋଗଣା ଛୁଆଟା ବଡ଼ପାଟିରେ କାନ୍ଦିପାରେନା। ଆଜି କିନ୍ତୁ ଖୁବ୍ ଜୋର୍‌ରେ କାନ୍ଦୁଥିଲା। ପୁଅର କାନ୍ଦ ଧୀରେଧୀରେ ବଢ଼ିଚାଲିଛି। ତଅପୋଇ ଭାତ ହାଣ୍ଡିଟାକୁ ତଳେ ରଖିଦେଇ ପୁଅ ପାଖକୁ ଗଲା।

ଏ କ'ଣ! ଖଟସାରା ଖାଲି ରକ୍ତଛିଟା। ତଅପୋଇର ଗୋଡ଼ହାତ ଥରିବାକୁ ଲାଗିଲା। ତଥାପି ସାହସ ସଞ୍ଚୟ କରି ସେ ପୁଅକୁ କୋଳେଇନେଲା। ବିଛଣାଟା ସାରା ରକ୍ତରେ ଜୁଡୁବୁଡୁ ହୋଇଯାଇଥାଏ। ତଅପୋଇ ପୁଅର ଦେହସାରା ଆଖି ବୁଲେଇଆଣିଲା। ବାଁ ହାତର କାଣି ଆଙ୍ଗୁଠିଟା ନାହିଁ। ଖଟ ତଳକୁ ଚାହିଁ ଦେଖିଲା ମଙ୍ଗୁଲି ଶୋଇଛି। ତା' ପାଟିରେ ରକ୍ତ ଲାଗିଛି।

ଗାଁ ଲୋକଙ୍କ ଜାଣିବାରେ ମଙ୍ଗୁଲି ଗୋଟାଏ ଛେଳି, କିନ୍ତୁ ଘର ଲୋକେ ଜାଣନ୍ତି ମଙ୍ଗୁଲି ଛେଳି ରୂପକ ରାକ୍ଷସଟାଏ। ଆପଣ କହୁନାହାନ୍ତି, ଗୋଟେ ଛେଳି ଯଦି ପନିପରିବା ଚୋପା ଠାରୁ ଆରମ୍ଭ କରି କାଗଜ ଓ ପଲିଥିନ୍ ଜରି ପର୍ଯ୍ୟନ୍ତ ସବୁ ଖାଇ ହଜମ୍ କରିପାରେ, ତାକୁ କ'ଣ ଛେଳି ବୋଲି କୁହାଯିବ? ସହଜେ ତ ଚେହେରାରେ ବାଛୁରି ଠାରୁ ବଡ଼। ଏତିକିବେଳେ ବେଣୁଧର ଆସି ଘରେ ପହଞ୍ଚିଲେ। ଏ ସବୁ ଘଟଣା ଦେଖି ରାଗରେ ଜଳିଉଠିଲେ। ରାଗରେ ଆଖି ଦୁଇଟା ତାଙ୍କର ଲାଲ୍ ଦିଶୁଥାଏ। ଗୋଟିଏ



ବୋଲି ପୁଅ। ଏ ରାକ୍ଷସ ଛେଳି..! ଆଗରୁ ଯାହା କରୁଥିଲା ସବୁ ଚଳିଯାଉଥିଲା। କିନ୍ତୁ ଏବେ ଆଉ ଯାକୁ ପାରିହବନି।

ଏତିକିବେଳେ  ଛେଳିଟା ମେଁ ମେଁ ହେଇ ଘରଭିତରକୁ ପଶିଆସିଲା। ବେଣୁଧର ନୂଆକରି ପଜେଇ ଆଣିଥିବା ଦାଆରେ ତା'ବେକଟାକୁ କାଟିପକାଇଲେ। ଘରଭିତର ସାରା ଖାଲି ରକ୍ତ ଆଉ ରକ୍ତ। ପୁଅର କାନ୍ଦ ବନ୍ଦ ହୋଇନଥିଲା। ଛେଳି କାମୁଡ଼ିଥିବା ହାତଟା ଗୁଳି ବାଜିଲା ଭଳି ଛିନ୍ନଛତ୍ର ଦିଶୁଥାଏ। ବେଣୁଧର ଦାଆରେ ପୁଅର ଆଙ୍ଗୁଠିଟାକୁ ସମାନ କରି କାଟିଦେଲେ। ଔଷଧ ଲଗେଇ ଗଜ୍ କନା ଗୁଡ଼େଇ ଦେଲେ। କିଛି ଦିନ ପରେ ଘା' ଶୁଖିଗଲା କିନ୍ତୁ ଆଙ୍ଗୁଠି ସଂଖ୍ୟା କୋଡ଼ିଏରୁ ଊଣେଇଶି ହେଇଯାଇଥିଲା।

ବେଣୁଧର ହାତୁଡ଼ିଟା ଧରି ମଥାନ ଉପରେ ବସିଥାଏ। ମଝିଖୁଣ୍ଟରେ ସେଣୀଗୁଡ଼ାକୁ ଯୋଡ଼ି କଣ୍ଟା ପିଟୁଥାଏ। ଦିନ ଆସି ବାରଟା ହେଲାଣି। ପ୍ରଧାନ ପୁଅ ଘନିଆ ଆସି ଡାକ ପକେଇଲା – ଏ ବେଣୁ ଦା, ତମ ଘରୁ ଖବର ଆଇଚି, ଜଲ୍‌ଦି ଯା। ଦେବକୀ ଆଈ ମୋତେ ପଠେଇଛି ତମକୁ ଡାକିନବାକୁ।

– 'ଆରେ କାଇଁକି କିରେ' ବେଣୁଧର ପଚାରିଲା।

– 'ମୁଁ ଜାଣିନି। ଖାଲି ଡାକିଦେବା ପାଇଁ କହିଥିଲା।'

ବେଣୁଧର ରୁଅ ଭିଡ଼ିଦେଇ ତଳକୁ ଓହ୍ଲେଇଲା। ଘର ମାଲିକ ଠାରୁ କୋଡ଼ିଏ ଟଙ୍କା ମଜୁରୀ ନେଇ ସାଇକେଲ ଧରି ଚାଲିଲା ଘର ଆଡ଼କୁ। ପେଡାଲ୍ ଦୁଇଟାଯାକ ପଙ୍ଖା ପରି ବୁଲୁଥାଏ। ମନରେ ଅସୁମାରି ଚିନ୍ତା। ତଅପୋଇର ଗର୍ଭ ନଅ ମାସ ପୂରିବାକୁ ବସିଲାଣି। ସକାଳୁ କାମକୁ ବାହାରିଲାବେଳେ କାହିଁକି କେଜାଣି ତଅପୋଇ  ମନା କରୁଥିଲା ଆସିବାକୁ। ହେଲେ କାମ ନକଲେ ଘର ଚଳିବ କେମିତି! ଏମିତି ଭାବିଭାବି ସେ ଘର ପାଖରେ ପହଞ୍ଚି ସାରିଥିଲା। ଘରସାରା ଭିଡ଼। ସ୍ତ୍ରୀ ଲୋକଗୁଡ଼ା ଦୁଆରମୁହଁରେ ବସିଛନ୍ତି। ବେଣୁଧର ଘର ଭିତରକୁ ଗଲା। ତଅପୋଇ କଇଁକଇଁ ହୋଇ କାନ୍ଦୁଥାଏ।

ଦେବକୀ ବୁଢ଼ୀ ମଲା ଛୁଆଟାକୁ ତା' ଆଖି ସାମ୍ନାରେ ନେଇ ଚାଲିଗଲା ମଶାଣିରେ ଫିଙ୍ଗିବାକୁ। ବେଣୁଧର ଲଥ୍ କରି ତଳେ ବସିପଡ଼ିଲା। ଶେଷରେ ଛୁଆଟା ମରିଗଲା! ମୁଁ ଚଣ୍ଡାଳ ଆଜି କାମକୁ ନଯାଇଥିଲେ ଅନ୍ତତଃ ତଅପୋଇକୁ ଡାକ୍ତରଖାନା ଯାଏଁ ନେଇପାରିଥା'ନ୍ତି। ସନ୍ଧ୍ୟାବେଳୁ ବେଣୁଧର ସେଇଠି ବସିଛି ଯେ ବସିଛି। ଲଣ୍ଠନଟା ଧପ୍‌ଧପ୍ ହେଇ ଲିଭିବାକୁ ବସିଲାଣି। ବାଇଆ କ୍ଷୀର ଖାଇବ ବୋଲି କାନ୍ଦୁଛି। ହେଲେ ତଅପୋଇର ଶେଯରୁ ଉଠିବାକୁ ବି ବଳ ପାଉନି। ବେଣୁଧରର ମନେପଡୁଥିଲା ପାଞ୍ଚ ବର୍ଷ ତଳେ ତା'ର ବଡ଼ପୁଅ ଜନ୍ମ ହବାର ତିନିଦିନ ଭିତରେ ଏମିତି ସମସ୍ତଙ୍କୁ ଛାଡ଼ି ଚାଲିଯାଇଥିଲା। ଆଜି ପୁଣି ଆଉ ଗୋଟାଏ ଛୁଆର ସେଇ ଅବସ୍ଥା ହେଲା।

ସେତେବେଳକୁ ବେଣୁଧରର ଆଖି ଲୁହରେ ଗାମୁଛାଟା ଓଦା ହୋଇଗଲାଣି।

ଦେବକୀ ବୁଢ଼ୀ ଜାଉ ତାଟିଆଏ ଧରି ଆସିଲା। ରାତି ସେତେବେଳକୁ ଦଶଟା ବାଜିଲାଣି। ଜାଉଟିକେ ଖାଇଦେଇ ବେଣୁଧର ଶୋଇବାକୁ ଚେଷ୍ଟାକଲା। ହେଲେ ନିଦ କୋଉ ହଉଚି। ଦେବକୀ ତଅପୋଇର ସେବା ଶୁଶ୍ରୁଷା କରି ରାତି ଛ'ଘଡ଼ି ବେଳକୁ ଘରକୁ ଗଲା। ବାଇଆଟା କାନ୍ଦିକାନ୍ଦି ସେଇ ଭୁଇଁଟାରେ ଶୋଇପଡ଼ିଛି।

ଯାହା ହଉ ସକାଳକୁ ସବୁକିଛି ଠିକଠାକ୍ ହେଇଗଲାପରି  ଲାଗୁଥିଲା। ତଅପୋଇ ଗାଧୁଆପାଧୁଆ ସାରି ଚୁଲି ଲଗେଇ ସାରିଥିଲା। ବାଇଆ ବାରଣ୍ଡାରେ ବସି ଖେଳୁଥିଲା। କିନ୍ତୁ ବେଣୁଧର ମନରୁ ଆତ୍ମଗ୍ଲାନିର ପରଦା ହଟିନଥିଲା। ସେ ମନେମନେ ଭାବୁଥିଲା ତା'ଘର ଉପରେ ନିଶ୍ଚୟ କାହାର ଗୋଟେ ନଜର ଲାଗିଛି। ନହେଲେ ଦି' ଦି'ଟା ଛୁଆ ଏମିତି ଅସମୟରେ ମରିଯାଇଥା'ନ୍ତେ କାହିଁକି ! ତା' ଘରକୁ କିଏ ଯେମିତି ଗୁଣୀ କରିଦେଇଛି। ବେଣୁଧର ନିଷ୍ପତ୍ତି ନେଲା ନୂଆଗାଁର ପ୍ରଖ୍ୟାତ ଗୁଣିଆ କୈଳାସ ତିଆଡ଼ି ପାଖରେ ଯାଇ ତା' ଦୁଃଖ ଜଣେଇବ। ତା'ର ବିଶ୍ୱାସ ଅଛି ସେ ନିଶ୍ଚୟ ବେଣୁଧରକୁ ସହାୟତା କରିବେ।

ଶେଷରେ ସେଇଆ ହିଁ ହେଲା। କୈଳାସ ତିଆଡ଼ି ଜାତକ ଦେଖି କହିଲେ – 'ଗୁଣିତୁଣି କିଛିନାହିଁ। ପ୍ରକୃତରେ ତୋ ଭାଗ୍ୟରେ ପିଲାପିଲି ନାହିଁ। ଜନ୍ମ ହବାର ବର୍ଷକ ଭିତରେ ଛୁଆଗୁଡାକ ଏମିତି ଅକାଳରେ ନଷ୍ଟ ହୋଇଯିବେ।' ଏତିକି ବେଳେ ତାଙ୍କର ନଜର ପଡିଲା ବାଇଆର ବାଁ ହାତର ଆଙ୍ଗୁଠି ଉପରେ।

'ଆରେ ଏ କାଣି ଆଙ୍ଗୁଠିଟା କେମିତି କଟିଲା ?'

ବେଣୁଧର ଛେଳି ଖାଇଦେଇଥିବା ଘଟଣା ବର୍ଣ୍ଣନା କଲା। ଗୁଣିଆ ଏ ସବୁ ଶୁଣିଲା ପରେ କହିଲେ – 'ସେ ଛେଳି ଯୋଗୁଁ ତମ ପୁଅ ଗୋଟେ ନୂଆ ଜୀବନ ପାଇଛି। ସେଦିନ ଯଦି ଛେଳି ତା'ର କ୍ଷତଟିଏ କରିନଥାନ୍ତା ତା' ପରଦିନ ହିଁ ଯାର ମୃତ୍ୟୁ ହୋଇଥାଆନ୍ତା। ଯମଦୂତମାନେ ତାକୁ ନେବାପୂର୍ବରୁ ପଶୁ ଦନ୍ତାଘାତ ଦ୍ୱାରା ହୋଇଥିବା କ୍ଷତ ଦେଖି ତାକୁ ଛାଡ଼ି ଦେଇଛନ୍ତି। ସେଇ ଛେଳି ଯୋଗୁଁ ହିଁ ବାଇଆଟା ବଞ୍ଚିଯାଇଛି। ବର୍ଷକ ଯାଏଁ ତା'ର ଘାଟି ଥିଲା, ହେଲେ ଏବେ ତା'ର ଆଉ କିଛି ଅସୁବିଧା ହବନି।' – ଏତକ ଶୁଣିସାରିଲା ପରେ ବେଣୁଧର ଆଖିରୁ ଧାରଧାର ଲୁହ ଗଡ଼ିବାକୁ ଲାଗିଲା। ଯୋଉ ପଶୁଟି ପାଇଁ ତା' ବଂଶ ରକ୍ଷା ହେଲା। ସେଇ ପଶୁଟିକୁ ସେ ଏମିତି ନୃଶଂସ ଭାବେ ମାରିପାରିଲା କେମିତି। ତଅପୋଇ କୋହ ସମ୍ଭାଳି ନପାରି ଭୋଭୋ ହୋଇ କାନ୍ଦିବାକୁ ଲାଗିଲା।

ବାଇଆ ଏବେ ପାଞ୍ଚ ବର୍ଷର ହେଲାଣି। ଅ ଆ ମଡ଼େଇବା ଶିଖିଲାଣି। ପାଠରେ ଭାରି ମନ। ସକାଳୁ ଉଠି ସିଲଟ ଖଡ଼ି ଧରି ବାରଣ୍ଡାରେ ବସିଯାଏ। ହେଲେ ପାଠ ଆଉ ସିଲଟ ଭିତରେ ସୀମିତ ନରହି କାନ୍ଥ ବାଡ଼ ସବୁଆଡ଼େ ମାଡ଼ିଗଲାଣି। ଖଡ଼ି ଖଣ୍ଡେ ଧରିଲେ ପଡ଼ୋଶୀ ଘର କାନ୍ଥ ବି ବାକି ରଖୁନି। ଯୁଆଡ଼େ ପାଉଛି ଗାରେଇ ଯାଉଛି।

ଏ ବର୍ଷ ପ୍ରାଇମେରୀ ସ୍କୁଲରେ ନାଁ ଲେଖା ହେଇଛି। ରଜ ପରେ ସେ ସ୍କୁଲ ଯିବ। ସେଥିପାଇଁ ଏବେଠାରୁ ତା' ଗୋଡ଼ ଆଉ ତଳେ ଲାଗୁନି। ଖାଲି ମା'କୁ ପଚାରେ – 'ମା' ମୁଁ କେବେ ସ୍କୁଲ ଯିବି ?' ପାଠ ପଢ଼ିବାର ଏତେ ଉତ୍ସାହ ଦେଖି ବେଣୁଧର ଭାରି ଖୁସି ହୁଅନ୍ତି। କିନ୍ତୁ ନିଜର ଆର୍ଥିକ ପରିସ୍ଥିତି ତାଙ୍କ ସ୍ୱପ୍ନରେ ବାଧାଦିଏ। ପାଠପଢ଼ା ପାଇଁ ସେ ବାଇଆକୁ ପଇସା ଯୋଗେଇ ପାରିବେ ତ ? ଏଇ ପ୍ରଶ୍ନ ଏବେ ତାଙ୍କୁ ବାରମ୍ବାର ଉତ୍ତର ମାଗୁଛି। ହେଲେ ସେ ନିରୁପାୟ। ନିଜର ସୀମିତ ରୋଜଗାରକୁ ପାଥେୟ କରି ଆଜିଯାଏଁ କଷ୍ଟେମଷ୍ଟେ ଚଳିଯାଉଛନ୍ତି। ହେଲେ ଭବିଷ୍ୟତ ପାଇଁ କିଛି ସଞ୍ଚୟ କରିପାରିନାହାନ୍ତି। ଖାଲି ଈଶ୍ୱରଙ୍କ ଉପରେ ଭରସା ରଖି ଦୁଃଖେସୁଖେ ଚଳିଯିବା କଥା।

ରଜ ସରିଲାଣି। ବାଇଆ ଏବେ ସ୍କୁଲ ଯିବାକୁ ଉଚ୍ଛନ୍ନ। ସ୍କୁଲରେ କେତେ ପିଲା, କେତେ ଘର, କେତେ ଶିକ୍ଷକ ଥିବେ ସେଇ କଥା ଭାବିଭାବି ତାକୁ ରାତିରେ ନିଦ ହଉନଥାଏ। ଆଠଟା ନ ବାଜୁଣୁ ଗାଧୋଇ ଖାଇ ପ୍ରସ୍ତୁତ। ବେଣୁଧର ସାଇକେଲରେ ବସେଇ ସ୍କୁଲରେ ନେଇ ଛାଡିଦେଇ ଆସିଲେ। ବାଇଆର ଖୁସି କହିଲେ ନସରେ। ବାଇଆ ମନଦେଇ ପାଠ ପଢ଼େ। ଯେତେବେଳେ ଯାହା ଦରକାର ହୁଏ ବେଣୁଧର ଆଣି ଦିଅନ୍ତି।

ବାଇଆ ଏବେ ଚତୁର୍ଥ ଶ୍ରେଣୀ ପଢ଼ିଲାଣି। ଏବେ ସେ ଏକା ଏକା ସ୍କୁଲ ଯାଇ ପାରୁଛି। ଘଣ୍ଟା ଦେଖି ସମୟ ଚିହ୍ନି ପାରୁଛି। ଚିଠି ଦେଖି ଠିକଣା ପଢ଼ିପାରୁଛି। ଯେତେ ଅସୁବିଧା ଥିଲେ ବି ବେଣୁଧର ବାଇଆକୁ ମାଟ୍ରିକ ଯାଏ ପଢ଼େଇବାକୁ ସ୍ଥିର କରିଛନ୍ତି।

ସେଦିନ ନଅଟା ବାଜିଲାଣି। ହେଲେ ବାଇଆ ଏ ଯାଏଁ ସ୍କୁଲ ଯିବାକୁ ପ୍ରସ୍ତୁତ ହୋଇନଥାଏ। ତଅପୋଇ କହିଲେ – 'ପୁଅ, ସ୍କୁଲ୍ ଯିବା ସମୟ ହେଲାଣି। ଯାଉନୁ ଗାଧୁଆପାଧୁଆ କରିବୁ।' ବାଇଆ କିନ୍ତୁ ଗାଧୋଇବାକୁ ଗଲାନାହିଁ ବରଂ ଶୁଣି ମଧ୍ୟ ନଶୁଣିଲା ପରି ଚୁପ୍ ରହିଲା।

ତଅପୋଇ ତାକୁ ଗାଧୋଇ ଦେବା ପାଇଁ ସାର୍ଟ ଖୋଲିଦେଲାବେଳକୁ ଦେଖିଲେ ପିଠି ସାରା ନୋଳା ଫାଟିଯାଇଛି। ବେତ ପାହାରର ଚିହ୍ନ ଲାଲ୍‌ଲାଲ୍ ହୋଇ ଚମକୁଛି। ତଅପୋଇ ଆଉ ସହ୍ୟ କରିପାରିଲେ ନାହିଁ। ସାଙ୍ଗେସାଙ୍ଗେ ବେଣୁଧରକୁ ଡାକି ଦେଖେଇଲେ। ବେଣୁଧର ବାଇଆକୁ ପଚାରିଲେ ମାଡ଼ ମାରିଥିବା ଲୋକ ଆଉ ମାଡ଼ର କାରଣ ବିଷୟରେ। ବାଇଆ ସବୁକଥା ଗୋଟିଗୋଟି କରି କହିଲା – 'ସ୍କୁଲରେ ସାର୍

ପିଲାମାନଙ୍କୁ ପ୍ରଶ୍ନ ପଚାରିଥିଲେ – 'ପିଲାମାନେ ତୁମ ହାତ ଓ ପାଦର ଅଙ୍ଗୁଳି ସଂଖ୍ୟା କେତେ ?'

ବାଇଆ ସାଙ୍ଗେସାଙ୍ଗେ ନିଜ ହାତ ଆଉ ପାଦରେ ଥିବା ଆଙ୍ଗୁଠିଗୁଡ଼ାକ ଗଣିପକେଇଲା। 'ଏକ ଦୁଇ ତିନି ଚାରି .....ଉଣେଇଶି।'

ଶିକ୍ଷକ ଯେତେଥର ପଚାରିଲେ ମଧ୍ୟ ବାଇଆ ସେଇ ଗୋଟିଏ ଉତ୍ତର ହିଁ ଦେଉଥିଲା। ଗୋଟିଏ ଆଙ୍ଗୁଠି କଟିଯାଇଥିବା ବିଷୟରେ ନା ଶିକ୍ଷକ ଜାଣିପାରିଲେ ନା ଭୟରେ ବାଇଆ ଜଣେଇପାରିଲା। ଫଳ ସ୍ୱରୂପ ତାକୁ ମାଡ଼ ଖାଇବାକୁ ପଡ଼ିଥିଲା। ଆଉ ସେଇ ଡରରେ ସେ ଆଉ ସ୍କୁଲ ଯିବାପାଇଁ ରାଜି ହେଉନଥିଲା। ବେଣୁଧର ମଧ୍ୟ ବାଇଆକୁ ସ୍କୁଲ୍ ଯିବା ପାଇଁ ବାଧ୍ୟକରିନଥିଲା। ସେବେଠାରୁ ବାଇଆକୁ ଆଉ କେହି ସ୍କୁଲ୍ ଯାଉଥିବାର ଦେଖିନାହାନ୍ତି। ସଂକ୍ଷେପରେ କହିଲେ ସେଇଦିନଠୁ ବାଇଆର ପାଠପଢ଼ା ବନ୍ଦ ହୋଇଗଲା।

ରାତି ପାହି ଆସୁଥିଲା। ଅନ୍ଧାର ଏ ପର୍ଯ୍ୟନ୍ତ ସଂପୂର୍ଣ୍ଣ ଅପସରି ଯାଇନାହିଁ। କୁଆଁତାରା ଆକାଶରେ ଝୁଲି ଟିକ୍‌ଟିକ୍ କରୁଛି। ବଳଦକୁ କୁଣ୍ଡା ତୋରାଣି ପିଆଇ ସାରି କୁଆଳି, ଲଙ୍ଗଳ ଧରି ବିଲକୁ ବାହାରି ପଡ଼ିଲା ବାଇଆ। ଗତକାଲି ବର୍ଷାଟିକେ ହୋଇଯାଇଛି। ରାସ୍ତାଘାଟ କାଦୁଅ ପଚର୍ ପଚର୍। ବଳଦ ଦୁଇଟା ଆଗରେ ଚାଲିଛନ୍ତି। ବେକରେ ଝୁଲୁଥିବା ଘାଗୁଡ଼ି ଶବ୍ଦରେ କେବଳ ବାଇଆ ନୁହେଁ ଅନ୍ଧାରୁଆରୁ ଉଠି ଫୁଲ ତୋଳୁଥିବା ସ୍ତ୍ରୀ ଲୋକମାନେ ବଳଦ ଦୁଇଟିକୁ ଚାହିଁ ରହିଥାନ୍ତି। ଓଦା ପଡ଼ିଥିବା ବିଲଆଡ଼କୁ ଗଡ଼ିଲେ ବଳଦ ଦୁଇଟି। ହିଡ଼ ତଳୁ କଳକଳ ଶବ୍ଦ ଶୁଭୁଥାଏ। ଗୋଟିଏ ବିଲରୁ ଆର ବିଲକୁ ଗୋଳିଆ ପାଣି ମାଡ଼ି ଯାଉଥାଏ। ଗୋଟିଏ ହାତରେ ଲଙ୍ଗଳ କଣ୍ଟି ଆର ହାତରେ ପାଞ୍ଚଣ ଧରିଥାଏ ବାଇଆ। ବର୍ଷାଧୁଆ ଆକାଶରୁ ଟାଣଖରା ପଡ଼ି ଗହୀର ବିଲରେ ସବୁଜ ଧାନଗଛ ସବୁ ଉଜ୍ଜ୍ୱଳ ଦିଶୁଥାନ୍ତି।

ବାଇଆ ବିଲ ଚାଷ କରୁଥାଏ। ଲଙ୍ଗଳ ମୁନରେ ମାଟି ସବୁ ଓଲଟି ପଡ଼ିଲା ବେଳକୁ ଗାତରୁ ଛୋଟଛୋଟ କଙ୍କଡ଼ା ସବୁ ବାହାରି ପଡ଼ନ୍ତି। ବାଇଆ ସେସବୁକୁ ଧରି ଗୋଟିଏ ଗାମୁଛାରେ ବାନ୍ଧିରଖିଲା। ହଳ ସାରି ଘରକୁ ଫେରିଲାବେଳକୁ ସେ କଙ୍କଡ଼ା ସବୁ ସାଙ୍ଗରେ ନେଇ ଆସିଲା। ଖୁଣ୍ଟରେ ବଳଦ ବାନ୍ଧି ଦେଇ ବାଇଆ ଗଲା ଗାଆଁ ମୁଣ୍ଡରେ ଥିବା ପୋଖରୀରେ ଗାଧୋଇବାପାଇଁ। ଗାଧୁଆ ତୁଠରେ ଭେଟହେଲା ମକରା। ତା' ପିଲାଦିନର ସାଙ୍ଗ। ଦୁହେଁ ମିଶି କେତେ ଖେଳିଛନ୍ତି, ବୁଲିଛନ୍ତି, ମାଛ ଧରିଛନ୍ତି, ପୂଜା ମହୋତ୍ସବ ବୁଲିଛନ୍ତି। ବାଇଆକୁ ଦେଖୁଦେଖୁ ମକରା କହିଲା – 'ଆରେ, ବାଇଆ ଆଜି ଗ୍ରାମଦେବତୀ ମନ୍ଦିରରେ ଆମର ପାଳି ଭୋଗ ହେବ। ତୁ ସନ୍ଧ୍ୟା ବେଳକୁ ଯାଇ ପହଞ୍ଚିବୁ।'



'ଅଚ୍ଛା ହଉ' କହି ପୋଖରୀରେ ପଶି ଗାଧୋଇଲା ବାଇଆ। ଘରକୁ ଫେରିବା ବାଟରେ ଫୁଲଗଛରୁ ଫୁଲତୋଳି ନେଇଗଲା ଠାକୁର ପୂଜା କରିବା ପାଇଁ।

ସନ୍ଧ୍ୟା ବେଳକୁ ଗ୍ରାମଦେବତୀଙ୍କ ମନ୍ଦିରରେ ପହଞ୍ଚିଲା ବାଇଆ। ଭଜନ ସଂକୀର୍ତ୍ତନ ଚାଲିଥାଏ। ବରଗଛ ମୂଳେ ଚଉତରା ଉପରେ ବସି ତିନି ଚାରିଜଣ ଭକ୍ତ ଗଞ୍ଜେଇ ଦଳି, ସେଥିରୁ ମଞ୍ଜି ବାଛି ଚିଲମରେ ଭର୍ତ୍ତି କରିବାରେ ଲାଗିପଡ଼ିଛନ୍ତି। ଜଣେ ବୟସ୍କ ବ୍ୟକ୍ତି ଚିଲମରେ ନିଆଁ ଲଗାଇ ଧୂଆଁ ଉତ୍ପାଦନ କରିବାରେ ଲାଗିପଡ଼ିଛନ୍ତି। ଖନ୍ଦାଶାଳରୁ ଧୂଆଁ ଆସୁଛି। ରୋଷେଇ ଚାଲିଛି ବୋଲି ଜାଣିହେଉଛି। ବାଇଆ ଯାଇ ମନ୍ଦିର ପାଖରେ ଥିବା ଉଚ୍ଚା ପିଣ୍ଡା ଉପରେ ବସି ପଡ଼ିଲା। ସେଇଠି ଆସି ବସିଲା ମକରା। ଦୁହେଁ ମିଶି ରାତି ୧୦ଟା ଯାଏଁ ଗପ ଜମାଇଲେ। ନିଜ ଭିତରର ଗୋପନୀୟ କଥାସବୁ ପରସ୍ପର ଭିତରେ ବାଣ୍ଟିଦେଇ ନିଜର ସବୁ ଦୁଃଖ ଅବସାଦକୁ ଭୁଲିଯିବାକୁ ସୁଯୋଗଟେ ମିଳିଗଲା।

ରୋଷେଇ ସରିଲା ବେଳକୁ ରାତି ୧୧ଟା ହୋଇସାରିଥିଲା। ଘିଅ ପଡ଼ି ରନ୍ଧାହୋଇଥିବା ଅନ୍ନ ଓ ମୁଗଜାଇ ଡାଲମା ଖାଇ ଦୁଇ ସାଙ୍ଗ ଘରକୁ ଫେରିଲେ। ବାଟରେ ଫେରୁଥିବା ବେଳେ ମକରା ପଚାରିଲା – 'କିରେ, ବାଇଆ ତୁ ତ ଆଉ ପାଠଶାଠ ପଢ଼ିଲୁନି ବୟସ ଆସି ୨୭ ପୁରିଲାଣି। ବାହା ହେଇ ପଡୁନୁ। ଆମ ସାଙ୍ଗ ଚଇତା ପୁଣି ବାପା ହେଇ ସାରିଲାଣିଟି ?'

ବାଇଆ କହିଲା – 'ଚାଷଜମିରୁ ଯେତିକି ଫଳୁଛି, ବର୍ଷଟାଏ ଚଳିବା କଷ୍ଟ। ବାହାହେଇ ଆଉ ଗୋଟେ ବୋଝ ବୋହିବା କ'ଣ ସହଜକଥା। ମକରା ହସିହସି କହିଲା – ଆଉ ତ ବେଶୀ ରୋଜଗାର ବଢ଼ିବାର ଆଶା ନାହିଁ। ତା' ବୋଲି ତୁ କ'ଣ ଏମିତି ଜୀବନସାରା ଓଥରା ହେଇ ବୁଲିବୁ ?'

ବାଇଆ ଏବେ ହଳକରିବା ଶିଖିଲାଣି। ଗାଈ ପାଳିବା, ଘର କାମଧନ୍ଦା ବୁଝିବାକୁ ସକ୍ଷମ ହେଲାଣି। ତା' ବାପା ମଧ୍ୟ ତା'ର ବାହାଘର ପାଇଁ ଉପଯୁକ୍ତ କନ୍ୟା ପାତ୍ରୀଟିଏ ଖୋଜିବାରେ ଲାଗିପଡ଼ିଥାନ୍ତି। ଏଇ ସପ୍ତାହରେ ଝିଅ ଦେଖିବାକୁ ପାର୍ବତୀପୁର ଯିବେ। ଶୁଭ ଲଗ୍ନ, ତିଥି ବାର ଦେଖି ଗାଆଁର ଜଣେ ଦୁଇଜଣ ପୁରୁଖା ଲୋକଙ୍କୁ ଧରି ଝିଅ ଦେଖିବାକୁ ବାହାରି ପଡ଼ିଲେ ବେଣୁଧର।

ଧୋତି ପିନ୍ଧି, ଚପଲ ମାଡ଼ି, ଛତାଟିଏ କାଖରେ ଜାକି, କଳରେ ପାନ ଜାକି ବାହାରି ପଡ଼ିଲେ ଝିଅ ଦେଖିବାକୁ। ଝିଅ ଘରେ ପହଞ୍ଚିଲାବେଳକୁ ବୋହୂଟିଏ ଆସି ପାଦ ଧୋଇଦେଇ ଭୂଇଁରେ ମୁଣ୍ଡ ଲଗାଇ ମୁଣ୍ଡିଆମାରିଲା। ବେଣୁଧର ପାଦ ଦେଖି ସ୍ୱଭାବ ଜାଣିବା ଲୋକ। ଝିଅ ଦେଖି ମନୋନୀତ କଲା ବେଣୁଧର। ଅନେକ ଆଲୋଚନା ପରେ ବାହାଘର ପାଇଁ ନିଷ୍ପତ୍ତି ହେଲା। ଝିଅଟି ଦେଖିବାକୁ ସୁନ୍ଦର। କାମଦାମରେ ବେଶ୍

ତତ୍ପର ବୋଲି ବେଶ୍ ପ୍ରଶଂସା ଶୁଣିବାକୁ ମିଳୁଥିଲା। ଝିଅଦେଖା ସାରି ଘରକୁ ଫେରିଲାବେଳକୁ ସଞ୍ଜ ନଇଁ ଆସୁଥିଲା। ଗାଈମାନେ ଗୋଠରୁ ଫେରିବା ସମୟ। ଦୂରରୁ ଗାଈ ବେକରେ ଝୁଲୁଥିବା ଟିପା ଶବ୍ଦ ଭାସି ଆସୁଥାଏ। ଗାଈଆଳ ହାତରେ ତାଳପତ୍ର ଛତାଟିଏ ଧରିଥାଏ। ବଡ଼ ପାଟିରେ ଡାକ ଛାଡୁଥାଏ – 'ଗାଈ ଆସିଲା ହେ, ଗାଈ ଆସିଲା' – ଏ ଚିତ୍କାର ଶୁଣି ଲୋକମାନେ ନିଜ ନିଜ ଗାଈକୁ ନେଇ ଗୁହାଳରେ ବାନ୍ଧି ଦେଉଥାନ୍ତି।

କାଖରେ ଛତାଟି ଜାକିଧରି ଚାଲିଛନ୍ତି ବେଣୁଧର। ଘରେ ପହଞ୍ଚି ଧୋଇଧାଇ ହୋଇ ତଅପୋଇଙ୍କ ସହ ଆଲୋଚନା କଲେ ବେଣୁଧର। ଝିଅଟିର ରୂପଗୁଣର ବର୍ଣ୍ଣନା କରିଗଲେ। ସମୃଦ୍ଧି ଘର ଗୁହାଳେ ପାଞ୍ଚ ପାଞ୍ଚଟି ଗାଈ, ବଳିଷ୍ଠ ବଳଦ ଦୁଇଟା। ଝିଅଟା ସେମାନଙ୍କର ଯତ୍ନ ନିଏ। ଗାଈକୁ ଖାଇବାକୁ ଦେବାଠୁ ଆରମ୍ଭ କରି, ଗୁହାଳ ପୋଛିବା, ଘଷିପାରିବା, ଲହୁଣି ମାରିବା ରୋଷେଇ କରିବା ଆଦି ଘରକରଣା କାମରେ ବେଶ୍ ପାରଙ୍ଗମ।

ଦିନ ଗଡ଼ିଚାଲିଛି। ବାଇଆ ଚଷିଥିବା ଜମିରେ ଧାନତଳି ରୁଆହୋଇ ସୁନେଲି ରଙ୍ଗ ଦିଶିଲାଣି। ଧାନଗଛରୁ କେଣ୍ଡାସବୁ ଝୁଲିଡ଼ିଛି। ଅନ୍ଧାରୁଆରୁ ଉଠି ବାପପୁଅ ମିଶି ବେଲାଏ ପଖାଳ ଆଉ ଶୁଖୁଆ ପୋଡ଼ା ଖାଇ ଦାଆଧରି ଧାନ କାଟିବାକୁ ବାହାରିଯାଆନ୍ତି। ଖରା ପଡ଼ିଲେ ଧାନଗଛରୁ କେଣ୍ଡା ଝଡ଼ିପଡ଼ିବ। ଏଣୁ କାକର ପଡ଼ିଥିବା ଯାଏ ଧାନକଟା ଚାଲିବ। ବିଲରୁ ଫେରିଲେ ପୁଣି କେତେ କାମ ବାକି ପଡ଼ିଛି। ବାଡ଼ିରେ ଶିମ୍ବ, କଖାରୁ, ବାଇଗଣ, ଫୁଲକୋବି, ଟମାଟର ଆଦି ବିଭିନ୍ନ ରକମର ଫସଲ, ପନିପରିବା ଲଗାଯାଇଛି। ସେଥିରେ ପାଣି ମଡ଼ାହେବ, ହୁଡ଼ା ଟେକାହେବ। ଧାନକଟା ସାରି ବାପପୁଅ ଘରକୁ ଫେରିଲେ। ତଅପୋଇ ସେତେବେଳକୁ ଭାତ ଡାଲମା କରିସାରି ଚୁଲିରେ ଥିବା ରଡ଼ ନିଆଁରେ ବାଇଗଣଟାଏ ପୋଡୁଥାଏ। ବାଇଆ ଜାଲଧରି ବାଡ଼ିପଟ ପୋଖରୀରୁ ରୋହୀମାଛ ଦୁଇଟା ଧରି ଆଣିଲା। ତା ବୋଉ ତଅପୋଇ ତରକାରୀ କରି ପରଷି ଦେଲା। ବାପପୁଅ ମିଶି ଖାଉଥାନ୍ତି। ଏତିକିବେଳେ ଲୋକଟିଏ ଆସି ଖବର ଦେଇଗଲା ଏଇ ମାସ ଶେଷ ସପ୍ତାହରେ ନିର୍ବନ୍ଧ କାମଟି ସାରିଦେବାପାଇଁ ପାର୍ବତୀପୁରରୁ ଖବର ଆସିଛି।

ବେଣୁଧର ସାଇପଡ଼ିଶାଙ୍କୁ ସାଙ୍ଗରେ ଧରି ବାହାରିଲେ ନିର୍ବନ୍ଧ କରିବାକୁ। ଝିଅଟିର ବୟସ ମାତ୍ର ସତର ବର୍ଷ। ସୁନ୍ଦର ଗୋଲ୍ ମୁହଁଟିଏ। ନାଆଁଟି ମାଳତୀ। ଖୁବ୍ ସୁନ୍ଦର ନାଆଁଟି। ମାଳତୀ ଲତାପରି ଦେହଟି ବି ନହକା। ମହାପ୍ରସାଦ ଦେଇ ନିର୍ବନ୍ଧ କରାଗଲା। ବରପକ୍ଷ କନ୍ୟାପକ୍ଷର ନିଷ୍ପତ୍ତିରେ ଆସନ୍ତା ତିଥିରେ ବାହାଘର ହେବାର ସ୍ଥିର ହେଲା। ଯୌତୁକ ଆକାରରେ କନ୍ୟାପକ୍ଷ ଜ୍ୱାଇଁଙ୍କୁ ଗୋଟିଏ ଏଚ୍ ଏମ୍ ଟି କମ୍ପାନୀର ହାତଘଣ୍ଟା,



ଗୋଟିଏ ରାଲେ ସାଇକେଲ ଆଉ ଗୋଟିଏ ଫିଲିପ୍ସ ରେଡ଼ିଓ ଦେବାକୁ ସମ୍ମତି ଜଣାଇଲେ। ଏହା ବ୍ୟତୀତ କଂସାବାସନଠୁ ଆରମ୍ଭ କରି ଛୁଞ୍ଚି ସୂତା ପର୍ଯ୍ୟନ୍ତ ନାନାଦି ଘରକରଣା ଦ୍ରବ୍ୟ ଶଗଡ଼ରେ ବୁହାହୋଇ ଆସିଲା। କାନ୍ଦିକାନ୍ଦି ବୋହୂଟିର ଆଖି ଲାଲ୍ ପଡ଼ିଯାଇଥାଏ। ହାତେ ଲମ୍ବର ଓଢ଼ଣା ଟାଣି ବୋହୂଟି ଖଟ କୋଣରେ ବସିରହିଥାଏ।

ଚତୁର୍ଥୀ ସପ୍ତମଙ୍ଗଳା ଗଲାପରେ ମାଳତୀ ରୋଷେଇ ଘରର ଦାୟିତ୍ୱ ମୁଣ୍ଡେଇଲା। ମାଟି ହାଣ୍ଡିରେ ଚାଉଳ ପକେଇ ବଗଡ଼ା ରାନ୍ଧେ, କୋଳଥ ଡାଲି, ବିରି ଡାଲି କରେ, ନଅ ଭଜା ଛଅ ତିଅଣ କରି ଶାଶୂ ଶ୍ୱଶୁରଙ୍କୁ ପରଷି ଦିଏ। ଭାରି ସୁଆଦିଆ ରାନ୍ଧଣା ଜାଣେ। ବାଇଆ ନିଜ ବାଡ଼ିରେ କାକୁଡ଼ି, କଲରା, ବାଇଗଣ, ଭେଣ୍ଡି, ଜହ୍ନି ଆଦି ପରିବା ଚାଷ କରେ। ମାଳତୀ ନିଜେ ବାଡ଼ିରୁ ପରିବା ତୋଳିଆଣି ବିଭିନ୍ନ ପ୍ରକାର ଭଜା, ତରକାରୀ କରି ନିଜ ଶାଶୂ ଶ୍ୱଶୁରଙ୍କୁ ସନ୍ତୁଷ୍ଟ କରେ। ସମସ୍ତେ ଖାଇସାରିବା ପରେ ସେଇ ଥାଳିରେ ନିଜେ ଖାଏ। ଅନ୍ୟମାନେ ଖାଇବାପରେ ଯେତିକି ବଳକା ଥାଏ ସେତିକି ହିଁ ତା ପାଇଁ ମହାପ୍ରସାଦ ତୁଲ୍ୟ। ଯଦି ଖାଦ୍ୟ ସରିଯାଏ ତେବେ ମଧ୍ୟ ମନଦୁଃଖ ନକରି ବରଂ ବେଶୀ ଖୁସି ହୁଏ। ଯାହା ହେଉ ଆଜି ସେ ସମସ୍ତଙ୍କୁ ପେଟ ପୂରାଇ ଖାଇବାକୁ ଦେଇ ସନ୍ତୁଷ୍ଟ କରିପାରିଛି। ଘରକୁ ଅତିଥି ଆସିଲେ ତାଙ୍କ ଚର୍ଚ୍ଚା କରେ। ସାଇ ପଡ଼ିଶା ଲୋକଙ୍କୁ ଆଦର କରେ। ପାନ ଭାଙ୍ଗିଦିଏ। ଶାଶୂଙ୍କ ମୁଣ୍ଡ କୁଣ୍ଡେଇ ଦିଏ। ଉକୁଣି ବାଛେ। ଅଳତା ଲଗେଇଦିଏ। ପିଠିରୁ ଶାମୁକାରେ ଘିମିରି ମାରିଦିଏ। ରାତିସାରା ବିଞ୍ଚଣା ଧରି ବିଞ୍ଚି ଦିଏ। ଗୋଡ଼ ଘଷି ଦିଏ। ନଣନ୍ଦମାନଙ୍କୁ ମଧ୍ୟ ଅନୁରୂପ ଚର୍ଚ୍ଚା କରେ। ସାଙ୍ଗରେ ବସି ଲୁଡୁ ଖେଳେ। ଗପ କରେ, ହସେ, କାନ୍ଦେ, ସମସ୍ତଙ୍କୁ ସେ ଭଲପାଏ।

ଏତେ ସବୁ କାମ କରିବା ପରେ ବି ବେଳେବେଳେ ଶାଶୂ ତା କାମରୁ ଖୁଣ ବାହାର କରନ୍ତି। ସାମାନ୍ୟ ଭୁଲ୍ ଟିକେ ଦେଖିଲେ ଚିଡ଼ି ଉଠନ୍ତି। ମାଳତୀ ସେସବୁ ବେଶ୍ ସହଜରେ ହସିହସି ସହି ନିଏ। ମନୋମାଳିନ୍ୟ ହେଲେ ବି ମାଳତୀ କେବେ ବାପଘରକୁ ଚାଲିଯିବାର ଧମକ ଦେଇନାହିଁ। ସ୍ୱାମୀ କାନରେ କଥା ପଡ଼ିଲେ କାଳେ କିଛି ଅଘଟଣ ଘଟିବ ଏଣୁ ଯେତେ ଗାଳି ଶୁଣିଲେ ବି ନିଜେ କେବେ ମୁହଁ ଖୋଲି କିଛି କହିବାର ସାହସ କରିପାରିନାହିଁ। ବାଇଆ ଯେ ଏସବୁ ଆଦୌ ଜାଣେନି ତା ନୁହେଁ। ଜାଣିଲେ ବି ତା'ର କିଛି କରିବାର କ୍ଷମତା ନାହିଁ। ସ୍ତ୍ରୀ ସପକ୍ଷରେ ବାପା ବୋଉଙ୍କ ବିରୁଦ୍ଧରେ କୋଉ ସାହସରେ ମୁହଁ ଖୋଲିବ ! ସେ ଜାଣେ ପରିବାରଟିଏ ଗଢ଼ିଲେ ଏମିତି ନାନା ସମସ୍ୟା ସୃଷ୍ଟି ହୁଏ। ପୁଣି ଆପେ ଆପେ ସମାଧାନ ବି ହେଇଯାଏ। ମାଳତୀ ନିଜ ଶାଶୂ ନଣନ୍ଦଙ୍କୁ କେବେ ପ୍ରତ୍ୟୁତ୍ତର ଦିଏନି। ବରଂ ବେଶୀ ସ୍ନେହ ଆଦର ଦେଇ ନିଜର କରିବାକୁ ଚେଷ୍ଟା କରେ।

ବାଇଆର ପୁଅଟିଏ ହୋଇଛି। ସଭିଙ୍କ ମନ ଖୁସି। ମାଳତୀ ତାକୁ କୋଳରେ ଧରି

ଶୋଇଛି। ଦୁଆର ପାଖରେ ବେଞ୍ଚ ଉପରେ ବସିଛନ୍ତି ତଅପୋଇ ଓ ବେଣୁଧର। ଚୁଲି ଜଳୁଛି। ଭାତ ଫୁଟୁଛି। ଆସି ପହଞ୍ଚିଲେ ମାଳତୀର ବାପା–ବୋଉ। ସାଙ୍ଗରେ ଧରି ଆସିଛନ୍ତି ଶଗଡ଼େ ଜିନିଷପତ୍ର। ନାତି ପାଇଁ ଖେଳନା, ଚୁଡ଼ା, ମୁଢ଼ି, କୁଲା, ବାଉଁଶିଆ ଠାରୁ ଆରମ୍ଭ କରି ଦୂବ ବରକୋଳିପତ୍ର ପର୍ଯ୍ୟନ୍ତ। ନାତିର ପଞ୍ଚୁଆତି, ଷଷ୍ଠୀ ପୂଜା ଆଦି ପରମ୍ପରା ଅନୁଯାୟୀ ପାଳିତ ହେଲା। ନାହାକ ପଣ୍ଡିତ ଡାକି ବେଣୁଧର ଜାତକ ଗଢ଼ାଇଲେ। ଏକୋଇଶିଆ ଉତ୍ସବ ପାଳନ ହେଲା। ମାଳତୀର ଭାଇ ଛୋଟ ପୁଅଟିକୁ କୋଳରେ ଧରି ବସିଲେ। ସତ୍ୟନାରାୟଣ ପୂଜାର୍ଚ୍ଚନା ଆରମ୍ଭ ହେଲା। ନାମକରଣ ସମୟ ଆସିଲା। ନାହାକ ପଣ୍ଡିତ ଅନେକ ତର୍ଜମା ପରେ ସ୍ଥିର କରିଥିବା ନାଆଁଟି ରଖାଗଲା। ସ ଅକ୍ଷର ନିୟମରେ ନାମ ରହିଲା – ସିଦ୍ଧାର୍ଥ। ପିଲାଟିଦିନରୁ ଭାରି ଗେଲବସରରେ ବଢ଼ିଲା ସିଦ୍ଧାର୍ଥ। ସେଦିନ ବାଇଆ ଘର ପିଣ୍ଡାରେ ବସି ମୁଢ଼ି ଗଣ୍ଡାଏ ପାଟିରେ ପକାଉଥାଏ। ସେଇଠି ସପ ଉପରେ ବସି ସିଦ୍ଧାର୍ଥ ସିଲଟ ଖଡ଼ି ଧରି ଚିତ୍ର ଆଙ୍କୁଥାଏ। ହରି ମାଷ୍ଟର ସେଇ ବାଟ ଦେଇ ଇସ୍କୁଲ୍ ଯାଆନ୍ତି। ବାଇଆକୁ ଦେଖିପକାଇ କହିଲେ – 'ଆରେ, ବାଇଧର ପୁଅଟା ତ ପାଞ୍ଚ ବର୍ଷର ହେଲାଣି। ତାକୁ ସ୍କୁଲ୍ ନପଠେଇ ଘରେ ବସେଇ ରଖିଚୁ କାହିଁକି ? ତାକୁ କ'ଣ ଓଲୁ କରିବୁ ନା କ'ଣ ?'

'ନା ମ ହରିଭାଇନା, ସିଏ ତ ନିଜେ କେତେଥର କହିଲାଣି ଇସ୍କୁଲ୍ ଯିବ ବୋଲି। ମୁଁ ଅପେକ୍ଷା କରିଛି ସେଇ ଗଣେଶ ପୂଜା ଦିନ ହୋମ ଟିକିଏ କରି ତା' ପାଠ ପଢ଼ା ଆରମ୍ଭ କରିଦେବି। ଆପଣଙ୍କ ଦୟା ହେଲେ ଗୋଟିଏ ବୋଲି ଛୁଆ ମୋର ମଣିଷ ହେବ।'

ହରି ମାଷ୍ଟ୍ରେ ଦାନ୍ତ ଦେଖାଇ କହିଲେ – 'କି ହୋ , ତମେ ସିନା ମାଡ଼ ଭୟରେ ପାଠପଢ଼ା ବନ୍ଦ କରିଦେଲ। ପୁଅଟା ତ ଭାରି ଚଲାକ୍ ଜଣାପଡୁଛି। ଇଏ ନିଶ୍ଚୟ ପାଠପଢ଼ି ହାକିମଟେ ହବ। ହରି ମାଷ୍ଟର ମୁହଁ ଦେଖି ଜାଣିନବ କାହା ଭାଗ୍ୟରେ କେତେ ପାଠ। କ'ଣ ଭାବିଲ କି ? ମୋ ନାଆଁ ହରି ମାଷ୍ଟରଟି।'

ମ୍ୟାଟ୍ରିକ୍ ପରୀକ୍ଷାରେ ଭଲ ନମ୍ବର ରଖିବାରୁ ପ୍ରଧାନଶିକ୍ଷକ ହରି ମାଷ୍ଟର ବାଇଆକୁ ଡାକି କହିଲେ– 'ସିଦ୍ଧାର୍ଥ ପିଲାଟା ଭିତରେ ହୀରା। ପାଠରେ ଯେମିତି ଶାଠରେ ବି ସେମିତି। ତାକୁ ଏ ଗାଆଁ କଲେଜରେ ପାଠ ପଢେଇଲେ ତା' ଜୀବନଟା ମାଟି ହେଇଯିବ। ତାକୁ କୋଣସି ଏକ ବଡ଼ ସହରୀ କଲେଜରେ ପାଠ ପଢ଼ାଅ। ଦେଖିବ ଏ ପିଲା କେବଳ ତୁମର ନୁହେଁ ଏ ଅଞ୍ଚଳର ନାମ ଉଜ୍ଜ୍ୱଳ କରିବ।'

ବାଇଆ ଏସବୁ ଶୁଣି ଖାଲି – 'ଆଜ୍ଞା ଆଜ୍ଞା' କହୁଥାଏ। ତା' ମନରେ ଖୁସି ଯେତିକି ଦୁଃଖ ବି ସେତିକି। ସେ ଖୁସି ହେଉଥାଏ ଯେ ତା' ପୁଅ ଭଲ ପାଠପଢୁଛି କିନ୍ତୁ ତା'ର ଦୁଃଖ ଯେ ସିଦ୍ଧାର୍ଥ ସହରରେ ପଢ଼ିଲେ ଯେତିକି ଟଙ୍କା ଖର୍ଚ୍ଚ ହେବ ସେତକ ଯୋଗେଇବାର ସାମର୍ଥ୍ୟ ତା'ର ନାହିଁ।

ବାଇଆ ମନେମନେ ଭାବୁଥାଏ ମୁଁ ପାଠ ନପଢ଼ି ମୂର୍ଖ ହେଲି ବୋଲି ସିନା ଆଜି ଏମିତି ଦାରିଦ୍ର୍ୟ ଭୋଗୁଛି। ତା'ର ପାଠ ପଢ଼ା ପ୍ରତି ଗୁରୁତ୍ୱ ଦେଇନଥିବା ବାପା, ବୋଉଙ୍କୁ ସେ ଏଥିପାଇଁ ଦୋଷାରୋପ କରୁଥାଏ। ଏସବୁ ଶୁଣି, ବେଣୁଧର ନୀରବ ରହନ୍ତି। କାରଣ ତାଙ୍କ ପାଇଁ ଶିକ୍ଷିତ, ରୋଜଗାରିଆ, ଅଫିସର୍ ପୁଅଟିଏ ଲୋଡ଼ା ନଥିଲା, ବଂଶରକ୍ଷା ହିଁ ଥିଲା ତାଙ୍କର ପ୍ରଧାନ ଲକ୍ଷ୍ୟ।

# ପ୍ରେମର ଜୀବନ; ଜୀବନର ପ୍ରେମ

ଅଟୋରେ ବସି ରେଲୱେ ଷ୍ଟେସନ ଆଡ଼କୁ ଯାଉଥିଲା ମନୋଜ। ନିଜ ବ୍ୟସ୍ତ ଜୀବନରୁ ସଞ୍ଚୟ କରିଥିବା ଚାରିଦିନ ସେ ଖର୍ଚ୍ଚ କରିବାକୁ ଆସିଥିଲା ବିଶାଖାପାଟଣା। ତା'ର ବାଲ୍ୟବନ୍ଧୁ ଜ୍ୟୋତିରଞ୍ଜନ ଏଇ ସହରରେ ରହେ। କେଉଁ ଏକ ମେଡ଼ିସିନ୍ କମ୍ପାନୀରେ କାମକରେ। ତା' ପାଖରେ ରହି ସହରର ପ୍ରସିଦ୍ଧ ଦର୍ଶନୀୟ ସ୍ଥାନସବୁ ବୁଲିଦେଖିଲା। ଆଜି ତା'ର ଫେରିବାର ସମୟ। ପହଞ୍ଚିଗଲା ଟିକେଟ କାଉଣ୍ଟର ପାଖରେ। ଲମ୍ବା ଲାଇନ୍ ଲାଗିଛି। ଟ୍ରେନ୍ ଆସିବାକୁ ଆହୁରି ପନ୍ଦର ମିନିଟ୍ ବାକି ଥାଏ। ଦୀପାବଳି ସମୟ। ବିଶାଖାପାଟଣାରେ କାମ କରୁଥିବା ଓଡ଼ିଆ ଯୁବକମାନେ କମ୍ପାନୀରୁ ବୋନସ୍ ପାଇ ବେଶ୍ ଖୁସିରେ ଗାଁ ଅଭିମୁଖେ ବାହାରିଛନ୍ତି। ସେଇମାନଙ୍କ ସହ ଧାଡ଼ିରେ ଛିଡାହେଲା ମନୋଜ। ଜଣେଜଣେ କରି ସମସ୍ତେ ଖଣ୍ଡିଏଖଣ୍ଡିଏ ଟିକେଟ ଧରି ପ୍ଲାଟଫର୍ମ ଆଡ଼କୁ ଧାଇଁଥାନ୍ତି। ଏବେ ମନୋଜର ପାଳି ପଡ଼ିଲା। ପାଞ୍ଚଶହ ଟଙ୍କିଆ ନୋଟ୍‌ଟି ବଳେଇଦେଲା ମନୋଜ। ରେଜା ଦିଅନ୍ତୁ କହି ରେଳ କର୍ମଚାରୀ ଜଣଙ୍କ ମନୋଜକୁ ଫେରାଇ ଦେଲେ ନୋଟ୍‌ଟିକୁ। ଟ୍ରେନ୍ ଆସି ପ୍ଲାଟଫର୍ମରେ ପହଞ୍ଚି ସାରିଲାଣି। ପ୍ଲାଟଫର୍ମରୁ ଶୁଭୁଥାଏ– 'ଯାତ୍ରୀମାନେ ଦୟାକରି ଧ୍ୟାନ ଦିଅନ୍ତୁ, ଗାଡ଼ିସଂଖ୍ୟା ଏକ ଦୁଇ ଆଠ ଛଅ ଚାରି – ହାଓ୍ୱଡ଼ା ସୁପରଫାଷ୍ଟ ଏକ୍ସପ୍ରେସ୍ ଏକ ନମ୍ବର ପ୍ଲାଟଫର୍ମରୁ



କିଛି ସମୟ ମଧ୍ୟରେ ଛାଡ଼ିବ।' ଏଣେ ରେଜାପାଇଁ ମନୋଜ ଚତୁଃପାର୍ଶ୍ୱ ଘୁରି ବୁଲୁଥାଏ। ଭାଷାଗତ ବିଭେଦ ଯୋଗୁଁ ତେଲୁଗୁ ଲୋକମାନେ ତା' କଥା ବୁଝିପାରୁନଥାନ୍ତି। ସେ ନୋଟ୍ ଖଣ୍ଡକ ଦେଖାଇ ଓଡ଼ିଆରେ ପାଞ୍ଚଶ ଟଙ୍କା ଚେଞ୍ଜ୍ ମାଗୁଥାଏ। କେହିଜଣେ ତା' ହାତକୁ ଟିକେଟ୍ ଖଣ୍ଡିଏ ବଢ଼େଇଦେଇ କହିଲା – 'ମୁଁ ଆପଣଙ୍କ ପାଇଁ ଟିକେଟ କରିଦେଇଛି। ଚାଲନ୍ତୁ ଟ୍ରେନ୍ ଛାଡ଼ିବା ସମୟ ହୋଇଗଲାଣି। ମୁଁ ଆପଣଙ୍କ ପଛରେ ଧାଡ଼ିରେ ଛିଡ଼ା ହୋଇଥିଲି, ମୋ ପାଖରେ ବି ରେଜା ନଥିଲା ସେଇଥିପାଇଁ ଦୁଇଟା ଟିକେଟ କରିଦେଇଛି। ଓଡ଼ିଶାରେ ପହଞ୍ଚିବା ଭିତରେ ନୋଟ୍ ଖଣ୍ଡିକ ଭଙ୍ଗାଇଦେଲେ ଆପଣ ମୋତେ ଟଙ୍କା ଫେରାଇଦେଇ ପାରିବେ।'

ଯା'ହଉ ଟିକେଟ ମିଳିଗଲା। ଦୁହେଁ ଯାଇ ପାଖାପାଖି ଦୁଇଟା ସିଟ୍‌ରେ ବସିପଡ଼ିଲେ। ଝରକା ପାଖରେ ବସିଥାଏ ମନୋଜ। ବିଶାଖାପାଟଣାରୁ ଭୁବନେଶ୍ୱର ପହଞ୍ଚିବା ଭିତରେ ଶ୍ରୀକାକୁଲମ୍‌ର ସବୁଜ ପାହାଡ଼, ଛତ୍ରପୁରର ସବୁଜ ଧାନକ୍ଷେତକୁ ଅତିକ୍ରମ କରି ଗଡ଼ିଚାଲିଲା ଟ୍ରେନ୍। ବାଟରେ ପରସ୍ପର ଭିତରେ ବାର୍ତ୍ତାଳାପ ଚାଲିଥାଏ। ନିଜ ନିଜର ବ୍ୟକ୍ତିଗତ ବିଷୟ ପରସ୍ପର ସହ ଆଳାପ କରି ସେମାନେ ବେଶ୍ ଖୁସିରେ ଷ୍ଟେସନ୍ ସବୁକୁ ଅତିକ୍ରମ କରିଯାଉଥାନ୍ତି। ମନୋଜ ତା' ପାଠପଢ଼ା, ଚାକିରି ଜୀବନର ଅନୁଭୂତି ସବୁ ଶୁଣାଉଥାଏ ସେଇ ବ୍ୟକ୍ତିଜଣଙ୍କୁ। ଏଇ କଥାବାର୍ତ୍ତା ଭିତରେ ସେ ପଚାରି ବୁଝିଥିଲା ଯେ ବ୍ୟକ୍ତିଜଣଙ୍କ ଥିଲେ ଜଣେ ମନସ୍ତତ୍ତ୍ୱବିତ୍। ନାଆଁ ତାଙ୍କର ଦେବଦତ୍ତ। ସେ ଗବେଷଣା କାର୍ଯ୍ୟରେ ହାଇଦ୍ରାବାଦ ଯାଇଥିଲେ। କାମସାରି ଫେରୁଛନ୍ତି। ଏଇ କଥାବାର୍ତ୍ତା ଭିତରେ ଦୁହେଁ ପରସ୍ପରକୁ ଭଲଭାବରେ ଚିହ୍ନି ସାରିଥାନ୍ତି। ମନୋଜ କୌତୁହଳବଶତଃ ପଚାରିଲା– 'ତୁମେ କ'ଣ ମୁହଁ ଦେଖି କହିପାରିବ, ମୁଁ ଏବେ କ'ଣ ଭାବୁଛି ?'

ଦେବଦତ୍ତ ଉତ୍ତରଦେଲେ – 'ନା, ସଠିକ୍ ଉତ୍ତର ଦେଇନପାରିଲେ ବି କିଛି ସମ୍ଭାବ୍ୟ ସତ୍ୟ ଅନୁମାନ କରିପାରେ।'

ମନୋଜର ଉତ୍କଣ୍ଠା ବଢ଼ିଚାଲିଥାଏ। ସେ ଦେବଦତ୍ତର ଜ୍ଞାନ ପରୀକ୍ଷା କରିବା ଉଦ୍ଦେଶ୍ୟରେ ସାମ୍ନାରେ ବସିଥିବା ଜଣେ ଯୁବକଆଡ଼କୁ ଇଙ୍ଗିତ କରି ପଚାରିଲା– 'କୁହନ୍ତୁ ତ, ଏ ପିଲାଟି ଏବେ କ'ଣ ଚିନ୍ତା କରୁଥିବ.. ?'

ଦେବଦତ୍ତ କିଛି ସମୟ ନୀରବରେ ପିଲାଟିଆଡ଼କୁ ଚାହିଁଲା, ତା'ର କାର୍ଯ୍ୟକଳାପକୁ ନିରୀକ୍ଷଣ କଲା। ପିଲାଟି ଝରକା ବାଟେ ବାହାରକୁ ଚାହିଁଥାଏ। ପତଳା ଶରୀର, ଗୌରବର୍ଣ୍ଣ, ଆଖିତଳେ କଳାଦାଗ, ମୁହଁ ଶେତାଳିଆ ଦିଶୁଛି।

ଦେବଦତ୍ତ ତା'ର ଜ୍ଞାନ ପ୍ରୟୋଗ କରି ଦାର୍ଶନିକ ଭଳି କହିଲା – 'ବୋଧହୁଏ ପିଲାଟି କିଛି ଗଭୀର ଚିନ୍ତାରେ ବୁଡ଼ିରହିଛି। ହୁଏତ ତା'ର କେହି ଆତ୍ମୀୟ ନିକଟରେ

ମୃତ୍ୟୁବରଣ କରିଥାଇପାରନ୍ତି, ତାର କିଛି ମୂଲ୍ୟବାନ ଦ୍ରବ୍ୟ ଚୋରି ହୋଇଥାଇପାରେ ଅଥବା ଉଚ୍ଚଶିକ୍ଷା ସମାପ୍ତ କରି ଚାକିରି ଅଭାବରୁ ସେ ମାନସିକ ଦୁଶ୍ଚିନ୍ତା ଘେନି ଚାକିରି ଅନୁସନ୍ଧାନରେ ବୁଲୁଥାଇପାରେ।'

ମନୋଜ କହିଲା- 'ହଁ, ହେଇପାରେ କିନ୍ତୁ ପ୍ରକୃତ ସତ କଥାଟା କ'ଣ ସେଇଟା ଜାଣିବାକୁ ଭାରି ଆଗ୍ରହ ସୃଷ୍ଟି ହେଉଛି'।

ଦେବଦତ୍ତ ଟିକିଏ ହସି ଉତ୍ତର ଦେଲା – 'ତେବେ ତାକୁ ପଚାରି ବୁଝିଲେ କ୍ଷତି କ'ଣ ?'

ଦୁହେଁ ମିଶି ପିଲାଟିର ହତାଶାବୋଧର କାରଣ ଖୋଜିବାରେ ଲାଗିପଡ଼ିଲେ। ଦେବଦତ୍ତ ନିଜର ଗବେଷଣାତ୍ମକ ଶୈଳୀରେ ପ୍ରଶ୍ନକଲା – 'ଆପଣଙ୍କୁ କେଉଁଠି ଦେଖିଲା ଭଳି ଲାଗୁଛି, ଆପଣ କ'ଣ ଭୁବନେଶ୍ୱରରେ ରୁହନ୍ତି ?'

ପିଲାଟି ଉତ୍ତର ନଦେଇ ପୁଣି ଝରକାଆଡ଼କୁ ମୁହଁ ବୁଲେଇନେଲା। ଭାରି ବାଧିଲା ଦେବଦତ୍ତଙ୍କୁ। ସରଳ ପ୍ରତ୍ୟାଖ୍ୟାନ ତାକୁ ଅପମାନ ବୋଧହେଲା। ତଥାପି ସେ ଆଶାବାଦୀ ଥିଲା। ପୁନଶ୍ଚ ପ୍ରଶ୍ନ – 'କ'ଣ କିଛି ଅସୁବିଧା ହୋଇଛି କି ?'

ପିଲାଟି ଉତ୍ତର ଦେଲା – 'ନା, ମୁଁ ଠିକ୍ ଅଛି ଅସୁବିଧା କିଛି ନାହିଁ।'

ଦେବଦତ୍ତ ତା'ପରେ କ'ଣ ପଚାରିବ ଭାବି ପାରିଲା ନାହିଁ। ଏଣୁତେଣୁ ଅନେକ କଥା ସେ ମନୋଜ ସହ ଗପିଲା। ଟ୍ରେନ୍ ସେତେବେଳକୁ ଖଲ୍ଲିକୋଟ ପାଖରେ ପହଞ୍ଚି ସାରିଥାଏ। ପିଲାଟି ପକେଟରୁ ଫୋନ୍ ବାହାରକରି କାନରେ ଲଗେଇଲା। କିଛି ସମୟର ନୀରବତା ପରେ ହଠାତ୍ ଉତ୍ତେଜିତ ହୋଇ କହିଲା- 'ନା, ମୁଁ ସେ ବିଷୟରେ କିଛି ଜାଣେନା। ଏସବୁ ଅମିତ୍ର କାମ। ସାଙ୍ଗ ହୋଇ ମୋ ସହ ଏମିତି ବିଶ୍ୱାସଘାତକତା କରିବ ବୋଲି ମୁଁ ଜାଣିନଥିଲି। ତମେ ବ୍ୟସ୍ତ ହୁଅନି। ମୁଁ ଆଉ ଦୁଇଘଣ୍ଟା ଭିତରେ ଗାଆଁରେ ପହଞ୍ଚିବି। ଯାହା ହବ ଦେଖାଯିବ।' ଏତିକି କହୁକହୁ ତା' କଣ୍ଠସ୍ୱର କ୍ଷୀଣ ହେଇଆସିଲା। ଆଖିରେ ଲୁହ ଛଳଛଳ, ମୁହଁ ଉଦାସୀନ।

ଏଥର ଦେବଦତ୍ତ ଟିକିଏ ସାହସ ପାଇ ପିଲାଟି ପାଖକୁ ଗଲା ଆଉ ତାକୁ ସାନ୍ତ୍ୱନା ଦେବାଭଳି ସ୍ୱରରେ କହିଲା – 'ଆରେ, ଟିକେଟିକେ କଥାରେ ଏମିତି ଉତ୍ତେଜିତ ହେବାଟା ଜମା ଠିକ୍ ନୁହେଁ। ଯଦି କିଛି ସମସ୍ୟା ହୋଇଛି ତେବେ ସମୟ ଅନୁସାରେ ସବୁ ଠିକ୍ ହେଇଯିବ। ଏମିତି ଭାବପ୍ରବଣ ହେଇ ହଠାତ୍ କାନ୍ଦିପକେଇବା ତୁମ ପକ୍ଷରେ ଜମା ଶୋଭା ପାଉନାହିଁ।'

ପିଲାଟି ଏଥର ଦେବଦତ୍ତ ପ୍ରତି ଟିକିଏ ବିଶ୍ୱାସ ପାଇଲା। ତା' ଭିତରେ କୁହୁଳିଥିବା ନିଆଁ ଟିକିଏ ଶୀତଳ ହେବାପରି ଲାଗିଲା। ସେ ସହାନୁଭୂତି ଆଶା କରୁଥିଲା। ଯେଉଁ



ପରିସ୍ଥିତିରେ ସେ ଥିଲା ନିଜ କେହକୁ ନିଜ ଭିତରେ ଚାପି ରଖିପାରୁନଥିଲା କିମ୍ବା ଅନ୍ୟଆଗରେ ପ୍ରକାଶ କରିବାର ସାହସ ତା'ପାଖରେ ନଥିଲା। ଜଣେ ଅନ୍ତରଙ୍ଗ ବନ୍ଧୁ ଦ୍ୱାରା ବିଶ୍ୱାସଘାତକତାର ଶିକାର ହୋଇ ଗଭୀର ଚିନ୍ତାରେ ବୁଡ଼ି ରହିଥିଲା ସେ।

ଦେବଦତ୍ତ ସହ କିଛିସମୟ କଥା ହେବାପରେ ପିଲାଟି ତା' ମନର ଦ୍ୱନ୍ଦ୍ୱକୁ ପ୍ରକାଶ କଲା ଦେବଦତ୍ତ ଆଗରେ। ହୁଏତ ଦେବଦତ୍ତ ତା' ମନର ସମସ୍ୟାକୁ ବିଶ୍ଳେଷଣ କରି ଏକ ସହଜ ସମାଧାନ ବାହାର କରିଦେଇପାରେ – ଏଇ ଆଶାନେଇ ସେ ଦେବଦତ୍ତ ଆଗରେ କହିଚାଲିଥିଲା ତା'ର ବ୍ୟକ୍ତିଗତ ଜୀବନର ଗୋପନୀୟ କାହାଣୀ। ନାଆଁ ତା'ର ସମୀର। ଘର ଖୋର୍ଦ୍ଧା ଅଞ୍ଚଳରେ। ବୟସ ୧୯ ହେବ। ବାପା-ମାଆଙ୍କର ଏକମାତ୍ର ସନ୍ତାନ ସେ। ମାଟ୍ରିକ ଯାଏଁ ପଢ଼ିଛି। ଗାଆଁରେ କାମଧନ୍ଦା କିଛି ନମିଳିବାରୁ ତା' ସହପାଠୀ ବିଶାଲ ସହ ଚେନ୍ନାଇ ପଳାଇଥିଲା। ସୂତାକଳରେ କାମ କରି ବେଶ୍ ଦୁଇପଇସା ରୋଜଗାର କରୁଥିଲା। ନିଶାପାଣି ଅଭ୍ୟାସ ନାହିଁ। ବାଜେ ଖର୍ଚ୍ଚ କିଛି ନାହିଁ। ଦୁଇଓଳି ଖାଇବା ଖର୍ଚ୍ଚ, ଆଉ ଘରଭଡ଼ା ବାଦ୍ ଯାହା ବଳେ, ସେଇ ସ୍ୱଳ୍ପ ଆୟକୁ ନେଇ ସେ ଅସୀମିତ ସ୍ୱପ୍ନଦେଖେ। ଗାଆଁରେ ଦୁଇବଖରା କୋଠାଘର କରି ତା' ବାପା-ବୋଉଙ୍କୁ ସୁଖରେ ରଖିବାର ଇଚ୍ଛା ଥିଲା ତା'ର। ଆଉ ସେଇ ବାପା-ବୋଉଙ୍କ ସେବା କରିବାପାଇଁ ସାଲିନାକୁ ସେ ବାହାହେଇ ତା' ଘରକୁ ନେଇ ଆସନ୍ତା। ଏଇ ତା'ର ସର୍ବଶ୍ରେଷ୍ଠ ଇଚ୍ଛା।

ସାଲିନା ତା'ର ସହପାଠୀ। ଦୁହେଁ ଦୁହିଁଙ୍କୁ ଖୁବ୍ ଭଲପାଆନ୍ତି। ଗାଆଁରେ ଥିବାବେଳେ ସମୀର ପ୍ରତିଦିନ ସାଇକେଲ ଧରି ସାଲିନାର ଘର ବାଟେ ଏପଟସେପଟ ହେଉଥାଏ। ଟିକିଏ ନଜର ପଡ଼ିଗଲେ ହସିଦିଏ। ଆଉ ଆଖିରେ ଆଖି ମିଶେଇ ଢେର୍ ସମୟ ଯାଏଁ ଚାହିଁ ରହେ। ସାଲିନା ତା' ପାଖକୁ ଆସି ପଚାରେ – 'କିଛି କାମଧନ୍ଦା ନାହିଁ କିରେ, ସବୁବେଳେ ଆମ ଘରଆଡ଼େ ଚାଲିଆସୁଛୁ। ମୋ ବାପା ଦେଖିଲେ ତୋ ଗୋଡ଼ ଭାଙ୍ଗିଦେବେ, ଜାଣିଛୁ ଟି ?' ସମୀର ମୁରୁକିମୁରୁକି ହସେ। ସାଲିନାର ପାପୁଲି ଉପରେ ପାପୁଲି ଥୋଇ କହେ – 'ମୁଁ କ'ଣ ତୋ ବାପାକୁ ଡରିଛି ନା କ'ଣ ! ଭଲ ପାଉଛି ତତେ। ତୁ ବି ତ ମତେ ଭଲ ପାଉଛୁ। ତୋ ବାପା ମୋ ଗୋଡ଼ ଭାଙ୍ଗିବା ପୂର୍ବରୁ ମୁଁ ତାଙ୍କ ଜ୍ୱାଇଁ ହେଇସାରିଥିବି। ଆଉ ତାଙ୍କ ଏକମାତ୍ର ଜ୍ୱାଇଁର ଗୋଡ଼ ସେ କ'ଣ ଭାଙ୍ଗିବାକୁ ଚାହିଁବେ !'

ସେଦିନ ପ୍ରଥମଥର ପାଇଁ ବିଶାଲ ସହ ଚେନ୍ନାଇ ଯିବାର ଥାଏ। ସକାଳୁ ମନଟା ତା'ର ଭାରି ଉଚ୍ଛନ୍ନ। ଦୂରଦେଶ ଯାଉଛି ବୋଲି ବାପା ତା'ର ନୂଆ ଫୋନ୍‌ଟିଏ କିଣିଦେଲେ। କାନଫୁଲ ବନ୍ଧା ପକେଇ ବୋଉ ପାଞ୍ଚ ହଜାର ଟଙ୍କା ସାଙ୍ଗରେ ଦେଲା।

ଯିବାପୂର୍ବରୁ ଶେଷଥରପାଇଁ ସାଲିନାକୁ ଦେଖାକରିବାକୁ ଯାଇଥିଲା ସମୀର। ନଈକୂଳ ଓସ୍ତଗଛ ମୂଳରେ ଯେଉଁ ଗ୍ରାମଦେବତୀ ମନ୍ଦିର ଅଛି, ତା' ପଛପଟେ ଦୁହେଁ ଢେର୍ ସମୟ ଦୁଃଖସୁଖ ହେଲେ। ନିତି ସକାଳୁ ଦୁହେଁ ପରସ୍ପରର ମୁହଁଦେଖି ଦିନଚର୍ଯ୍ୟା ଆରମ୍ଭ କରନ୍ତି। ଏତେଦିନ ପରସ୍ପରଠାରୁ ଦୂରରେ ରହି କେମିତି ଦିନ ବିତେଇବେ ସେଇ ଚିନ୍ତାରେ ଦୁହିଁଙ୍କ ଆଖି ଛଳଛଳ। ସାଲିନାର ସ୍ମୃତିକୁ ସାଇତିବା ପାଇଁ ସମୀର ସାଲିନା ସହ କିଛି ଫଟୋ ଉଠେଇଲା। ସ୍ନେହରେ ସାଲିନା ତା' ଗାଲରେ ଚୁମାଟିଏ ଦେଲା। ସମୀର ନିଜ ନୂଆ ଫୋନ୍‌ରେ ସେ ଫଟୋଟିକୁ ସାଇତି ରଖିଲା। ଚେନ୍ନାଇରେ ଏକୁଟିଆ ଥିଲାବେଳେ ଏଇ ଫଟୋଟି ତାକୁ ପ୍ରତି ମୁହୂର୍ତ୍ତରେ ଆଶ୍ୱାସନା ଦେବ ବୋଲି ସମୀର ତାକୁ ଫୋନ୍‌ରେ ରଖିଥିଲା।

ସେଇଦିନ ହିଁ ବିଶାଲ ସହ ଚେନ୍ନାଇ ପଳାଇଥିଲା ସମୀର। ବେଶ୍ କିଛିଦିନ ସୁରୁଖୁରୁରେ ଚଳିଗଲା। ସେଦିନ ଡ୍ୟୁଟିରୁ ଆସି ସାଲିନା ସହ ଫୋନ୍‌ରେ କଥା ହେଉଥିଲା। ସାଲିନା ତା'ର ଆସିବା ବାଟକୁ ଚାହିଁ ରହିଛି। ତାକୁ ଭାରି ଏକାଏକା ଲାଗୁଛି। ସମୀରର ଅଭାବ ତାକୁ ଦୁର୍ବଳ କରି ପକାଉଛି। ଏକଥା ଶୁଣି ସମୀର ତାକୁ ପ୍ରବୋଧନା ଦେବାକୁ ଚେଷ୍ଟାକଲା। ଏଇଥର ଦୀପାବଳିବେଳକୁ ଫେରିଲେ ତା' ବାପାଙ୍କୁ ବୁଝେଇ, ରାଜି କରେଇ ବିବାହ ପ୍ରସ୍ତାବ ଦେବାକୁ କହିଲା। ସାଲିନା ଏଥର ଟିକିଏ ଖୁସିହେଲା। ଦୁହେଁ ଅନେକ ସମୟ ଯାଏଁ କଥା ହେଲେ। ଏଇ କଥାହେବା ଭିତରେ ସମୀରକୁ ନିଦ ହୋଇଯାଇଥିଲା।

ଏତିକିବେଳେ ଡ୍ୟୁଟିରୁ ଫେରିଲା ବିଶାଲ। କୌତୁହଳବଶତଃ ସମୀରର ଫୋନ୍‌ରୁ ଫଟୋ ସବୁ ଦେଖୁଥାଏ। ନଜର ପଡ଼ିଗଲା ସମୀର ଆଉ ସାଲିନାର ସେଇ ଅନ୍ତରଙ୍ଗ ମୁହୁର୍ତ୍ତର ଫଟୋ ଉପରେ। ଗୋଟିଏ ଗାଆଁର ପିଲା ସେମାନେ। ସାଲିନାକୁ ସେ ବେଶ୍ ଭଲଭାବରେ ଚିହ୍ନେ। ଏକଦା ସାଲିନାର ରୂପ ଲାବଣ୍ୟରେ ସେ ମୁଗ୍ଧ ହେଇଥିଲା। ତାକୁ ପାଇବାର ଆଶା କିନ୍ତୁ ବିଫଳ ହୋଇଛି। ପ୍ରେମ ନିବେଦନ କରି ପ୍ରତ୍ୟାଖ୍ୟାତ ହୋଇଛି ସେ। ଆଜି ସେ ସାଲିନାର ଦୁର୍ବଳତାର ସନ୍ଧାନ ପାଇଛି। ପୂର୍ବରାଗର ପ୍ରତିଶୋଧ ନେବାର ଏଇଟା ସୁବର୍ଣ୍ଣ ସୁଯୋଗ। ସାଙ୍ଗେସାଙ୍ଗେ ଫଟୋଟିକୁ ଫେସବୁକ୍, ହ୍ୱାଟସ୍‌ଅପ୍‌ରେ ସେୟାର କରିଦେଲା। ମୋବାଇଲରୁ ମୋବାଇଲକୁ ଘୁରିବୁଲିଲା ଫଟୋ। ଗାଆଁ ପିଲାଏ ଫଟୋଟିକୁ ଆହୁରି ପ୍ରସାରଣ କରିବାରେ ଲାଗିଲେ। ଯେତେବେଳେ ସାଲିନାର ଭାଇ ଫୋନ୍‌ରେ ଫଟୋଟି ପହଞ୍ଚିଲା, ଆରମ୍ଭ ହୋଇଗଲା ମହାଭାରତ। ସାଲିନାର ବାପା ନିଶାପ ବସେଇ ଗାଆଁବାଲାଙ୍କ ଆଗରେ ସମୀର ବାପାଙ୍କୁ ଭୁଲ ମଗାଇଲେ। ସମୀରର କିଛି ଦୋଷନାହିଁ ବୋଲି ତା' ବାପା ଯେତେ ବୁଝାଇଲେ ମଧ୍ୟ ସେକଥା କେହି ବିଶ୍ୱାସ କଲେନାହିଁ। ସମୀରକୁ ଗାଆଁକୁ ଆସିବାପାଇଁ ଖବର ଦିଆଗଲା। ଯଦି ସମୀର ସାତଦିନ ଭିତରେ ନିଜେ ଆସି ଦୋଷ ସ୍ୱୀକାର ନକରେ ତେବେ ସମୀରର ବାପା-ମାଆଙ୍କୁ ଗାଆଁରୁ ବାସନ୍ଦ କରାଯିବ ବୋଲି ନିଷ୍ପତ୍ତି ନିଆଗଲା। ଏଇ ଖବର ପହଞ୍ଚିବାପରେ ଚେନ୍ନାଇରୁ ଫେରୁଛି ସମୀର।

ଏତକ ଶୁଣି ସାରିବାବେଳକୁ ଦେବଦତ୍ତ ଆଖିରେ ଲୁହ। ମନୋଜ ସ୍ଥାଣୁ ପାଲଟି ଯାଇଛି। ସମୀର ନୀରବ। ସମସ୍ତଙ୍କ ଉଦାସୀନତା ଭାଙ୍ଗି ବାଜିଉଠିଲା ସମୀରର ଫୋନ୍। କିଛିସମୟ କାନରେ ଫୋନ୍ ଲଗେଇ କଥାହେଲା ସମୀର। ଆରପଟୁ ନାରୀକଣ୍ଠର ସ୍ୱର। ମନୋଜ ଆଉ ଦେବଦତ୍ତ ଖାଲି ଅସ୍ପଷ୍ଟ କଣ୍ଠସ୍ୱର ଶୁଣିପାରୁଥିଲେ। ସମୀର ସବୁ ଶୁଣୁଥାଏ। ଫୋନ୍ କଟିଗଲା ପରେ ସମୀର ପାଣି ପିଇଲା। ଟ୍ରେନ୍‌ର କବାଟ ପାଖକୁ ଚାଲିଚାଲି ଗଲା। ଠକ୍ କରି ଶବ୍ଦଟିଏ ହେଲା। ମନୋଜ ଆଉ ଦେବଦତ୍ତ ତା' ପଛେପଛେ ଗଲେ। କବାଟ ପାଖରୁ ଟ୍ରେନ୍‌ରେ ପଛଆଡ଼କୁ ଚାହିଁଲା ମନୋଜ। ଦୁଇଖଣ୍ଡ ହୋଇ ପଡ଼ିଥିଲା ଗୋଟେ ମଣିଷ ଶରୀର। ଫେରିଆସି ଦୁହେଁ ସିଟ୍‌ରେ ବସିଲେ। ଏବେବି ସେଇଠି ଥୁଆହୋଇଥିଲା ସମୀରର ବ୍ୟାଗ୍ ଆଉ ମୋବାଇଲ୍। ମୋବାଇଲ୍ ରିଂ ହେଉଥାଏ। ଲେଖା ହୋଇଥାଏ - 'ସାଲିନା।'

# ଅବୈଧ ସନ୍ତାନ

ନଈକୂଳ ଗଡ଼ାରୁ ଆଗକୁ ଗଲେ ଯୋଉ ବରଗଛଟି ପଡ଼େ, ସେଇ ପାଖରେ ଥିବା ଲମ୍ବା ଧାଉଡ଼ିଆ କୋଠାଘର ଭିତରୁ ଗୋଟିଏ କୋଠରୀରେ ରହେ ସେ ଟୋକା। ସେଇ ପିଲାଟା ମ! ଯିଏ କଲେଜରେ ପଢ଼େ। ସକାଳ ଦଶଟାବେଳେ ଏଇ ବାଟଦେଇ ଯାଏନା, କାନ୍ଧରେ ବେଗ୍ ପକେଇ। ପାଞ୍ଚଟାବେଳକୁ ପରିବାପତ୍ର ସାଙ୍ଗରେ ଧରି ଫେରିବାବେଳକୁ ତୁ ବା କେତେଥର ଦେଖିଥବୁ। ତା'କାନ୍ଧରୁ କଲେଜ ବ୍ୟାଗ୍‌ଟି ତ କେବେ ଅଲଗା ହେବାର ଦେଖିନି ମୁଁ। ପକ୍ଷୀରାଜ ଘୋଡ଼ାଟେ ଧରି କାନରେ ଇୟରଫୋନ୍ ଲଗେଇ ବିନା ହେଲମେଟ୍‌ରେ ଭାରି ପ୍ରସନ୍ନ ଚିତ୍ତରେ ଚାଲିଯାଏ।

ବର୍ଷେ ହେଲାଣି ଏ କଲୋନୀରେ ରହୁଚି ଅଥଚ ଆମେ ତା' ପଡ଼ୋଶୀ ହୋଇ ମଧ୍ୟ ଆଜିଯାଏଁ ଜାଣିପାରିଲୁନି ସେ କିଏ ଆଉ ତା' ଘର ଭିତରେ ଯୋଉ କୁନି ଛୁଆଟିର କୁଆଁକୁଆଁ ରାବ ଶୁଭେ, ସେ ଛୁଆଟି କାହାର। ଏ ବିଷୟରେ ଗୋଟିଏ ଲୋକ ଜାଣିଥିବ, ସିଏ ହଉଚି - ରେବ। କଲେଜ ଗଲାବେଳକୁ ସେ ଟୋକା ଛୁଆଟିକୁ ରେବ ଜିମାରେ ଛାଡ଼ିଦେଇ ଯାଏ। ଖୁଆଇ ପିଆଇ ରେବ ହାତକୁ ଦେଇଯାଏ। ରେବ ତାକୁ ଶୁଆଇ ପକାଏ, ନିଦ ଭାଙ୍ଗିଲେ ତା'ପାଟିରେ ପପୁ ବୋତଲଟା ଗୋଞ୍ଜିଦିଏ। ଛୁଆଟା ପିଉପିଉ ଶୋଇପଡ଼େ।

ସେ ଟୋକା କଲେଜରୁ ଫେରି ତା ଛୁଆକୁ ନେଇଯାଏ।

ନିତାଇ କହିଲା- 'ସେ ଟୋକାର ନାଆଁଟା ମୁଁ ଜାଣେ ରେ ନବଘନ, ତା ନାଆଁ ଜିଲୁ, ବୟସ ୨୦/୨୨ ହେଇଥିବ, ସାଙ୍ଗରେ ମାଇପ ନାହିଁ। ଏ ଛୁଆଟା କୋଉଠୁ ଆଇଲା କିରେ.. ?'

'କେଜାଣି ମୁଁ କେମିତି ଜାଣିବି। ବୋଧହୁଏ କାହାକୁ ଭଲ ଫଲ ପାଇ ବାହା ହେଇ ପଡ଼ିଥିବ। ଛୁଆଟେ ବି ଜନ୍ମ କରି ପକେଇଥିବ। ହେଲେ ମୋ ମନରେ ଗୋଟିଏ ପ୍ରଶ୍ନ -ସେ ଛୁଆର ମାଆଟା ତେବେ ଗଲା କୁଆଡ଼େ ?'

'ମରିଗଲା କି ଆଉ... !'- ଅନୁମାନ କଲା ନିତାଇ।

'ହଁ ତା' ବି ହୋଇପାରେ। ପୁଣି କଥା ଆରମ୍ଭ କଲା ନବଘନ। ତୁ ଯୋଉଟା କହିଲୁ ଠିକ୍ ହେଲେ ଏ ଟୋକାଟା ମୁହଁରେ ତ ପତ୍ନୀ ହରେଇଥିବାର ଦୁଃଖର ଛାଇ ଟିକିଏ ବି ଦେଖିବାକୁ ମିଳୁନି। ମୁଁ ଭାବୁଛି ତା' ସ୍ତ୍ରୀ ବୋଧେ ଏ ଛୁଆଟାକୁ ଛାଡ଼ିଦେଇ ଆଉ କାହା ସାଙ୍ଗରେ ପଳେଇଚି।'

'ହଁ ରେ ନବ ଭାଇ, ଏ ଦୁନିଆରେ କିଛି ଅସମ୍ଭବ ନୁହେଁ। ସେ ଟୋକା କଲେଜ ସାରି ଘରକୁ ଆସି ପୁଣି କୁଆଡ଼େ ଯାଉଚି ଯେ କେତେବେଳେ ଫେରୁଚି ତା'ର କିଛି ଠିକଣା ନାହିଁ। ରେବ ତା ଛୁଆଟାକୁ ରଖିଚି। ରେବର ସ୍ୱାମୀଟା ବି କେମିତିକା ମଣିଷ ଦେଖୁନୁ, ପର ଛୁଆଟାକୁ ତା' ସ୍ତ୍ରୀ କୋଳରେ ପୂରେଇ ବଇଚି ଆଉ ତା' ନିଜ ଛୁଆଟା ତଳେ ଗଡୁଚି। ସ୍ତ୍ରୀକୁ ସେ ପଦିଏ କଥା ବି ପଚାରିଲାନି କାମକୁ ବାହାରିଗଲା।'

'ନା, ରେ ନିତାଇ ତୁ ବୋଧେ ଜାଣିନୁ ସେ ଟୋକା ରେବ ସ୍ୱାମୀକୁ ବୋଧେ ପଇସା ପତର ଦଉଛି, ତା' ଛୁଆର ଯତ୍ନ ନେବାକୁ। ମୁଁ ଶୁଣିଛି ସେ କୁଆଡେ ଦିନରେ କଲେଜ୍ ସାରି ରାତିବେଳେ କୋଉଠି ଗୋଟେ କମ୍ପାନୀରେ ପାର୍ଟଟାଇମ୍ କାମ କରୁଛି। ସିଏ କେତେବେଳେ ଆସି କେତେବେଳେ ପୁଣି ଚାଲିଯାଉଛି ତୁ ଦେଖିପାରିନଥିବୁ, ମୁଁ ବି ତା'ଟେର୍ ପାଉନି।'

'ହଁ ହେଇଥିବ।' କାନ କୁଣ୍ଡେଇ କୁଣ୍ଡେଇ ନବଘନ କହିଲା- 'ଆରେ ନିତାଇ! ଚାଲୁନୁ ସେ ରେବକୁ ପଚାରିଦବା, ଜଣା ପଡ଼ିଯିବ, ସତ କଥାଟା କ'ଣ! ପାଠପଢ଼ା ପିଲା, ହଷ୍ଟେଲରେ ନରହି, ଏଠି ଆସି ଏତେ ଦୂରରେ ରହୁଚି କାହିଁକି ?'

'ନା ବେ, ସିଏ ପଚାରିବ ତମର କ'ଣ ଦରକାର ସିଏ ହଷ୍ଟେଲରେ ରହିଲା, ଏଠି ରହିଲା କି ସ୍ୱର୍ଗରେ ରହିଲା। ସିଏ ତ ଘରଭଡ଼ା ଦଉଚି, ତମ ମୁଣ୍ଡ କାଇଁ ବିନ୍ଧୁଚି। ତମେ ତା' ଲାଗି ଭଡ଼ା ଦବ କି ?'

‘ନାଁରେ ନିତାଇ, ରେବଟା ଭାରି ଭଲ, ମୁଁ କ’ଣ ତାକୁ ଚିହ୍ନିନି। ସିଏ ପା ଆଗରୁ ଆମ ସାଙ୍ଗରେ ମସଲା କମ୍ପାନୀରେ କାମକୁ ଯାଉଥିଲା, ଏବେ ସିନା ତା’ ସ୍ୱାମୀ ମେଡିକାଲରେ ପିଅନ ହେଇଗଲା ବୋଲି ସେ ଘରେ ବସି ଛୁଆ ପାଳୁଚି। ଚାଲ୍ ତୁ ଖାଲି ଠିଆହବୁ ମୁଁ ସବୁକଥା ପଚାରିବି ତାକୁ।’

ରେବ ଘରେ ପହଞ୍ଚିଲା ନବଘନ, ନିତାଇକୁ ସାଙ୍ଗରେ ଧରି।

‘କି ଲୋ ରେବ କ’ଣ କରୁଚୁ କି?’ ଓଢ଼ଣା ଟାଣି ପଦାକୁ ବାହାରିଲା ରେବ – ‘ଆରେ ନବଘନ ଭାଇ ଭିତରକୁ ଆସୁନା, ଏମିତି ଦାଣ୍ଡଟାରେ ଠିଆହେଇଚ କାହିଁକି? ବସ, ଏଇ ଚେଆରରେ ବସ, ନିତାଇ ଭାଇ ତମେ ଠିଆହେଇ ରହିଲ ଯେ, ବସୁନା?’

– ‘ନା, ମ ଆମେ କ’ଣ ବସିବା ନାଗି ଆଇଥେଲୁ। ଆମେ ଗୋଟେ କଥା ପଚାରିବା ନାଗି ଆଇଥେଲୁ ନା?’

– ‘ପଚାରୁନ?’

– ‘ହଁ ରେ, ନିତାଇ କ’ଣ କହୁଥେଲିଟି। ସେ ଯୋଉ ଟୋକା, ନାଆଁଟା କ’ଣ ତା’ର? ଜିଲୁ, ହଁ ସେଇ ଜିଲୁ। ପିଲାଟା ତ ଭଲ ଡଉଲଡାଉଲ, ପାଠ ବି ପଢୁଛି। ହେଲେ ଏ ଯୋଉ ଛୁଆଟା ଏଠି ତୋ କୋଳରେ, ଏଇଟା କାହାର? ସେଇ କଥାଟା ବୁଝି ପାରିଲିନି ତ ବୁଝିବାକୁ ଆଇଥେଲି।

‘ହଁ ବା ନବଭାଇ, ଏଡ଼େ ଭଲ ପିଲାଟା, ଭାରି ହୀନକପାଳିଆ। ଭଗବାନ କରନ୍ତୁ ଏ ଛୁଆଟା ଟିକେ ବଡ଼ ହେଇଯାଉ। ତାକୁ ଆଉ ଏତେ କଷ୍ଟ କରିବାକୁ ପଡ଼ବନି।’

‘ହୀନକପାଳିଆ! ଭଲ ତ ଗାଡ଼ି ଖଣ୍ଡେ ଧରି ବୁଲୁଚି। ଆଉ ହୀନକପାଳିଆ କ’ଣ? ଓଃ, ତା’ର କ’ଣ ମାଇପ ମରିଯାଇଚି, ନା କ’ଣ?’

‘ନାଇଁ ମ ନବ ଭାଇ, ମାଇପ ଅଛି ଯେ ମରିବ, ମୂଳରୁ ତ ବାହା ହେଇନି ଏଯାଏଁ। ସତ କଥାଟା ଶୁଣିଲେ ତମେ ବିଶ୍ୱାସ କରିବ କି ନାଇଁ। ତମକୁ କହନ୍ତି ଯେ, ହେଲେ ଆଉ କାହାଆଗେ କହିବନି। ଶାନ୍ତଶିଷ୍ଟ ପିଲାଟା ବଦନାମ୍ ହେଇଯିବ।’

‘ମୁଁ କାଇଁ କାହାଆଗେ କହିବି ବା, ମତେ ତ ମରିବାକୁ ଡର ନାହିଁ। ଖାଲି ଗୋଟେ ଜାଣିବାକୁ ଇଚ୍ଛା ହେଲା ବୋଲି ପଚାରି ଦେଲି ନା।’

ହଉ କହୁଚି ଶୁଣ – ‘ଏ ପିଲାଟି ଭାରି ଭଲ ପଢ଼େ। ନୂଆନୂଆ କଲେଜ ପଢ଼ିଲାବେଳେ କୁଆଡ଼େ ଗୋଟେ ପିଲା ସହ ତା’ର ଭାରି ସଂପର୍କ ହେଇଗଲା। କୋଉ ସୁନ୍ଦରୀ ଝିଅ ସହ ନୁହେଁ ବା! ତା’ରି ଭଳି ଗୋଟେ ପିଲାଟି ସହ। ସେ ପିଲାଟି ସହ ଇଏ ଗୋଟିଏ ହଷ୍ଟେଲରେ, ଗୋଟିଏ ରୁମ୍‌ରେ ରହେ। ଦୁହେଁ ଗୋଟିଏ ଥାଳିରେ ଭାତ ଖାଆନ୍ତି। କେହି କାହାରିକୁ ପର ବୋଲି ଭାବନ୍ତି ନାଇଁ।



ସେ ପିଲାଟି କୁଆଡ଼େ ତାଙ୍କରି ସାଙ୍ଗରେ ପଢୁଥିବା ଗୋଟେ ଝିଅକୁ ଭଲ ପାଉଥିଲା। ହେଲେ ଲାଜକୁଳାଟା ଜମା କହିପାରେନି। ଛଅମାସ ବିତିଗଲା ହେଲେ ମୁହଁ ଖୋଲି କହିପାରିଲାନି। ସେ ଝିଅଘର କନକପୁର, ଏ ଜିଲୁ ଘର ବି ସେଇଗାଆଁରେ। ଚାରି ଛଅଟା ଘର ମାତ୍ର ମଝିରେ। ଦୁହେଁ ଦୁହିଁଙ୍କୁ ପିଲାଟି ଦିନରୁ ଜାଣନ୍ତି। ଇଏ ପିଲାଟାକୁ ତ ଦେଖିଥିବ କେଡ଼େ ସାହସୀ। କେଡ଼େ ତେଜ ତା ମୁହଁରେ, କେତେ ହସହସ, ମେଳାପି। ଏମିତି ହସିହସି ସେ ଝିଅକୁ ଯାଇ ତା’ ସାଙ୍ଗର ମନକଥା କହିଗଲା। ଦୁହେଁ ଦୁହିଁଙ୍କୁ ଭଲପାଇଲେ। କଥାହେଲେ, ମିଶିଲେ, ବୁଲିଲେ, ପ୍ରେମକଲେ।’

‘ହଁ ଯେ ରେବ ହେଲେ ଏ ଛୁଆଟା କାହାର ସେକଥା କହୁନୁ? କିଏ ପ୍ରେମକଲେ, ମିଶିଲେ ସେସବୁ କ’ଣ ଗପିଚାଲିଛୁ।’

‘ଆରେ କହୁଚି, ଟିକେ ଧୈର୍ଯ୍ୟ ଧର। ଏଇଟା ତ ମୂଳକଥା। ଏଇଟା ନକହିଲେ ବା କିଛି ବୁଝିହବନି। ଶୁଣ – ସେ ଦୁଇଜଣଙ୍କ ଏମିତି ସଂପର୍କ ହେଇଗଲା ଯେ କେହି କାହାରିକୁ ଛାଡ଼ି ରହିପାରିଲେନି। ଦୁହେଁ ନିଷ୍ପତ୍ତି ନେଲେ ବାହାହେବେ। ହେଇଗଲେ ବି। କୋଉ ଗୋଟେ ଛୋଟିଆ ମନ୍ଦିରରେ। ଆଉ ଫେରାର ହେଇ ପଳେଇଲେ ପାଠପଢ଼ା ଅଧାରେ ଛାଡ଼ିଦେଇ। ହଠାତ୍ ବାହାରି ଚାଲିଗଲେ ସିନା। ହେଲେ ସେମାନେ ବେଶିଦିନ ଲୁଚି ରହି ପାରିଲେନି, ଧରା ପଡ଼ିଗଲେ। ଝିଅର ବାପ ଥିଲା ସରପଞ୍ଚ। ଢେର୍ ନେତା ମନ୍ତ୍ରୀଙ୍କ ସହ ସମ୍ପର୍କ। ଅଜସ୍ର ପଇସା। ପଇସା ଖଟେଇ, ଲୋକ ଲଗେଇ ସେ ଦୁହିଁଙ୍କୁ ଧରିବାକୁ ଚେଷ୍ଟାକଲା। ଭାଗ୍ୟଭଲ ଟୋକାଟା ଜୀବନ ବଞ୍ଚେଇ ଖସିଗଲା। କୁଆଡ଼େ ଗଲା ଯେ ତା’ ଖବର ମିଳିଲାନି। କି ତାକୁ ମାରିଦେଲେ ସେକଥା ଏଯାଏଁ କେହି ଜାଣନ୍ତି ନାଇଁ।

ଯୋଉ କେତେଦିନ ସେମାନେ ଏକାଠି ରହିଥିଲେ, ସେତେବେଳକୁ ସେ ଝିଅ ପେଟରେ ଏ ଛୁଆଟା ରହିଯାଇଥାଏ। ବାପ ସିନା ତା’ଝିଅକୁ ଘରକୁ ନେଇ ଆସିଲା, ହେଲେ ସେ ଝିଅ ପେଟରେ ବଢୁଥିବା ଛୁଆଟାକୁ କ’ଣ କରିବ ଭାବି ଚିନ୍ତାରେ ପଡ଼ିଗଲା। ସେତେବେଳେ ତ ଛୁଆଟାକୁ ନଷ୍ଟ କରିଦେବାପାଇଁ ଭାରି ଚେଷ୍ଟାକରିଥିଲା। ହେଲେ ଝିଅ କହିଲା ଏ ଛୁଆଟାକୁ ମୁଁ ଜନ୍ମ ଦେବି। ଜବରଦସ୍ତି ଯଦି ତାକୁ ମାରିବାକୁ ଚେଷ୍ଟା କର ମୁଁ ନିଜେ ବିଷ ଖାଇ ମରିବି। ଆଗେ ଛୁଆଟା ଜନ୍ମ ହେଇସାରୁ ତା’ପରେ ତମେ ଯାହା କହିବ, ମୁଁ ମାନିନେବି। ଶେଷକୁ ସେଇଆ ହେଲା। ଛୁଆଟା ଜନ୍ମ ହେଲା। ଛଅମାସ ନଯାଉଣୁ ତା’ବାପା ଗୋଟେ ଧନୀଘରେ ତା’ର ବାହାଘର ଠିକ୍ କରିଦେଲା। ଏବେ ସମସ୍ୟା ହେଲା ଏଇ ଛୁଆ।

ଝିଅଠାରୁ ସବୁକଥା ଶୁଣିଲା ପରେ ସରପଞ୍ଚ ଜାଣି ସାରିଥିଲା ଯେ ଏ ସବୁ ଘଟଣାର

ମୂଳ ଯୋଗସୂତ୍ର ହଉଚି ଜିଲୁ। ତା'ରି ପାଇଁ ଏତେବଡ଼ କାଣ୍ଡ ଘଟିଗଲା। ଗାଆଁରେ ନିଶାପ ବସିଲା, ଜିଲୁର ବାପକୁ ଡକାହେଲା, ସବୁକଥା ବିଚାର ହେଲା। ଜିଲୁ ସେମାନଙ୍କୁ ପଠେଇ ଦେଇଛି ବୋଲି ଗ୍ରାମବାସୀମାନଙ୍କ ଆଗରେ କଥାପଡ଼ିଲା। ଜିଲୁର ବାପକୁ ନିଆଁପାଣି ବାସନ୍ଦ ହେଲା। ସିଏ କାନଧରି ଗାଆଁଲୋକଙ୍କ ଆଗରେ ମୁଣ୍ଡ ନୁଆଁଇ ଭୁଲ୍ ମାଗିଲା।

ଏସବୁ କଥା ଜାଣିବା ପରେ, ଜିଲୁ ସେଠି ପହଞ୍ଚିଲା, ତାକୁ ଭାରି କଷ୍ଟ ଲାଗିଲା। ଅପମାନର ଜ୍ୱାଳାରେ ତା' ଅନ୍ତର ପୋଡ଼ିଗଲା। ଭୁଲ୍ ତ କରିଛି ସେମାନଙ୍କୁ ପଠେଇଦେଇ। ଆଉ କରିବ କ'ଣ ! ତା' ବାପ ଉପରକୁ ଏତେ ବିପଦ ପଡ଼ିବାର ଦେଖି ସେ ଆଉ ସହି ପାରିଲାନି। ସେଇ ମୁହୂର୍ତ୍ତରେ ଗ୍ରାମବାସୀଙ୍କ ଆଗରେ ନିଜର ନିଷ୍ପତ୍ତି ଶୁଣେଇଦେଲା ଯେ – 'ଏ ଛୁଆଟିକୁ ନେଇ ଯଦି ଏତେ ସମସ୍ୟା। ତେବେ ତା' ପାଇଁ କେହି ବ୍ୟସ୍ତ ହେବା ଦରକାର ନାହିଁ। ମୁଁ ରଖିବି ସେ ଛୁଆକୁ। ତମେ ତମ ଝିଅକୁ ଯୋଉଠି ବାହାଘର କରେଇବା କଥା କରିଦିଅ। ଦିଅ ସେ ଛୁଆକୁ ମୋ ହାତରେ। ମୁଁ ତା'ର ଲାଳନପାଳନ କରିବି।' ଏତିକି କହି କୋଳେଇନେଲା ସେ ଛୁଆକୁ।

ସେଇଦିନଠୁ ଆସି ଏଇଠି ଘରଭଡ଼ା ନେଇ ରହୁଚି। ନିଜେ ରୋଜଗାର କରି ପଢୁଛି। ଛୁଆ ପାଇଁ ଖାଇବା ପିଇବା ବ୍ୟବସ୍ଥା କରୁଛି। ମୋ ଗେରସ୍ତ ଆଗରେ ସବୁକଥା ଖୋଲି କହିଲା। ଆମର ଇଏତ କାହାରି ଦୁଃଖ ସହିପାରିବେନି। ତା' କଥା ଶୁଣି କାନ୍ଦି ପକେଇଲେ। ମୋତେ ଡାକି କହିଲେ ଆଜିଠାରୁ ଏ ଛୁଆର ଦାୟିତ୍ୱ ତୋରି ହାତରେ ରହିଲା। ଜିଲୁ ନଥିଲା ବେଳେ ତୁ ତା'ର ମାଆ ହୋଇ ଯତ୍ନ ନେବୁ। ସେଇ ଦିନରୁ ମୁଁ ଏ ଛୁଆକୁ ନିଜ ଛୁଆ ବୋଲି ଭାବି ନେଇଛି।'

ଏତିକି କଥାବାର୍ତ୍ତା ଭିତରେ ବାହାରୁ ଗାଡ଼ି ଶବ୍ଦ ଶୁଭିଲା। ରେବ ଚୁପ୍ ଚୁପ୍ ହେଇ କହିଲା– 'ଏ ନବ ଭାଇ, ହେଇଟି ଜିଲୁ ଆସିଲାଣି। ମୋ ରାଣ କାହାକୁ କିଛି କହିବନି। ତମେ ଏବେ ଯାଅ, ତା' ପରେ କ'ଣ ହେଲା ଆଉ କେବେ କହିବି।'

ନବଘନ ଗାମୁଛାରେ ଆଖି ପୋଛୁପୋଛୁ ନିଜ ଲୁହକୁ ଲୁଚେଇବାକୁ ଚେଷ୍ଟା କରି – 'ଆ'ରେ ନିତାଇ ଯିବା, ତେଣେ କେତେ କାମ ପଡ଼ିଚି' କହି ଉଠି ପଳେଇଲା।



# ମୂର୍ଖ ମଦନା

ମଦନା ନିପଟ ମଫସଲ ସ୍କୁଲର ପିଲା। ଘରଟା ହୋଇପାରେ ଆପଣଙ୍କ ଗାଆଁ। ପାଠ ଶାଠ କଥା ନପଚାରିବା ଭଲ। ସ୍କୁଲ୍ ଯାଏ ଇଚ୍ଛା ହେଲେ। ଖେଳ ଛୁଟିରେ ବ୍ୟାଗ୍ ନେଇ ଘରକୁ ଚାଲିଆସିବା ନିତିଦିନିଆ କଥା। ମାଷ୍ଟର ରାଗିଲେ, ଗାଳିକଲେ, ଦିନେ ଅଧେ ଛୁଟି ହେବା ପର୍ଯ୍ୟନ୍ତ ରହିଯାଏ ସିନା, ହେଲେ ଘରକୁ ଫେରିବାବେଳେ ଜେଲ୍‌ରୁ ଫେରିବା ପରି ଆସେ। ପରଦିନ ସ୍କୁଲ୍ ବନ୍ଦ। ଗାମୁଛା ଖଣ୍ଡେ ପିନ୍ଧି ଗାଆଁ ଚାରିପଟେ ବୁଲେ। କେଉଁଠି ନେଉଳ ଛୁଆ ଗାତ କରି ରହୁଛି ତା'ର ସନ୍ଧାନ କରେ। ଗାତରୁ କଙ୍କଡ଼ା ଧରେ। ବନିସୀ ପକେଇ ମାଛ ଧରେ। ଯାହା ମନ ହୁଏ ସେଇଆ କରେ। କହିବାକୁ ଗଲେ ଅନ୍ୟମାନଙ୍କ ଜୀବନରେ ତା'ର ହସ୍ତକ୍ଷେପ ନଥାଏ ଏବଂ ତା' ଜୀବନରେ ଅନ୍ୟକହାର ହସ୍ତକ୍ଷେପକୁ ସେ ଗ୍ରହଣ କରେନା।

ସବୁ ଦୁଷ୍ଟାମୀ, ପାଗଳାମି ପରେ ବି ସେ ଜଣେ ଭଲ ପିଲା। ଭଲ ପିଲା ଏଇଥିପାଇଁ ଯେ, ଅନ୍ୟମାନଙ୍କ ହାନିରେ ଲାଭରେ ତା'ର କିଛି ଯାଏ ଆସେ ନାହିଁ। ପଢ଼ିବାକୁ ଇଚ୍ଛା ନଥିଲେ ବି ବାପାମାଆଙ୍କ କାକୁତିମିନତିରେ ବିରକ୍ତ ହୋଇ ସେ ବହିଗୁଡ଼ିକ ପଢ଼ି ପକାଏ। ମନେରହୁ ବା ନରହୁ ସେଥିପ୍ରତି ତା'ର ନଜର ନଥାଏ।

ଅନ୍ୟମନସ୍କତାରେ ବି ଅନେକ ବିଷୟକୁ ଅକ୍ତିଆର କରିପାରେ ସେ। ଶିକ୍ଷକ ପ୍ରଶ୍ନ ପଚାରିବାବେଳେ ଯେଉଁ ପ୍ରଶ୍ନର ଉତ୍ତର ସମସ୍ତେ ଜାଣନ୍ତି ମଦନାକୁ ତାହା ଜଣା ନଥାଏ। ଆଉ ଯେଉଁ ପ୍ରଶ୍ନର ଉତ୍ତର କାହାକୁ ଜଣାନଥାଏ, ସେହି ପ୍ରଶ୍ନ ଶୁଣି ମଦନାର ମସ୍ତିଷ୍କ ସକ୍ରିୟ ହୁଏ ଓ ସେ ଚଟାପଟ୍ ଉତ୍ତରଟା ଦେଇଦିଏ। ସମସ୍ତେ କାବା ହେଇ ତା' ମୁହଁକୁ ଅନାନ୍ତି। ମଦନା ହସେ। ଲାଜ କରେ।

ମଦନାର କେହି ସାଙ୍ଗ ନଥିଲେ। ଆଉ ଯେଉଁମାନେ ତା'ସାଙ୍ଗରେ ମିଶୁଥିଲେ, ପନ୍ଦର ଦିନ ପରେ ତା'ମୁହଁ ଚାହିଁବାକୁ ପାପ ବୋଲି ମନେକରୁଥିଲେ। ପିତାମାତାଙ୍କ ନିର୍ଦ୍ଦେଶକ୍ରମେ ପ୍ରତିପାଳିତ ହେଉଥିବା ପିଲାମାନଙ୍କଠାରୁ ମଦନାର ସ୍ୱଭାବ ଥିଲା ସଂପୂର୍ଣ୍ଣ ବିପରୀତ। ସବୁ ପିଲାମାନେ ଦିନ ଦଶଟାରେ ସ୍କୁଲ୍ ଯାଇ ଚାରିଟାବେଳେ ଫେରନ୍ତି। ମାତ୍ର ମଦନା ଯଦି ସ୍କୁଲ ଯାଏ ମଧ୍ୟାହ୍ନ ବିରତିରେ ଘରକୁ ଫେରିଆସେ। ଆଉ ଯଦି ସ୍କୁଲ ଯିବାକୁ ଇଚ୍ଛା ନଥାଏ ସ୍କୁଲ୍ ବାହାନାରେ ଚତୁର୍ଦ୍ଦିଗ ଭ୍ରମଣ କରିବା ଥିଲା ତା'ର ଲକ୍ଷ୍ୟ।

ପ୍ରଥମରୁ ମଦନା ଏମିତି ନଥିଲା। ସେ ମଧ୍ୟ ଅନ୍ୟ ପିଲାମାନଙ୍କ ପରି ସ୍କୁଲ୍ ଟିଉସନ୍ ଯାଉଥିଲା। ସ୍କୁଲରେ ଶିକ୍ଷକମାନଙ୍କ ତାଗିଦ୍, ଟିଉସନ୍‌ର ମାଡ଼ କ୍ରମେ ତା'ର ପିଲାଳିଆମିକୁ ତା'ଠାରୁ ଦୂରେଇ ଦେଉଥିବାରୁ, ସେ କ୍ରନ୍ଦନ ମାଧ୍ୟମରେ ତା'ର ପ୍ରତିବାଦ ଜଣାଉଥିଲା। ମାତ୍ର ମାଡ଼ର ଶକ୍ତି କ୍ରନ୍ଦନର ଶକ୍ତି ଠାରୁ ଅଧିକ ହେବାରୁ ସେ ସ୍କୁଲ୍ ଟିଉସନ୍ ନଯିବାର ନିଷ୍ପତ୍ତି ନେଲା। ହେଲେ ତା' ନିଷ୍ପତ୍ତିର ପ୍ରଥମ ପ୍ରତିବନ୍ଧକ ଥିଲେ ତା'ର ପରିବାର ଲୋକେ। ଯାହା ତା'ର ଜ୍ଞାନ ପରିସର ବାହାରେ ଥିଲା ତାହାହିଁ ଘଟିଲା।

ପାଠ ପଢ଼ିବାକୁ ଗଲେ ଶିକ୍ଷକଙ୍କ ମାଡ଼, ଆଉ ନଗଲେ ବାପା ମାଆଙ୍କ ମାଡ଼ଗାଳିକୁ ଡରି ବିଚରା ମଦନା ବିଚାର କଲା– ଏ ଦୁଇ ଭୟ ମଧ୍ୟରେ ଖସିଯିବା ପାଇଁ ଗୋଟିଏ ବାଟ ଅଛି। ଘରୁ ବାହାରିଗଲେ ଗୋଟିଏ ଭୟ ଅପସାରଣ ହେବ ଏବଂ ସ୍କୁଲରେ ନପହଞ୍ଚିଲେ ଆଉ ଗୋଟିଏ ଭୟକୁ ଦୂରେଇ ଦିଆଯାଇପାରିବ। ଦଶଟାରୁ ଚାରିଟା ଆଠ ଘଣ୍ଟାର ସମୟକୁ ଅନ୍ୟତ୍ର ଭ୍ରମଣ ଓ ଆତ୍ମବିନୋଦନ ପାଇଁ ଉପଯୋଗ କରାଯାଇପାରିବ। ଏସବୁ ଚିନ୍ତାର ସଫଳ ରୂପାୟନ ପାଇଁ ପରୀକ୍ଷାମୂଳକ ଭାବରେ ମଦନା ନିଜର ଅପ୍ରତିଦ୍ୱନ୍ଦ୍ୱୀ ଶକ୍ତିଶାଳୀ ସାଇକେଲ୍ ଉପରେ ବସି ଦିଗ୍‌ବଳୟ ସନ୍ଧାନରେ ବାହାରିପଡ଼ିଲା। ସମୟ ସୀମା ଆଠ ଘଣ୍ଟା। ତେଣୁ ଯିବା ପାଇଁ ଚାରି ଘଣ୍ଟା ଆଉ ଫେରିବା ପାଇଁ ଚାରି ଘଣ୍ଟା ସମୟକୁ ବିଭାଜନ କରି ମଦନା ଚାରି ଘଣ୍ଟା ସମୟରେ ଯେତିକି ବାଟ ଅତିକ୍ରମ କରାଯାଇପାରେ ସେତିକି ବାଟ ଯିବାପାଇଁ ପ୍ରୟାସ କରେ।

ଏମିତି କିଛିଦିନ ଭିତରେ ମଦନା ଆଖପାଖର ସବୁ ମନ୍ଦିର, ଦର୍ଶନୀୟ ସ୍ଥାନ, ନଦୀ, ବଜାରଘାଟ, ଜଙ୍ଗଲ ସବୁଆଡ଼େ ଥରେଥରେ ବୁଲିଆସିଲା। ଏବେ ନଦୀକୂଳରେ ଥିବା



ଘଞ୍ଚ କାଜୁ ଜଙ୍ଗଲଟିକୁ ଅଧିକ ମନୋହର ସ୍ଥାନ ରୂପେ ନିର୍ବାଚନ କରି ସେଇଠି ଅଧିକାଂଶ ସମୟ ଅତିବାହିତ କରୁଥିଲା।

ଧରାପଡ଼ିଯିବା ଭୟରେ ମଝିରେମଝିରେ ସ୍କୁଲ୍ ଯାଉଥାଏ। ଅନିୟମିତ ଭାବରେ ସ୍କୁଲ୍ ଯାଉଥିବାରୁ ଶିକ୍ଷକମାନେ ଗାଳି କରନ୍ତି। ତଥାପି ମଦନା ଶାରୀରିକ ଅସୁସ୍ଥତାର ବାହାନା କରି କୌଣସିମତେ ଘଟଣାକୁ ସ୍ୱାଭାବିକ କରିବାକୁ ଚେଷ୍ଟା କରେ।

ସବୁଦିନ ପରି ମଦନା ସେଦିନ ସ୍କୁଲ୍ ନଯାଇ ବୁଲିବାକୁ ଯାଇଥାଏ। ନଈବନ୍ଧର ଉଚ୍ଚା ରାସ୍ତାରେ ସାଇକେଲ୍ ଚଲେଇ ଗଲାବେଳେ ମଦନା ସବୁଜ ଧାନକ୍ଷେତ, ଆକାଶରେ ଭାସିବୁଲୁଥିବା ବାଦଲ, ଉଡୁଥିବା ପକ୍ଷୀ ଓ ତାଳ ଗଛରେ ଝୁଲୁଥିବା ବାଇଚଢ଼େଇ ବସାକୁ ଦେଖି ଖୁବ୍ ଖୁସି ଅନୁଭବ କରୁଥାଏ। ଇଚ୍ଛା ହେଉଥାଏ ସେଇ ବାଇଚଢ଼େଇ ବସା ଭିତରେ ବସି ଝୁଲିବାକୁ। ଛୋଟ ପକ୍ଷୀଟିଏ ହୋଇ ନଈ ଏପଟରୁ ଆରପଟକୁ ଉଡ଼ିଯିବାକୁ।

ବର୍ଷଦିନିଆ ମେଘୁଆ ପାଗରେ ଗଛର ପତ୍ରଗୁଡ଼ିକ ସତେଯେମିତି ନୂଆ ରଙ୍ଗରେ ରଙ୍ଗେଇ ହୋଇଥିଲା। ସବୁଜ ପତ୍ରର ଗହଳି ଭିତରେ ମଦନା ପ୍ରଜାପତିଟିଏ ପରି ଘୁରିବୁଲୁଥିଲା।

ଏଇ ସମୟରେ ଆକାଶ କଳାରଙ୍ଗ ଧାରଣ କଲା। ଧୀରେଧୀରେ ବିକ୍ଷିପ୍ତ ମେଘଖଣ୍ଡଗୁଡ଼ିକ ଏକତ୍ରିତ ହେଲେ। ସତେ ଯେମିତି ପୃଥିବୀ ମାତାକୁ ଜଳମଗ୍ନ କରିବା ପାଇଁ ଏମାନେ ଏକ ବିରାଟ ସଭାର ଆୟୋଜନ କରିଛନ୍ତି। ଆରମ୍ଭ ହୋଇଗଲା ବାଦଲ ଫଟା ବର୍ଷା। ପ୍ରଥମେ ମଦନା ଗୋଟିଏ ବଡ଼ ବରଗଛ ମୂଳେ ଆଶ୍ରୟ ନେବାକୁ ଚେଷ୍ଟା କଲା। ମାତ୍ର ବରଗଛଟି ଏ ଭୀଷଣ ବର୍ଷା ଦାଉରୁ ମଦନାକୁ ରକ୍ଷା କରିବାକୁ ଅସମର୍ଥ ହୋଇପଡୁଥିଲା। ମଦନା ବର୍ଷାରେ ଜୁଡୁବୁଡୁ ଓଦା ହୋଇଗଲା। ମଦନାର ଚିନ୍ତା ବଢ଼ିଲା। ଦିନ ଆସି ଚାରିଟା ହେଲାଣି, ବର୍ଷା ଥମିବାର ନାଁ ଧରୁନି। କ'ଣ ଆଉ କରାଯାଇପାରେ... ?

ମଦନା ବର୍ଷା କମିବାକୁ ଅପେକ୍ଷା ନକରି ନିଜ ସାମର୍ଥ୍ୟ ଅନୁସାରେ କ୍ଷୀପ୍ର ଗତିରେ ଘର ଅଭିମୁଖେ ସାଇକେଲ ଛୁଟାଇଲା। ସନ୍ଧ୍ୟା ହୋଇ ଆସିଲାଣି ରାସ୍ତା ସରୁନାହିଁ, ଆହୁରି ଢେର୍ ବାଟ ବାକି ଅଛି।

ଘରେ ମାଆ ବ୍ୟସ୍ତ ହେଲେଣି। ସବୁ ପିଲାମାନେ ସ୍କୁଲରୁ ଫେରୁଛନ୍ତି। ମାଆ ଅଧୀର ହୋଇ ସହପାଠୀମାନଙ୍କୁ ପଚାରିବାରୁ ଜଣା ପଡ଼ିଲା ମଦନା ସ୍କୁଲ୍ ଯାଇନାହିଁ। ମାଆଙ୍କର ଚିନ୍ତା ଆହୁରି ବଢ଼ିଗଲା। ମଦନା ସ୍କୁଲ୍ ଯାଇନି ତ ଗଲା କୁଆଡ଼େ... ?

ବାପା କାମରୁ ଫେରି ମାଆଙ୍କଠାରୁ ଏସବୁ କଥା ଶୁଣିଲେ। ବିଶ୍ୱାସ ନହେବାରୁ ସ୍କୁଲ୍ ଶିକ୍ଷକମାନଙ୍କ ସହ ଯୋଗାଯୋଗ କରାଗଲା। ଶିକ୍ଷକମାନେ ସ୍ପଷ୍ଟ କରିଦେଲେ କି

ମଦନା ଅନେକ ଦିନ ଧରି ଅସୁସ୍ଥତା ବାହାନାରେ ସ୍କୁଲରେ ଅନୁପସ୍ଥିତ ରହୁଥିଲା। ଏଥର ବାପା ମାଆ ଅଧୈର୍ଯ୍ୟ ହୋଇ କାନ୍ଦିବାକୁ ଲାଗିଲେ।

ରାତି ଆଠଟାବେଳକୁ ମଦନା ଘରେ ପହଞ୍ଚିଲା। ଓଦା ଝଳରୁ ଏଯାଏଁ ଟପ୍‌ଟପ୍ ହୋଇ ପାଣି ଗଳୁଥାଏ। ବାପାମାଆ ମଦନାକୁ ବାଡ଼େଇବା କଥା କିନ୍ତୁ ମଦନା ତା' ପୂର୍ବରୁ କାନ୍ଦିକାନ୍ଦି ନିଜର ଭୁଲ ସ୍ୱୀକାର କରିନେଲା ଓ କ୍ଷମା ମାଗିଲା। ବାପାମାଆ ସବୁକଥା ଭୁଲିଯାଇ ବର୍ତ୍ତମାନ ଚିନ୍ତାରେ ଥିଲେ କି ବର୍ଷସାରା ସ୍କୁଲ୍ ନଯାଇ, ପାଠ ନପଢ଼ି ବୁଲୁଥିବା ପିଲାଟା ଆଉ କ'ଣ ପରୀକ୍ଷାରେ ପାସ୍ କରିପାରିବ... ?

ଆଶ୍ଚର୍ଯ୍ୟର ବିଷୟ ପରୀକ୍ଷା ଫଳ ବାହାରିବାବେଳକୁ ମଦନା ତାଙ୍କ ସ୍କୁଲ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ସ୍କୁଲ୍ ଶିକ୍ଷକ, ବାପା ମାଆ, ସହପାଠୀ ସମସ୍ତେ ବିସ୍ମୟ। ଜଣେ ସହପାଠୀ ମଦନାକୁ ପଚାରିବାରୁ ଜଣା ପଡ଼ିଲା ମଦନା ସ୍କୁଲ୍ ନଯାଇ ନଈକୂଳର କାଜୁ ବଣରେ ଶୋଇଯାଇଥିବା ଏକ କାଜୁଗଛ ଉପରେ ବସି ଶ୍ରଦ୍ଧାରେ ହେଉ ବା କ୍ଳାନ୍ତି ଜନିତ ବିରକ୍ତିରେ ହେଉ ସାଙ୍ଗରେ ଆଣିଥିବା ବହିଗୁଡ଼ିକ ପଢୁଥିଲା। ବହିରେ ଲିଖିତ ଘଟଣାଗୁଡ଼ିକ ତା' ମନରେ ଛବିପରି ଚିତ୍ରିତ ହୋଇଯାଉଥିଲା। ଏହିପରି ଅନେକ ବିଷୟ ତା'ର ମନେ ରହିଯାଇଥିଲା।

ପରୀକ୍ଷାରେ ପ୍ରଶ୍ନଗୁଡ଼ିକୁ ଦେଖି ମନେ ରଖିଥିବା ପ୍ରସଙ୍ଗକୁ ମଦନା ଲେଖି ଦେଇଥିଲା। ସେ କ'ଣ ଜାଣିଥିଲା ପରୀକ୍ଷକଙ୍କୁ ଏହି ଉତ୍ତରଗୁଡ଼ିକ ଭଲ ଲାଗିବ ବୋଲି। ପ୍ରତ୍ୟକ୍ଷ ଅନୁଭବଜଡ଼ିତ ଉତ୍ତର ପଢ଼ି ପରୀକ୍ଷକ ତାକୁ ଭଲ ନମ୍ବର ଦେଇଥିବାରୁ ଶତାଧିକ ପିଲାଙ୍କ ଭିତରେ ମଦନା ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କାର ପାଇଲାବେଳେ ମନେମନେ ଭାବୁଥିଲା ଇଏ କ'ଣ ସ୍କୁଲ୍ ନଯାଇ ବୁଲିବାର ଉପହାର !



# ଗଞ୍ଜେଇ

ଧୂଆଁ କୁଣ୍ଡଳୀଟିଏ ଘୁରିଘୁରି ଉପରକୁ ଉଠିଲା। ବର୍ଷାଦିନେ ଓଦା ଝଳରୁ ଧୂଆଁ ଉଠିଲା ପରି। ଖୁଁ ଖୁଁ କାଶ ଶୁଭିଲା। ଦେ ଦେ ଆଉ ଟିକିଏ ନିଆଁ ଲଗା କହି ବୁଢ଼ା ଲୋକଟି ଭାସିଆଆଡ଼କୁ ଚିଲମଟି ବଢ଼େଇଦେଲା। ଦିଆସିଲି ଧରି ବସିଥାଏ ଭାସିଆ। କାନ୍ଧରେ ଝୁଲୁଥାଏ କନାରେ ତିଆରି ଗୋଟେ ବ୍ୟାଗ୍। ଭାସିଆ କେତେବେଳେ କୋଉଠି ଥାଏ, ତା'ର କିଛି ଠିକ୍ ଠିକଣା ନଥାଏ; କିନ୍ତୁ ସେ ଯୋଉଠି ବି ଥାଉ ସେ ବ୍ୟାଗ୍‌ଟି ସବୁବେଳେ ତା'କାନ୍ଧରେ ଝୁଲୁଥାଏ। ବ୍ୟାଗ୍‌ଟା ଦୀର୍ଘଦିନ ଧରି ଧୁଆ ନହେବା କାରଣରୁ ଗଞ୍ଜେଇ ଟାଣିଲାବେଳେ ଅଜାଣତରେ ତା ଉପରେ ନିଆଁ ଗୁଲାଟିଏ ପଡ଼ିଗଲେ ବି ତାହା ଜଳିଯାଏ ନାହିଁ।

ପୁଣି ଏକ ଧୂଆଁ କୁଣ୍ଡଳୀ ଆକାଶଆଡ଼କୁ ଛୁଟିଲା। ନିଶା ଚଢ଼ିଆସୁଥାଏ। ସେଇ ଧୂଆଁ ଭିତରେ ଭାସିଆକୁ ଦିଶୁଥାଏ ତା' ବିଗତ ଜୀବନର ସ୍ମୃତିସବୁ। ବାପା ତା'ର ଜମିଦାର ଘରେ କୋଠିଆ ଥିଲା। କେତେ ଆଣେ କେତେ ଖର୍ଚ୍ଚ କରେ ତା'ର କିଛି ହିସାବ ନଥାଏ। ଘରେ ଥିଲେ ଖାଏ ନହେଲେ ଉପାସ ଶୋଇଯାଏ। ବୋଉ କାନ୍ଦିକାନ୍ଦି ଅଭିଯୋଗ କରେ, କିନ୍ତୁ ବାପାଙ୍କୁ ବୁଝେଇ ପାରେନି।

ଭାସିଆ ସେତେବେଳକୁ ଜମା ଦଶ ବର୍ଷର ହୋଇଥାଏ। ରୋଗରେ ପଡ଼ିପଡ଼ି ବୋଉ ଆରପାରିକୁ ଚାଲିଗଲା। ବୋଉ ଗଲାଦିନୁ ବାପା ଆଉ ଜମିଦାର ଘରକୁ ଯାଇନାହିଁ। ମଠକୁ ଯାଏ, ନହେଲେ ଘର ଆଗରେ ବସି ଗଞ୍ଜେଇ ଟାଣେ। ଏଇ ଗଞ୍ଜେଇ ଧୂଆଁରେ ଜମିବାଡ଼ି ସବୁ ଧୂଆଁ ହେଇଗଲା।

ଚିଲମ ତଳେ ରଖି ଭାସିଆ ଉପରକୁ ଚାହିଁଲା। ବାଡ଼ି ଖଣ୍ଡେ ଧରି ଉଠି ଛିଡ଼ାହେଲା। ବ୍ୟାଗ୍‌ଟିକୁ ଧରି ଚାଲିଲା ବଜାରଆଡ଼କୁ। ଇଏ ତା'ର ନିତିଦିନିଆ କଥା। ବଜାରଘାଟ ନଗଲେ ହାଣ୍ଡିରେ ଚୁଲି ବସିବା ଅସମ୍ଭବ। ଦୁଇ ପ୍ରାଣୀ ବଞ୍ଚିବାକୁ ହେଲେ ଦାନା ମୁଠାଏ ତ ନିହାତି ଦରକାର। ଘରକୁ ଫେରୁଫେରୁ ଦିନ ବାରଟା।

ପଡ଼ିଶା ଘର କୁନିଆ ଏବେ ଗୋଟେ ପୋଖତ କୁଜିନେତା। ଭାସିଆର ଗୋଟିଏ ବୋଲି ଅଲିଅଳି ଝିଅର ବାହାଘର ସରିଛି। ହେଲେ ପୁଅଟିଏ ନାହିଁ ବୋଲି କୁନିଆ ଢେର୍ ଦିନ ହେଲା ଭାସିଆ ପଛରେ ଲାଗିଛି ତା' ଡିହ ଖଣ୍ଡିକ ନବାପାଇଁ। ହେଲେ ଭାସିଆର ବଦ୍‌ରାଗି ଗୁଣକୁ ସେ ଭଲ ଭାବରେ ଜାଣେ। ସେଇଥିପାଇଁ ଭାସିଆ ବଜାର ଯାଇଥିବାବେଳେ କୁନିଆ ତା' ଘରକୁ ଆସି ତା' ସ୍ତ୍ରୀ ସରସ୍ୱତୀକୁ କହେ – 'ବୁଝିଲ ଭାଉଜ! ମୁଁ ହେଲି ତମର ପୁଅ ଭଳିଆ, ତେଣୁ ତମରି ଭଲ ପାଇଁ କହୁଚି। ଭାସିଆ ଭାଇ ସିନା ବୁଝୁନାହାନ୍ତି। ଆଜି ନହେଲେ କାଲି ବୁଢ଼ାବୁଢ଼ୀ ଦି'ଟା ଶୁଖିଲା ପତ୍ର ପରି ଝଡ଼ିପଡ଼ିବ। ତମର ଗୋଟିଏ ବୋଲି ଝିଅକୁ ତ ଶାଶୂଘର ପଠେଇ ଦେଲ ତମେ ଗଲାପରେ ଏ ଡିହଟାରେ ବିଲୁଆ ଡେଇଁବେ। ଏସବୁ ମୁଁ ଦେଖିଲେ ସହି ପାରିବିନି। ହେଇଟି, ମୋତେ ଯଦି ଏଇ ଡିହ ଖଣ୍ଡକ ଦିଅନ୍ତ, ମୁଁ କ'ଣ ତମକୁ ତଡ଼ି ଦଉଚି। ଯେତେଦିନ ବଞ୍ଚିଚ, ତମେ ଏଇଠି ରହିବ। ଶେଷବେଳକୁ ତମ ଜ୍ୱାଇଁ ସହ କାନ୍ଧ ମିଳେଇ ମୁଁ ହିଁ ତମର ଶୁଦ୍ଧକ୍ରିୟା କରିବି। ଏବେ ଖାଲି ରେଜିଷ୍ଟ୍ରି କରିଦେଇ ଜମି ବାବଦ ଟଙ୍କାଟା ନେଇ ଚଳୁଥାଅ। ତମେ ଟିକେ ଏକଥା ଭାସିଆ ଭାଇକୁ ବୁଝେଇ ଦିଅ। କ'ଣ ମିଳିବ ସେ ଗଞ୍ଜେଇ ବେପାରରୁ। ଆଜିକାଲି ଅବକାରୀ ବିଭାଗ ଯେମିତି ଚଢ଼ାଉ କଲେଣି, କେତେବେଳେ କୋଉ କଥା! ସରସ୍ୱତୀ ଖାଲି ଶୁଣୁଥାଏ। ପ୍ରତ୍ୟୁତ୍ତର ଦେବାକୁ ସାହସ ନଥାଏ। କୁନିଆ କେତେବେଳୁ ଚାଲିଗଲାଣି। ସରସ୍ୱତୀ କିନ୍ତୁ ସେଇଠି ଚିନ୍ତାମଗ୍ନ ହୋଇ ବସିରହିଥାଏ। ବାରିପଟେ ଖଡ଼୍‌ଖଡ଼୍ ଶବ୍ଦ ଶୁଭିଲା। ସରସ୍ୱତୀ ଝରକା ଖୋଲି ଚାହିଁଲାବେଳକୁ କେହି କୁଆଡ଼େ ନଥିଲେ। ଖାଲି ଗଛ ପତ୍ର କିଛି ହଲୁଥିଲା।

ସନ୍ଧ୍ୟା ବେଳକୁ ଭାସିଆ ଦୁଆର ପାଖରେ ବସି ଗଞ୍ଜେଇ ଦଳୁଥାଏ। ଛୋଟଛୋଟ ପୁଡ଼ିଆ କରି କାଗଜରେ ମୋଡ଼ୁଥାଏ। ଇଏ ଦଶ ଟଙ୍କିଆ ପୁଡ଼ିଆ, ଇଏ କୋଡ଼ିଏ ଟଙ୍କିଆ, ଏମିତି ସଜେଇ ରଖୁଥାଏ। ଘର ଆଗରେ ମଟର ଗାଡ଼ିଟିଏ ଆସି ପହଞ୍ଚିଲା। ଦୁଇ ଚାରିଜଣ ଲମ୍ବା ପେଣ୍ଟ୍ ପିନ୍ଧା ସରକାରୀ ବାବୁ ଗାଡ଼ିରୁ ଓହ୍ଲେଇ ପଡ଼ି ଭାସିଆ ପାଖକୁ ଆସିଲେ। ଅବକାରୀ ବିଭାଗ ପୋଲିସ ବାବୁମାନେ ଭାସିଆକୁ ମଟରଗାଡ଼ିରେ ବସାଇ ଥାନାକୁ ନେଇଗଲେ। ସରସ୍ୱତୀ କାନ୍ଦିକାନ୍ଦି ଗଡ଼ିଯାଉଥାଏ। ବୁଟ୍ ପିନ୍ଧା ବାବୁମାନେ ଖାତିର ନ କରି ଗଞ୍ଜେଇ ପୁଡ଼ିଆ ଜବତ କଲେ। ଭାସିଆକୁ କୋର୍ଟ ଚାଲାଣ କରିଦେଲେ। ଛଅ ମାସ ପାଇଁ ଜେଲ ଦଣ୍ଡ ଭୋଗୁଥିଲା ଭାସିଆ।

ଜେଲ୍ ଭିତରେ ଭାସିଆକୁ ପ୍ରଥମେପ୍ରଥମେ ଭାରି ଅସ୍ତବ୍ୟସ୍ତ ଲାଗେ। ଗଞ୍ଜେଇ ଧୂଆଁରେ ଅଭ୍ୟସ୍ତ ଭାସିଆକୁ ଗଞ୍ଜେଇ ଟିକିଏ ନ ମିଳିବାରୁ ଭାରି ଚିଡ଼ିଚିଡ଼ି ହୁଏ। ସମୟକ୍ରମେ ଭାସିଆ ଜେଲ୍ ଭିତରେ ନିଜକୁ ଖାପଖୁଆଇ ଚଳିଲା। ଅଭ୍ୟାସ ଭାଙ୍ଗିଗଲା। ଗଞ୍ଜେଇ ପ୍ରତି ଆଉ ସେତେ ଆକର୍ଷଣ ନ ଥିଲା। ଭାସିଆ ପଶ୍ଚାତାପ କରୁଥିଲା। ହେଲେ ଏଥିପାଇଁ ସେ ନିଜକୁ ନୁହେଁ ବରଂ ଭଗବାନଙ୍କୁ ଦାୟୀ କରୁଥିଲା। ଭଗବାନ ଯଦି ଅନ୍ୟମାନଙ୍କ ପରି ତାକୁ ସୁସ୍ଥ ସବଳ ଲୋକଟିଏ କରି ଜନ୍ମ ଦେଇଥାନ୍ତେ, ତେବେ ବାପା ହାତରୁ ଗଞ୍ଜେଇ ପୁଟୁଳିଟି ତା' ହାତକୁ କେବେ ଆସି ନଥାନ୍ତା। ଜନ୍ମରୁ ତା'ର ବାଆଁ ଗୋଡ଼ଟି ଡାହାଣ ଗୋଡ଼ଠାରୁ ଦୁର୍ବଳ ଥିଲା। ଲମ୍ବରେ ଛୋଟ ଓ କେମ୍ପା। ସେ ଗୋଡ଼ଟିରେ ଭରା ଦେଇ ଛିଡ଼ାହେବା ମଧ୍ୟ ଅସମ୍ଭବ ହୋଇପଡ଼େ। ଏଇ ଅକର୍ମଣ୍ୟ ଗୋଡ଼ଟି ଯୋଗୁଁ ଭାସିଆ ରୋଜଗାରକ୍ଷମ ହୋଇପାରିଲାନାହିଁ। କେତେଦିନ ଆଉ ଉପାସ ରହିଥାନ୍ତା। ଶେଷରେ ବାପ ମଲାବେଳକୁ ଛାଡ଼ିଦେଇ ଯାଇଥିବା ଗଞ୍ଜେଇ ପୁଟୁଳିଟି ଭାସିଆକୁ ରୋଜଗାରର ବାଟ ଦେଖାଇଥିଲା। ହେଲେ ସେ ବାଟ ଆସି ଏଇ ଅନ୍ଧାରଘରେ ଶେଷ ହେବ ବୋଲି ଭାସିଆ ଜାଣି ନ ଥିଲା।

କାରାଦଣ୍ଡର ସୀମା ସରିଗଲା। ଘରକୁ ଫେରିଲା ଭାସିଆ। ଏଣିକି ନିଶା କାରବାର ନ କରି ଛେଳି, କୁକୁଡ଼ା ପାଳି ବାକିତକ ଜୀବନ ଜୀଇଁବାର ପଣ କରୁଥିଲା ସେ। ଫେରିବା ବାଟରୁ ସରସ୍ୱତୀ ପାଇଁ ଶାଢ଼ି ଖଣ୍ଡେ କିଣିଲା। ଏତେଦିନ ପରେ ଘରକୁ ଫେରୁଛି, କିଛି ଗୋଟେ ସାଙ୍ଗରେ ନ ନେଲେ ଭାସିଆକୁ ଖାଲିଖାଲି ଲାଗୁଛି। ସରସ୍ୱତୀ ତା' ଫେରିବା ବାଟକୁ ଚାହିଁ ବସିଥିବ। ଆଜି ସେ ଭାସିଆକୁ ଗାଳିଦେବ ନା ଦେଖୁଦେଖୁ ସ୍ନେହରେ ଲୁହ ଝରେଇବ, ତା' ବି ସେ ଜାଣେ ନାହିଁ।

ଘରେ ପହଞ୍ଚି କବାଟ ଠକ୍‌ଠକ୍ କଲା। କେହି ଖୋଲିଲେ ନାହିଁ। ଚାରିପଟକୁ ଚାହିଁଲା, ଘର ଚାରିପଟ ବଣୁଆ ଦିଶୁଛି। ଅନେକ ଦିନରୁ ସଫା ହୋଇ ନ ପାରି

ଶାଗୁଆ ରଙ୍ଗ ଘରଟିକୁ ଯେମିତି ଆବୋରି ବସିଛି। ଝଳ ଉପରେ ବର, ଅଶ୍ୱତ୍ଥ ଗଛସବୁ ଚେର ମେଲେଇଲେଣି। ଭାସିଆକୁ ରାଗ ଲାଗିଲା। ବୁଢ଼ୀଟା ଘରେ ଥାଉଥାଉ ଘରଟାକୁ ଏମିତି ଅବସ୍ଥାରେ ପକେଇ ରଖିଛି। 'ସରସ୍ୱତୀ', 'ସରସ୍ୱତୀ' କହି ଡାକିଲା। କିଛି ଉତ୍ତର ମିଳିଲାନି। ଘର ଭିତର, ଦାଣ୍ଡ ଦୁଆର, ବାଡ଼ି, ପୋଖରୀ ଖୋଜିସାରି ଚଉରା ପାଖରେ ବସି ପଡ଼ିଲା। ପଡ଼ିଶା ଘର ମଦନା ଝିଅ ରାନୁ ଆସି କହିଲା, ସରସ୍ୱତୀ ମରିବା ପାଞ୍ଚ ମାସ ହେଲାଣି। ଭାସିଆକୁ ପୁଲିସି ବାନ୍ଧି ନେବା ଦିନୁ ବୁଢ଼ୀ ସଂଜ୍ଞାହୀନ ହୋଇ ପଡ଼ିରହିଲା। ଭାସିଆର ଝିଅ-ଜ୍ୱାଇଁ ଆସି ବୁଢ଼ୀର ସେବାଶୁଶ୍ରୂଷା କଲେ। ଶେଷରେ ବୁଢ଼ୀ ସବୁଦିନ ପାଇଁ ଆଖି ବୁଜିଲା। ଭାସିଆର ପାଦତଳୁ ମାଟି ଖସିଗଲା। ଝରିପଟ ଜାଳଜାଳୁଆ ଦିଶିଲା। ବୁଢ଼ା ତା'ର ତେଲଚିକିଟା ବ୍ୟାଗ୍‌ରୁ ନୂଆ ଶାଢ଼ିଟି କାଢ଼ି ଢେର୍ ସମୟ ଯାଏଁ ଧରି କାନ୍ଦିଲା। ଶେଷରେ ସେଇ ବ୍ୟାଗ୍‌ରୁ ଦିଆସିଲି ବାହାର କରି ଶାଢ଼ିଟାକୁ ପୋଡ଼ିଦେଲା। ହୁତହୁତୁ ହୋଇ ଜଳୁଥିବା ଶାଢ଼ିଧୂଆଁ ତାକୁ ଗଞ୍ଜେଇ ଧୂଆଁ ପରି ଦିଶିଲା। ସେଇ ଧୂଆଁ ଭିତରେ ଖେଁ ଖେଁ କାଶି ବୁଢ଼ା ତେଲ ଚିକିଟା ଲାଗିଥିବା କନା ବ୍ୟାଗ୍‌ଟିକୁ କାନ୍ଧରେ ପକେଇ ଧାଇଁଲା ଝିଅ ଘରକୁ। ଗୋଟିଏ ବୋଲି ଝିଅ, ଭାରି ଗେଲ ବସରରେ ବଢ଼ିଥିଲା। ଜ୍ୱାଇଁ ବାଳକୃଷ୍ଣଙ୍କର ରୋଜଗାର ନାହିଁ ବୋଲି ସିନା ଦୁଃଖରେ ଚଳୁଛି, ହେଲେ ଅଭିଆଡ଼ୀବେଳେ ଭାରି ସୁଖରେ ଥିଲା। ବଡ଼ ପରିବାର ଦେଖି ଭାସିଆ ଝିଅ ଦେଇଥିଲା। ଜ୍ୱାଇଁ ବାଳକୃଷ୍ଣ ପାଞ୍ଚ ଭାଇଙ୍କ ଭିତରେ ସାନ। ଖୁବ୍ ପାଠ ପଢ଼ିଛନ୍ତି, ହେଲେ କାମଦାମରେ ମୋଟେ ଆଗ୍ରହ ନାହିଁ। ନାତିଟା ଚାରି ପାଞ୍ଚ ବର୍ଷର ହେଲାଣି, ଆଉ କେଇଦିନେ ସ୍କୁଲ୍‌ରେ ପଢ଼ିବ। ନିଜ ପାଇଁ ନହେଲା ନାଇଁ ପୁଅଟା ପାଇଁ ତ କିଛି ରୋଜଗାର କରିବାକୁ ପଡ଼ିବ। ସେ ତ' ଆଉ ଛୋଟ ପିଲା ହେଇକି ନାହାନ୍ତି ଯେ, ଭାସିଆ ଯାଇ ତାଙ୍କୁ ବୁଝେଇବ। ଯେମିତିହେଉ ଆଜି ସେ ବାଳକୃଷ୍ଣଙ୍କୁ ବୁଝେଇଶୁଝେଇ ତା' ଘରକୁ ନେଇ ଆସିବ। ଛେଳି ଫାର୍ମଟିଏ କରି ତାଙ୍କୁ ରୋଜଗାରକ୍ଷମ କରେଇବ - ଏଇ ସଂକଳ୍ପ ନେଇ ଭାସିଆ ଝିଅଘରେ ପହଞ୍ଚିଲା। ବାଳକୃଷ୍ଣଙ୍କର କାମଦାମରେ ମୋଟେ ଆଗ୍ରହ ନଥିବା ସତ୍ତ୍ୱେ ସେ ସମ୍ମତି ଜଣାଇଲେ। ଭାସିଆ ଘରକୁ ଫେରି କୁନିଆ ଆଗରେ ସବୁ କଥା କହିଲା। ସବୁ ଶୁଣିସାରି କୁନିଆ ସରପଞ୍ଚଙ୍କୁ କହି ଗୋଟିଏ ଋଣ କରେଇ ଦେବାର ପ୍ରତିଶ୍ରୁତି ଦେଲା। କାଗଜପତ୍ର ଯୋଗାଡ଼ ହେଲା। ଭାସିଆ ସବୁଥିରେ ଟିପ ଚିହ୍ନ ଦେଲା। ମାସେ, ଦୁଇମାସ, ଛଅମାସ ଏମିତକି ବର୍ଷେ ଅପେକ୍ଷା କରିବା ପରେ ବି ଋଣ ମିଳିଲାନି। ଭାସିଆ ବାଳକୃଷ୍ଣଙ୍କୁ ସାଙ୍ଗରେ ଧରି ବ୍ୟାଙ୍କ ଯିବାରୁ ଜାଣିଲା ଯେ, ତା'ର ଡିହଖଣ୍ଡିକ



ବନ୍ଧାରଖି ବ୍ୟାଙ୍କରୁ ଦୁଇଲକ୍ଷ ଟଙ୍କା ଋଣ କରାଯାଇଛି। ଆଉ ସେ ଟଙ୍କାରେ ଛେଳିଫାର୍ମ ଖୋଲାଯାଇଛି ବୋଲି କାଗଜପତ୍ର ଦିଆଯାଇଛି। ଏବେ ପ୍ରତମାସରେ ତାକୁ ଋଣ ସୁଝିବାକୁ ପଡ଼ିବ। ଭାସିଆ ହାତରୁ ବ୍ୟାଗ୍‌ଟି ଖସିପଡ଼ିଲା। ଛାତିରେ ଭୀଷଣ ଯନ୍ତ୍ରଣା। ମେଡ଼ିକାଲ୍‌ରେ ପହଞ୍ଚିବା ପୂର୍ବରୁ ଭାସିଆ ଦେହରେ ଆଉ ଜୀବନ ନଥିଲା।

ଏବେ ଭାସିଆର ଶୁଦ୍ଧିକ୍ରିୟା ସାରି ଜ୍ୱାଇଁ ଦୁଆର ମୁହଁରେ ବସି ଭାସିଆର ସେଇ ତେଲ ଚିକିଟା ବ୍ୟାଗ୍‌ଟିକୁ ଦେଖି ଭାବୁଥାଏ - ସେ ଏବେ କ'ଣ କରିବ। ନିଜ ପାଇଁ ନିଜେ ରାସ୍ତା ଖୋଜିବ ନା ଭାସିଆର ରାସ୍ତାକୁ ଆପଣେଇ ନେବ।

# ସେବକ

‘ଏ କାହ୍ନୁ ସେଠୁ ଦଶ ନମ୍ବର ରେଞ୍ଚିଟା ଦେଲୁ’ -ଚାରିଚକିଆ ଗାଡ଼ି ତଳେ ପଶି ମାଗୁଥିଲା ବଳିଆ।

‘ଦଉଛି ବାବୁ’ -ଉତ୍ତର ଦେଲା କାହ୍ନୁ।

ସକାଳୁ ବଳିଆ ସେଇ ଗାଡ଼ି ତଳେ ପଶିଛି ଯେ ଦିନ ଆସି ତିନିଟା ହେଲାଣି ଏଯାଏଁ ବାହାରିନି। ତାକୁ ଭୋକ ହେଉଛି କି ନାହିଁ କେଜାଣି। କାହ୍ନୁ ପେଟରେ କିନ୍ତୁ ମୂଷା ଦୌଡ଼ିଲେଣି।

କାହ୍ନୁ - ଏ ବଳିଆ ଭାଇ ଚାଲନ୍ତୁ ଖାଇବାକୁ ଯିବା, ଭୋକ ହେଲାଣି।

ବଳିଆ - ରଃ ବେ ଶଳା, ଖାଇବାକୁ ମରିଯାଉଛି। ଜାଣିଛୁଟି ଏଇଟା କାହା ଗାଡ଼ି। କମିଶନରଙ୍କ ଗାଡ଼ି, ଆଜି ଯଦି କାମ ନ ସରେ ହଜାରେ ଟଙ୍କା ପାଣିରେ ପଡ଼ିଲା ଜାଣ। ପଇସା ତ ଦେବେନି କିନ୍ତୁ ସୁବିଧା ଦେଖି ରାଗ ସୁଝେଇଦେବେ।

କାହ୍ନୁ - ହଉ ତମେ ଏଇଠି ଥାଅ ମୁଁ ତମପାଇଁ ରାଧୁଆ ହୋଟେଲରୁ ଖାଇବା ନେଇ ଆସୁଛି।

ବଳିଆ - ହଉ ଯା, ତାକୁ କହିବୁ ମିଲ୍ ଗୋଟାକ ଯେମିତି ତିରିଶି ଟଙ୍କାରୁ ବେଶି ନହୁଏ। ନହେଲେ ମୁଁ ପଇସା ଦେବିନି ଜାଣିଥା।

କାହ୍ନୁ ଖାଇବା ଧରି ଆସିବା ପର୍ଯ୍ୟନ୍ତ ବଳିଆ ସେଇ ଗାଡ଼ି ତଳେ



ଥାଏ। କାହ୍ନୁ ଖାଇବା ବାଢ଼ି ଡାକିଲାରୁ ବଳିଆ ପଦାକୁ ବାହାରିଲା। ଗୋଡ଼ଠୁ ମୁଣ୍ଡ ଯାଏ କଳା। ତା’ର ଜହ୍ନିମଞ୍ଜି ରଙ୍ଗର ଶରୀରରେ କଳାରଙ୍ଗ ଲାଗିଛି ବୋଲି ଜାଣିବାର କିଛି ଉପାୟ ନଥାଏ। ଖାଲି ହାତ ମୁହଁ ଧୋଇଦେଇ ଚଟାପଟ୍ ଗିଳିଦେଇ ପୁଣି କାମରେ ଲାଗିଗଲା।

କାହ୍ନୁ ଧୀରେଧୀରେ ଖାଉଥାଏ। ଖାଦ୍ୟଗୁଡ଼ିକ ସବୁ ପିତା ଲାଗୁଥାଏ। ହୋଟେଲ୍ ଖାଦ୍ୟ ତା’ ଦେହରେ ଯାଏନି। ତଥାପି ଖାଇବାକୁ ବାଧ୍ୟ। ଏଠି କ’ଣ ବୋଉ ଅଛି ଯେ ସୁଆଦିଆ ଶାଗ ଭଜା, ଆଳୁଭର୍ତ୍ତା କରି ଖାଇବାକୁ ଦେବ। ତିନି ମାସ ହେଲାଣି ସେ ଘରକୁ ଯିବାକୁ ବାହାରିଛି କିନ୍ତୁ ଗ୍ୟାରେଜ୍‌ରେ କାମ ଏତେ ପଡ଼ିଛି ଯେ ବଳିଆ ଭାଇ ଦିନରାତି ଲାଗିଲେ ବି ସାରି ପାରିବନି। କାହ୍ନୁ ଏଇ ପରିସ୍ଥିତିରେ ବଳିଆ ଭାଇକୁ ମୁହଁଖୋଲି କିଛି କହିପାରୁନି। ହେଲେ ବୋଉ କଥା ତା’ର ଭାରି ମନେ ପଡ଼ୁଚି। ବାପା ଚାଲିଗଲା ପରେ କାହ୍ନୁ ବହିପତ୍ର ଆଉ ପାଠପଢ଼ା ସହ ସମ୍ପର୍କ କାଟି ଦେଇଥିଲା। ବୋଉ ଛେଳିପଲ ପଛରେ ଗୋଡ଼େଇଗୋଡ଼େଇ ଆଉ କୋଉଠି ସମୟ ବଳୁଥିଲା ଯେ ସେ କାହ୍ନୁକୁ ପାଠ ପଢ଼େଇଥାନ୍ତା। ଠିକ୍ ସମୟରେ ବଳିଆଭାଇ ତାକୁ ନେଇ ଆସିଥିଲେ ସହରରେ ରହି ଗ୍ୟାରେଜ୍ କାମ ଶିଖିବାକୁ। ଆସିବା ଦିନରୁ ବଳିଆ ଆଉ ଗାଁକୁ ଯାଇନଥିଲା।

ଏବେ ତା’ ପାଖରେ ଦଶ ହଜାରେ ଟଙ୍କା ଅଛି। ବଳିଆ ଭାଇ ମାସକୁ ମାସ ଯୋଉ ଟଙ୍କା ଦିଏ କାହ୍ନୁ ତାକୁ କୁମ୍ଭିରେ ପକେଇ ଦିଏ। କାହ୍ନୁ ଭାବୁଥିଲା ଗାଁକୁ ଗଲେ ନିଜ ସଞ୍ଚିତ ଟଙ୍କାରେ ବଡ଼ବଡ଼ ଗାଈ ଦୁଇଟା କିଣିବ ଆଉ ନିଜେ ସେମାନଙ୍କର ଯତ୍ନ ନେବ। ବୋଉକୁ ଆଉ ଛେଳି ପଲ ଧରି ଗହୀର ସାରା ବୁଲିବାକୁ ପଡ଼ିବନି। କାହ୍ନୁ କ୍ଷୀର ବିକି ଘର ଚଳେଇବ। ଆଉ ବୋଉ ଖାଲି ଘରେ ରହି ଗାଈମାନଙ୍କୁ ଖାଇବାକୁ ଦେବ।

- ‘ଆରେ ଏ ଟୋକା କ’ଣ ଶୋଇପଡ଼ିଲୁ ନା କ’ଣ..?’ ଡାକ ଛାଡ଼ିଲା ବଳିଆ।

ଭାବନା ରାଜ୍ୟରୁ ଫେରିଆସିଲା କାହ୍ନୁ। ହାତରେ ଅଇଁଠା ଶୁଖିଗଲାଣି। କୁକୁରଟିଏ ଆସି ତା’ ଖାଦ୍ୟରୁ ଅଧା ଭାଗ ଖାଇସାରିଲାଣି।

କାହ୍ନୁ ସବୁତକ ଖାଦ୍ୟ ତାକୁ ଦେଇ ହାତ ଧୋଇବାକୁ ଗଲା।

ଏତିକିବେଳେ ଆଉ ଗୋଟେ ଲମ୍ବା ଗାଡ଼ି ଆସି ପହଁଚିଲା। ବଳିଆ ଭାଇ ଗାଡ଼ିର ଚକା ଖୋଲିବାକୁ କାହ୍ନୁକୁ କହିଲେ। କାହ୍ନୁ ରେଞ୍ଚିଟା ଧରି ଦଉଡ଼ିଗଲା। ଚକା ଖୋଲୁଥାଏ। ବଳିଆ ଭାଇ ପଚାରିଲେ- ହେଇରେ କାହ୍ନୁ ଘରକୁ ଯିବୁ ବୋଲି କହୁଥିଲୁ ପରା। କାଲି ଗଣେଶ ପୂଜା ଅଛି। ଯାଉନୁ ବୁଲିଆସିବୁ।

କାହ୍ନୁର ଖୁସି କହିଲେ ନ ସରେ। ତା’ ଗୋଡ଼ ଆଉ ତଳେ ଲାଗୁନଥାଏ। ଗାଁର

ମୋହରେ ସେ ଧୀରେଧୀରେ ଟାଣି ହୋଇ ଯାଉଥାଏ। ତା’ ମନରେ ଭାସି ବୁଲୁଥାଏ ଗାଁର ଧାନ କ୍ଷେତ, ଶଗଡ଼, କେନାଲ, ଗାଈଗୋଠ, ଖେଳପଡ଼ିଆ -ଏମିତି ଅନେକ ଚିତ୍ର।

ଆଃ...ଚିତ୍କାର କରୁଥିଲା କାହ୍ନୁ। ଭାବନାର ଇନ୍ଦ୍ରଜାଲ ଭିତରେ ପଶି ବାହ୍ୟ ଜଗତରୁ ବିଛିନ୍ନ ହୋଇଯାଇଥିଲା ସେ। ଅନ୍ୟମନସ୍କ ଭାବେ ଡାହାଣ ଗୋଡ଼ଟା ସାଇଲେନସର୍ ପାଇପ୍‌ରେ ଲାଗିଯାଇଥିଲା।

ଲୋକମାନେ ପାଟି ଶୁଣି ଦଉଡ଼ି ଆସିଲେ। ଗୋଡ଼ଟା ସମ୍ପୂର୍ଣ୍ଣ ପୋଡ଼ିଯାଇ ଚମ ଉତୁରି ପଡ଼ିଛି। ବଳିଆ ଭାଇ ତାକୁ ଡାକ୍ତରଖାନା ନେଇଗଲେ। ଗୋଡ଼ ପ୍ଲାଷ୍ଟର ହେଲା। କାହ୍ନୁର ସବୁତକ ସଞ୍ଚିତ ଟଙ୍କା ତା’ର ଚିକିତ୍ସାରେ ଖର୍ଚ୍ଚ ହୋଇଗଲା। ତଥାପି ଗୋଡ଼ ଭଲହେଉନଥାଏ।

ବଳିଆ ଆଉ କେତେ ଦିନ ଗ୍ୟାରେଜ୍ ବନ୍ଦ କରି କାହ୍ନୁକୁ ଜଗିବସିଥାନ୍ତା। ତା’ ମାଆକୁ ଖବର ପଠେଇଲା। ହେଲେ ତା’ ମାଆ ନଆସିବାରୁ ନିଜେ ଗଲା ଖବରଦବାକୁ। ଘରେ ତାଲା ଝୁଲୁଥିଲା। ପଡ଼ିଶାଘରୁ ପଚାରି ଜାଣିଲା; ପାଞ୍ଚ ଦିନ ତଳେ ଛେଳି ଚଳେଇବାକୁ ଯାଇଥିବା ବେଳେ ସାପ କାମୁଡ଼ାରେ କାହ୍ନୁର ମାଆ ମରିଯାଇଛି।

ବଳିଆ ଆଖିରେ ଲୁହ। ସେ ମନେମନେ ଭାବୁଥାଏ -ଏ ଖବରଟା ଏବେ କାହ୍ନୁକୁ କେମିତି ଜଣେଇବେ। କ’ଣ କହି ବୁଝେଇବ ସେ କାହ୍ନୁକୁ। କିଛି ବି ବିକଳ୍ପ ନଥିଲା ତା’ ପାଖରେ।

# ଦୂର ବନ୍ଧୁ

ଏବେ ଫେରିଲି। କାଲିଠୁ ଯାଇଥିଲି ମୋ ଘନିଷ୍ଠ ବନ୍ଧୁ ଦେବାଶିଷକୁ ଦେଖାକରିବାକୁ। ଭାବିଥିଲି ତାକୁ ନ ଜଣେଇ ସିଧାସିଧା ଯାଇ ତାକୁ ଆଶ୍ଚର୍ଯ୍ୟ କରେଇଦେବି। କାମ ବ୍ୟସ୍ତତାରେ ରହି ପାଞ୍ଚ ବର୍ଷ ହେଲାଣି ତା’ସହ ଟିକେ ଦେଖାସାକ୍ଷାତ ବି ହେଇପାରୁନି। ଟୋକାଟା ଆଗରୁ ଯେମିତି ଥିଲା ଏବେ ବି ସେମିତି ଅଛି। ଆଜିକାଲି ପିଲା ମୋବାଇଲ୍ ନହେଲେ ମିନିଟିଏ ରହିପାରୁନାହାଁନ୍ତି, ହେଲେ ଦେବାଶିଷ ଆଜିଯାଏ ମୋବାଇଲର ଆବଶ୍ୟକତାକୁ ବୁଝିପାରିଲାନି। ଯା’ହଉ ରବିବାର ଆଉ ରାକ୍ଷୀ ପୂର୍ଣ୍ଣିମାର ଏଇ ଦୁଇଦିନିଆ ଛୁଟିର ଫାଇଦା ଉଠେଇବାକୁ ଯାତ୍ରା କଲି ଦେବାଶିଷ ପଢୁଥିବା ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ।

ରାତି ୧୧.୪୫ରେ ବସ୍ ଧରିଥିଲି, ଓହ୍ଲେଇଲା ବେଳକୁ ରାତି ପାହି ଆସୁଥିଲା। ଚ’ ଟିକେ ପିଇ ପାଖ ଦୋକାନରୁ କିଛି ମିକ୍ସଚର୍ ଆଉ ବିସ୍କୁଟ କିଣିଲି। ଟୋକାଟା ହଷ୍ଟେଲରେ ରହୁଛି, ସ୍କୁଲରେ ପଢ଼ିଲାବେଳେ ବାହାର ଖାଦ୍ୟ ତା’ ଦେହରେ ଯାଏନା ବୋଲି ରମା ମାଉସୀ ତା’ପାଇଁ ଘରୁ ଟିଫିନ୍ ଦେଇଥାନ୍ତି। ସୁଜି ହାଲୁଆ ହଉ ବା ଚୁଡ଼ା ସନ୍ତୁଳା, ଦୁହେଁ ସାଙ୍ଗହୋଇ ଖାଉଥିଲୁ। ରମା ମାଉସୀଙ୍କ ପୋସ୍ତ ତରକାରୀ ବୋଧହୁଏ ପୃଥିବୀର ସବୁ ଖାଦ୍ୟଠାରୁ ସ୍ୱାଦିଷ୍ଟ ବୋଲି ମୋର ମନେହୁଏ। ଏବେ ଦେବାଶିଷ ହଷ୍ଟେଲ ଖାଦ୍ୟ ଖାଇ ସନ୍ତୁଷ୍ଟ ଥିବ ନା ବାଧହୋଇ ଖାଉଥିବ ସେଇ କଥା ଭାବିଭାବି ହଷ୍ଟେଲ ପାଖାପାଖି ପହଞ୍ଚି ସାରିଥିଲି।

ହଷ୍ଟେଲ୍ ଗେଟ୍ ପାଖରେ ଛିଡାହୋଇଥିବା ଗୋଟେ ପିଲାକୁ ପଚାରିବାରୁ ସେ ଦେବାଶିଷ ରୁମ୍‌କୁ ବାଟ ଦେଖାଇଦେଲା। କବାଟ ପାଖକୁ ଗଲି। ବାହାରୁ ତାଲା ପଡ଼ିଥିଲା। ବୋଧହୁଏ ଏଇ ଆଖପାଖରେ କୋଉଠି ବୁଲିବାକୁ ଯାଇଥିବ। ହଷ୍ଟେଲ ତତ୍ତ୍ୱାବଧାରକଙ୍କୁ ପଚାରିଲେ

ସେ ହିଁ ମୋତେ ସାହାର୍ଯ୍ୟ କରିପାରିବେ ବୋଲି ମୁଁ ମନେକଲି। କିନ୍ତୁ ସେ ଯାହା କହିଲେ ତାହା ଶୁଣି ମୁଁ ଅବାକ୍ ହେଇଗଲି।

ଦେବାଶିଷ କିଛିଦିନ ହେଲା ଅସ୍ୱାଭାବିକ କାର୍ଯ୍ୟକଳାପ କରୁଥିଲା। ସବୁବେଳେ ଚୁପଚାପ୍ ରହୁଥିଲା। କାହା ସହ କଥାବାର୍ତ୍ତା ହେଉନଥିଲା। ରାତିସାରା ଶୋଉନଥିଲା। ଗୁଣୁଗୁଣୁ ହେଇ ମନକୁମନ ଗପୁଥିଲା। ଏ ସମ୍ପର୍କରେ ତା' ବାପାମାଆଙ୍କୁ ଜଣେଇବାରୁ ଗତକାଲି ତାକୁ ନିକଟସ୍ଥ ମାନସିକ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ଠାରୁ ଠିକଣା ମାଗି ମୁଁ ପହଞ୍ଚିଲି ସେଇ ଚିକିତ୍ସାକେନ୍ଦ୍ରରେ। ଦେବାଶିଷ ବେଡ୍ ଉପରେ ଶୋଇଥାଏ। ହାତରେ ସାଲାଇନ୍ ଲାଗିଛି। ରମା ମାଉସୀ ମୋତେ ଦେଖି ଭୋ ଭୋ ହେଇ କାନ୍ଦିଉଠିଲେ। ମୁଁ ଆଉ କୋହ ସମ୍ଭାଳି ପାରିଲିନି। ଧାରଧାର ହେଇ ଆଖିରୁ ଲୁହ ଝରିଆସିଲା। ତଥାପି ନିଜକୁ ସମ୍ଭାଳି ରମା ମାଉସୀଙ୍କୁ ବୁଝେଇବାକୁ ଚେଷ୍ଟା କରୁଥିଲି।

ଦେବାଶିଷର ନିଦ ଭାଙ୍ଗିଗଲା। ସେ ମୋତେ ଦେଖି ହସିଲା। ମୁଁ ଭାବୁଥିଲି ସେ ହୁଏତ ମୋତେ ଦେଖି ଚିହ୍ନି ପାରିବନି। ହେଲେ ସେ ମୋତେ ତା' ପାଖରେ ବସେଇଲା। ଆଉ କ୍ଷୀଣ କଣ୍ଠରେ କହିଲା– 'ଜାଣିଛୁ ଜିଲୁ ! ମୋତେ ସେମାନେ ପାଗଳ ବୋଲି କହୁଛନ୍ତି। ମୁଁ ଆଉ ସେ ହଷ୍ଟେଲ ଯିବିନି। ସେ ପିଲାଗୁଡ଼ାକ ଜମା ଭଲନୁହଁ। ମୁଁ ତୋ ପାଖରେ ରହିବି। ମୋତେ ଏଠୁ ନେଇ ଚାଲ୍।' ମୁଁ ସବୁ ଶୁଣିପାରୁଥିଲି ହେଲେ ଗୋଟିଏ ବି ଶବ୍ଦ ଉଚ୍ଚାରଣ କରିବା ମୋ ପକ୍ଷରେ ସମ୍ଭବ ନଥିଲା। ସବୁ ଲୁହକୁ ଚାପି ରଖିବାକୁ ମୁଁ ପ୍ରାଣପଣେ ଚେଷ୍ଟା କରୁଥିଲି। କାରଣ ମୁଁ ଜାଣିଥିଲି ମୋର ଟୋପାଏ ଲୁହ ତା' ମାନସିକ ଅବସ୍ଥା ଉପରେ ଅନେକ ପ୍ରଭାବ ପକେଇପାରେ।

ମାଉସୀ ମତେ ବାହାରକୁ ଡାକି କହିଲେ – 'ପୁଅରେ ଡାକ୍ତର କହୁଛନ୍ତି ଦେବାଶିଷ ଅନେକ ଦିନ ଧରି ଚୁପ୍‌ଚାପ୍ ରହିବା, କାହା ସହ ନ ମିଶିବା ଦ୍ୱାରା ତା ମସ୍ତିଷ୍କ ବିକୃତି ଦେଖାଦେଇଛି। ତୁମେ ଯଦି ତା'ପାଖରେ ଥା'ନ୍ତ ତା'ର ଆଜି ଏପରି ଅବସ୍ଥା ହେଇନଥା'ନ୍ତା।'

ମୁଁ ଅନୁଭବ କରୁଥିଲି ଜୀବନରେ ଜଣେ ଉତ୍ତମ ସାଙ୍ଗର ଗୁରୁତ୍ୱ କେତେ ! ଯଦି ମନଖୋଲି କଥା ପଦେ କହିନହେଲା, ତେବେ ହଜାରେ କି ଲକ୍ଷେ ସାଙ୍ଗ ଥାଇ ଲାଭ କ'ଣ ? ଜୀବନ ପାଇଁ ଲୋଡ଼ା ଟିକେ ଅନୁରାଗ, ଟିକେ ଆଶ୍ୱାସନା। ସେତକ ନମିଳିଲେ ଜୀବନ ଏମିତି ନର୍କ ପାଲଟିଯାଏ। ମୁଁ ଏବେ ଦୂରବନ୍ଧୁ ନୁହେଁ ଦୃଢ଼ବନ୍ଧୁ ହେବାକୁ ମାନସିକ ଭାବେ ପ୍ରସ୍ତୁତ ହେଉଥିଲି।



# ଚପଲ

ଦୋଳ ମେଲଣରେ ବାପାଙ୍କ ସହ ବବୁଲୁ ବୁଲିବାକୁ ଯାଇଥିଲା। ହଜାରହଜାର ଖେଳଣା ଦେଖି ବବୁଲୁ ଘୁରିବୁଲୁଥିଲା ସ୍ୱପ୍ନ ରାଇଜରେ। ହେଲେ ବାପା ତାକୁ କିଣି ଦେଇଥିଲେ ଗୋଟେ ପାଞ୍ଚ ଟଙ୍କିଆ ବନ୍ଧୁକ, ଆଉ ହଳେ ଚପଲ।

ଘରଠାରୁ ଦୁଇ କିଲୋମିଟର ଦୂରରେ ଥିବା ସ୍କୁଲ୍ ଗଲାବେଳେ ବାଟରେ କେତେ କୋଳିଗଛ, କେତେ ଆମ୍ବଗଛ ପଡ଼େ। ବବୁଲୁ ଗଛରେ ଚଢ଼ି କୋଳି ଖାଏ, ଆମ୍ବ ତୋଳେ। ଗଛ ମୂଳରେ ଚପଲ ରଖି ଗଛରେ ଚଢ଼ିଯାଏ। ଗଛ ଉପରେ ଥାଇ ଥରକୁଥର ତଳକୁ ଚାହୁଁଥାଏ। ରାସ୍ତାରେ ଯାଉଥିବା ଲୋକ ତା' ନୂଆ ଚପଲକୁ ଦେଖୁ ନାହାନ୍ତି ତ ? ଗଛରୁ ତଳକୁ ଓହ୍ଲାଇ ଚପଲ ପିନ୍ଧି ବବୁଲୁ ଡେଇଁଡେଇଁ ଅଧଘଣ୍ଟାରେ ସ୍କୁଲ୍‌ରେ ପହଞ୍ଚିଯାଏ।

ଯେଉଁଦିନ ବବୁଲୁ କୋଳି ଗଛରୁ ଓହ୍ଲେଇ ଚପଲ ଆଣିବାକୁ ଭୁଲିଯାଇଥିଲା ସେଦିନ ବାପା ତାକୁ ବହୁ ଗାଳି ଦେଇଥିଲେ। ଆଉ କହିଥିଲେ ଯଦି ଏଇ ଚପଲ ହଳକ ହଜିଯାଏ ତା ହେଲେ ତୋତେ ସବୁଦିନ ଖାଲି ପାଦରେ ସ୍କୁଲ୍ ଯିବାକୁ ପଡ଼ିବ। ବବୁଲୁ ସଙ୍ଗେସଙ୍ଗେ ଦଉଡ଼ି ଯାଇ ଦେଖିଲା, ଚପଲ ଯୋଉଠି ଥିଲା ସେଇଠି ହିଁ ଥୁଆ

ହୋଇଛି । ଭଗବାନଙ୍କୁ ଧନ୍ୟବାଦ୍ ଦେଲା ଯାହା ହେଉ ତା' ନୂଆ ଚପଲ ହଳକ ଆଉ କାହା ଦୃଷ୍ଟିରେ ପଡ଼ିନାହିଁ ।

ସେଦିନ ସ୍କୁଲ୍ ପଛପଟେ ଥିବା କେନାଲ୍ ପାଖରେ ବବୁଲୁ ଓ ତା'ର ସାଙ୍ଗମାନେ ଖେଳୁଥାଆନ୍ତି । ବବୁଲୁର ସାଙ୍ଗ ରମେଶ ପୋଲ ଉପରେ ଛିଡ଼ାହୋଇ କଦମ୍ବଗଛର ପତ୍ରରେ ଗୋଟିଏ ଲେଖାଏଁ ଜନ୍ଦା ଚଢ଼ାଇ ପାଣିକୁ ପକାଇ ଦେଉଥାଏ । ଜନ୍ଦାମାନେ ସେହି କଦମ୍ବ ପତ୍ର ଉପରେ ବସି ଭାସିଭାସି ଯାଉଥାଆନ୍ତି । ଏହା ଦେଖି ବବୁଲୁ ମଧ୍ୟ ତା' ପାଖକୁ ଗଲା ଓ ନିଜେ ମଧ୍ୟ କଦମ୍ବପତ୍ର ଆଣି ସେହିପରି କରିବାକୁ ଲାଗିଲା ।

ଅନ୍ୟମନସ୍କ ହୋଇ ସେ ପୋଲର ଧାର ପାଖକୁ ଚାଲି ଯାଇଥିଲା । ଠିକ୍ ସେହି ସମୟରେ ରମେଶ ତାକୁ ଡାକିଦେବାରୁ ସେ ଚମକି ପଡ଼ିଲା ଓ ତା'ର ଗୋଡ଼ ଖସିଗଲା । ଈଶ୍ୱରଙ୍କ କୃପାରୁ ବବୁଲୁ ନିଜକୁ ବଞ୍ଚାଇ ନେଲା କିନ୍ତୁ ତା' ଚପଲଟି ପାଣିରେ ପଡ଼ିଯାଇଥିଲା ।

ଚପଲଟିକୁ ଉଦ୍ଧାର କରିବାପାଇଁ ସେ ହାତ ବଢ଼ାଇଲା କିନ୍ତୁ ଜଳସ୍ରୋତରେ ତାହା ଭାସିଭାସି ଚାଲି ଯାଇଥିଲା । ବବୁଲୁର ମନେ ପଡ଼ିଗଲା ବାପା ଯେତେବେଳେ ଜାଣିବେ ଚପଲ ହଜିଯାଇଛି ସେ ମୋତେ ନିଶ୍ଚୟ ଗାଳିଦେବେ । ନା ଯେମିତି ବି ହେଉ ମୋତେ ସେ ଚପଲଟିକୁ ଆଣିବାକୁ ପଡ଼ିବ । ବବୁଲୁ ଗୋଟେ ବାଉଁଶ କଣି ଆଣି ଚପଲଟିକୁ ଧରିବାପାଇଁ ଭାସି ଯାଉଥିବା ଚପଲ ପଛରେ ଗୋଡ଼େଇଲା ।

କିଛି ଦୂରରେ ଥିବା ଆଉ ଏକ ପୋଲର ଖୁଣ୍ଟରେ ଚପଲଟି ଲାଖିଗଲା । ବବୁଲୁ କଣି ବଢ଼େଇଲା । କଣି ଛୋଟ ଥିଲା, ଚପଲ ଯାଏ ପାଇଲାନାହିଁ । ସେ ପାଣି ଭିତରକୁ ପଶିଲା ତଥାପି କଣି ପାଇଲା ନାହିଁ । ସେ ଆହୁରି ଭିତରକୁ ପଶିଲା । ଧୀରେଧୀରେ ଆଣ୍ଠୁ ଯାଏ ପାଣି ଭିତରେ ପଶି ସାରିଥିଲା । ଜଳ ସ୍ରୋତରେ ତା'ର ପାଦ ଖସିଗଲା ।

ଚପଲ ହଳକ ଏବେବି ଥାକରେ ଥୁଆ ହୋଇଛି, ହେଲେ ତାକୁ ପିନ୍ଧିବା ପାଇଁ ସେ ପାଦ ହଳକ ଆଉ ନାହିଁ ।



# ମଟର

## ନୀରବତା

କୈଳାସ ସାର୍ ଅଷ୍ଟମ ଶ୍ରେଣୀ ପିଲାମାନଙ୍କୁ ସ୍ୱଚ୍ଛତା ବିଷୟରେ ବୁଝାଉଥାନ୍ତି । ପାଖରେ ଥିବା ନବମ ଶ୍ରେଣୀ ଗୃହରୁ ଖୁବ୍ ଜୋର୍‌ରେ ପାଟି ଶୁଭିଲା । କୈଳାସ ସାର୍ ଉଠି ଯାଇ ଦେଖିଲେ ଶ୍ରେଣୀ ଗୃହ ସାରା ବିଛାଡ଼ି ହୋଇ ପଡ଼ିଛି ମଟରଗୁଡ଼ିକ ।

ସାର୍ ଭାବିଲେ ବୋଧହୁଏ କେହି ପିଲା ମଟର ଖାଉଥିଲା ବେଳେ ତା ହାତରୁ ପଡ଼ି ବୁଣି ହୋଇଯାଇଛି । ଏଣୁ ସାର୍ ଗୋଟିଏ ଗୋଟିଏ ମଟର ଗୋଟେଇବା ଆରମ୍ଭ କଲେ । ଗୋଟେଇ ସାରି ପିଲାଙ୍କୁ ଚାହିଁ ପଚାରିଲେ– 'ପିଲାମାନେ ଏ ମଟର କାହାର ?'

ଗୋପାଳ ଉତ୍ତର ଦେଲା – 'ସାର୍ ରାଘବ ଓ ରାକେଶ ପରସ୍ପର ମଧ୍ୟରେ ମଟର ଫୋପାଡ଼ି ଖେଳୁଛନ୍ତି ।'

ସାର୍ ଚୁପଚାପ୍ ଶ୍ରେଣୀରୁ ବାହାରି ଚାଲିଗଲେ । କାରଣ ରାଘବ ଓ ରାକେଶ ଦୁହେଁ ଥିଲେ ପ୍ରଧାନ ଶିକ୍ଷକଙ୍କ ପୁଅ ।

## ସଞ୍ଜମତା

ଗୋପାଳ ସ୍କୁଲ୍ ଗଲାବେଳେ ପ୍ରତିଦିନ ବୋଉ ସାଙ୍ଗରେ କିଛି ଜଳଖିଆ ଦେଉଥିଲା। ହେଲେ ତିନିଦିନ ହେଲା ବୋଉ ଡାକ୍ତରଖାନାରେ ଅଛି। ଆଜି ସ୍କୁଲ୍ ଆସିଲାବେଳେ ବାପା ପକେଟରୁ ଦୁଇ ଟଙ୍କା ଦେଇଥିଲେ। ଗୋପାଳ ଗଣିତରେ ଦୁର୍ବଳ ଥିଲା ସତ; କିନ୍ତୁ ଟଙ୍କାର ସଠିକ୍ ଉପଯୋଗ କରିବା ତାକୁ ଖୁବ୍ ଭଲ ଭାବରେ ଜଣାଥିଲା। ବାପା ଦେଇଥିବା ଦୁଇ ଟଙ୍କାରେ ସେ ମଟର କିଣିଥିଲା। ଆଉ ସେଇ ମଟରକୁ ଦଶଟା ବେଳେ ପାଟିରେ ପୁରେଇ ଚାରିଟା ଯାଏ ପାଟି ଭିତରେ ରଖିଥିଲା।

ସେ ଜାଣିଥିଲା ଯେ ମଟରକୁ ଚୋବାଇଲେ ତାହା ସରିଯିବ କିନ୍ତୁ ପାଟି ଭିତରେ ରହିଲେ ତାହା ମିଳେଇଯିବ ନାହିଁ। ଆଉ ପାଟିରେ ମଟର ଥିବା ପର୍ଯ୍ୟନ୍ତ ଅନ୍ୟ ପିଲାମାନେ ଯାହା ଖାଉଥିଲେ ବି ସେ କାହାକୁ ଚାହିଁବ ନାହିଁ। ମନକୁ ସଞ୍ଜମ କରିବା ପାଇଁ ଗୋପାଳ ଯେଉଁ ଉପାୟ ବ୍ୟବହାର କରିଥିଲା, ତାହା ଜଣେ ମନସ୍ତତ୍ତ୍ୱବିତ୍ ବି ଶୁଣିଲେ ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ !

## ଦାରିଦ୍ର୍ୟ

ଗାଁର ସବୁ ପିଲାମାନେ ମେଳା ଦେଖିବାକୁ ଯାଉଥାନ୍ତି। ଗୋପାଳର ବି ବହୁତ ଇଚ୍ଛା ହେଉଥାଏ ମେଳାକୁ ଯିବାପାଇଁ, ହେଲେ ମେଳାରେ ଯାଇ କରିବ କ'ଣ..? ସେଠି କେତେ ଜିନିଷ ବିକ୍ରି ହେଉଥିବ, କେତେ ପ୍ରକାର ନୂତନ ଖାଦ୍ୟ ଦ୍ରବ୍ୟର ସୁଗନ୍ଧ ଛୁଟିଆସୁଥିବ। କେତେ ଲୋକ ମହାନନ୍ଦରେ ବୁଲିବୁଲି ମଜା କରୁଥିବେ। କିନ୍ତୁ ଗୋପାଳ ପାଖରେ ମାତ୍ର ୧୦ ଟଙ୍କା ଅଛି। କ'ଣ କରାଯାଇପାରେ....? ଗୋପାଳ ୧୦ ଟଙ୍କାର ମଟର କିଣି ପକେଟ୍‌ରେ ରଖିଲା। ଗୋଟିଏଗୋଟିଏ ମଟର ପାଟିରେ ପକେଇ ବୁଲିଲା। ମଟର ସରିଲାବେଳକୁ ମେଳା ସରିଆସୁଥିଲା।

# ବହି

ଜନ୍ମେଜୟ ଜଣେ ମେଧାବୀ ଛାତ୍ର – ଏକଥା ମନୋଜ ଜାଣେ। ପାଠ୍ୟପୁସ୍ତକ ବହିର୍ଭୂତ ଅନେକ ପ୍ରସଙ୍ଗ ଜନ୍ମେଜୟକୁ ଜଣା। ତା'ର ବାପା ଜଣେ ଦିନ ମଜୁରିଆ। ଦୁଇବେଳା ପେଟପୂରା ଖାଇବା ଯୋଗାଡ଼ କରିବା ମଧ୍ୟ ସମ୍ଭବ ହୁଏନି ତା' ବାପାଙ୍କ ଦ୍ୱାରା। ଜନ୍ମେଜୟର ଦାରିଦ୍ର୍ୟ ନେଇ ମନୋଜ ଚିନ୍ତିତ ନଥିଲା ବରଂ ସେ ଏତେସବୁ ନୂଆ କଥା କେଉଁଠୁ ଶିଖୁଛି, ସେଇଟା ଥିଲା ଚିନ୍ତାର ବିଷୟ। ସେ ତ ଟିଉସନ୍ ଯାଉନି କି ତା' ବାପାର ତ ବିପୁଳ ବହି କିଣିଦେବାର ସାମର୍ଥ୍ୟ ନାହିଁ, ତେବେ ସେ ଏତେ କଥା ଜାଣୁଛି କେମିତି? ଏ ପ୍ରଶ୍ନ ତାକୁ ବିବଶ କରିଦେଉଥିଲା। ସେ ନିଜକୁ ଜନ୍ମେଜୟ ସହ ତୁଳନା କରି ଦେଖିଲା। ବାପା ତା'ର ରେଳବିଭାଗରେ କାମ କରନ୍ତି। କେବଳ ଓଡ଼ିଶା ନୁହେଁ ଭାରତର ବିଭିନ୍ନ ଭାଷାର ମୂଲ୍ୟବାନ ଗ୍ରନ୍ଥସବୁ ଆଣି ଘର ଭର୍ତ୍ତି କରିଦେଇଛନ୍ତି।

ହେଲେ ଜନ୍ମେଜୟ ତୁଳନାରେ ସେ କାହିଁ କେତେ ପଛରେ।

ସେଦିନ ଜନ୍ମେଜୟର ଜନ୍ମଦିନ ଥାଏ। ନିମନ୍ତ୍ରିତ ସାଙ୍ଗମାନଙ୍କ ଭିତରେ ମନୋଜ ବି ଯାଇଥିଲା। ଦୁଇ ବଖୁରିଆ ଚାଳଘର ଆଉ ଛୋଟିଆ ରୋଷେଇ ଘରକୁ ନେଇ ଚଳୁଥିଲେ ଜନ୍ମେଜୟର ପରିବାର। ଚକୁଳି ପିଠା ଆଉ ଚିନିପାଣି ଖାଇ ମନୋଜ ଦେଖିଲା ଜନ୍ମେଜୟର ଶୋଇବା ଘରର ଅଧାଭାଗ ବହିରେ ପରିପୂର୍ଣ୍ଣ। ବିସ୍ମୟ !

ଘରକୁ ଫେରିବା ପୂର୍ବରୁ ମନୋଜ ନିଜ ମନର ଉତ୍କଣ୍ଠାକୁ ସମ୍ବରଣ କରିନପାରି ଜନ୍ମେଜୟକୁ ପଚାରିଲା- 'ଏତେଗୁଡ଼ିଏ ବହି କିଣିଛୁ। ଏ ସବୁ କ'ଣ ତୋ ବାପା ତୋ ପାଇଁ ଆଣିଦେଇଛନ୍ତି ?

ଜନ୍ମେଜୟ ହସିହସି ଉତ୍ତର ଦେଲା- 'ନା, ଏସବୁ ମୁଁ ମୋ ହାତଖର୍ଚ୍ଚରୁ ସଞ୍ଚୟ କରି କିଣିଛି।'

ମନୋଜ- 'ବହୁତଗୁଡ଼ିଏ ଟଙ୍କା ପଡ଼ିଥିବ ତ ? ତୁ କ'ଣ ଏତେ ଟଙ୍କା ସଞ୍ଚୟ କରିଥିଲୁ ?'

ଜନ୍ମେଜୟ- 'ଆରେ ନା, ଏସବୁ ବହି ଦୋକାନରୁ ନୁହେଁ; ରଦ୍ଦି କାଗଜ ଗୋଦାମରୁ ଆଣିଛି। ତୋର ପୁରୁଣା ବହି ସବୁ କବାଡ଼ିବାଲା କିଲୋକୁ ଦଶଟଙ୍କା ଦରରେ କିଣିନିଏ, ମୁଁ ତା' ଠାରୁ ବାରଟଙ୍କା ମୂଲ୍ୟରେ କିଣି ଆଣେ।'



# ମହାକାଶଚାରୀ

ସ୍କୁଲ୍ ଶିକ୍ଷକ ଶ୍ରେଣୀ ଗୃହରେ ବୁଲିବୁଲି ତୃତୀୟ ଶ୍ରେଣୀର ପିଲାମାନଙ୍କୁ ଜଣଜଣ କରି ପଚାରୁଥିଲେ- 'ତୁମେ ବଡ଼ହେଲେ କ'ଣ ହେବ ?' ଅନେକ ପ୍ରକାର ଉତ୍ତର ଆସିଥିଲା। ଡାକ୍ତର, ଇଞ୍ଜିନିୟର, ସୈନିକ, ପ୍ରଶାସକ ଏମିତି ଅନେକ କିଛି। କିନ୍ତୁ ଶେଷଧାଡ଼ିର ଗୋଟିଏ କୋଣରେ ବସିଥିବା ରାହୁଲ୍ ଉତ୍ତର ଦେଇଥିଲା- 'ମୁଁ ମହାକାଶଚାରୀ ହେବି।' ଉତ୍ତର ଅସ୍ୱାଭାବିକ ନଥିଲା। ଯେତେବେଳେ ପ୍ରଶ୍ନ କରାଗଲା କି, କାହିଁକି ତୁମେ ମହାକାଶଚାରୀ ହେବାକୁ ଚାହୁଁଛ। ସେତେବେଳେ ସେ ଯାହା ଉତ୍ତର ଦେଲା ତାହା ଶୁଣି ଶିକ୍ଷକ ନୀରବିଗଲେ।

ଶିକ୍ଷକଙ୍କ ପ୍ରଶ୍ନ ଶୁଣିସାରି ସେ କିଛି ସମୟ ନୀରବ ରହିଲା ଆଉ ତା'ପରେ ଉତ୍ତର ଦେଲା- 'ମୋ ବାପା କହୁଥିଲେ- 'ସେଠି ମୋ ମା' ଗୋଟିଏ ତାରା ହୋଇ ରହିଯାଇଛି। ମୁଁ ମୋ ମାଆକୁ ଖୋଜିବାକୁ ଯିବି।'

# ଶିକ୍ଷା

ସାତ ବର୍ଷର ପିଲା ସୋହନ, ଚତୁର୍ଥ ଶ୍ରେଣୀରେ ପଢ଼େ। କାଲି ସ୍କୁଲ୍‌ରେ ମାଡ଼ ଖାଉଥିଲା। ଅଭିଯୋଗ ଥିଲା କି ସେ ତା' ଶ୍ରେଣୀରେ ପଢୁଥିବା ତା' ବୟସର ଗୋଟେ ଝିଅକୁ 'ଆଇ ଲଭ୍ ୟୁ' କହିଛି। ତାହା ପୁଣି ଥରେ ନୁହେଁ ବାରମ୍ବାର। ଡକାହେଲା ସୋହନର ବାପା ମା'ଙ୍କୁ। ବାପା ତାକୁ ଭୟ ଦେଖାଇ ପଚାରିଲେ – 'ସୋହନ ତୋତେ ଏ ସବୁ କିଏ ଶିଖେଇଲା ? କହ କାହାଠୁ ଶିଖିଲୁ ଏସବୁ ? ଯେତେ ସବୁ ବାଜେ ପିଲାଙ୍କ ସହ ମିଶି ପିଲାଟା ନଷ୍ଟ ହେଇଗଲା। କହ, କାହାଠୁ ଶିଖିଲୁ ଏସବୁ କଥା ?'

ସୋହନ କାନ୍ଦିକାନ୍ଦି କହିଲା– 'ଆଜି ସକାଳେ ତମେ ମା'ଙ୍କୁ କହୁଥିଲ ଏହି ଶବ୍ଦଟା ବାରମ୍ବାର। ଆଉ ମା' ଖୁସି ହେଉଥିଲା। ଲାଡ୍‌ଲି ମୋର ଭଲ ସାଙ୍ଗ। ସେ ମନଦୁଃଖରେ ବସିଥିଲା। ତାକୁ ଖୁସି କରିବା ପାଇଁ ମୁଁ ସେଇ ଶବ୍ଦଟା କହିଦେଲି।'



# ବୁଢ଼ା

ପାହାଚର ଗୋଟିଏ କଡ଼କୁ ଜାକିହୋଇ ରେଲିଂକୁ ଧରିଧରି ଶିଡ଼ି ଉପରକୁ ଚଢୁଥିବା ବୁଢ଼ାଲୋକଟା ନଇଁ ପଡ଼ିଲା କାହିଁକି.. ?

ପଡ଼ିଗଲା କି ଆଉ !

ଏଇ ତ ବାଡ଼ି ଉପରେ ଶରୀରର ସଂପୂର୍ଣ୍ଣ ବୋଝତକ ଲଦି ଦେଇ ଛିଡ଼ାହେଲା। ହାତ ନେଇ ମୁଣ୍ଡରେ ମାରିଲା। ମହାପାତ୍ର ବାବୁ ହସହସ ବଦନରେ ମକାମଞ୍ଜି ପରି ଦାନ୍ତଗୁଡ଼ିକ ଦେଖେଇ କହିଲେ – ହଉ ହେଲା ହେଲା। ବୁଢ଼ା ଲୋକଟି ବିସ୍ମୟ ଦୃଷ୍ଟିରେ କିଛି ସମୟ ରହିଁବା ପରେ ପଡ଼ିଯାଇଥିବା ପାଞ୍ଚଟଙ୍କିଆ କଏନ୍‌ଟିକୁ ପକେଟରେ ରଖି ଚାଲିଗଲେ। ମହାପାତ୍ର ବାବୁଙ୍କୁ ବୋଧହୁଏ ଲାଜ ଲାଗିଲା। ସେ ତଳକୁ ମୁଣ୍ଡପୋତି ଖବରକାଗଜ ପଢ଼ିବାକୁ ଲାଗିଲେ।

# ନୂଆ ବାଇକ୍

ସୌଦାମିନୀର ପୁଅ ରାଜେଶ ଭାରି ଭଲପିଲା। ଏବର୍ଷ ଦଶମ ଶ୍ରେଣୀ ପାସ୍ କରିଛି। ସ୍କୁଲରେ ଫାଷ୍ଟ୍ ହୋଇଛି। କଲେଜ ଆଡ଼ମିସନ୍ ବେଳେ ବୋଉକୁ କହିଲା, 'ବୋଉ ଲା, ମୋ ପାଇଁ ଗୋଟେ ଗାଡ଼ି କିଣିଦେ। ମୁଁ ଏତେବାଟ ସାଇକେଲ ନେଇ କେମିତି ଯିବା ଆସିବା କରିବି କହିଲୁ।' ସୌଦାମିନୀ ମଧ ତା' ମନକଥା ବୁଝିପାରୁଥିଲେ। ସେ ବହୁ ଚେଷ୍ଟା କରି ଟଙ୍କା ଯୋଗାଡ଼ କଲେ ସାଧାସିଧା ମଟରସାଇକେଲ ଗୋଟେ କିଣିବା ପାଇଁ। ହେଲେ ପୁଅ ରୁଷିଲା। ବୋଉ ପସନ୍ଦ କରୁଥିବା ଗାଡ଼ି ତା' ମନକୁ ଗଲାନି। ଶେଷରେ ସୌଦାମିନୀ ଦେବୀ କାନଫୁଲ ଦୁଇଟା ବନ୍ଧାପକେଇ ଆଣିଲେ ଗୋଟିଏ ଲକ୍ଷେ ଟଙ୍କିଆ ବାଇକ୍।

ପୁଅ ବହୁତ ଖୁସିହେଲା। ସୌଦାମିନୀ ଦେବୀଙ୍କୁ ପଛରେ ବସେଇ ବୁଲେଇବାକୁ ନେଲା। ହେଲେ ସେ ଗାଡ଼ିରେ ଧରିକି ବସିବା ପାଇଁ ପଛରେ ଷ୍ଟାଣ୍ଡ ନଥିଲା। ସୌଦାମିନୀ ଦେବୀ ଠିକ୍‌ରେ ବସିପାରୁନଥିଲେ। ରାଜେଶ ହମ୍ପସ୍ ପାଖରେ ଗାଡ଼ିର ଡିସ୍ ବ୍ରେକ୍ ମାରିଦେବାରୁ ସୌଦାମିନୀ ଦେବୀ ଗଳିପଡ଼ିଲେ ତଳକୁ। ପଛମୁଣ୍ଡ ପିଟି ହେଇଗଲା। ଆଜି ତାଙ୍କର ମୃତ୍ୟୁକୁ ବର୍ଷେ ପୂରିଲା।

ରାଜେଶ ଏବେ କଲେଜ ଯାଉଛି ସାଇକେଲ୍ ନେଇ। ଗାଡ଼ି ସେବେଠାରୁ ଥୁଆହୋଇଛି ଗ୍ୟାରେଜ୍ ଘରେ।



# ଗଛ ମାହାତ୍ମ୍ୟ

ରାତି ଚାରିଟାରୁ ଉଠି ଫୁଲ ତୋଳିବା ଚନ୍ଦ୍ରାଂଶୁର ଅଭ୍ୟାସ। ତା'ର ଏଇ ଈଶ୍ୱରଭକ୍ତି ଦେଖି ରିଆଜ୍ ହସେ। ତାସ୍କଲ୍ୟ କରେ। କିନ୍ତୁ ବିରୋଧ କରେନି। ଦୁହେଁ ଗୋଟିଏ କୋଠରିରେ ରହନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟ ପାଚେରୀକୁ ଲାଗି ସାତଫୁଟରେ ନଅଫୁଟ୍ ସାଇଜ୍‌ର ଘର। ବାଉଁଶ ବତାରେ ମାଟିଲେସା କାନ୍ଥ, ଉପରେ ଆଜବେଷ୍ଟସ୍, ତଳେ ସିମେଣ୍ଟ୍ ସ୍ଲାବ୍ ଆଉ ତା'ତଳେ କଟକୀ ଡ୍ରେନ ସ୍ରୋତ। ରିଆଜ୍ ବିଶ୍ୱବିଦ୍ୟାଳୟ ପରିସରରେ ବଗିଚାର ତଦାରଖ କରେ। ବୟସ ତିରିଶ ଟପିଲାଣି। ତା'ର ନିଜର ଗୋଟିଏ ଦୁନିଆ ଅଛି। ସେ ଦୁନିଆରେ କେହି ନଥାନ୍ତି, ତା' ନିଜ ବ୍ୟତୀତ।

ସାତବର୍ଷ ତଳେ ହୋଟେଲ ମାଲିକଠାରୁ ମାଡ଼ଖାଇ ସେ ହୋଟେଲ କାମ ଛାଡି ଚାଲିଆସି କଟକ ସହର ସାରା ବୁଲୁଥିଲା ଖଣ୍ଡିଆଭୂତ ଭଳି। କଲେଜଛକରେ ଥିବା ତାରିଣୀ ମନ୍ଦିରର ପୂଜକ ରାମ ପଣ୍ଡା ତାକୁ ରଖାଇ ଦେଇଥିଲେ ବିଶ୍ୱବିଦ୍ୟାଳୟ ବଗିଚା କାମରେ। ରିଆଜ୍‌ର ନିଷ୍ଠାପରତାରେ ସନ୍ତୁଷ୍ଟ ହୋଇ ସେତେବେଳର ଚିଫ୍‌ୱାର୍ଡେନ୍ ତାକୁ କ୍ୟାମ୍ପସ୍ ଭିତରେ ରହିବାର ଅନୁମତି ଦେଇଥିଲେ। ଏ ଘର କିଏ ଗଢ଼ିଥିଲା ? କେବେ ଗଢ଼ିଥିଲା ? ତା'ର ଇତିହାସ ରିଆଜ୍‌କୁ ଜଣାନାହିଁ ବା ସେ କେବେ ଜାଣିବାକୁ ଚାହିଁ ନାହିଁ। ସେ ଆସିଲାବେଳକୁ ଏ ଘରେ ଥିଲା ଦଉଡ଼ିଆ ଖଟଟିଏ, କାଚ ବନ୍ଧେଇ ହୋଇଥିବା ସୁନ୍ଦରୀ ସ୍ତ୍ରୀ ଲୋକର ଫଟୋଟିଏ। ସେ

ଫଟୋ ଯେଉଁଠି ଟଙ୍ଗା ହୋଇଥିଲା ସେଇଠି ଅଛି ଆଜିଯାଏଁ।

ତା' ଘର ଭିତରକୁ କେହି ଆସନ୍ତି ନାହିଁ, ଚନ୍ଦ୍ରାଂଶୁ ବ୍ୟତୀତ। ଚନ୍ଦ୍ରାଂଶୁ ତା'ର ସାଙ୍ଗ ନୁହେଁ, ଭାଇ ନୁହେଁ ଅବା ତା'ଠୁ ଊଣା ମଧ୍ୟ ନୁହେଁ। ଚନ୍ଦ୍ରାଂଶୁକୁ ସେ ଭେଟିଥିଲା ବଗିଚାରେ ଫୁଲ ଚୋରି କରୁଥିବା ଅବସ୍ଥାରେ। ପିଲାମାନଙ୍କ ଯିବା ଆସିବା ଭିତରେ ଚନ୍ଦ୍ରାଂଶୁ ଫୁଲଟିଏ ଛିଡ଼େଇ ନେଉଥିବାବେଳେ ଗଛମାନଙ୍କ ଗହଳି ମଧ୍ୟରେ ଆଦୌ ଦିଶୁନଥିବା ରିଆଜ୍ ମୁଣ୍ଡ ଟେକିଲା। ଚନ୍ଦ୍ରାଂଶୁଆଡ଼କୁ କଟମଟ କରି ଚାହିଁଲା। ଚନ୍ଦ୍ରାଂଶୁ ଅଳ୍ପ ଦାନ୍ତ ଦେଖେଇଲା। ବ୍ୟାଗ୍‌ରୁ ଅଠା ବାହାର କରି ଫୁଲଟି ଯେଉଁଠୁ ଛିଡ଼େଇଥିଲା ପୁଣି ସେଇଠି ଯୋଡ଼ିବାକୁ ଚେଷ୍ଟା କଲା। ଏଥର ରିଆଜ୍ ହସିଲା ଚନ୍ଦ୍ରାଂଶୁ ବି। ଚନ୍ଦ୍ରାଂଶୁ କନିକା ଲାଇବ୍ରେରୀରୁ ଫେରିଲାବେଳେ ରିଆଜ୍ ଗଛରେ ପାଣି ଦେଉଥାଏ। ଚନ୍ଦ୍ରାଂଶୁ ଠିଆହେଲା, ରିଆଜ୍ ଆଡ଼କୁ ଚାହିଁଲା, ଭାରି ବିକଳ ଦୃଷ୍ଟିରେ। ରିଆଜ୍ ପଚାରିଲା- କ'ଣ ଫୁଲ ନେବୁ? ଚନ୍ଦ୍ରାଂଶୁ ମୁଣ୍ଡ ହଲେଇ ମନା କଲା।

ରିଆଜ୍ – ଆଉ କ'ଣ ଗଛ?

ଚନ୍ଦ୍ରାଂଶୁ – ନା।

ରିଆଜ୍ – ତେବେ?

ଚନ୍ଦ୍ରାଂଶୁ – ତୁମ ସହିତ ଟିକେ କଥା ଥିଲା।

ରିଆଜ୍ – ମୋ ସହିତ! କ'ଣ କହୁନୁ।

ଚନ୍ଦ୍ରାଂଶୁ – ଏଇ ବଗିଚା କାମରେ ତୁମକୁ କେତେ ଟଙ୍କା ଦରମା ମିଳେ?

ରିଆଜ୍ କହିଲା- ଖାଇବା ଆଉ ପିନ୍ଧିବା ପାଇଁ ଯେତିକି ଦରକାର, ସେଥିରୁ ବେଶୀ ନୁହେଁ ।

ମୁହଁରେ ଫୁଟି ଉଠୁଥିବା ସ୍ମିତହସ ସେ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ମଉଳି ନଥାଏ। ପୂର୍ଣ୍ଣମୀ ନହେଲେ ବି ଦ୍ୱିତୀୟା ଜହ୍ନ ପରି ସେ ହସ ମନଲୋଭା ଦିଶୁଥାଏ। ଚନ୍ଦ୍ରାଂଶୁ ପଚାରିଲା ମୋ ପାଇଁ ଏମିତି ଗୋଟେ କାମ ବୁଝି ଦେଇ ପାରିବ। ମୋ ବାପାଙ୍କ ଦେହ ଖରାପ। ଦେଢ଼ମାସ ହେଲାଣି ଘରୁ ପଇସା ଆସିନି। ଆଜି ସନ୍ଧ୍ୟା ସୁଦ୍ଧା ଘରଭଡ଼ା ଦେଇନପାରିଲେ ଘରବାଲା ତଡ଼ିଦେବ ବୋଲି କହିଛି। ରିଆଜ୍ ଏତକ ଶୁଣି ନୀରବ ରହିଲା। କିଛି ସମୟ ଭାବିସାରି ପଚାରିଲା ତୁ ଯଦି ଏଇଠି ବଗିଚାରେ କାମ କରିବୁ ତେବେ ତୋ ପାଠ କ'ଣ ମୁଁ ପଢ଼ିବି।

ଚନ୍ଦ୍ରାଂଶୁ ନିରୁତ୍ତର ରହିଲା। ତା ମୁହଁର ଅଜଣା ଅକ୍ଷରଗୁଡ଼ିକୁ ପଢ଼ି ରିଆଜ୍ ତା'ର ଅନ୍ତରର କାହକୁ ବୁଝିପାରିଲା। ତା ହାତଧରି ନିଜ ଆଜବେଷ୍ଟସ ଘରକୁ ନେଇ ଆସି କହିଲା – ଆଜିଠୁ ଏଇଟା ତୋର ରହିବା ଜାଗା। ଖାଇବା ଖର୍ଚ୍ଚ ଦେବାକୁ ପଡ଼ିବନି। ଘରଭଡ଼ା ବି ନୁହେଁ। ମୋତେ ରାନ୍ଧେଇ ଜଣାନାହିଁ, ତୁ ରୋଷେଇ ଶିଖିଛୁ ତ? ତେଣୁ ଚନ୍ଦ୍ରାଂଶୁ ସମ୍ମତି ଜଣାଇଲା। ନୂଆ ଗ୍ୟାସ୍ କିଣା ହେଲା। ବାସନ ଓ ପରିବାପତ୍ର ବି ଆସିଲା। ହୋଟେଲ୍‌କୁ ଶ୍ୱଶୁର ଘର ଭାବିନେଇଥିବା ରିଆଜ୍ ଏବେ ଚନ୍ଦ୍ରାଂଶୁ ହାତରନ୍ଧା ଖାଦ୍ୟ ଖାଇ ବେଶ୍ ଖୁସିରେ ନିଜ କାମକୁ ବାହାରିଯାଏ। ଚନ୍ଦ୍ରାଂଶୁର ସ୍ନେହବୋଳା କଥା ଆଉ ସୁସ୍ୱାଦୁ ହାତରନ୍ଧା ଖାଇ ରିଆଜ୍ ନିଜକୁ ଋଣି ମନେକରେ। ସେଥିପାଇଁ ପ୍ରତିଦିନ ରାତିରେ ଦୁହେଁ ଖାଇସାରିବା ପରେ ରିଆଜ୍ ବାସନତକ ମାଜିବାକୁ ନେଇଯାଏ। ଏମିତିକି ଚନ୍ଦ୍ରାଂଶୁ ଶୋଇପଡ଼ିବା ପରେ ତା'ର ପୋଷାକସବୁ ସଫାକରି ଶୁଖେଇଦିଏ। ଚନ୍ଦ୍ରାଂଶୁ ସଫାସୁତୁରା ପୋଷାକ ପିନ୍ଧି କଲେଜ ବାହାରିଲେ ରିଆଜ୍‌କୁ ଆତ୍ମସନ୍ତୋଷ ମିଳେ।

ଦୁହିଁଙ୍କର ଶୋଇବା ଓ ଉଠିବା ସମୟ ଭିନ୍ନଭିନ୍ନ। ଚନ୍ଦ୍ରାଂଶୁ ରାତି ଚାରିଟାରୁ ଉଠି ନିତ୍ୟକର୍ମ ସାରି ଗାଧୋଇ ଖାଇ କଲେଜ୍ ବାହାରିବାବେଳକୁ ରିଆଜ୍‌ର ନିଦ ଭାଙ୍ଗେ। ଚନ୍ଦ୍ରାଂଶୁ ରୋଷେଇ କରି ରଖିଥିବା ଡାଲମା ଭାତ ଖାଇ ସେ ବାହାରିଯାଏ କାମରେ। ଚନ୍ଦ୍ରାଂଶୁ କ୍ଲାସ୍ ସାରି ସନ୍ଧ୍ୟା ପୂର୍ବରୁ ଫେରିଆସେ କିନ୍ତୁ ରିଆଜ୍ କାମସାରି ବୁଲାବୁଲି କରେ, ଫେରେ ରାତି ନଅଟା ପରେ। ଏଣୁ ଦୁହେଁ ଏକାଠି ବେଶି ସମୟ କଟେଇ ପାରୁନଥିଲେ ମଧ୍ୟ ରାତ୍ରି ଭୋଜନ ଗୋଟିଏ ଥାଳିରେ ବଢ଼ାହୁଏ। ଏକାଠି ଖାଆନ୍ତି। ଦିନଯାକର ଘଟଣା ଦୁର୍ଘଟଣାର ଅନୁଭୂତି ବଖାଣନ୍ତି। ବ୍ୟକ୍ତି-ଅଞ୍ଚଳ-ଦେଶ-ବିଦେଶର ପ୍ରସଙ୍ଗକୁ ନେଇ ଚର୍ଚ୍ଚା କରନ୍ତି। ଚନ୍ଦ୍ରାଂଶୁ ପଢ଼ି ବସେ। ପଢୁପଢୁ ଶୋଇଯାଏ। ରିଆଜ୍ ଯାଏ ବାସନ ମାଜିବାକୁ। ଏମିତି ଚାଲିଥାଏ ଦୁହିଁଙ୍କ ହସଖୁସିର ଜୀବନ।

ଦିନେ ସକାଳୁ ଫୁଲ ତୋଳିବାବେଳେ ଭାଙ୍ଗିଗଲା ତରାଟ ଗଛର ଡାଳଟିଏ। ଭଙ୍ଗା ଡାଳଟି ଗଛରେ ଝୁଲିରହିବା ଅପେକ୍ଷା ନୂଆ ଗଛଟିଏ ହୋଇପାରିବ -ଏଇ ଉଦ୍ଦେଶ୍ୟରେ ଚନ୍ଦ୍ରାଂଶୁ ତାକୁ ଆଣି ପୋତି ଦେଇଥିଲା ସେ ରହୁଥିବା ଘରର ଅଗଣାରେ, ବିଶ୍ୱବିଦ୍ୟାଳୟ ପାଚେରୀ କଡ଼ରେ। ସବୁଦିନ ସକାଳୁ ଗାଧୋଇ ସାରି ସେଇ ଗଛରେ ପାଣି ଢାଳେ। ତା ମୂଳରୁ ଘାସ ଓପାଡ଼ିଦିଏ। ଢିରା ଦେଇ ଗଛକୁ ସଳଖି ଦିଏ। ଫୁଲ ଫୁଟିବାର ଅପେକ୍ଷା କରେ। ଚନ୍ଦ୍ରାଂଶୁର ଏପରି କାର୍ଯ୍ୟକଳାପ ଦେଖି ରିଆଜ୍ ହସେ। ସେ ନିଜେ ମାଳି କାମ କରୁଥିଲେ ବି ଆଜିଯାଏଁ କୌଣସି ଗଛ ପ୍ରତି ତା'ର ଏତେ ମମତା ସୃଷ୍ଟି ହୋଇନାହିଁ। ବିଶ୍ୱବିଦ୍ୟାଳୟ ପରିସରରେ ଫୁଲ ଭର୍ତ୍ତି ଗଛର ଅଭାବ ନଥିବାବେଳେ ଗୋଟିଏ ଗଛର ଏପରି ମାତ୍ରାଧିକ ଯତ୍ନ ନେବା ରିଆଜ୍ ମନରେ କୌତୁହଳ ସୃଷ୍ଟି କରୁଥିଲା।

ଚାହୁଁ ଚାହୁଁ ଗଛଟି ବଡ଼ ହେଲା, ଫୁଲ ବି ଫୁଟିଲା। ସେହି ଅନୁସାରେ ଚନ୍ଦ୍ରାଂଶୁ ସ୍ନାତକୋତ୍ତର ଶେଷ କରି ଏମ୍‌.ଫିଲ୍ ପଢ଼ିଲା, ପିଏଚ୍‌.ଡି ଚାଲିଥିବା ଅବସ୍ଥାରେ ଚାକିରି ମିଳିଯିବାରୁ ଚନ୍ଦ୍ରାଂଶୁ ପ୍ରଥମେ ଏଇ ଖୁସି ଖବରଟି ରିଆଜ୍ ଭାଇକୁ ଜଣେଇଲା। ରିଆଜ୍ ଆଖିରୁ ଖୁସିର ଲୁହ ଝରି ପଡ଼ିଲା। କିନ୍ତୁ ଚନ୍ଦ୍ରାଂଶୁ ଠାରୁ ଦୂରେଇ ରହିବାର ଦୁଃଖ ତାକୁ ଭିତରେଭିତରେ ଦୁଃଖ ବି ଦେଉଥାଏ। ରାଇରଙ୍ଗପୁର କଲେଜରେ ଅଧ୍ୟାପକ ଭାବେ ଯୋଗଦେବ ଚନ୍ଦ୍ରାଂଶୁ। ରିଆଜ୍ ନିଜେ ଯାଇ ତା' ପାଇଁ ବସ୍ ଟିକେଟ୍ କିଣି ଆଣିଲା। ସଞ୍ଚୟ କରିଥିବା ଟଙ୍କାରୁ ନୂଆ ପୋଷାକ ହଳେ କିଣିଲା। ଚନ୍ଦ୍ରାଂଶୁକୁ ଏ ପୋଷାକ ଭଲ ଦିଶିବ। ସେଦିନ ରାତିରେ ଲଗେଜ୍ ବ୍ୟାଗ୍‌ରେ ପୋଷାକ ସଜାଡ଼ି ରଖୁଥିବାବେଳେ ଚନ୍ଦ୍ରାଂଶୁ ପାଖରେ ବସି ରିଆଜ୍ ପଚାରିଲା – ତୁ ପୁଣି କେବେ କଟକ ଆସିବୁ ?

ଚନ୍ଦ୍ରାଂଶୁ– ଯେବେ ଛୁଟି ମିଳିବ, ଚାଲିଆସିବି।

ରିଆଜ୍ – ତୁ ଗଲାପରେ ସେ ତରାଟ ଗଛରେ ପାଣି କିଏ ଦେବ ?

ଚନ୍ଦ୍ରାଂଶୁ – ତୁମେ ?

ରିଆଜ୍ ହସିଲା। ଚନ୍ଦ୍ରାଂଶୁ ତା' ହାତ ଉପରେ ହାତ ଥୋଇ କହିଲା – 'ରିଆଜ୍ ଭାଇ, ଗଛଟା ଦିନକୁଦିନ ଯେତିକି ବଡ଼ ହେଉଛି, ମୋ ଭିତରେ ସେତିକି ଆତ୍ମବିଶ୍ୱାସ ତିଆରି ହେଉଛି। ଗଛରେ କିଛି ଐଶ୍ୱରୀୟ ଶକ୍ତି ଅଛି ବୋଲି ମୁଁ କହୁନି କିନ୍ତୁ ଗଛର ଅଭିବୃଦ୍ଧି ସହିତ ଗୋଟେ ସକାରାତ୍ମକ ପ୍ରଭାବ ସୃଷ୍ଟି ହୋଇଛି ନିଶ୍ଚୟ। ମୁଁ ଗଲାପରେ ଏ ଗଛର ଦାୟିତ୍ୱ ତୁମେ ନେବ। ଦେଖିବ, ତୁମ ଜୀବନରେ ବି ନିଶ୍ଚୟ କିଛି ପରିବର୍ତ୍ତନ ଘଟିବ।' ରିଆଜ୍‌କୁ ଏସବୁ ନାଟକର ଆଦର୍ଶବାଦୀ ସଂଳାପ ଭଳି ମନେହେଉଥିଲେ ବି ସେ ସୁନାପିଲା ପରି ଚନ୍ଦ୍ରାଂଶୁର କଥା ସବୁ ଶୁଣୁଥାଏ। ଦୁହିଁଙ୍କ ଭିତରେ ତରାଟ ଗଛକୁ ନେଇ ଏମିତି ଅନେକ ଆଲାଚନା ଚାଲିଲା।

ଚନ୍ଦ୍ରାଂଶୁ ତା'ର ନିତିଦିନିଆ ଅଭ୍ୟାସ ଅନୁଯାୟୀ ରାତି ଚାରିଟାରୁ ଉଠି ଗାଧୋଇ ସାରି ତରାଟ ଗଛମୂଳେ ପାଣି ଢାଳିଲା। ରିଆଜ୍ ବି ଆଜି ସକାଳୁ ଉଠିପଡ଼ି ଚନ୍ଦ୍ରାଂଶୁର ବୃକ୍ଷସେବା ଦେଖୁଥାଏ। ସକାଳ ଛଅଟା ବେଳକୁ ବସ୍ ବାଦାମବାଡ଼ି ବସଷ୍ଟାଣ୍ଡରୁ ବାହାରିବ। ରିଆଜ୍ ଚନ୍ଦ୍ରାଂଶୁକୁ ସାଇକେଲରେ ବସେଇ ବାଦାମବାଡ଼ିରେ ଛାଡ଼ିଦେଇ ଆସିଲା। ଚନ୍ଦ୍ରାଂଶୁ ତା'ର ଅଧ୍ୟାପନା ଦାୟିତ୍ୱ ଓ କଲେଜ୍‌ର ଅନ୍ୟାନ୍ୟ କାମରେ ବ୍ୟସ୍ତ ରହିଲା। ରିଆଜ୍ ବି ତା'ର କର୍ମମୟ ଜୀବନରେ ନିଜକୁ ହଜାଇଦେଲା। ରିଆଜ୍‌ର ଏଣିକି ରାତିରେ ଫେରିବାର ସମୟ ବିଳମ୍ବିତ ହେଲା। ଖାଦ୍ୟ ପାଇଁ



ହୋଟେଲ୍ ଉପରେ ନିର୍ଭର କରିବାକୁ ପଡ଼ିଲା। ତଥାପି ରିଆଜ୍ ଜୀବନରେ ଅନେକ ପରିବର୍ତ୍ତନ ଘଟିଥିଲା। ତା'ର ଶୋଇବାର ସମୟ ଯେତେ ହେଉ ନା କାହିଁକି ଉଠିବାର ସମୟ କିନ୍ତୁ ସ୍ଥିର ହୋଇଗଲା। ଠିକ୍ ରାତି ଚାରିଟାବେଳକୁ ରିଆଜ୍‌ର ନିଦ ଭାଙ୍ଗିଯାଏ। କେହିଜଣେ ତାକୁ ହାତଧରି ଟାଣିନେଲାଭଳି ସେ ଉଠେ, ଗାଧୁଆପାଧୁଆ କରେ ଓ ତରାଟ ଗଛରେ ପାଣି ଦିଏ। ଚନ୍ଦ୍ରାଂଶୁର ଅନୁପସ୍ଥିତିରେ ଏଇ ଗଛଟି ସତେଯେମିତି ଚନ୍ଦ୍ରାଂଶୁର ଅସ୍ତିତ୍ୱ ଜାହିର୍ କରେ। ଧୀରେଧୀରେ ରିଆଜ୍ ମନରେ ବି ଗଛଟି ପ୍ରତି ଗଭୀର ମମତା ସୃଷ୍ଟି ହୋଇ ଆସୁଥାଏ।

ପାଖାପାଖି ଦୁଇବର୍ଷ ପରେ ଚନ୍ଦ୍ରାଂଶୁ ତା'ର ଗବେଷଣା ଥେସିସ୍ ଲେଖା ଶେଷକରି ରେଭେନ୍ସା ଆସିଥାଏ ଦାଖଲ କରିବାକୁ। ଡକ୍ଟରେଟ୍ ଡିଗ୍ରୀ ପାଇବା ପରେ ସରକାରୀ କଲେଜ୍ କିମ୍ବା ବିଶ୍ୱବିଦ୍ୟାଳୟକୁ ତା'ର ପ୍ରମୋଶନ ହେବ ଏପରି ଏକ ଭାବନା ତାକୁ ଆମୋଦିତ କରୁଥାଏ। ଗେଟ୍ ପାଖରେ ପହଞ୍ଚିବା ମାତ୍ରେ ସେ ପ୍ରଥମେ ରିଆଜ୍ ଭାଇକୁ ଦେଖାକରିବାକୁ ଗଲା। ଘରଟି ପୂର୍ବବତ୍ ପରିଷ୍କାର ପରିଚ୍ଛନ୍ନ ଦିଶୁଥାଏ। ଲିପାପୋଛା ହୋଇ ସୁନ୍ଦର ଭାବରେ ସଜେଇ ଦିଆଯାଇଥାଏ। ରିଆଜ୍ କ'ଣ ଆଗରୁ ଜାଣିଥିଲା ଚନ୍ଦ୍ରାଂଶୁ ଆସିବ ବୋଲି ! ତେବେ କାହାପାଇଁ ଏ ସାଜସଜ୍ଜା। କବାଟ ବାହାରୁ ତାଲା ପଡ଼ିନାହିଁ। ଚନ୍ଦ୍ରାଂଶୁ ନିଃସନ୍ଦେହ ଯେ ରିଆଜ୍ ଭାଇ ଆଜି କାମକୁ ନଯାଇ ଘରେ ଅଛି। ସେ କବାଟ ଠେଲି ଭିତରକୁ ପଶୁଥିବାବେଳେ ଭିତରୁ ନାରୀ କଣ୍ଠର ସୁମଧୁର ସ୍ୱରରେ 'କିଏ' ବୋଲି ପ୍ରଶ୍ନଟିଏ ଭାସି ଆସିଲା। ଚମକି ପଡ଼ିଲା ଚନ୍ଦ୍ରାଂଶୁ। କିଛି ସମୟ ନୀରବିଯାଇ ଉତ୍ତର ଫେରେଇଲା। ନିଜର ପରିଚୟ ଦେଲା। କିଛି ସମୟ କଥାବାର୍ତ୍ତା ପରେ ଜାଣିଲା ଏଇ ଭିତରେ ରିଆଜ୍‌ର ବାହାଘର ହୋଇଯାଇଛି ଏବଂ ଉପସ୍ଥିତ ମହିଳା ଜଣଙ୍କ ତା'ର ପତ୍ନୀ। ସଂଧ୍ୟାବେଳକୁ ରିଆଜ୍ ଫେରିଆସିଲେ ଦେଖାହେବ ବୋଲି ତା'ପତ୍ନୀ କହିଲେ। ଚନ୍ଦ୍ରାଂଶୁ ବିଶ୍ୱବିଦ୍ୟାଳୟରେ ଥେସିସ୍ ଦାଖଲ କରି କନିକା ଲାଇବ୍ରେରୀ ବାଟଦେଇ ଫେରୁଥାଏ। ସୂର୍ଯ୍ୟଘଡ଼ି ପାଖରେ କେହିଜଣେ ତାକୁ ଆଲିଙ୍ଗନ କରି କୋଳେଇ ନେଲା। ସେ ଆଶ୍ଚର୍ଯ୍ୟ ହୋଇ ଚାହିଁଲାବେଳକୁ ରିଆଜ୍ ତା' ଆଡ଼କୁ ଚାହିଁ ହସୁଥାଏ। ଅନେକ ଦିନ ପରେ ପରସ୍ପରକୁ ଭେଟି ଅପ୍ରମିତ ଖୁସିରେ ବିଭୋର ହେଲେ। ସେଦିନ ସଂଧ୍ୟାରେ ରିଆଜ୍ ଘରେ ଚା, ପକୁଡ଼ିର ଆସର ଜମିଲା। ତରାଟ ଗଛର ସେବା କରିବାକୁ ତା'ର ବାହାଘର ହେଇଯାଇଛି ବୋଲି ରିଆଜ୍ ଭାଇ କହିଲା। ତା' ସ୍ତ୍ରୀ ଓ ଚନ୍ଦ୍ରାଂଶୁ ଏକଥା ଶୁଣି ହସିଲେ। ଏମିତି ଅନେକ କଥା ଆଲୋଚନା ହେଲା। ରାତି ନଅଟା ବସ୍‌ରେ ଚନ୍ଦ୍ରାଂଶୁର ରାଇରଙ୍ଗପୁର ଫେରିବାର ଥିଲା। ପୂର୍ବଥର

ପରି ରିଆଜ୍ ଚନ୍ଦ୍ରାଂଶୁକୁ ସାଇକେଲ୍‌ରେ ନେଇ ବାଦାମବାଡ଼ି ବସ୍‌ଷ୍ଟାଣ୍ଡ୍‌ରେ ଛାଡ଼ିଦେଇ ଆସିଲା।

ପୁଣି ତିନି ବର୍ଷର ବ୍ୟବଧାନ। ଚନ୍ଦ୍ରାଂଶୁ ବିଶ୍ୱାଳ ଏବେ ଡକ୍ଟର ଚନ୍ଦ୍ରାଂଶୁ ବିଶ୍ୱାଳ ହୋଇସାରିଥିଲା। ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ଆୟୋଜିତ ସହକାରୀ ପ୍ରଫେସର ପଦବୀ ପାଇଁ ମନୋନୀତ ହୋଇ ସେ ପଢ଼ିଥିବା ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଯୋଗଦେବାକୁ ଯୋଗ୍ୟ ବିବେଚିତ ହୋଇଥିଲା। ତା'ର ଏଇ ସଫଳତାରେ ତା'ର ସହକର୍ମୀ, ଛାତ୍ରଛାତ୍ରୀ, ପରିବାର ସମସ୍ତେ ତାକୁ ଶୁଭେଚ୍ଛା ଜଣାଇଥିଲେ। ଏଇ ଖୁସିର ଜୁଆର ଭିତରେ ସେ କଲେଜ ପଢ଼ାବେଳର ସ୍ମୃତି ସବୁକୁ ମନେପକଉଥିଲା। ରିଆଜ୍ ଭାଇ ତାକୁ ଯେଉଁ ସହାନୁଭୂତି ଦେଖାଇଥିଲା ସେ ଋଣ ସୁଝିବାପାଇଁ ଏବେ ଉଚିତ୍ ସମୟ ଆସିଛି। ବିଶ୍ୱବିଦ୍ୟାଳୟରେ ଯୋଗଦେବା ପରେ ରିଆଜ୍ ଭାଇ ପାଇଁ ସେ କି କି ସୁବିଧା କରାଇଦେଇ ପାରିବ ମନେମନେ ତାକୁ ନେଇ ପରିକଳ୍ପନା କରୁଥାଏ। ରିଆଜ୍ ଭାଇକୁ ନିଜ ବିଭାଗକୁ ବଦଳି କରି ନେଇଆସିଲେ ଭଲ ହୁଅନ୍ତା ଯେ ହେଲେ ମାଳି ବୋଲି ରିଆଜ୍ ଭାଇ ଯଦି ନିଜକୁ ଛୋଟ ମନେକରେ, ତେବେ? ନା ନା ସେ ରିଆଜ୍ ଭାଇ ପାଇଁ ନୂଆ ଡ୍ରେସ୍ ହଳେ କିଣିଦେବ। ଖାଲି ଡ୍ରେସ୍ ହଳେ! ଏତେ ସାହାଯ୍ୟ ସହଯୋଗର ମୂଲ୍ୟ କ'ଣ କେବଳ ହଳେ ଡ୍ରେସ୍। ନା, ତା ପାଇଁ ଗୋଟେ ନୂଆ ବାଇକ୍ କିଣି ଦେବ। ବାସ୍, ଏଇଟା ଗୋଟେ ଆତ୍ମସନ୍ତୋଷ ଦେଲାଭଳି କାମ। ଏମିତି ଅନେକ ଯୋଜନା ସେ ନିଜ ମନଭିତରେ କରିଚାଲିଥିଲା।

ସହକାରୀ ପ୍ରଫେସର ଭାବରେ ଯୋଗଦେବାର ପ୍ରଥମ ଦିନ ରିଆଜ୍ ଭାଇ ଠାରୁ ଆଶୀର୍ବାଦ ନେବାପାଇଁ ଚନ୍ଦ୍ରାଂଶୁ ରିଆଜ୍ ଘରକୁ ଗଲା। ସେଠାରେ ପହଞ୍ଚି ଦେଖିଲା ଭଙ୍ଗାଇଟାର ସ୍ତୁପଟିଏ କେବଳ ଘରର ଅବସ୍ଥିତିର ପ୍ରମାଣ ଘେନି ଦଣ୍ଡାୟମାନ। ତରାଟ ଗଛଟିର କୌଣସି ଚିହ୍ନବର୍ଣ୍ଣ ଦିଶୁନାହିଁ। ଡ୍ରେନ୍ ପୁନରୁଦ୍ଧାର, ପାଚେରୀ ମରାମତି କାମ ଓ ବିଶ୍ୱବିଦ୍ୟାଳୟ ପରିସର ସୌନ୍ଦର୍ଯ୍ୟୀକରଣ ପାଇଁ ସେଠାରେ ଥିବା ପୁରୁଣା, ଅସ୍ଥାୟୀ ଘରଗୁଡ଼ିକୁ ଭାଙ୍ଗି ଦିଆଯାଇଛି। ସେ ବିସ୍ମୟ, ଦୁଃଖ, ସହାନୁଭୂତି ଓ ଲୁହସବୁକୁ ଗଣ୍ଠିଲି କରି ରିଆଜ୍ ଭାଇକୁ ଖୋଜିବାରେ ଲାଗିପଡ଼ିଲା। ସବୁ ବିଭାଗ, ବଗିଚା, ପ୍ରଶାସନିକ ବିଭାଗ, କାଫେଟେରିଆ, ଖେଳପଡ଼ିଆ, ହଷ୍ଟେଲ୍ ସବୁଆଡ଼େ ଖୋଜିବୁଲିଲା। କେଉଁଠି ବି ରିଆଜ୍ ଭାଇର ଖୋଜ୍‌ଖବର ମିଳିଲାନି।

ଜଣେ ଛାତ୍ର ଆସି ଚନ୍ଦ୍ରାଂଶୁକୁ ଖବର ଦେଲା ଯେ ରିଆଜ୍ ଭାଇର ଘର ଭାଙ୍ଗି



ଦିଆଗଲାବେଳେ ସେ ପ୍ରତିବାଦ କରିବାରୁ ତାକୁ ଚାକିରିରୁ ବାହାର କରିଦିଆଯାଇଛି। ନବବିବାହିତା ପତ୍ନୀକୁ ନେଇ ସେ କାଠଗଡ଼ା ସାହିରେ ଭଡ଼ାଘରେ ରହୁଛି। ରାଣୀହାଟ ଛକରେ ନର୍ସରୀଟିଏ କରି ଚାରାଗଛ ବିକ୍ରୟ କରି ପରିବାର ପୋଷୁଛି। ଏତକ ଶୁଣି ଚନ୍ଦ୍ରାଂଶୁ ତତ୍‌କ୍ଷଣାତ୍ ରାଣୀହାଟ ଛକକୁ ଗଲା। ରିଆଜ୍ ଦୋକାନରେ ବିଦେଶୀ ଗଛର ଗହଳି ଭିତରେ ବିରାଟ ତରାଟଗଛଟି ଝଙ୍କାଳିଆ ହୋଇ ବଢ଼ିଥାଏ। ତା'ତଳେ ରିଆଜ୍‌ର ସ୍ତ୍ରୀ ଦେଢ଼ବର୍ଷର ଶିଶୁକୁ କୋଳରେ ଧରି ବସିଥାଏ। ରିଆଜ୍ ଗ୍ରାହକମାନଙ୍କୁ ଚାରା ବିକ୍ରୀ କରୁଥାଏ। ପୁଣିଥରେ ଚନ୍ଦ୍ରାଂଶୁ ରିଆଜ୍‌କୁ ଭେଟି ତା'ର ବକ୍ଷସ୍ଥଳକୁ ଲୁହରେ ଭିଜାଇଦେଲା। ରିଆଜ୍ ସେଇ ବିରାଟ ତରାଟଗଛକୁ ଦେଖାଇ କହିଲା- ଦେଖ୍, ତୋ ହାତରେ ଜୀବନ ପାଇଥିବା ଗଛ କେମିତି ଆମକୁ ବଞ୍ଚିବାର ନୂଆ ରାସ୍ତା ଦେଖେଇ ଚାଲିଛି। ସେଇଥିପାଇଁ ତାକୁ ଜେସିବି ଓପାଡ଼ିଦେଲା ପରେ ମୁଁ ଏଇଠିକି ନେଇ ଆସିଛି। ତା'ର ଫୁଲଭର୍ତ୍ତି ଝଙ୍କାଳିଆ ଡାଳଗୁଡ଼ିକ କେମିତି ତତେ ଚାହିଁ ହସୁଛନ୍ତି, ଦେଖ୍ ଦେଖ୍।

# ତାଜ୍ ହୋଟେଲରେ ବିପିଏଲ ଚାଉଳ

ସମୟ ସନ୍ଧ୍ୟା ଛଅଟା ବାଜି ପନ୍ଦର ମିନିଟ୍। ଜୁନାଗଡ଼ ରୋଡ୍ ଏକ୍ସପ୍ରେସ୍ ଏତିକିବେଳେ ଭବାନୀପାଟଣା ଷ୍ଟେସନ୍‌ରେ ପହଞ୍ଚିବ। ଅଟୋରେ ବସି ସୁନୀଲ୍ ସହ ଷ୍ଟେସନ ଯାଉଥିଲା ସୁଜିତ୍। ଦୁହେଁ ରେଭେନ୍ସାରେ ଏମ୍.ଏ ପଢ଼ା ସାରି କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ଡକ୍ଟରେଟ ପ୍ରବେଶିକା ପରୀକ୍ଷା ଦେବାକୁ ଯାଇଥିଲେ। ଯିବାର ତିନିଦିନ ଆଗରୁ ଟ୍ରେନ୍ ଟିକେଟ୍ କାଟିବାକୁ ପଡ଼ିଲା। ଯିବା ପାଇଁ ଟିକେଟ୍ ମିଳିଗଲା କିନ୍ତୁ ଫେରିବା ଟିକେଟ୍ ମିଳିଲାନି। ଜେନେରାଲ୍ ଟିକେଟ୍ କରି ଫେରିଆସିବେ; ଏଇ ଯୋଜନାରେ ବାହାରିଗଲେ। ରାତି ଆଠଟା ଚାଳିଶରେ ଭୁବନେଶ୍ୱରରୁ ଟ୍ରେନ୍ ବାହାରିଲା। ସ୍ଲିପର୍ ବର୍ଥରେ ଶୋଇ ଶୀତକୁ ବେଖାତିର୍ କରି ଦୁହେଁ ସକାଳକୁ ସ୍ୱାଗତ କଲେ ଲାଞ୍ଜିଗଡ଼ ଷ୍ଟେସନରେ। ସକାଳର ଦୁଇ କପ୍ ଗରମ ଚା'ର ଧୂଆଁ ଆଉ ପାହାଡ଼ ଉପରେ ଭାସିବୁଲୁଥିବା କୁହୁଡ଼ିର ରଙ୍ଗ ପ୍ରାୟ ସମାନ ଥିଲା। ନାଗାବଳୀ ନଦୀର ସରୁ ଧାରଟିଏ ରେଳରାସ୍ତାକୁ ଛୁଇଁ ଛୁଇଁ ଚାଲିଯାଉଥାଏ। ଦୁହେଁ ବେଶ୍ ଆନନ୍ଦରେ ଏ ପ୍ରାକୃତିକ ଦୃଶ୍ୟକୁ ଉପଭୋଗ କରି ଖୁସି ହେଉଥାନ୍ତି। ଫେରିଲାବେଳକୁ ଏ ଦୃଶ୍ୟ ଆଉ ଦେଖିବାକୁ ମିଳିବନାହିଁ ଏ କଥା ଭାବି ଦୁଃଖ ମଧ୍ୟ କରୁଥାଆନ୍ତି।

ପାଖରେ ବସିଥିବା ଛୋଟ ପିଲାଟି ତା ମାଆ କୋଳରେ ମୁଣ୍ଡ ଗୁଞ୍ଜି ଶୋଇଥାଏ। ଝରକା ଫାଙ୍କରେ ପଡୁଥିବା କଅଁଳ ସୂର୍ଯ୍ୟକିରଣ ତା ନିଦୁଆ ଆଖିକୁ ଉଠିଯିବା ପାଇଁ ତାଗିଦ୍ କରୁଥାଏ। ଗୋଟିଏ ସ୍ମିତହସରୁ ଆରମ୍ଭ ହେଲା ତା'ର ଦିନଚର୍ଯ୍ୟା। ନିଦ ଭାଙ୍ଗି ଯାଇଥିଲେ ବି ଆଦୌ ଉଠିବାକୁ ଚାହୁଁନଥିଲା ସେ। 'ଫୋନ୍ କିଏ ଦେଖିବ' - ତା' ବାପା ଏତିକି କହିଦେବା ମାତ୍ରେ ପଦ୍ମତୋଳା ମନ୍ତ୍ର ଶୁଣି ନାଗସାପ ଫଣା ଟେକିବା ଭଳି ପିଲାଟି କମ୍ବଳ ଭିତରୁ ଧଡ଼ପଡ଼ ହୋଇ ଉଠି ତା' ବାପା ହାତରୁ ଫୋନ୍ ଛଡ଼େଇ ନେଇ ୟୁଟ୍ୟୁବ୍ ଲଗେଇ କାର୍ଟୁନ୍ ଦେଖିବାରେ ଲାଗିପଡ଼ିଲା। ସୁଜିତ୍ ତା' ସହ ଖେଳିଲା, ମଜା କଲା, ସେଲ୍‌ଫି ଉଠେଇଲା। ତା'ର ରୂପଗତ ସାମ୍ୟକୁ ଦେଖି ତାକୁ ମୋଗ୍‌ଲି ବୋଲି ଡାକିଲା। ତା' ବାପାଙ୍କ ସହ କଥା ହେବାପରେ ଜାଣିଲା, ସ୍ୱାମୀ ସ୍ତ୍ରୀ ପୁଅକୁ ନେଇ ଯାଇଥିଲେ କଟକ ହସ୍ପିଟାଲ। ପୁଅକୁ ରକ୍ତ କର୍କଟ ରୋଗ। ସୁଜିତ୍ ମନରେ ସମବେଦନା ଜାତ ହେଲା, କିଛି ସମୟ ପାଇଁ।

ଏତେବେଳକୁ ଭବାନୀପାଟଣା ଷ୍ଟେସନରେ ଗାଡ଼ି ପହଞ୍ଚି ଯାଇଥିଲା। ସୁନୀଲ୍ ଓ ସୁଜିତ୍ ଗାଡ଼ିରୁ ଓହ୍ଲେଇ ଚତୁଃପାର୍ଶ୍ୱସ୍ଥ ପରିବେଶକୁ ଅବଲୋକନ କରିବାରେ ଲାଗିପଡ଼ିଲେ। ଟ୍ରେନ୍ ସମେତ ମୋଗ୍‌ଲିର ପରିବାର ଛୁଟିଲେ ଜୁନାଗଡ଼ ଅଭିମୁଖେ। ଷ୍ଟେସନ୍ ପାଖରେ ଅଟୋରିକ୍ସାର ଭିଡ଼। ଅଟୋବାଲାମାନେ ସହରର ସବୁ ପ୍ରସିଦ୍ଧ ସ୍ଥାନର ନାମ ଉଚ୍ଚାରଣ କରି ଯାତ୍ରୀମାନଙ୍କୁ ଯିବାପାଇଁ ନିମନ୍ତ୍ରଣ କରୁଥାଆନ୍ତି। ପ୍ରବେଶିକା ମୌଖିକ ପରୀକ୍ଷା ୧୨ଟା ବେଳକୁ ଥାଏ। ଏଣୁ ତରବର ହେବାର କିଛି କାରଣ ନାହିଁ। ଯାତ୍ରୀମାନଙ୍କୁ ସାଙ୍ଗରେ ଧରି ଅଟୋସବୁ ସହର ଭିତରେ ପଶିଗଲେଣି।

ଶେଷ ଅଟୋବାଲାଟି ସୁଜିତ୍ ପାଖକୁ ଯାଇ ପଚାରିଲା - କେନ୍ ଆଡ଼େ ଯିବ ?

ସୁଜିତ୍ - କଳାହାଣ୍ଡି ବିଶ୍ୱବିଦ୍ୟାଳୟ, କେତେ ନବ !

ଅଟୋବାଲା - ୧୫୦ ଟଙ୍କା।

ସୁଜିତ୍ - ଦୁଇ କିଲାମିଟରକୁ ୧୫୦, ଥାଉ ଆମେ ଅନ୍ୟ ଅଟୋରେ ଚାଲିଯିବୁ।

ଅଟୋବାଲା - ଆର୍ ଅଟୋ ନାଇଁ ମିଳେ। ଆମର୍ ଫୋନ୍ ନମ୍ବର୍ ରଖିଥାଅ, ଗଲେ କଲ୍ କର୍‌ବ।

ସୁଜିତ୍ - ନାଇଁ ଥାଉ, ଆପଣ ଯାଆନ୍ତୁ। ଆମେ ଚାଲିଯିବୁ।

ଅଟୋବାଲା ଅନ୍ୟ ଦୁଇଜଣ ଯାତ୍ରୀଙ୍କୁ ଧରି ଚାଲିଗଲା। ସୁନୀଲ୍ ଓ ସୁଜିତ୍ ଯାଇ ମୁଖ୍ୟ ରାସ୍ତାରେ ଛିଡ଼ା ହୋଇ ଅନ୍ୟ ଅଟୋକୁ ଅପେକ୍ଷା କଲେ। ଅଧଘଣ୍ଟାଏ ଭିତରେ ସେଇ ରାସ୍ତାଦେଇ ଦୁଇଟି ବାଇକ୍, ନଅଟି ସାଇକେଲ୍, ପଲେ ଗୋରୁ ଓ ପଞ୍ଚାଏ ସ୍କୁଲ୍ ପିଲାଙ୍କ ବ୍ୟତୀତ ଅନ୍ୟ କେହି ଯାତାୟତ କରିଥିବା ଦେଖିବାକୁ ମିଳିଲା ନାହିଁ। ଗାଈ ଜଗୁଆଳକୁ ପଚାରି ଜାଣିଲେ ସେ ରାସ୍ତାରେ ସେୟାର୍ ଅଟୋ ତ ଦୂରର କଥା ହାତ ରିକ୍ସା ବି ମିଳିବ ନାହିଁ। କେବଳ ସକାଳ- ସଞ୍ଜରେ ଟ୍ରେନ୍ ଆସିବା ସମୟ ହେଲେ ୧୦ ମିନିଟ୍ ପାଇଁ ତିନିଚକିଆ ଗାଡ଼ିର ଭିଡ଼ ହୁଏ। ଅନ୍ୟ ସମୟରେ ଗାଡ଼ି ମିଳେନାହିଁ। ଅନ୍ୟ ଉପାୟ ନପାଇ ସେମାନେ ଚାଲିବା ଆରମ୍ଭ କଲେ। ବିଶ୍ୱବିଦ୍ୟାଳୟ ସାମ୍ନାରେ ଚା' ପିଇ, ଜଣେ ପୁରୁଣା ବନ୍ଧୁଙ୍କ ଭଡ଼ାଘରେ ପହଞ୍ଚିଲେ। ସେଠାରେ ଗାଧୋଇବା ଖାଇବା କାମସାରି ନିର୍ଦ୍ଧାରିତ ସମୟରେ ପହଞ୍ଚିଲେ ବିଶ୍ୱବିଦ୍ୟାଳୟରେ। ଚାରୋଟି ସିଟ୍ ପାଇଁ ଶତାଧିକ ପ୍ରାର୍ଥୀଙ୍କ ଭିଡ଼ ଦେଖି ପ୍ରଥମରୁ ହିଁ ମନୋବଳ ଦୁର୍ବଳ ହୋଇପଡ଼ିଥିଲା। ଇଣ୍ଟରଭିୟୁ ସରିଲା। ପରୀକ୍ଷା ଫଳ କ'ଣ ହେବ ସେ ସମ୍ଭାବନା ପ୍ରତି ବୀତସ୍ପୃହ ମନୋଭାବ ପୋଷଣ କରି ସେମାନେ ବାହାରିଲେ ମାଣିକେଶ୍ୱରୀ ମନ୍ଦିର ଭ୍ରମଣରେ। ତା' ପରେ ରାଜବାଟୀ, ଆଶା ସାଗର, ଭବାନୀଶଙ୍କର ମନ୍ଦିର, ଗାନ୍ଧୀ ପାର୍କ ବୁଲିସାରି ସେମାନେ ପହଞ୍ଚିଲେ ଭବାନୀପାଟଣା ଷ୍ଟେସନ୍‌ରେ।

ଜେନେରାଲ୍ ବଗିରେ ଦୁଇଖଣ୍ଡ ଟିକେଟ କାଟି ଚଢ଼ିଗଲେ ସ୍ଲିପର୍ କୋଚ୍‌ରେ। ମନରେ ଭୟ। କେତେବେଳେ ଟି.ଟି.ଆଇ ଆସିଯିବ କିଏ ଜାଣେ ? ଏତେ ଭୟରେ ଯିବା ଅପେକ୍ଷା ଜେନେରାଲ ବଗିରେ ବସି ଯିବା ଢେର୍ ଭଲ। ଏକଥା ସିନା ସୁଜିତ୍ ଭାବୁଥାଏ ହେଲେ ଜେନେରାଲ୍ ବଗିର ଭିଡ଼ ସେ ଭବାନୀପାଟଣା ଷ୍ଟେସନ୍‌ରୁ ଦେଖିସାରିଛି। ଯୋଉଠି ଛିଡ଼ାହେବାକୁ ଜାଗା ନାହିଁ ସେଠି ସେ ବସିବ କେମିତି। ଖାଲି ବସିବା କଥା ହୋଇଥିଲେ ଚଳିଥାନ୍ତା। ସୁଜିତ୍‌ର କ୍ଲାନ୍ତ ଶରୀର ଖୋଜୁଥାଏ ଟିକେ ନିଦ। ଏମିତିରେ ସୁଜିତ୍‌ର ନିଦବେଳର ଅବସ୍ଥା ଚିନ୍ତାଜନକ। ସେ ଅନେକ ସମୟରେ ଛିଡ଼ାହୋଇ ଶୋଇପଡ଼େ। କେବେ କେମିତି କୌଣସି ବନ୍ଧୁ କିମ୍ବା ସମ୍ପର୍କୀୟଙ୍କ ଘରକୁ ଗଲେ ବସି ଥାଉଥାଉ ଶୋଇପଡ଼େ। ରାତି ନଅଟା ପରେ ବାଇକ୍ ଧରି ଦୂରବାଟ ଗଲାବେଳେ ବାଇକ୍ ଚଳଉଥିବା ଅବସ୍ଥାରେ ଶୋଇପଡ଼ି କିଛିବାଟ ଗଲାପରେ ଗାଡ଼ି ହର୍ଣ୍ଣ ଶୁଣି ଆଖି ମଳିମଳି ବଡ଼ବଡ଼ ଆଖି କରି ନିଦ ଭାଙ୍ଗିବାକୁ ଚେଷ୍ଟା କରୁଥାଏ। ଭାଗ୍ୟକୁ କେବେ ସେମିତି ଦୁର୍ଘଟଣା ହେଇନି।



ଟ୍ରେନ୍‌ର ଜେନେରାଲ୍ ବଗିର ଭିଡ଼ ଆଉ ସେଇ ଭିଡ଼ ଭିତରେ ଆସନ୍ନ ନିଦ୍ରାବସ୍ଥାକୁ ନେଇ ଚିନ୍ତା କରୁକରୁ ସେ ଶୋଇପଡ଼ିଥାଏ।

'କିଏ ! କିଏ !' କହି ଉଠିପଡ଼ିଲା ସୁଜିତ୍। ସାମ୍ନାରେ ସୁନୀଲ୍। ତା' ପାଖରେ ଧଳା ପୋଷାକ ପରିହିତ ଭଦ୍ରବ୍ୟକ୍ତି। କାନ୍ଧରେ କଳା ରଙ୍ଗର ବ୍ୟାଗ୍। ହାତରେ କିଛି କାଗଜପତ୍ର। ଟିକେଟ୍ ମାଗିବା ପୂର୍ବରୁ ସୁଜିତ୍ ଜେନେରାଲ୍ ଟିକେଟ୍ ଖଣ୍ଡକ ଟି.ଟି.ଆଇ. ହାତରେ ଧରାଇଦେଇ ନିଜଆଡୁ କହିବା ଆରମ୍ଭ କଲା- 'ସାର୍, ପରୀକ୍ଷା ପାଇଁ ଭବାନୀପାଟଣା ଯାଇଥିଲୁ, ଦେହଖରାପ ଥିବାରୁ ସ୍ଲିପର୍ ବର୍ଥର ଏଇ ଖାଲି ସିଟ୍‌ରେ ବସିଯାଇଛୁ। ଫାଇନ୍ ଆକାରରେ ଆପଣ ଯେତିକି ଟଙ୍କା ନେବେ ଆମେ ଦେବାକୁ ପ୍ରସ୍ତୁତ।' ହେଲେ ଆବେଦନ ବ୍ୟର୍ଥ ହେଲା। ଟି.ଟି.ଆଇ. ଜଣେଇଦେଲେ ଯେ ଏଇ ସିଟ୍ ରିଜର୍ଭ କରିଥିବା ବ୍ୟକ୍ତି ଜଣଙ୍କ ବିଜୟନଗରମ୍‌ରୁ ଆସିଯିବେ। ଏଣୁ ଯଥାଶୀଘ୍ର ଜେନେରାଲ ବଗିକୁ ଫେରିଯିବାକୁ ହେବ। ଅନନ୍ୟୋପାୟ ହୋଇ ଦୁହେଁ ବିଷମକଟକ ଷ୍ଟେସନରେ ସ୍ଲିପର୍ ବର୍ଥରୁ ଓହ୍ଲେଇ ଜେନେରାଲ୍ ବଗିରେ ଚଢ଼ିଲେ।

ସେମାନେ ଯେତିକି ଭିଡ଼ ଥିବାର ଅନୁମାନ କରୁଥିଲେ ତା'ର ଦୁଇଗୁଣ ଅଧିକ ଭିଡ଼ଥିଲା। ସିଟ୍ କଥା ଦୂରେଥାଉ ଛିଡ଼ା ହୋଇଥିବା ଲୋକଙ୍କ ପାଦ ତଳେ ଲାଗୁନଥିଲା। ଡୋର୍ ପାଖରେ ଅନ୍ୟୂନ ପନ୍ଦର ଜଣଙ୍କ ଶରୀର ମୂର୍ତ୍ତି ପାଲଟି ଯାଇଥିଲା। ଟ୍ରେନ୍ ଷ୍ଟେସନ୍ ଛାଡ଼ିବା ପୂର୍ବରୁ ଭିଡ଼ ଠେଲି ଦୁହେଁ ଭିତରେ ପଶିଯାଇଥିଲେ। ଟଏଲେଟ୍ ଭିତରୁ କୌଣସି ଏକ ଦାମୀ କମ୍ପାନୀର ଧୂପକାଠି ବାସ୍ନା କିମ୍ବା ଅତରର ସୁଗନ୍ଧ ନାକକୁ ଉତ୍କଟ ବାସ୍ନାରେ ଭରି ଦେଉଥାଏ। କେହିଜଣେ ନିତ୍ୟକର୍ମ ସାରି ପାଣି ଢାଳି ନଥିବା ଅନୁମାନ କରି ସୁନୀଲ୍ ଟଏଲେଟ୍ ଡାର୍ ଖୋଲିବାକୁ ଉଦ୍ୟମ କଲାବେଳେ ଭିତରୁ କେହିଜଣେ ମୁଣ୍ଡଟି ବାହାରକରି କହିଲା- 'ଭିଡ଼ ଭିତରେ ଠେଲାପେଲା ଓ ଟି.ଟି.ଆଇ. ଠାରୁ ବର୍ତ୍ତିବା ପାଇଁ ଆମେ ତିନିଜଣ ଟିକେଟ୍‌ବିହୀନ ଯାତ୍ରୀ ଏଇଠି ଆତ୍ମଗୋପନ କରିଛୁ।' ପୂରା କଥାଟି ଶୁଣିବା ପୂର୍ବରୁ ଦୁର୍ଗନ୍ଧ ଦାଉରୁ ନିଜ ନାକକୁ ସୁରକ୍ଷା ଦେବାପାଇଁ ସୁନୀଲ୍ ଟଏଲେଟ୍ ଡୋର୍ ବନ୍ଦ କରିଦେଲା। କିଛି ସମୟ ଡୋର୍ ପାଖରେ ଛିଡ଼ା ହୋଇ ପାହାଡ଼ିଆ ଅଞ୍ଚଳର ଶୀତଳ ପବନର ସ୍ପର୍ଶ ପାଇବା ପରେ ସୁଜିତ୍ ପୁଣି ଘୁମେଇବା ଆରମ୍ଭ କଲା। ସାମ୍ନାରେ ଛିଡ଼ା ହୋଇଥିବା ଜଣେ ବୃଦ୍ଧ ବ୍ୟକ୍ତିଙ୍କ କାନ୍ଧରେ ମୁଣ୍ଡ ରଖି ଏକରକମ ଶୋଇପଡ଼ିଥିଲା ସେ। ବୃଦ୍ଧ ବ୍ୟକ୍ତି ଜଣଙ୍କ ମଧ ପ୍ରତିବାଦ କରିନଥିଲେ। କିନ୍ତୁ ଏ ସୁବିଧା ଛତ୍ରପୁର ପର୍ଯ୍ୟନ୍ତ ବଳବତ୍ତର ରହିଲା।

ଛତ୍ରପୁର ପାଖରେ ବୃଦ୍ଧ ଜଣଙ୍କ ଓହ୍ଲେଇଯିବାରୁ ସୁଜିତ୍ ନିଦରୁ ଉଠିଗଲା କିନ୍ତୁ ନିଦୁଆ ଆଖି ହଳକ ଲାଲ୍ ରଙ୍ଗ ଧାରଣ କରି ନିଦ୍ରା ଦେବୀଙ୍କ ଆବାହନ କରୁଥିଲେ। ଏତିକିବେଳେ ସେ ସୁନୀଲ୍ ଆଡ଼କୁ ଚାହିଁଲା। ସୁନୀଲ୍ ମୁହଁରେ ହସ, ହାତରେ ମୋବାଇଲ୍, କାନରେ ଇୟର୍ ଫୋନ୍। କିଛି ଲୋକ ଓହ୍ଲେଇ ଯାଇଥିବାରୁ ଟଏଲେଟ୍ ପାଖାପାଖି କିଛି ଖାଲି ଯାଗା ଦେଖି ଖବରକାଗଜ ଉପରେ ବସିପଡ଼ି ସୁନୀଲ୍ ହିନ୍ଦୀ ଡବିଂ ହୋଇଥିବା ଦକ୍ଷିଣ ଭାରତୀୟ ଫିଲ୍ମ ଦେଖୁଛି। ସୁଜିତ୍ ଯାଇ ବସିପଡ଼ିଲା ସୁନୀଲ୍ ପାଖରେ। ତା' କାନରେ ଥିବା ଇୟରଫୋନ୍‌ର ଗୋଟିଏ ସ୍ପିକର୍ ନିଜ କାନରେ ଦେଇ ଫିଲ୍ମ ଦେଖିବାକୁ ଚାହିଁଲା। ଫିଲ୍ମ ଦେଖିବାକୁ ଇଚ୍ଛା ଥାଉ କି ନ ଥାଉ, ସେଇ ବାହାନାରେ ନିଦ ଭାଙ୍ଗିବା ଥିଲା ତା'ର ପ୍ରୟାସ। ଗଡ଼ି ଚାଲିଲା ଟ୍ରେନ୍, ସରିଆସିଲା ଫିଲ୍ମ। ପ୍ରାୟ ଇଣ୍ଟରଭାଲ୍ ଯାଏଁ ଫିଲ୍ମ ଦେଖା ସରିଥିଲା, ପହଞ୍ଚିଗଲା ଟି.ଟି.ଆଇ.। ଟିକେଟ୍ ଚେକ୍ କଲା। ସ୍ଲିପର୍ ବର୍ଥରେ ପରସ୍ପର ଭିତରେ ହୋଇଥିବା କଥାପକଥନ ମନେ ପକେଇ ଦେଲା ସୁଜିତ୍। ସ୍ଲିପର୍ ବର୍ଥରେ ଗୋଟେ ସିଟ୍ ଯୋଗାଡ଼ କରିଦେବା ପାଇଁ ଅନୁରୋଧ ବି କଲା।

ଟି.ଟି.ଆଇ. ପଚାରିଲା- ଘର କୋଉଠି ?

ସୁଜିତ୍ – କଟକ।

ଟି.ଟି.ଆଇ. – କଟକର କୋଉଠି ?

ସୁଜିତ୍ – ନୂଆବଜାର।

ଟି.ଟି.ଆଇ.- ଆମ ଘର ବି କଟକ, ନନ୍ଦୀ ସାହି। ମୋ ଶ୍ୱଶୁର ଘର ନୂଆବଜାର, ତିନିଘରିଆ।

ସୁଜିତ୍ – ଆମ ଘର ସେଇ ତିନିଘରିଆ ସାର୍।

ଟି.ଟି.ଆଇ. – ଆରେ ବାଃ ! ତମେ ତା'ହେଲେ ତିନିଘରିଆ ପିଲା। କୋଉ ସ୍କୁଲ୍‌ରେ ପଢୁଥିଲ ?

ସୁଜିତ୍ – ନୂଆବଜାର ହାଇସ୍କୁଲ୍

ଟି.ଟି.ଆଇ. – ମୋ ମିସେସ୍ ସେଇଠି ପଢୁଥିଲେ, ୨୦୧୦ ବ୍ୟାଚ୍ ମ୍ୟାଟ୍ରିକ୍।

ସୁଜିତ୍ – ମୋର ବି, ତାଙ୍କ ନାଆଁଟି କହିଲେ ?

ଟି.ଟି.ଆଇ. – ପ୍ରିୟମ୍ବଦା, ପ୍ରିୟମ୍ବଦା ବସ୍ତିଆ।

ସୁଜିତ୍ – ଓଃ, ଆପଣ ପ୍ରିୟମ୍ବଦାର ସ୍ୱାମୀ। ସେ ମୋତେ ଖୁବ୍ ଭଲରେ ଜାଣେ। ଆମେ ଦୁହେଁ ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ଯାଏଁ ଏକାଠି ପଢୁଥିଲୁ।



ଟି.ଟି.ଆଇ. – ଏତେ ପରିଚୟ ହେଲାଣି ଯେତେବେଳେ ତୁମ ପାଇଁ ସିଟ୍ ଖଣ୍ଡିଏ ଯୋଗାଡ଼ ନକଲେ ଘରଣୀଙ୍କ ଠାରୁ ପୁଣି ଗାଳି ଶୁଣିବାକୁ ପଡ଼ିବ ଯେ !

ସୁଜିତ୍‌କୁ ଏତକ କହି ହସିହସି ସେ ଗୋଟିଏ କାଗଜରେ ବଗି ନମ୍ବର୍ ଓ ଦୁଇଟି ସିଟ୍ ନମ୍ବର ଲେଖି ସୁଜିତ୍ ହାତକୁ ବଢ଼େଇ ଦେଇ କହିଲେ – 'ଏଇ ଦୁଇଟି ସିଟ୍‌ରେ ବସିଥିବା ଲୋକ ଛତ୍ରପୁର ପାଖରେ ଓହ୍ଲେଇ ପଡ଼ିଛନ୍ତି। ତୁମେ ଦୁହେଁ ଖଲ୍ଲିକୋଟ ଷ୍ଟେସନରେ ସେଇ ସିଟ୍‌ରେ ବସିଯିବ।' ଟି.ଟି.ଆଇ. ଚାଲିଗଲା। ତା'ର କହିବା ଅନୁଯାୟୀ ସୁଜିତ୍ ଓ ସୁନୀଲ୍ ଖାଲିଥିବା ସେଇ ଦୁଇଟି ସିଟ୍‌କୁ ଅଧିକାର କରିନେଲେ। ସୁନୀଲ୍ ମୋବାଇଲ୍ ବାହାର କରି ଅଧାଦେଖିଥିବା ଫିଲ୍ମର ବାକିତକ ଅଂଶ ଦେଖିବା ପାଇଁ ଇଚ୍ଛା କଲାବେଳେ ସୁଜିତ୍ ଶୋଇବା ପାଇଁ ପ୍ରସ୍ତୁତ ହେଉଥାଏ। ସୁଜିତ୍ ଶୋଇବା ଦେଖି ସୁନୀଲ୍ ପଚାରିଲା– 'ତୁ ଆଉ ଫିଲ୍ମ ଦେଖିବୁନି କି ?' ସୁଜିତ୍ ଆଖି ବୁଜିଥିବା ଅବସ୍ଥାରେ ଉତ୍ତର ଫେରେଇଲା– 'ମୋ ନିଦୁଆ ଅବସ୍ଥା ପାଇଁ ଏ ସ୍ଲିପର୍ ବର୍ଥ ବର୍ତ୍ତମାନ ତାଜ୍ ହୋଟେଲ୍‌ର ବେଡ଼ରୁମ୍ ଠୁ କମ୍ ନୁହେଁ। ଜେନେରାଲ୍ ବଗିରେ ଫିଲ୍ମ ବିପିଏଲ୍ ଚାଉଳ ଭଳି ମୋତେ ନିଦରୁ ବଞ୍ଚେଇଦେଇଛି। ଏବେ ଅନ୍ତତଃ ଟିକେ ଶୋଇପଡ଼େ। ସୁନୀଲ୍ ଟିକିଏ ହସି ସୁଜିତ୍‌କୁ କହିଲା – 'ହଉ, ତୁ ତା'ହେଲେ ଶୋଇପଡ଼, ଟ୍ରେନ୍ ଭୁବନେଶ୍ୱର ପହଞ୍ଚିଲେ ମୁଁ ତୋତେ ଉଠେଇଦେବି।' ହେଲେ ଏତକ କଥା ସୁଜିତ୍ ଶୁଣିପାରିଲାନି। ସେତେବେଳକୁ ସେ ଘୁଙ୍ଗୁଡ଼ି ମାରିବା ଆରମ୍ଭ କରିଦେଇଥିଲା।

# ତ୍ରିଭୂଜର ତିନାଟି ବିନ୍ଦୁ

**ମଳୟ**

ମୋ ନାଆଁ ମଳୟ କୁମାର ଦଳେଇ। ହାଟଛକରେ ମୋର ଦୋକାନ ଅଛି। ଦରଜୀ ଦୋକାନ। ମୁଁ ଫିତା ଧରି ସ୍ତ୍ରୀ, ପୁରୁଷ, ଝିଅ, ପୁଅ ସମସ୍ତଙ୍କ ଶରୀରର ମାପ ରଖେ, ଧାରୁଆ କଇଁଚିରେ କନା କାଟେ, ସିଲେଇ ମେସିନ୍‌ରେ ସାର୍ଟ, ପେଣ୍ଟ, ସାୟା, ବ୍ଲାଉଜ୍ ତିଆରି କରେ। ଏ ଅଞ୍ଚଳରେ ଭଲ ପୋଷାକ ତିଆରିରେ ମୋର ସୁନାମ ଅଛି –ଏକଥା ନିଜ ମୁହଁରେ କହିଲେ ଭଲ ଲାଗୁନି। ପାଞ୍ଚଲୋକଙ୍କୁ ପଚାରି ଆସିଲେ ଆପଣ ବୁଝିଯିବେ। ସକାଳ ନଅଟାବେଳେ ପିଲାମାନେ ଖାଇପିଇ ସ୍କୁଲ୍ ବାହାରିଯାଆନ୍ତି। ପଖାଳ ସାଙ୍ଗକୁ ବଡ଼ି, ଆଳୁ, ବାଇଗଣ, ଶୁଖୁଆ ପୋଡ଼ା କରି ବାଢ଼ିଦିଅନ୍ତି ଅନୁରାଧା। ତାଙ୍କ ହାତରେ ସୁଆଦ ଅଛି। ଯାହା ରାନ୍ଧି ଦେବେ ସୁଆଦ ଲାଗିବ। ମୁଁ ଦିନ ଦଶଟା ପୂର୍ବରୁ ଦୋକାନରେ ପହଞ୍ଚେ। କାମ ଅଧିକ ଥିଲେ ଘରୁ ଆସିଲାବେଳେ ଖରାବେଳ ପାଇଁ ଟିଫିନ୍‌ରେ ଖାଦ୍ୟ ଧରି ଦୋକାନକୁ ବାହାରିଥାଏ। କେତେ ଗରାଖ ଆସନ୍ତି। ସିଲେଇ ମେସିନ୍‌ର ଟକ୍‌ଟକ୍, ଘର୍‌ଘର୍ ଶବ୍ଦରେ ଦିନ ବିତିଯାଏ।

କିଛିଦିନ ତଳେ ସ୍କୁଲ୍ ଡ୍ରେସ୍ ପାଇଁ ବରାଦ ଆସିଛି। ଗଦାଗଦା କନା ଆଣି ଦେଇଯାଉଛି କଣ୍ଟ୍ରାକ୍ଟର। ଦିନରାତି କାମ ଚାଲିଛି। ତିନିମାସ ଭିତରେ କାମ ସାରିବାକୁ ପଡ଼ିବ। ଏକୁଟିଆ ଲୋକ କେତେ ଆଉ କାମ କରିବି ! ସେଇଥିପାଇଁ ଋଣ ଟଙ୍କାରେ ନୂଆ ମେସିନ୍ ଦୁଇଟି କିଣିଲି। ତାକୁ ଚଳେଇବା ପାଇଁ ପୁଣି ମିସ୍ତ୍ରୀ ଦରକାର। ଆଜିକାଲିର ମହଙ୍ଗା ଯୁଗରେ କେତେଟଙ୍କା ଦରମା ଦେଇ ମିସ୍ତ୍ରୀ ଆଣିବି ? ଆଉ ଯଦି ସେମାନେ ଅଧିକ ଟଙ୍କା ଦାବି କରନ୍ତି, ତା'ହେଲେ ମୋର କ'ଣ ବା ଲାଭ ହେବ ! ସେଇଥିପାଇଁ ନୂଆନୂଆ କାମ ଖୋଜିବୁଲୁଥିବା କଲେଜପଢୁଆ ଝିଅ ଦୁଇଜଣଙ୍କୁ କମ୍ ଦରମା ଦେଇ କାମରେ ଲଗାଇଦେଲି। ଜଣଙ୍କ ନାଆଁ ନମିତା, ଆର ଜଣଙ୍କ ଟିକିନା। ଭଲ କାମ କରୁଛନ୍ତି। କାମ ସରିଆସିଲାଣି ଆଉ ପନ୍ଦର ଦିନ ଖଣ୍ଡେ ଲାଗିବ।

ଏଇ କାମଟି ସରିଗଲେ ଯୋଉ ଟଙ୍କା ମିଳିବ ସେଇଥିରେ ଘରକାମଟା ଆରମ୍ଭ କରିଦେବି। ସରପଞ୍ଚଙ୍କୁ କହିଥିଲି ଆବାସ ଯୋଜନାରେ ଘରଖଣ୍ଡିଏ କରେଇଦବାକୁ। ନିଆଁଲଗା ଦଶହଜାରେ ନେଲେ କରେଇଦବ କହୁଚି। ନଉପଛେ ଘରଟା ହେଇଗଲେ ବୁଢ଼ାବୁଢ଼ୀ ଦିଇଟା ଆଉ ବାରଣ୍ଡାରେ ଶୁଅନ୍ତେ ନାହିଁ। ଛୁଆଗୁଡ଼ାକ ବି ଧୀରେଧୀରେ ବଡ଼ ହେଉଛନ୍ତି। ଦୁଇ ବଖରା ଚାଳଘରେ ପାଞ୍ଚପ୍ରାଣୀ କୁଟୁମ୍ବ ଚଳେଇବା କ'ଣ ସହଜ କଥା ହେଇଚି। ରୋଜଗାର କଥା ତ ନକହିଲେ ଚଳେ। ଭାରି ନିଅଣ୍ଟିଆ ହେଇ ଚଳିବାକୁ ପଡୁଛି। କାହାକୁ ଦୋଷ ଦେବି, ନିଜେ ତ ପାଠଶାଠ ନପଢ଼ି ଇଆଡ଼େ ସିଆଡ଼େ ବୁଲିଲି। ଯାକୁ ତାକୁ ଦୋଷ ଦେଇ ଲାଭ କ'ଣ ! ଛାଡ଼ ! ଯାହା ହେଲା, ହେଲା। ଏବେ ଭାଗ୍ୟ ଯୁଆଡ଼େ ନେବ ସିଆଡ଼େ ଯିବା। ଆଉ କ'ଣ ଉପାୟ !

ଏମିତି ଭାବନାରେ ଭାସିଯାଇ ମେସିନ୍‌ରେ ଡ୍ରେସ୍ ସିଲେଇ କରୁକରୁ ମୋ ହାତରେ ଛୁଞ୍ଚି ପଶିଗଲା। ନମିତା ସାଙ୍ଗେସାଙ୍ଗେ ଉଠିଆସି ନିଗିଡ଼ି ଯାଉଥିବା ରକ୍ତଧାରକୁ ବନ୍ଦ କରିବାକୁ ଚେଷ୍ଟା କଲା। ତା' ଓଢ଼ଣୀରେ ଆଙ୍ଗୁଠିକୁ ଚାପି ଧରିଲା। ରକ୍ତଧାର ବନ୍ଦ ହୋଇଯିବା ପରେ ସଫାକନା ଖଣ୍ଡେ ବାନ୍ଧିଦେଲା। ଡାହାଣ ହାତଟି ବନ୍ଧା ହୋଇଥିବାରୁ ସେଦିନ ଟିଫିନ୍‌ରେ ଆଣିଥିବା ଖାଦ୍ୟ ଖାଇ ପାରିଲି ନାହିଁ। ନମିତା ଦୟାରେ ହେଉ କି ଶ୍ରଦ୍ଧାରେ ତା' ନିଜ ହାତରେ ଖୁଆଇ ଦେଉଥିଲା। ଏତିକିବେଳେ ପପୁ ଆସି ପହଞ୍ଚିଲା। ମୋ ବଡ଼ ପୁଅ। ସ୍କୁଲ୍ ପାଖରେ ଦୋକାନ ବୋଲି ସେ ମଝିରେମଝିରେ ଖରାବେଳେ ଖାଇବା ଛୁଟିରେ ଏମିତି ଆସେ। ଚକୋଲେଟ୍ ଖାଇବାକୁ ପଇସା ମାଗେ। ମେସିନ୍ ଡ୍ରେରୁ ପାଞ୍ଚଟଙ୍କିଆଟେ ଧରେଇଦେଲେ ମନଖୁସିରେ ଚାଲିଯାଏ। ମୁଁ ଖାଇ ବସିଥାଏ। ଟିକିନାକୁ କହିଲି ସେ ଦଶଟଙ୍କା ପପୁ ହାତକୁ ବଢ଼େଇ ଦେଲା। ପପୁ ସ୍କୁଲ୍ ପଳେଇଲା।

ମୁଁ ଖାଇସାରି କାମ କରିବାକୁ ବସିଲି, ହେଲେ ହାତରେ ଯନ୍ତ୍ରଣା ହେଉଥିବାରୁ ସିଲେଇ କାମ କରିପାରିଲି ନାହିଁ। ସେ ଦୁହିଁଙ୍କୁ କାମ ବତେଇ ଦେଲେ ସେମାନେ ସବୁ କାମ କରିଯାଆନ୍ତି। ସେଦିନ ରାତିରେ ଘରକୁ ଫେରିବାବେଳକୁ ଅନୁରାଧା ରାଗରେ ଫଁ

ଫଁ ହେଉଥାଏ। ତା' ରାଗର କାରଣ ମୁଁ ବା ଜାଣିବି କିପରି। ପିଲାମାନେ ଖାଇସାରି ଉଠିଗଲା ପରେ ସେଇ ଥାଳିରେ ମୁଁ ଖାଇବାକୁ ବସିଲି। ଅନୁରାଧା ଖାଇବା ବାଢ଼ିଦେଲା। ମୁଁ ଖାଇସାରି ଉଠିଲି। ସେ କିନ୍ତୁ ନିଜେ ଖାଇଲାନି କି ମୋ ପାଖରେ ଶୋଇଲାନି। ଅଲଗା ବିଛଣା ପାରି ଶୋଇଲା।

ଦୁଇ ବଖୁରିଆ ଘର ଆମର। ବଡ଼ ପାଟି କଲେ ରାତିର ନିଶବ୍ଦରେ ଆର ଘରକୁ ଶୁଭିବ। ବାପା ବୋଉ ଶୁଣିଲେ କାଳେ କ'ଣ ଭାବିବେ ବୋଲି ଚୁପ୍‌ଚୁପ୍ ପଚାରିଲି– କ'ଣ ହେଇଚି ତୋ'ର, ମୋ ଉପରେ ଏମିତି ରାଗୁଛୁ କାହିଁକି ? ମୋ ହାତରେ ଛୁଞ୍ଚିଫୁଟି ଯେତିକି ଯନ୍ତ୍ରଣା ହେଉନି ତା'ଠୁ ଅଧିକ ଯନ୍ତ୍ରଣା ହେଉଛି ତୋ ଶୁଖିଲା ମୁହଁଦେଖି।' ସେ ମୋ କଥାରେ ତିଳେ ମାତ୍ର ଭ୍ରୂକ୍ଷେପ ନକରି ଗରଗର ହୋଇ କହିଲା– 'ଦୋକାନରେ କ'ଣ ସବୁ ଚାଲିଛି, ମୁଁ କିଛି ଜାଣିପାରୁନି ବୋଲି ଭାବୁଛ କି ? ମୁଁ ସବୁ ଜାଣିଚି। ସେ ନମିତା ତମର କିଏ ? ତା'ର ଏଡ଼େ ସାହସ। ସେ ତମକୁ ଖୁଆଇଦବ। ମୁଁ ଜଣେ ମାଇପି ଲୋକଟା ଘରେ ଖଟିଖଟି ମରୁଛି ଆଉ ତମେ ଯାଇ ସେଠି ରାସଲୀଳା କରୁଚ ନାଇଁ ! ଆମର ଆଉ ସେ କାମଦାମ ଦରକାର ନାଇଁ। ସେ ଟୋକୀ ଦିଇଟାକୁ ଆଗେ ଦୋକାନରୁ ବାହାର କର, ତା' ପରେ ଯାଇ କଥାବାର୍ତ୍ତା।' ଏବେ ବୁଝିଲି ଅନୁରାଧାର ରାଗର କାରଣ। ପପୁ ତା'ହେଲେ ସବୁକଥା ଆସି ତା' ବୋଉ ଆଗରେ କହିଦେଇଛି। ମାଇକିନିଆ ଲୋକ, କେତେ କ'ଣ ଭାବିଦେଇଚି। ତାକୁ ଆଉ କିଛି କହିଲିନି। ଯୁକ୍ତି କଲେ କଥା ଆହୁରି ବଢ଼ିବ। କାଳେ ଆରଘରକୁ ଶୁଭିଯିବ, ସେ ଡର ବି ମନରେ ଥାଏ।

ବରାଦ କାମ ଆଉ ପନ୍ଦର ଦିନରେ ଦାଖଲ କରିବାର ଅଛି। ଝିଅ ଦୁଇଟା ସବୁ କାମ କରୁଛନ୍ତି। ତାଙ୍କୁ ବାହାର କରିଦେଲେ କାମ ସାରିବା ଅସମ୍ଭବ। ଅନୁରାଧା କ'ଣ ଏତେ କଥା ବୁଝିପାରିବ, ନା ତା'କୁ ବୁଝେଇ ହେବ। ଦିନେ ରାତିରେ ଅନୁରାଧା ଏମିତି କନ୍ଦାକଟା କଲା। ମୁଁ ସହଜରେ ରାଗେନି, ସେଦିନ କିନ୍ତୁ ଭାରି ବିରକ୍ତ ଲାଗିଲା। ହାତରେ ଛୁଞ୍ଚି ପଶିଯାଇଛି ବୋଲି ନିଜେ କାମ କରିପାରୁନି, ଯିଏ କାମ କରୁଛନ୍ତି ତାଙ୍କୁ ନେଇ ଅନୁରାଧାର ସନ୍ଦେହ, ଏଣେ ବରାଦ ଅନୁସାରେ କାମ ସରିପାରୁନି ବୋଲି ବାରମ୍ବାର ତାଗିଦା, ସମୟ ଅନୁସାରେ କାମ ନସରିଲେ ପଇସା ମିଳିବନି ବୋଲି ଧମକ ବି ମିଳିଲାଣି। ତିନିମାସ ହେଲାଣି କାମ ଚାଲିଛି ହେଲେ ଏଯାଏଁ ଟଙ୍କାଟିଏ ମିଳିନି। ହାତରୁ ଘରଭଡ଼ା, ଦରମା, ଇଲେକ୍ଟ୍ରି ବିଲ୍ ଦେଇ କାମ କରିବାକୁ ପଡୁଛି। ଧାର ଉଧାର ଅନେକ ହେଲାଣି। ମୁଁ ଏକୁଟିଆ ଲୋକଟା କ'ଣ ବା କରନ୍ତି। ବିରକ୍ତ ହୋଇ ଅନୁରାଧାକୁ ଦି'ଚାପୁଡ଼ା ମାରି ଘରୁ ବାହାରି ଆସିଲି। ତା' କାନ୍ଦ ଶୁଣି ଛୁଆ ଦିଇଟା ଉଠି ବୋବାଳି ଛାଡ଼ିଲେ। ବାପା ବୋଉ ବି ଉଠି ଆସିଲେ। ମୁଁ ଆସିଲାବେଳେ ଦୋକାନ ଚାବିଟା ସାଙ୍ଗରେ ନେଇଆସିଥିଲି। ଦୋକାନରେ ଶୋଇପଡ଼ିଲି।

ସକାଳୁ ସକାଳୁ କାହାର ପାଟିତୁଣ୍ଡ ଶୁଣି ସଟର୍ ଟେକିଲାବେଳକୁ ପୁଞ୍ଜାଏ ଲୋକ ଏକାଠି ହୋଇ ଆଲୋଚନା କରୁଥାଆନ୍ତି। ସାହି ଓ୍ୱାର୍ଡମେମ୍ବର୍‌ଠୁ ଆରମ୍ଭ କରି ମୁରବୀସ୍ଥାନୀୟ ଲୋକ, ବାପା, ବୋଉ ସଭିଏଁ ଆସି ପହଞ୍ଚି ଯାଇଥାନ୍ତି। ଅନୁରାଧା ଦୁଇପୁଅଙ୍କୁ କୋଳରେ ଧରି କାନ୍ଦୁଥାଏ। ନମିତାର ବାପା ନମିତାକୁ ଅଶ୍ରାବ୍ୟ ଭାଷାରେ ଗାଳି ଦେଉଥାନ୍ତି। ଓ୍ୱାର୍ଡମେମ୍ବର୍ ମତେ ମନଇଚ୍ଛା ଗାଳି ଦେଇସାରି କହିଲେ ମୁଁ କୁଆଡ଼େ ନମିତାକୁ ଭଲପାଇ ଅନୁରାଧାକୁ ଅବହେଳା କରିଛି। ଆଉ ଟଙ୍କାପଇସା ସବୁ ନମିତାକୁ ଦେଉଛି। ଏକଥା ଗାଆଁସାରା ପ୍ରଘଟ ହେଇଗଲାଣି। ନମିତା ମୁଣ୍ଡଉଠେଇ ବାଟ ଚାଲି ପାରୁନି। ତା'ବାପା ରାଗରେ ତାକୁ ଘରେ ପୂରଉନାହାଁନ୍ତି। ମୁଁ ଯେତେ ଅସ୍ୱୀକାର କଲେବି ମୋ କଥା କେହି ଶୁଣିଲେନି। ଏମିତି ପରିସ୍ଥିତିରେ କ'ଣ କରିବି କିଛି ଭାବିନପାରି ନଈକୂଳ ଆଡ଼େ ଚାଲିଆସିଲି।

ମୁଁ ଆସିଲା ପରେ ସମସ୍ତେ ନିଜନିଜ ବାଟରେ ଚାଲିଗଲେ। ଅନୁରାଧା ବାପା, ବୋଉ, ପୁଅ ଦୁଇଟାଙ୍କୁ ସାଙ୍ଗରେ ନେଇ ଘରକୁ ଗଲା। ନମିତାର ବାପା ତାକୁ ଛାଡ଼ିଦେଇ ଚାଲିଗଲେ। ମୁଁ ଘରକୁ ଫେରିଲାବେଳକୁ ଦେଖିଲି ନମିତା ଦୋକାନ ସାମ୍ନାରେ ବସିଛି। କାନ୍ଦିକାନ୍ଦି ତା' ଆଖି ଦୁଇଟା ଫୁଲି ଯାଇଛି। ବିଚାରୀର ଦୋଷ କ'ଣ ! ଅଯଥାରେ କି ଯନ୍ତ୍ରଣା ପାଉଛି ସେ। ଭାରି କଷ୍ଟ ଲାଗିଲା। ଶେଷରେ ଘରଭଡ଼ା ନେଇ ତାକୁ ଆଶ୍ରୟ ଦେଲି। ପରଦିନ ଚା' ଦୋକାନରେ ବସି ଖବରକାଗଜଟେ ପଢୁପଢୁ ଆଞ୍ଚଳିକ ସମ୍ବାଦ ପୃଷ୍ଠାରେ ନିଜ ଫଟୋ ଦେଖି ଆଶ୍ଚର୍ଯ୍ୟ ହେଲି। ଲେଖାହୋଇଥିଲା– 'ଧରାପଡ଼ିଲା ଦୁଇଟା ଛୁଆର ବାପା ହୋଇସାରିଥିବା ରସିକିଆ ଦର୍ଜୀଙ୍କ ପରକୀୟା ପ୍ରୀତି, ସ୍ତ୍ରୀ ଓ ପିଲାଙ୍କୁ ଛାଡ଼ି ପ୍ରେମିକା ସହ ଏକାଠି ରହିଲେ ଚାଳିଶ ବର୍ଷୀୟ ବ୍ୟକ୍ତି।'

– ଏ ଅପବାଦକୁ ଆଉ କାହା ଆଗରେ କହିଥାନ୍ତି। ସବୁଆଡ଼େ ଛି ଛାକର। ତଥାପି ମୁଣ୍ଡପାତି ସବୁ ସହିନେଲି। ମୁଁ ଗୋଟେ ପାପୀର ଆଖ୍ୟା ପାଇଲି। ସମାଜର ସବୁ ରାସ୍ତା ମୋ ପାଇଁ ବନ୍ଦ ହେଇଗଲା। କଳଙ୍କର ବୋଝ ବୋହି ବାଟ ଚାଲିବାକୁ ପଡ଼ିଲା। ଅନୁରାଧାକୁ ଅନେକ ସମୟରେ ଆର୍ଥିକ ସାହାଯ୍ୟ କରିବାକୁ ଚାହିଁଛି, ହେଲେ ସବୁଥର ଅପମାନିତ ହୋଇ ଫେରିଛି ସିନା କିନ୍ତୁ କେବେ ସେ ମୋତେ ବୁଝିବାକୁ ଚେଷ୍ଟା କରିନାହିଁ। ପିଲା ଦିଇଟା ମୋ ବାପପଣିଆକୁ ଧିକ୍କାର କରିଛନ୍ତି ସିନା କେବେ ଦୟା ଦେଖେଇନାହାଁନ୍ତି। ସେବେଠାରୁ ମୁଁ ଗୋଟେ ଅଛୁଆଁ ମଣିଷ ପାଲଟିଯାଇଛି।

## ଅନୁରାଧା

ମୁଁ ଅନୁରାଧା। ନଟବର ଦଳେଇ ଓ ସୁମିତ୍ରା ଦଳେଇଙ୍କ ବୋହୂ। ପପୁ ଦଳେଇ ଓ ଦୀପୁ ଦଳେଇଙ୍କ ମାଆ। ଆଇନ ଅନୁସାରେ ମଳୟ ଦଳେଇଙ୍କ ପତ୍ନୀ କିନ୍ତୁ ବାସ୍ତବରେ ସେ ମୋର କେହି ନୁହଁନ୍ତି। ଦିନେ ମୁଁ ତାଙ୍କ ହାତଧରି ବେଦୀରେ ବସି ବାହା ହେଇଥିଲି। ଜନ୍ମକଲା ବାପାମାଆଙ୍କୁ ଛାଡ଼ି ଶାଶୂଘରକୁ ଆସିଲାବେଳେ କେତେ ସୁନେଲି ସ୍ୱପ୍ନରେ ବିଭୋର ହୋଇ ମୁଁ ସଂସାର ଗଢ଼ିବା ଆରମ୍ଭ କରିଥିଲି। ବାହାଘରର ଆଠବର୍ଷ ଯାଏଁ ସବୁକିଛି ଠିକ୍‌ଠାକ୍ ଚାଲିଥିଲା। ସେ ଦରଜୀ କାମ କରି ଯାହା ରୋଜଗାର କରନ୍ତି ଆମେ ଛଅପ୍ରାଣୀ କୁଟୁମ୍ବ ବେଶ୍ ଆରାମରେ ଚଳୁ। ଦିନେ ପପୁ ସ୍କୁଲ୍‌ରୁ ଫେରି କହିଲା- 'ବୋଉ ଲୋ ! ମୁଁ ଆଜି ଖରାବେଳେ ବାପାଙ୍କ ପାଖକୁ ପଇସା ଆଣିବାକୁ ଯାଇଥିଲି। ଦେଖିଲି, ଆମ ବାପାଙ୍କୁ ଜଣେ ଦିଦି ଭାତ ଖୁଆଇ ଦଉଥିଲେ। ସିଏ ମତେ ଦେଖି ହସିଲେ। ଆଉ ଜଣେ ଦିଦି ମତେ ଦଶଟଙ୍କା ଦେଇ ପଳେଇ ଯିବାକୁ କହିଲେ। ମୁଁ ପଇସା ନେଇ ପଳେଇ ଆସିଲି।' ମୋ ବଡ଼ପୁଅ ନିଜ ଆଖିରେ ଏ ସବୁ ଘଟଣା ଦେଖି ଆସିଛି। ସେ କ'ଣ ମତେ ମିଛ କହିବ ! ଏତକ ଶୁଣି ମୋ ଦେହରେ ନିଆଁ ଲାଗିଗଲା। ଦୁଇଟା ଛୁଆର ବାପ ହେଲଣି। ଲାଜ ସରମ ଟିକିଏ ନାହିଁ। ସେ ରାକ୍ଷାସୁଣୀ ତମକୁ କି ଗଦ ଶୁଙ୍ଘେଇଲା କେଜାଣି, ତା'ରି ପଛରେ ଗୋଡ଼େଇଲ। ପଇସା, ମାନ-ସମ୍ମାନ ସବୁ ହରେଇଲ। ଛୁଆ ମାଇପକୁ ପର କରି ତା'ରି ପଛରେ ସବୁ ଟଙ୍କାପଇସା ସାଇଲ।

ତମେ ତ ଆଗରୁ ମୋ ପାଇଁ, ମୋ ଛୁଆଙ୍କ ପାଇଁ କେତେ ଜିନିଷ ଘରକୁ ଆଣୁଥିଲ। ସେ ଟୋକୀ ତମ ଦୋକାନରେ ରହିବା ଦିନଠୁଁ ଚକୋଲେଟ୍ ବକଟେ ଆଣିବାକୁ ତମ ହୃଦୟ କହିଲାନି। ତମ ଛାତି ଏମିତି ପଥର ପାଲଟିଗଲା। ମୋ ପାଇଁ ନୂଆଲୁଗା ନହେଲା ନାଇଁ, କାଚ ଚାରିପଟ, ସିନ୍ଦୂର ଟିକିଏ ଆଣିବାକୁ ବି ତମ ପାଖରେ ପଇସା ଅଣ୍ଟିଲାନି। ସେ ଡାହାଣୀ ତମ ରକତ ଶୋଷିବା ଦିନଠଉଁ ତମେ ହାଟ ବାରିରେ ପରିବା ପତ୍ର, ସଉଦା ଆଣିବା ବି କମେଇଦେଲ। ମୁଁ ମାଇପି ଲୋକଟା କ'ଣ ଗୋଡ଼ହାତ ରାନ୍ଧିକି ତମକୁ ଖାଇବାକୁ ଦେଇଥା'ନ୍ତି। ଆଗରୁ ବୁଢ଼ାବୁଢ଼ୀଙ୍କ ଆଣ୍ଠୁଗଣ୍ଠି ବିନ୍ଧା ଭଲହେବା ପାଇଁ ତମେ କୁଲେଇଲ ତେଲ ଆଣି ଦେଉଥିଲ। ସେ ଟୋକୀ ପାଲରେ ପଡ଼ିଲା ଦିନରୁ ଓଷଦ ଟିକେ ଆଣି ଦବାକୁ ତମକୁ ବିଧାତା କହିଲାନି। ଅଧାବୟସରେ ତମେ ଏମିତି ଯୁଆନ ଝିଅଙ୍କୁ ସାଙ୍ଗରେ ଧରି ବଜାର ମଝିରେ ଦୋକାନ ଘର ଭିତରେ ପଶି ନାଟ କରିବ, ଆଉ ମୁଁ ସେଇକଥା କହିଲେ ମୋ ଉପରକୁ ହାତ ଉଠେଇବ। ଛାଡ଼, ତମକୁ ଦୋଷ ଦେଇ ଲାଭ କ'ଣ ! ସେଇ ଟୋକୀ ପାଇଁ ସିନା ତମେ ଏମିତି ହେଲ। ତମେ ତ ଆଗରୁ ଏମିତି ନଥିଲ। ସେ ଟୋକୀ ତମକୁ କିମିଆଁ କରି ତମଠୁ ପଇସା ଝଡ଼େଇଲା।



ଆମ ସଂସାର ଉଚ୍ଛନ୍ନ କଲା। ସେତିକିରେ ତା' ମନ ବୁଝିଲାନି ଯେ ଶେଷରେ ଆମଠୁ ତମକୁ ଛଡ଼େଇ ନେଲା। ତା'ର ଟିକେ ବି ଦୟାମାୟା ହେଲାନି ଆମ ଉପରେ। ଆମେ ପାଞ୍ଚପ୍ରାଣୀ କି ଡହଳବିକଳ ହେଇ ଜୀବନ କଟେଇଚୁ ସେକଥା ଖାଲି ବିଧାତା ଜାଣେ।

ବୁଢ଼ାବୁଢ଼ୀ ଦିଇଟାଙ୍କର ବୟସ ସତୁରୀ ଟପିଲାଣି। ରାସନ୍ ଚାଉଳ ଯେତିକି ମିଳେ ପନ୍ଦର ଦିନରେ ସରିଯାଏ। ମାସକୁ ମାସ ଯେତିକି ଭତ୍ତା ଟଙ୍କା ମିଳେ ସେଇ ପଇସାରେ ତେଲ ମସଲା କିଣାହୁଏ। ମୁଁ ମାଇପିଲୋକଟା କି କାମ କରିପାରିବି ଯେ ମତେ କିଏ କାମ ଦେବ। ସେଇଥିରେ ତମେ ଯୋଉ କାଣ୍ଡ କାରନାମା କରିଦେଇ ଯାଇଚ ସେଥିପାଇଁ ମୋ ଉପରେ ସବୁବେଳେ ଗଲାଆଇଲା ଲୋକଙ୍କର ଛଞ୍ଚାଣ ପରି ନଜର। ମୁଁ ନିଜକୁ କେତେ ଲୁଚେଇବି। କୋଉ ପୃଥିବୀରେ ମୋ ପାଇଁ ବାସ ନାହିଁ। ସବୁଆଡ଼େ ଆହା ଆହା ଚୁ ଚୁ ଶୁଣି ଭାରି କଷ୍ଟ ହୁଏ। ବେଳେବେଳେ ଲାଗେ କୋଉଠି ବିଷଖାଇ ମରିଯାଆନ୍ତି, ନହେଲେ ଦଉଡ଼ି ଲଗେଇ ଝୁଲି ପଡ଼ନ୍ତି। ହେଲେ ସେ ଯମର କ'ଣ କମ୍ ଅହନ୍ତା। ଇଆଡ଼େ ଛୁଆ ଦିଇଟା ମୋର ଏଡ଼େ ବକଟେ ବକଟେ ହୋଇଛନ୍ତି। ଖରାରେ ଠିଆ ହୋଇଥିଲେ ଛାଇକୁ ଡାକିବାକୁ କେହିନାହିଁ। ମୁଁ ସିନା ତରିଯିବି, ସେମାନଙ୍କୁ ପାଳି ପୋଷି ବଡ଼ କରିବ କିଏ। ନା ବଞ୍ଚି ପାରୁଥାଏ ନା ମରି ପାରୁଥାଏ।

ବାରିପଟେ ଯୋଉ ଦଶଗୁଣ୍ଠ ଜମି ବଣୁଆ ହେଇ ପଡ଼ିଥିଲା। ସେଇଥିରେ ବାଇଗଣ, ଲଙ୍କା, ପୋଇ, ଅଦା ଚାଷକରି ମୁଁ ପିଲାଙ୍କ ହାତରେ ହାଟକୁ ପଠାଏ। ପାଠ ପଢ଼ିବା ସମୟରେ ମୋ ପିଲାଏ ହାଟରେ ବସି ପରିବା ବିକ୍ରି କରନ୍ତି। ସେଇ ଟଙ୍କା ଆଣି ସେମାନେ ମୋ ହାତରେ ଦେଲାବେଳେ ମୋ ଆଖିରୁ ଠକ୍‌ଠକ୍ ଲୁହ ଗଳିପଡ଼େ। ସେତେବେଳେ ମୁଁ ତମର ଅନୁପସ୍ଥିତିକୁ ନେଇ କଷ୍ଟ ପାଏ। ମୋ ଅନ୍ତର ପୋଡ଼ିଯାଉଥାଏ। ତମେ ଯଦି ଆଗଭଳି ଆମ ସାଙ୍ଗରେ ଥାଆନ୍ତ, ଆହାର ମୁଠାଏ ପାଇଁ ମୋ ପିଲାଏ କ'ଣ ପାଠପଢ଼ା ଛାଡ଼ି ହାଟରେ ବସି ପରିବା ବିକୁଥାଆନ୍ତେ। ବିଧି ବାମ ହେଲା। ତମେ ସେ ଅସୁରୁଣୀର କଳାଫୁଲ ସୁଙ୍ଘି ମେଣ୍ଢା ହେଇ ରହିଲ। ମୁଁ ଛୁଆଙ୍କୁ ମଣିଷ କରିବା ପାଇଁ ଦିନରାତି ଏକ୍ କରି ଖଟିଲି। ତମ ବାପାବୋଉଙ୍କୁ ନିନ୍ଦିବି ନାହିଁ। ସେମାନେ ତାଙ୍କ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରିଛନ୍ତି, ମତେ ଆଉ ମୋ ପିଲାଙ୍କୁ ପୋଷିବା ପାଇଁ। ବାପାଙ୍କର କେବେ କୌଣସିଥିରେ ଅଭିଯୋଗ ନାହିଁ। ତାଙ୍କର ଚା' ପିଇବା ଅଭ୍ୟାସ। ଦିନେଦିନେ ଚିନି ସରିଯାଇଥିବ, ମୁଁ ଚା' କରିନଥିବି, ବୁଢ଼ା ଠେଙ୍ଗା ଧରି ବଜାର ଯାଏଁ ଚାଲିଚାଲି ଯାଇ ଚା'ପିଇ ଆସନ୍ତି। ଆସିଲାବେଳେ ସାଙ୍ଗରେ ଚିନି ପୁଡ଼ିଆଟା ଧରି ଫେରନ୍ତି। ମୋର ସନ୍ଦେହ ହୁଏ, ବୁଢ଼ା କାହାକୁ ହାତପତେଇ ପଇସା ମାଗୁନି ତ ! ସବୁ ଅସୁବିଧା

ଭିତରେ ବି ସ୍ୱାଭିମାନ ଟିକକ ବଞ୍ଚେଇ ରଖିବାକୁ ମୋର ପ୍ରତିଜ୍ଞା ଭାଙ୍ଗିନଯାଉ । ସେଥିପାଇଁ ଭାବେ ବାପାଙ୍କୁ ପଚାରିବି ଚିନି କିଣିବାକୁ ପଇସା କୋଉଠୁ ଆଣିଲ କିନ୍ତୁ କେବେ ସାହସ ହୁଏନି । ପରେ ଜାଣେ ବାପା କେବେ ସେମିତି କରିନାହାଁନ୍ତି । ପଇସା ନଥିବାବେଳେ ସେ ଘରୁ ଚାଉଳ, ବିରି ଆଦି ବିକ୍ରି କରି ସେଇ ପଇସାରେ ଦରକାରୀ ଜିନିଷ କିଣିଆଣନ୍ତି ।

ବୋଉ ତ ସାକ୍ଷାତ ଦେବୀ । ସିଏ ଜାଣ ଘରର ଚଳନ୍ତି ଠାକୁରାଣୀ । ଦିନରାତି ମେସିନ୍ ଭଳି କାମରେ ଲାଗିଥିବେ । ଚାରିଚାରିଟା ଗାଈ ଏକୁଟିଆ ସମ୍ଭାଳନ୍ତି । କୋଉ ଦିନ କିଛି ଅଭିଯୋଗ ନାହିଁ । ଯାହା ଦେଲେ ଖାଇବେ । ଲୁଣିଆ ହେଲେ କି ଅଲଣା ହେଲେ ବାରିବେ ନାହିଁ । କ୍ଷୀର ବିକି ଯାହା ପଇସା ଆଣନ୍ତି ମୋରି ହାତରେ ଦେଇ କହିବେ– 'ରଖିଥା ମା', ପିଲାଛୁଆ ଘର କେତେବେଳେ କ'ଣ ଦରକାର ପଡ଼ିବ । ଛୁଆଙ୍କ ପାଠପଢ଼ାରେ ଲାଗିବ । ଯେତେ ମନାକଲେ ବି ମାନନ୍ତି ନାହିଁ । ମୋ ହାତରେ ଗୁଞ୍ଜି ଦିଅନ୍ତି । ମଲାବେଳକୁ ଭାରି ଖୋଜୁଥିଲେ ତମକୁ । ପାଣି ଛୁଉଁ ନଥିଲେ । ମୋ ପୁଅକୁ ଟିକିଏ ଦେଖିଲେ ଆଖିବୁଜିବି– ଏତିକି ଥିଲା ତାଙ୍କର ଶେଷଇଚ୍ଛା । ତମେ ତ ଅମଣିଷ ହେଲ । ବୋଉ ମଲା ପରେ ଆସିଲ ତାଙ୍କ ମଲାଶରୀରରକୁ ପୋଡ଼ିବାକୁ । ସେତେବେଳକୁ ଆଉ କ'ଣ ଥାଏ । ଯିଏ ମଲା, ସିଏ ଗଲା । ବଞ୍ଚିଥିଲାବେଳେ ତ ତମ ହାତରୁ ପାଣିଟୋପେ ପିଇପାରିଲେ ନାହିଁ ଆଉ ମଲା ପରେ ନିଆଁ ପାଇ କ'ଣ ସ୍ୱର୍ଗକୁ ଯିବେ । ଯଦି ବି ସ୍ୱର୍ଗକୁ ଯିବେ, ତାଙ୍କ କର୍ମ ନେଇ ଯିବେ, ତମ ଦୟାରେ ନୁହଁ । ପପୁର ପଢ଼ିବାକୁ ବହୁତ ଇଚ୍ଛା । ହେଲେ ତା'ର ସ୍ମରଣଶକ୍ତି ଟିକେ କମ୍ । ଯେତେ ପଢ଼ିଲେ ବି ପାଠ ଭୁଲିଯାଏ । ସରଳିଆ ପିଲାଟା କୋଉଠି କେମିତି କୂଳରେ ଲାଗିଗଲେ ଘରର ସବୁ ଦାୟିତ୍ୱ ସିଏ ସମ୍ଭାଳିବ । ତେଣିକି ମୋର ଛୁଟି । ଦୀପୁର ଦୁଷ୍ଟାମୀ ଦିନକୁ ଦିନ ବଢୁଛି । ଏଡ଼େ ଫୂର୍ତ୍ତି ସିଏ, ଚାଲିଗଲା ଶଗଡ଼ରେ ହାତ ମାରୁଚି । ପଢ଼ାପଢ଼ିରେ ମୋତେ ସମୟ ଦିଏନି କିନ୍ତୁ ପ୍ରଖର ସ୍ମରଣଶକ୍ତି ଅଛି ତା'ର । ପଢ଼ିଲେ ବହୁତ ପାଠ ମନେ ରଖିପାରିବ । ମୋର ବିଶ୍ୱାସ ଅଛି ସିଏ ନିଶ୍ଚୟ ଏ ବଂଶର ନାଆଁ ରଖିବ । ମୋର ତ ଜୀବନ ଉପରେ ଆଉ ଭରସା ନାହିଁ, ଯେତିକି ଦିନ ବଞ୍ଚିଛି ଏ ସଂସାର ନଉକା ବାହୁଥିବି । ତା' ପରେ ଯାହା ହେବ ସବୁ ଈଶ୍ୱରଙ୍କ ଇଚ୍ଛା ।

**ନମିତା**

ମୁଁ ନମିତା ବିଶ୍ୱାଳ । ରଘୁନାଥ ବିଶ୍ୱାଳଙ୍କ ସାନଝିଅ । ସ୍କୁଲ୍‌ରେ ପଢ଼ିଲାବେଳେ ବୋଉ ମରିଯାଇଥିଲା । ଏବେ ମନେ ପକେଇଲେ ବି ବୋଉର ମୁହଁ ମନେପଡ଼େନି । ପାଠ ପଢ଼ାରେ ମୋର ଜମା ମନ ଲାଗେନି । ଏକୁଟିଆ ବସିଲେ ବୋଉ କଥା ମନେପଡ଼େ, ଭାରି କାନ୍ଦ କାନ୍ଦ ଲାଗେ । ମାଟ୍ରିକ୍ ପାସ୍ କରି କଲେଜରେ ନାଆଁ ଲେଖେଇଲି । କଷ୍ଟେମଷ୍ଟେ ବିଏ ପର୍ଯ୍ୟନ୍ତ ପଢ଼ିଲି । ତା'ପରେ ପଢ଼ା ବନ୍ଦ । ଟିକିନା ମୋର କ୍ଲାସମେଟ୍ । ଆମେ ଏକାସାଙ୍ଗରେ କଲେଜ ଯାଉ । ସେଦିନ ନଈକୂଳ ମଙ୍ଗଳା ମନ୍ଦିର ପାଖରେ ଏକୁଟିଆ ବସିଥାଏ । ଟିକିନା ଆସି ମୋ ପାଖରେ ବସିଲା । ଅନେକ କଥା ଆଲୋଚନା ପରେ ସେ ଗୋଟେ ଜରୁରୀ ସୂଚନା ଦେବା ଭଙ୍ଗୀରେ କହିଲା– 'ଜାଣିଛୁ, ଆମ ଘରେ ଆଜି ସ୍ୱୟଂ ସହାୟକ ଗୋଷ୍ଠୀର ମିଟିଂ ହେଉଥିଲା । ସେଠିକି ଦୁଇଜଣ ଅଫିସର୍ ଆସିଥିଲେ । କହିଲେ ଆମ ଗାଆଁରେ ଗୋଟେ ଟ୍ରେନିଂ ସେଣ୍ଟର୍ ହବ । ସେଠି ନଡ଼ିଆ କତା, ଉଲ୍ ଆଦିରେ ବୁଣାବୁଣି, ଖେଳଣା ତିଆରି ଓ ସିଲେଇ ଶିକ୍ଷା ଦିଆଯିବ । ଦକ୍ଷତା ଅନୁସାରେ ନିଯୁକ୍ତି ବି ମିଳିବ । କିଛି ପଇସାପତ୍ର ଲାଗିବନି । ତା'ପାଇଁ ଆଗୁଆ କାଗଜପତ୍ର, ସାର୍ଟିଫିକେଟ୍ ଦେବାକୁ ପଡ଼ିବ ।' ମୋର ସେତେବେଳକୁ ବୟସ ବା କେତେ ! ଏଇ ସତର କି ଅଠର ହେବ । ମୁଁ ବି ଆତ୍ମନିର୍ଭର ହେବାକୁ ଚାହୁଁଥାଏ । ଭାବିଲି ଘରେ ଆଉ କେତେଦିନ ବସିବି । ଏମିତିରେ ବଡ଼ଭଉଣୀର ବାହାଘର ସରିବା ଦିନଠୁ ମୋ ଉପରେ ଘରର ସବୁ ଦାୟିତ୍ୱ ଲଦି ହୋଇ ପଡ଼ିଛି । ଏଇ ମାଧ୍ୟମରେ ଯଦି କାମ ଖଣ୍ଡେ ମିଳିଯାଏ ନିଜ ଖର୍ଚ୍ଚ ତ ଉଠିଯିବ । ଟ୍ରେନିଂ ସେଣ୍ଟର୍ ଖୋଲା ହେଲା, ଟିକିନା ସହ ମୁଁ ବି ଯାଇ ଟ୍ରେନିଂ ନେଲି । ଟ୍ରେନିଂ ସରିଗଲା । ନିଯୁକ୍ତିର ପ୍ରଶ୍ନ ନାହିଁ ।

ସେଦିନ କୁମାର ପୂର୍ଣ୍ଣିମା ପାଇଁ ଡ୍ରେସ୍ ତିଆରି କରିବାକୁ ଟିକିନା ସହ ବଜାର ଯାଇଥାଏ । ମଳୟ ଭାଇ ଦୋକାନ, ନାଁ ଡାକ । ଆମେ ସ୍କୁଲ୍‌ରେ ପଢ଼ିଲାବେଳୁ ମଳୟ ଭାଇ ପାଖରେ ଡ୍ରେସ୍ ତିଆରି କରୁ । ସେଦିନ ଦୋକାନ ବେଶି ଭିଡ଼ ନଥିଲା । ମୋ ଦେହର ମାପନେଲାବେଳକୁ ତାଙ୍କ ହାତଟା ମୋ ଛାତିରେ ବାଜିଗଲା । ମୋ ଦେହଟା ଉଲୁସି ଉଠିଲା । ମୁଁ ଆଉ କ'ଣ କରିବି । ସ୍ଥିର ହୋଇ ଛିଡ଼ା ହେଲି । ସେ ଫିତାରେ ମାପ ନେଇସାରି କହିଲେ ଅଣ୍ଟା ମାପ ଅନୁସାରେ ଦୁଇ ମିଟର କନାରେ ହେଇଯାଇଥାନ୍ତା କିନ୍ତୁ ଛାତି ମାପ ଅନୁସାରେ ଅଢ଼େଇ ମିଟର ନହେଲେ ହବନି । ମଳୟ ଭାଇ କେତେ ସହଜରେ କଥାଟା କହିଦେଲେ କିନ୍ତୁ ତାଙ୍କ କଥାର ଅର୍ଥ ବିଶ୍ଲେଷଣ କରି ବୁଝିଲା ବେଳକୁ ମତେ ଭାରି ଲାଜ ଲାଗିଲା । କାଳେ ଟିକିନା ମୋ ମୁହଁର ଭାବ ବୁଝିନେବ ସେଥିପାଇଁ ଟିକିନାକୁ ସିଧାସଳଖ ଚାହିଁବାକୁ ବି ମତେ ଡରଡର ଲାଗିଲା । ଟିକିନା ସେତେବେଳକୁ ମଳୟ ଭାଇଙ୍କ ସହ ଥଟ୍ଟା ମଜା କରୁଥାଏ । ମୁଁ କିନ୍ତୁ ଏକାବେଳକେ ନୀରବ ହୋଇ ଛିଡ଼ା ହୋଇଥାଏ । ମୁଁ ଏମିତି ଭାବନା ରାଇଜରେ ବୁଡ଼ି ଯାଇଥାଏ ଯେ ସେମାନଙ୍କ କଥା ମୋତେ ଶୁଭୁଥାଏ କିନ୍ତୁ ମୁଁ କିଛି ବୁଝି ପାରୁନଥାଏ । ଗୋଟେ

ଅନ୍ୟମନସ୍କତା ମୋତେ ଆବୋରି ବସିଥାଏ। ଏତିକିବେଳେ ଟିକିନା ହଠାତ୍ ଡାକିଦେବାରୁ ମୁଁ ଚମକି ପଡ଼ିଲି। ସେ ମାତେ ସାଇକେଲ୍ ଚାବି ମାଗିଲା, ମୁଁ ଦେଇ ଦେଲି। ସେ ମଳୟ ଭାଇଙ୍କୁ ପଚାରିଲା– 'କୁମାର ପୂର୍ଣ୍ଣିମା ପୂର୍ବଦିନ ଆମେ ଡ୍ରେସ୍ ନବାକୁ ଆସିବୁ। ହେଇଯାଇଥିବ ତ? ମଳୟ ଭାଇ ଉତ୍ତର ଦେଲେ – 'ଦୋକାନ ଭିତରେ କେତେ ନୀଳ କନା ଗଦା ହେଇଚି ଦେଖୁଚୁ ତ। ସ୍କୁଲ୍ ଡ୍ରେସ୍ ପାଇଁ ଅର୍ଡର୍ ଅଛି। ତିନିମାସରେ ସାରିବାକୁ ପଡ଼ିବ। ଏକୁଟିଆ ଲୋକ କେତେ କାମ କରିବି କହିଲୁ। ପରେ ନେଲେ ହବନି।' ଟିକିନା ଜବାବ ଦେଲା– 'ନା ମ, କୁମାର ପୂର୍ଣ୍ଣିମା ପାଇଁ ଡ୍ରେସ୍ ତିଆରି କରୁଛୁ, ପରେ ନେଇ କ'ଣ କରିବୁ। ତମେ ଭାଉଜଙ୍କୁ ଆଣି ଦୋକାନରେ ବସେଇ ଦଉନା ମିଶିକି କାମ କରିବ। ଶୀଘ୍ର ସରିଯିବ।' ମଳୟ ଭାଇ କ'ଣ ଭାବିବେ କେଜାଣି ଆମ ଦୁହିଁଙ୍କ ଉଦ୍ଦେଶ୍ୟରେ ପ୍ରଶ୍ନ କଲେ – 'ଆରେ, ତୁମେ ଦୁଇଜଣ ପା ସିଲେଇ ଟ୍ରେନିଂ ନେଇଥିଲ। ତୁମେ ଦୁହେଁ ଆସି ମୋ ସାଙ୍ଗରେ କାମ କଲେ ହୁଅନ୍ତାନି। ମୁଁ ଋଣ କରି ଦୁଇଟା ନୂଆ ମେସିନ୍ କିଣିଆଣିଛି, ହେଲେ ମିସ୍ତ୍ରୀ ମିଳୁନାହାନ୍ତି। ମିଶିକି କାମ କଲେ ତିନି ମାସରେ ସବୁକାମ ସାରିଦିଅନ୍ତେ। ତମକୁ କିଛି କିଛି ଦରମା ଦିଅନ୍ତି ଆଉ ତିନିମାସ ପରେ ତୁମେ ସେ ମେସିନ୍ ଦୁଇଟାକୁ ଘରକୁ ନେଇ ସିଲେଇ କାମ କରିପାରନ୍ତ।' ଏ ପ୍ରସ୍ତାବ ମନ୍ଦ ନଥିଲା। ମେସିନ୍ କିଣିବାକୁ ଘରେ ତ କେବେ ପଇସା ଦେଇନଥାନ୍ତେ। ନିଜ ପରିଶ୍ରମରେ ଯଦି ସେତକ କରିହେବ ତେବେ କ୍ଷତି କ'ଣ? ଆମେ ଏଇ ଉଦ୍ଦେଶ୍ୟରେ ପ୍ରସ୍ତାବଟି ଗ୍ରହଣ କରିନେଇଥିଲୁ।

ତା' ପରଦିନ ଠାରୁ କାମ ଆରମ୍ଭ ହେଇଗଲା। ଦିନ ଦଶଟାରୁ ସନ୍ଧ୍ୟା ଛଅଟା ଯାଏଁ କାମ ଚାଲେ। ମଳୟ ଭାଇ ବହୁତ ଭଲ ଲୋକ। ତାଙ୍କ ବଡ଼ପୁଅ ପପୁ ବେଳେବେଳେ ସ୍କୁଲ୍ ଅଧାରୁ ଦୋକାନ ଆଡ଼େ ଆସେ। ବେଶ୍ ଡଉଲଡାଉଲ ଚେହେରା। ଭାରି ମଜା ମଜା କଥା କହେ। ସେଦିନ ସିଲେଇ କରୁକରୁ ମଳୟ ଭାଇଙ୍କ ହାତରେ ଛୁଞ୍ଚି ଫୁଟିଗଲା। ମୋ ଛାତିରେ ତେଣ୍ଟା ପଶିଗଲା ଭଳି ଲାଗିଲା। ମୁଁ କ'ଣ କରିବି କିଛି ଭାବିନପାରି ମୋ ଓଢ଼ଣିରେ ତାଙ୍କ ହାତକୁ ଜାବୁଡ଼ି ଧରିଲି। ରକ୍ତ ବୋହିବା ବନ୍ଦ ହେଇଗଲା କିନ୍ତୁ ମୋ ଧମନୀରେ ରକ୍ତର ସ୍ରୋତ ତୀବ୍ର ବେଗରେ ଛୁଟିବା ଆରମ୍ଭ ହେଇଗଲା। ତାଙ୍କ ହାତରେ ଛୁଞ୍ଚିଫୁଟା କ୍ଷତ ଦେଖି ମୋ ଅନ୍ତର କୋରି ହେଇ ଯାଉଥାଏ। କ'ଣ ବା କରିପାରିବି ମୁଁ। ଖରାବେଳ ସମୟ। ଟିକିନା ଆଉ ମୁଁ ଖାଇବାକୁ ବସିଛୁ। ମଳୟ ଭାଇ ବି ତାଙ୍କ ଟିଫିନ୍ ଖୋଲି ବସିଥାନ୍ତି। ହେଲେ ସେ ଖାଇବେ କେମିତି। ତାଙ୍କ ଡାହାଣ ହାତରେ ମୁଁ ଔଷଧ ଲଗେଇ କନା ବାନ୍ଧି ଦେଇଥାଏ। ସେ ଟିଫିନ୍‌ରେ ଆଣିଥାନ୍ତି ପଖାଳ ସାଙ୍ଗକୁ ଜହ୍ନି ଆଳୁ ଭଜା, ରୋହି ମାଛ ତରକାରି। ମୁଁ ତାଙ୍କୁ ଚାମଚରେ



ଖାଇବାକୁ କହିଥାନ୍ତି କିନ୍ତୁ ମାଛରୁ କଣ୍ଟା ଛଡ଼େଇ ଚାମଚରେ ଖାଇହେବନି। ମିଳିମିଶି ଏକାଠି କାମ କରୁଛୁ ଯେତେବେଳେ ଦୁଇଗୁଣ୍ଡା ଖୁଆଇ ଦେଲେ କ'ଣ ଦୋଷ ଲାଗିଯିବ। ଏଇଟା ଭାବି ମୁଁ ତାଙ୍କ ଟିଫିନ୍ ପାଖକୁ ଉଠିଗଲି। ସେ ମନା କରୁଥିଲେ, ମୁଁ ପୋଡ଼ାମୁହିଁ କାହିଁକି ଏତେ ବଡ଼ ସାହସ କରୁଥିଲି କେଜାଣି। ନିଃସଙ୍କୋଚରେ ତାଙ୍କୁ ଖୁଆଇ ଦେଲି। ତା' ପରଦିନ ଠାରୁ ଚାରିଆଡ଼େ ଅପବାଦର ଶଙ୍ଖ ବାଜିଲା। ସମାଜ ଆଖିରେ ମୁଁ ହେଲି କଳଙ୍କିନୀ। ସାଇ-ପଡ଼ିଶା, ସାଙ୍ଗ-ସାଥୀ, ବନ୍ଧୁ-ବାନ୍ଧବ ସଭିଙ୍କ ମୁହଁରେ ଖାଲି ସେଇ ଗୋଟିଏ ପ୍ରସଙ୍ଗ। ମୁଁ କୁଆଡ଼େ ମଳୟ ଭାଇଙ୍କ ପ୍ରେମରେ ପଡ଼ିଛି। ମୁଁ ମାନୁଚି ତାଙ୍କ ପ୍ରତି ମୋର ଦୁର୍ବଳତା ଥିଲା, କିନ୍ତୁ ତାଙ୍କୁ ନିଜର କରିବାର ପ୍ରଲୋଭନ ମୋ ଭିତରେ କେବେ ଆସିନାହିଁ। ମୁଁ ଜାଣିଥିଲି ସେ ବିବାହିତ ଆଉ ତାଙ୍କର ପୁଅ ଦୁଇଟି ଅଛନ୍ତି। ମୁଁ କ'ଣ ସବୁ ଜାଣିଶୁଣି କେବେ ତାଙ୍କ ଭଳି ଜଣେ ଭଲଲୋକର ସଂସାର ଉଜାଡ଼ି ଦେଇଥାନ୍ତି।

ଏଇ ଲୋକଙ୍କ ଟାହିଟାପରା ଶୁଣି ମୁଁ ବିଚଳିତ ହୋଇପଡ଼ିଥାଏ। ଡରିଡରି ବାଟ ଚାଲୁଥାଏ। ମୋ ବାପା କୋଉଠୁ କ'ଣ ଶୁଣିଲା କେଜାଣି। କାଠକଟା ଟାଙ୍ଗିଆ ଧରି ମୋତେ ହାଣିବାକୁ ଗୋଡ଼େଇଲା। ଜୀବନ ବିକଳରେ ମୁଁ ଭୟରେ ଦଉଡ଼ିଲି। ମରଣ ବିପତ୍ତିରେ ଆଉ ନିନ୍ଦା ଲାଜ କଥା କିଏ ପଚାରେ। ଅନ୍ଧାର ରାତିରେ ଚାଲିଚାଲି ନଈକୂଳ ଆଡ଼କୁ ଯାଉଥାଏ। ହାଟଛକ ପାଖରେ ପହଞ୍ଚିଲା ବେଳକୁ ଛାତି ଦାଉଁଦାଉଁ ହୋଇ ପଡୁଥାଏ। ଗୋଡ଼ହାତ ଛିଡ଼ିଗଲା ପରି ଲାଗୁଥାଏ। ଦେହ ଗୋଟାକଯାକ ଝାଳରେ ବୁଡ଼ିଯାଇଥାଏ। ମଳୟ ଭାଇଙ୍କ ଦୋକାନ ପିଣ୍ଡାରେ ଯୋଉ କାଠ ବେଞ୍ଚିଟି ପଡ଼ିଥାଏ, ଥକ୍କା ହୋଇ ସେଇଠି ବସିପଡ଼ିଲି। କେତେବେଳେ ରାତିପାହି ସକାଳ ହେଇଚି ମୁଁ ଜାଣିନି। କାନ୍ଦିକାନ୍ଦି ସେଇଠି ଶୋଇପଡ଼ିଥାଏ। ବାପା ରାତିରେ ମୋତେ ଖୋଜି ଖୋଜି ନପାଇ ମୁରବୀମାନଙ୍କୁ ଡାକି ନିଶାପ କରିବାକୁ ଯୋଜନା କରିଥାଏ। ଓ୍ୱାର୍ଡମେମ୍ବରଙ୍କୁ ବି ଡକାହୋଇଥାଏ। ସିନ୍ଦୂରା ଫିଟିବା ବେଳକୁ ମୋ ବାପା କିଛି ଲୋକଙ୍କୁ ଧରି ମଳୟଭାଇଙ୍କ ଦୋକାନ ପାଖେ ପହଞ୍ଚିଲା। ସେଇ ଦୋକାନ ଭିତରେ ମଳୟ ଭାଇ ଥିଲେ ବୋଲି ମୁଁ ଜାଣିନଥାଏ। ଓଃ କି ନିନ୍ଦା, ଅପବାଦ, ଛିଛିକାର। ମଳୟ ଭାଇଙ୍କ ବାପା, ବୋଉ ସେଇଠି ପହଞ୍ଚି ଥାଆନ୍ତି। ତାଙ୍କ ସ୍ତ୍ରୀ ଛୁଆ ଦିଇଟାଙ୍କୁ ଧରି ସେଇଠି ରାସ୍ତା ଉପରେ ବସି କନ୍ଦାକଟା କରୁଥାଆନ୍ତି। ମୋତେ ଦେଖୁଦେଖୁ ମୋ ହାତ ଧରି ଘୋଷାରି ନେଇଗଲା। କେତେ ଲୋକ ଗଦା ହୋଇଥାନ୍ତି। ଜୀବନରେ ଏମିତି ପରିସ୍ଥିତି ଆସିବ ବୋଲି ମୁଁ କେବେ କଳ୍ପନା ବି କରିନଥିଲି। ଏ ଜୀବନରେ ଆଉ କି ଦୁଃଖ ଦେଖିବାକୁ ବାକି ରହିଲା। ସେଇଦିନ ହିଁ ଆତ୍ମହତ୍ୟା କରିବି ବୋଲି ନିଷ୍ପତ୍ତି ନେଇସାରିଥିଲି। ହେଲେ ଗୋଟିଏ ଚିନ୍ତା ମତେ ଘାରୁଥାଏ। ମୁଁ ମରିଗଲା ପରେ ଏ ସମାଜ ସବୁ ଦୋଷ ମଳୟ

ଭାଇଙ୍କ ଆଡ଼କୁ ଠେଲିଦେବ। ବିନା ଦୋଷରେ ସେ ହୋଇଯିବେ ମହାଦୋଷୀ। ସମସ୍ତେ କହିବେ ଆମ ଭିତରେ ପାପସମ୍ପର୍କ ଥିଲା ବୋଲି ମୁଁ ଆତ୍ମହତ୍ୟା କରିଦେଲି। ଏଥିପାଇଁ ହୁଏତ ମଳୟ ଭାଇଙ୍କୁ ପୋଲିସ୍ ଗିରଫ ବି କରିପାରେ। ଏମିତି ଅନେକ ଚିନ୍ତାର ସଂଘର୍ଷରେ ମୁଁ ଖାଲି କାନ୍ଦୁଥାଏ।

ବାପା ମତେ ସେଇଠି ଛାଡ଼ି ଚାଲିଗଲା। ଆଉ ଜୀବନସାରା ସେ ମୋ ମୁହଁ ଦେଖିବନି ବୋଲି ଚିତ୍କାର କରି କହୁଥିଲା। ମୁଁ ସେମିତି ପଥର ଭଳି ଦୋକାନ ପିଣ୍ଡାରେ ବସିଥାଏ। ଛିଡ଼ାହେବାକୁ ବି ବଳ ପାଉନଥାଏ। ଏତିକିବେଳେ ମଳୟ ଭାଇ ମୋ ହାତଧରି ଉଠାଇ ନେଲେ। ଆଖିରୁ ଲୁହ ପୋଛିଦେଲେ। ଗୋଟେ ଭଡ଼ାଘର ବୁଝି ମତେ ସେଠାରେ ରଖାଇଲେ। ମୋର ଖାଇବା ପାଇଁ ଯେତିକି ସଉଦାପତ୍ର ଦରକାର ଆଣିଦିଅନ୍ତି। ମୁଁ ରୋଷେଇ କରି ଖାଇବାକୁ ଦିଏ। ସେ ସବୁବେଳେ ନିଜ ସ୍ତ୍ରୀ ପିଲା ଆଉ ବାପା ମାଆଙ୍କୁ ମନେ ପକାନ୍ତି। ଆଖିରୁ ଧାରଧାର ଲୁହ ଝରାନ୍ତି। ହେଲେ ଘରକୁ ଯିବାକୁ ହଜାରେ ଆକଟ। ସମାଜର ବାସନ୍ଦ ନାଆଁରେ ତାଙ୍କ ପାଇଁ ଅଦୃଶ୍ୟ ଲକ୍ଷ୍ମଣରେଖାଟିଏ ଟଣା ହୋଇଥାଏ। ସେ ଭାରି ଉଦାସ ରହନ୍ତି। ମୋ ଆଗରେ ସବୁକଥା କହନ୍ତି। ତାଙ୍କର ଏପରି ଅବସ୍ଥା ପାଇଁ ମୁଁ ନିଜକୁ ଦୋଷୀ ମନେକରେ। ସେ କିନ୍ତୁ ମୋତେ ସବୁବେଳେ ବୁଝାନ୍ତି, 'ଭାଗ୍ୟ ଆମକୁ ଯୁଆଡ଼େ ଟାଣିନେବ ଆମେ ସିଆଡ଼େ ଯିବାକୁ ବାଧ୍ୟ। କିଏ ଦୋଷୀ କିଏ ନିର୍ଦ୍ଦୋଷ, ସେକଥା କେହି ନଦେଖିଲେ ଈଶ୍ୱର ତ ଦେଖୁଛନ୍ତି।' ଏମିତି ଦେବତାପରି ମଣିଷଙ୍କ କଥା ଶୁଣିଲା ପରେ ଆଉ କୋଉ ଦେବତାଙ୍କ କଥା ତ ମୁଁ ଜାଣିନି କିନ୍ତୁ ମୋତେ ଯୋଉ ଦେବତା ଏତେ ବିପଦରୁ ଉଦ୍ଧାର କରିଛନ୍ତି, ଆଶ୍ରୟ ଦେଇଛନ୍ତି ତାଙ୍କ ପାଦତଳେ ମୋ ମଥା ନଇଁଯାଏ।